ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୮/୨୦୧୯ (୨୦ ପୃଷ୍ଠା) Sambalpur, Friday, October 18 / 2019 ★★
୧୫ଶ ଭାଗ ୩୦୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ଗ୍ରାହାମ୍ ରିଡ୍ ଆଶାବାଦୀ

କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ରୁଷିଆ ବିପକ୍ଷ ଅଲିମ୍ପିକ୍ସ କ୍ୱାଲିଫାୟର୍ସରେ ଭାରତର ଉନ୍ନତ ପ୍ରଦର୍ଶନ ନେଇ ହକି କୋଚ୍ ଗ୍ରାହାମ୍ ରିଡ୍ ଆଶାବାଦୀ।

୧୯ ୦୨

## ସିଦ୍ଧାର୍ଥଙ୍କ ବଡି ବିଲ୍ଡିଂ

ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା କାର୍‌ଗିଲ ହିରୋ ବିକ୍ରମ ବାତ୍ରାଙ୍କ ବାୟୋପିକ୍ 'ଶେରଶାହ' ପାଇଁ ବଡି ବିଲ୍ଡିଂ କରୁଛନ୍ତି।



### ନର୍ସଙ୍କ ଦାୟିତ୍ୱହୀନତା ଦେଲା ମାସାଧିକ ଯନ୍ତ୍ରଣା

# ଶିଶୁ ଦେହରୁ ବାହାରିଲା ଇଞ୍ଜେକ୍ସନ ଛୁଞ୍ଚି

ମାଧପୁର/ଅନୁଗୋଳ ଅଫିସ,୧୭।୧୦



- ପୀଡ଼ା ଉପଶମ ନ କରି ଭୁଲାଇ ଫେରାଇ ଦେଉଥିଲେ
- ସାମ୍ପୁଲ ଟେଷ୍ଟ ପାଇଁ ମାଗିଲେ ସିଡିଏମ୍‌ଓ
- ଅନୁଗୋଳରେ ତୃତୀୟ ଘଟଣା

ଜ୍ୱର ଭଲ ପାଇଁ ଇଞ୍ଜେକଶନ ଦେଇଥିବା ନର୍ସଙ୍କ ଦାୟିତ୍ୱହୀନତା ଯୋଗୁ ଛୁଞ୍ଚି ଭାଙ୍ଗି ମାସାଧିକ କାଳ ଯନ୍ତ୍ରଣା ଭୋଗିଛନ୍ତି ଜଣେ ୪ ବର୍ଷର ଶିଶୁପୁତ୍ର। ଗୁରୁବାର ସକାଳେ ଶିଶୁ ଦେହରୁ ଏକ ଭଙ୍ଗା ଛୁଞ୍ଚି ବାହାରିବା ପରେ ଏହି ଘଟଣା ପଦାକୁ ଆସିଛି। ତେବେ ଅନୁଗୋଳ ଜିଲାରେ ଏହା ପ୍ରଥମ ଘଟଣା ନୁହେଁ। ମେ ୨୫ରେ ବନ୍ତଲା ଥାନା ଗଡ଼ତରାସ ଗାଁର ଜଣେ ଶିଶୁ ଓ ଅଗଷ୍ଟ ୮ରେ ତାଳଚେର ବାଲୁଗାଁ ଅଞ୍ଚଳର ଏକ ଶିଶୁଙ୍କ ଦେହରେ ଏପରି ଇଞ୍ଜେକଶନ ଛୁଞ୍ଚି ଭାଙ୍ଗି ରହିଯିବା ବଡ଼ ବିବାଦ ସୃଷ୍ଟି କରିଛି। କେଉଁ କାରଣ ପାଇଁ ବାରମ୍ବାର ଅନୁଗୋଳରେ ଏପରି ଘଟଣା ଘଟୁଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଛୁଞ୍ଚିର ସାମ୍ପୁଲ ଟେଷ୍ଟ ପାଇଁ ମଗାଇଥିବା ଜଣାପଡ଼ିଛି।

ଘଟଣା ଘଟିଛି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ମୋହନଖୋଳି ଗ୍ରାମରେ। ଗ୍ରାମର ସୀତାକାନ୍ତ ପଣ୍ଡାଙ୍କ କହିବା ଅନୁଯାୟୀ, ୪ ବର୍ଷର ପୁଅ ସ୍ୱୟମଜିତ୍‌ଙ୍କୁ ମାସେ ତଳେ ଜ୍ୱର ହୋଇଥିଲା। ସେ ପୁଅଙ୍କୁ ଧରି ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଡାକ୍ତର ଦେଖିବା ପରେ ଜଣେ ନର୍ସ ପୁଅଙ୍କୁ ଇଞ୍ଜେକଶନ ଦେଇଥିଲେ। ଏହାପରଠାରୁ ଇଞ୍ଜେକଶନ ଦିଆଯାଇଥିବା ସ୍ଥାନରେ ପୀଡ଼ା ଆରମ୍ଭ ହୋଇଥିଲା। ସେ ବାରମ୍ବାର ପୁଅଙ୍କୁ ଡାକ୍ତରଙ୍କୁ ଦେଖାଇବା ସହ କାରଣ ଜାଣିବାକୁ ଚାହିଁଥିଲେ। ହେଲେ ଦିଆଯାଇଥିବା ଆଣ୍ଟିବାୟୋଟିକ୍ ଯୋଗୁ ଏପରି ହେଉଥିବା କେତେବେଳେ କୁହାଯାଇ ତାଙ୍କୁ ଫେରାଇ ଦିଆଯାଉଥିଲା ତ ପୁଣି କେବେ ବରଫ ମାରିଦିଅନ୍ତୁ ବୋଲି ପରାମର୍ଶ ଦିଆଯାଉଥିଲା। ଏଣେ ପୁଅଙ୍କ ଯନ୍ତ୍ରଣା ବଢୁଥିବାରୁ ସେ ଚିନ୍ତିତ ହୋଇପଡ଼ିଥିଲେ। କିନ୍ତୁ ଗୁରୁବାର ସକାଳେ ଛୁଞ୍ଚିଟି ପୁଅ ଅଣ୍ଟା ତଳୁ ଆପେ ଆପେ ପଦାକୁ ଆସିବା ପରେ ସେ ତୁରନ୍ତ ତାଙ୍କୁ ମାଧପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଛୁଞ୍ଚି ବାହାର କରାଯାଇ ଶିଶୁପୁତ୍ରଙ୍କୁ ଅନୁଗୋଳ ମୁଖ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିଲା। ହେଲେ ଏତେ ଦୂର ଯାଇ ନ ପାରି ସେ ପୁଅଙ୍କୁ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ସୀତାକାନ୍ତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଆଠମଲ୍ଲିକ ଏସ୍‌ଡିଏମ୍‌ଓ କସ୍ତୁରୀ ମିଶ୍ର କହିନ୍ତି, ମିଟିଂରେ ଥିଲି। ଆସନ୍ତାକାଲି ମାଧପୁର ଯାଇ ଘଟଣାର ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ନେବି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ଆଠମଲ୍ଲିକ ଏସ୍‌ଡିଏମ୍‌ଓଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଛୁଞ୍ଚି ତିଆରିରେ କିଛି ତ୍ରୁଟି ରହିଛି ନା ଆଉ କିଛି ସମସ୍ୟା ହେଉଛି ତାହାର ତଦନ୍ତ କରାଯିବ। ଯେଉଁମାନେ ଇଞ୍ଜେକଶନ୍ ଦେଉଛନ୍ତି, ସେମାନେ ଅନଭିଜ୍ଞ ନୁହନ୍ତି। ତଥାପି ତଦନ୍ତ ରିପୋର୍ଟରେ ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଛୁଞ୍ଚିର ସାମ୍ପୁଲ ଟେଷ୍ଟ ପରେ ମ୍ୟାନୁଫ୍ୟାକ୍ଚରରେ ତ୍ରୁଟି ଥିଲେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସିଡିଏମ୍‌ଓ କହିଛନ୍ତି।

୨୦୦୮ ତୁଳନାରେ ଏବେର ମାନ୍ଦାବସ୍ଥା ବଡ଼: ଗୋଲ୍ଡମ୍ୟାନ୍ ☞ପୃଷ୍ଠା-୧୭

# ଆମ୍ବଡ଼ାଳ ପଡ଼ି ଦ୍ୱିତୀୟ ଶ୍ରେଣୀ ଛାତ୍ର ମୃତ

ନିରାକାରପୁର,୧୭।୧୦(ଡି.ଏନ.ଏ.)



- ଶିକ୍ଷକଙ୍କୁ ତାଲାପକାଇଲେ ଉତ୍ତ୍ୟକ୍ତ ଲୋକେ
- ପ୍ରଧାନ ଶିକ୍ଷକ ନିଲମ୍ବିତ



ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ ପରିସର ମଧ୍ୟରେ ଥିବା ଏକ ଆମ୍ବଗଛର ବିରାଟ ଡାଳ ପଡି ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ଉକ୍ତ ପଞ୍ଚାୟତ ଅନ୍ତର୍ଗତ ରାଉଳ ହଜ ମୌଜା ଷ୍ଟେଶନ ପାଖରେ ରହୁଥିବା ନବଘନ ପରିଡାଙ୍କ ଏକ ମାତ୍ର ପୁଅ ରିତେଶ ପ୍ରଧାନ ଓରଫ ମୁନା (୬)। ଏହି ଘଟଣା ନେଇ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ମୃତଦେହ ଧରି ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଅନ୍ୟପକ୍ଷେ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ଛାତ୍ର ରିତେଶ ପ୍ରାୟ ଅପରାହ୍ନ ୧ଟାରୁ ସାଢେ ଗୋଟାଏ ମଧ୍ୟରେ ମଧ୍ୟାହ୍ନଭୋଜନ ଛୁଟି ସମୟରେ ସ୍କୁଲ ପରିସରରେ ଥିବା ଏକ ଆମ୍ବଗଛ ତଳେ ଖେଳୁଥିଲେ। ସେହି ସମୟରେ ବାତ୍ୟା ଫନୀ ବେଳରୁ ଭାଙ୍ଗି ଗଛରେ ଓହଳି ରହିଥିବା ଆମ୍ବଡାଳ ତାଙ୍କ ଉପରେ ଖସିପଡିଥିଲା। ଫଳରେ ଡାଳ ମାଡରେ ଛାତ୍ର ଜଣକ ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଶିକ୍ଷକମାନେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାଟି ପ୍ରଚାରିତ ହେବା ପରେ ସ୍କୁଲ ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲାପକାଇ ରଖିଥିଲେ। ଅନ୍ୟପକ୍ଷେ ସ୍କୁଲର କେତେଜଣ କର୍ମଚାରୀ ରକ୍ତ ପଡିଥିବା ସ୍ଥାନରେ ମାଟି ଘୋଡାଇ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହେଉଛି। ଖବର ପାଇ ଏକ ପ୍ଲାଟୁନ ଫୋର୍ସ ସହ ନିରାକାରପୁର ପୋଲିସ ଓ ଟାଙ୍ଗୀ ତହସିଲଦାର ସୁନାସିରୀ କିଶାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ବୁଝାଶୁଝା ପରେ ସନ୍ଧ୍ୟା ପ୍ରାୟ ୫ଟା ୩୫ରେ ଅଟକ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଛାଡି ଦେଇଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ ବ୍ୟବଚ୍ଛେଦ ପରେ ମୃତଦେହ ଧରି କ୍ଷତିପୂରଣ ଦାବି ନେଇ ସ୍କୁଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ଏବିଓ ଦେବବ୍ରତ ମହାପାତ୍ର ଓ ତହସିଲଦାର କିଶାନ ପହଞ୍ଚି ଲୋକଙ୍କୁ ☞ପୃଷ୍ଠା-୪



ରିତେଶ ପ୍ରଧାନ

## ଇନୋଭେଶନ ଇଣ୍ଡେକ୍ସ

# ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ

ନୂଆଦିଲ୍ଲୀ,୧୭।୧୦

### ଶୀର୍ଷରେ କର୍ନାଟକ



ରାଜ୍ୟଗୁଡ଼ିକର ଇନୋଭେଶନ ସାମର୍ଥ୍ୟ ଓ ପ୍ରଦର୍ଶନକୁ ତଉଲିବା ଲାଗି ନୀତି ଆୟୋଗ ପକ୍ଷରୁ ଗୁରୁବାର ପ୍ରଥମ ଥର ଭାରତର ନବପ୍ରବର୍ତ୍ତନ ସୂଚକାଙ୍କ (ଇନୋଭେଶନ ଇଣ୍ଡେକ୍ସ) ପ୍ରକାଶ ପାଇଛି। ବୃହତ୍ ରାଜ୍ୟ ବର୍ଗରେ ଓଡ଼ିଶା ଦ୍ୱାଦଶ ସ୍ଥାନରେ ରହିଛି। ଏହି ରାଜ୍ୟକୁ ପୁଞ୍ଜିପ୍ରବାହ ଖୁବ୍ କମ୍ ରହିଥିବାବେଳେ ବିଜ୍ଞାନ ପ୍ରଯୁକ୍ତି କ୍ଷେତ୍ରରେ ବିନିଯୋଗ ଏବଂ ଜ୍ଞାନଭିତ୍ତିକ ନିଯୁକ୍ତି ସୃଷ୍ଟି ଯଥେଷ୍ଟ ନୁହେଁ। ଇନୋଭେଶନରେ ଓଡ଼ିଶା ୧୨.୬୬ ନମ୍ବର ରଖି ଦ୍ୱାଦଶ ସ୍ଥାନରେ ରହିଥିବାବେଳେ ସମର୍ଥ କରାଇବାରେ ୧୫.୨୫ ନମ୍ବର ରଖି ଦଶମ ଏବଂ ପ୍ରଦର୍ଶନ କ୍ଷେତ୍ରରେ ୧୦.୦୮ ନମ୍ବର ସହ ୧୧ତମ ତାଲିକାରେ ରହିଛି।

ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ, କ୍ଷତି ସମ୍ଭାବନା ଥିବା ଉଦ୍ୟୋଗରେ ପୁଞ୍ଜି କାରବାରରେ ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେହିପରି ରାଜ୍ୟରେ ଗବେଷଣା ଓ ବିକାଶ ପ୍ରତିଷ୍ଠାନ ସ୍ଥାପନ ଯଥେଷ୍ଟ କମ୍ ବୋଲି ରିପୋର୍ଟରେ କୁହାଯାଇଛି। ତୃଣମୂଳ ସ୍ତରର ଇନୋଭେଶନ ଓ ଷ୍ଟାର୍ଟଅପ୍ ସଂଖ୍ୟାରେ ମଧ ରାଜ୍ୟର ପ୍ରଦର୍ଶନ ଭଲ ନୁହେଁ। ତେବେ ମାନବ ପୁଞ୍ଜି, ନିରାପତ୍ତା ଓ ନ୍ୟାୟିକ ପରିବେଶ ଓ ଜ୍ଞାନ ପ୍ରସାର କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଭଲ ରହିଛି।

ଇନୋଭେଶନ ଇଣ୍ଡେକ୍ସ ଉନ୍ମୋଚନ ଅବସରରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି, ଏହା ରାଜ୍ୟଗୁଡ଼ିକ ମଧ୍ୟରେ ନବପ୍ରବର୍ତ୍ତନର ଏକ ସଂସ୍କୃତି ଆଣିବା ସହ ଏଥିପାଇଁ ଉତ୍ତମ ବାତାବରଣ ସୃଷ୍ଟି କରିପାରିବ। ଦେଶର ଆର୍ଥିକ ବିକାଶରେ ଇନୋଭେଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ରାଜୀବ କୁମାର କହିଛନ୍ତି। ଇନୋଭେଶନ ସୂଚକାଙ୍କର ବୃହତ୍ ରାଜ୍ୟ ବର୍ଗରେ କର୍ନାଟକ ପ୍ରଥମ ସ୍ଥାନରେ ରହିଥିବାବେଳେ ଏହା ପଛକୁ ତାମିଲନାଡୁ ଓ ମହାରାଷ୍ଟ୍ର ରହିଛି। ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼ ତାଲିକାର ତଳେ ରହିଛି। ପାର୍ବତ୍ୟାଞ୍ଚଳ ରାଜ୍ୟ ବର୍ଗରେ ସିକିମ ଓ କେନ୍ଦ୍ରଶାସିତ ଅଞ୍ଚଳ ବର୍ଗରେ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି। ବୃହତ୍ ରାଜ୍ୟ, ଉତ୍ତରପୂର୍ବାଞ୍ଚଳ ଓ ପାର୍ବତ୍ୟାଞ୍ଚଳ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଓ କ୍ଷୁଦ୍ର ରାଜ୍ୟ ଏହିପରି ତିନୋଟି ବର୍ଗରେ ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ଇନୋଭେଶନ କ୍ଷେତ୍ରରେ ତେଲେଙ୍ଗାନା, ହରିୟାଣା, କେରଳ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ପ୍ରଦର୍ଶନ ଭଲ ରହିଛି। ସେହିପରି ଉତ୍ତରପୂର୍ବ ଓ ପାର୍ବତ୍ୟାଞ୍ଚଳ ରାଜ୍ୟ ମଧ୍ୟରେ ମଣିପୁର, ଅରୁଣାଚଳ ପ୍ରଦେଶ ଓ ତ୍ରିପୁରା ଆଗରେ ଥିଲାବେଳେ କେନ୍ଦ୍ରଶାସିତ ଅଞ୍ଚଳ ବର୍ଗରେ ଦିଲ୍ଲୀ, ଲାକ୍ଷାଦ୍ୱୀପ ଓ ଗୋଆ ଶୀର୍ଷରେ ରହିଛନ୍ତି।

**ଆଜିର ସମ୍ପାଦକୀୟ**

ଫିକା ସୁନା ବଜାର

**ଆଜିର ମନ୍ତବ୍ୟ**

" ଭାରତର ଦୃଷ୍ଟିକୋଣରୁ ଇତିହାସ ପୁନର୍ଲିଖନର ଆବଶ୍ୟକତା ରହିଛି।

– ଅମିତ୍ ଶାହ, ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍ ଆସିବା ଦ୍ୱାରା ୧.୭୮ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରାଯାଇଛି।

– ଅର୍ଥ ମନ୍ତ୍ରଣାଳୟ

Vencobb FRESH CHICKEN
17.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 67 | 115 | 125 |
| DKL | 66 | 114 | 124 |
| BDK | 64 | 111 | 121 |
| BLS | 65 | 113 | 123 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply
Issued in the Interest of Consumers

# ରୀତାଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ପ୍ରଚାର

ବରଗଡ଼ ଅଫିସ/ ବିଜେପୁର/ ବରପାଲି,୧୭।୧୦



ମୁଖ୍ୟମନ୍ତ୍ରୀ ବିଜେପୁରରେ ରୋଡ୍ ଶୋ କରି ପ୍ରଚାର କରୁଛନ୍ତି।

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନକୁ ଆଉ ମାତ୍ର ୪ ଦିନ ବାକି ରହିଲା। ଏଥିପାଇଁ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ପ୍ରଚାର ଜୋର୍‌ଦାର ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିର୍ବାଚନ ମଣ୍ଡଳୀ ଅଧୀନ ବିଜେପୁର ଓ ବରପାଲି ଅଞ୍ଚଳରେ ବିଜେଡି ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ । ଆସନ୍ତା ଉପନିର୍ବାଚନରେ ରୀତାଙ୍କୁ ଭୋଟ୍ ଦେଇ ତାଙ୍କୁ ଆଶୀର୍ବାଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜ ଉଦବୋଧନରେ କହିଥିଲେ ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ପ୍ରାୟ ୧୦ଟା ୪୨ ମିନିଟ୍‌ରେ ବିଜେପୁର ବ୍ଲକ ଲାଉମୁଣ୍ଡା ଷ୍ଟାଡ଼ିୟମର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ସେଠାରେ ପ୍ରାର୍ଥିନୀ ରୀତାଙ୍କ ସମେତ ମନ୍ତ୍ରୀ ଅରୁଣ ସାହୁ, ସୁଶାନ୍ତ ସିଂ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଟୁକୁନୀ ସାହୁ, ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ପଦ୍ମିନୀ ଦିଆନ, ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ, ବିଧାୟକ ଦେବେଶ ଆଚାର୍ଯ୍ୟ, କିଶୋର ମହାନ୍ତି, ରୋହିତ ପୂଜାରୀ ପ୍ରମୁଖ ହଜାର ହଜାର ସମର୍ଥକଙ୍କ ଗହଣରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ବସ୍‌ରେ ରୋଡ୍ ଶୋ ଆରମ୍ଭ କରିଥିଲେ । ମୁଖ୍ୟମନ୍ତ୍ରୀ ବିଜେପୁର ବ୍ଲକର ଲାଉମୁଣ୍ଡା, ପଥର୍ଲା, କୁର୍କୁଟା, ବଡ଼ବାଉଁଶେନ ଛକ, ସାଇପାଲି, ଖରମୁଣ୍ଡା ମାମାଛକ, ☞ପୃଷ୍ଠା-୪

**ବିଜେପୁର ଉପନିର୍ବାଚନ**





ଖୁବ୍‌ଶୀଘ୍ର ମଣିରତ୍ନମ୍‌ଙ୍କ ଫିଲ୍ମରେ ନଜରକୁ ଆସିବେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ। ଫିଲ୍ମରେ ଡବଲ୍ ରୋଲ୍‌ରେ ନଜରକୁ ଆସିବେ ଐଶ୍। ପୂର୍ବରୁ ସେ ଈଶ୍ୱର, ଗୁରୁ ଓ ରାବଣ ଫିଲ୍ମରେ ମଣିରତ୍ନମ୍‌ଙ୍କ ସହ କାମ କରିସାରିଛନ୍ତି। ତେବେ ଦୀର୍ଘଦିନ ପରେ ପୁଣି ବଡ଼ ପରଦାରେ କାମ କରିବାକୁ ଥିବାରୁ ଐଶ୍ ବହୁତ ଉତ୍ସାହିତ ଅଛନ୍ତି।

## ପୃଥିବୀ ଧ୍ୱଂସ ହୋଇଯିବା ଭୟ

# ବନ୍ଦ କୋଠରିରେ ୯ ବର୍ଷ

**ଆମ୍‌ଷ୍ଟରଡାମ୍:** ମୃତ୍ୟୁ ହିଁ ଚିରନ୍ତନ ସତ୍ୟ। ହେଲେ ମରଣକୁ ନେଇ ମଣିଷ ମନରେ ଯେଉଁ ଭୟ ରହିଛି, ତାହା ସମ୍ଭବତଃ ଅନ୍ୟ କୌଣସି କ୍ଷେତ୍ରରେ ଦେଖିବାକୁ ମିଳେନାହିଁ। ଇତିହାସ ଅଣ୍ଡାଳିଲେ ଏପରି ଅନେକ ଉଦାହରଣ ସହଜରେ ମିଳିଯିବ। ଏହାର ପୁନରାବୃତ୍ତି ଘଟିଛି ନେଦରଲାଣ୍ଡର ରାଜଧାନୀ ଆମ୍‌ଷ୍ଟରଡାମଠାରୁ ୧୪୦ କିମି ଦୂର ରୁଇନେରଓଲ୍ଡ ଗ୍ରାମରେ। ପୃଥିବୀ ଧ୍ୱଂସ ହୋଇଯିବା ଭୟରେ ଏକ ପରିବାର ୯ବର୍ଷ ଧରି ଷ୍ଟୋରରୁମ୍‌ରେ ନିଜକୁ ଆବଦ୍ଧ କରି ରଖିଥିଲା। ଏପରି ଘଟଣା ନେଦରଲାଣ୍ଡ ଇତିହାସରେ ପ୍ରଥମ ବୋଲି କୁହାଯାଉଛି, ଯାହାକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା। ସ୍ଥାନୀୟ ଗଣମାଧ୍ୟମରେ ପ୍ରସାରିତ ତଥ୍ୟ ଅନୁଯାୟୀ, ଜଣେ ୨୫ ବର୍ଷର ଯୁବକ ଧଇଁସଇଁ ହୋଇ ଗ୍ରାମ ନିକଟରେ ଥିବା ଏକ ପବ୍‌ରେ ପହଞ୍ଚିଥିଲେ। ସେ ଏକାସଙ୍ଗରେ ୫ଟି ବିୟର କେନ୍ ପିଇଯାଇଥିଲେ। ତାଙ୍କ ବେଶଭୂଷାରୁ ସେ ଦୀର୍ଘଦିନ ଧରି ବାହାରକୁ ବାହାରି ନ ଥିବା ମନେ ହେଉଥିଲା। ତାଙ୍କ ଜୀବନଶୈଳୀ ଏବଂ ବ୍ୟବହାର ବି ସାଧାରଣ ମଣିଷ ଭଳି ନ ଥିଲା। ଆଦିମାନବ ଭଳି ତାଙ୍କ ଚୁଟି ଏବଂ ଦାଢ଼ି ବଢ଼ି ରହିଥିଲା। ଏହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ ପବ୍ ମାଲିକ କ୍ରିସ୍ ବେଷ୍ଟବିକ୍। ସନ୍ଦେହ ହେବାରୁ ସେ ସମସ୍ତ ଘଟଣାବଳୀ ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖୋଳତାଡ଼ ପରେ ସବୁ ଘଟଣା ପଦାକୁ ଆସିଥିଲା। ଘର ଭିତରୁ ୫୮ ବର୍ଷ ବୟସ୍କ ଜଣେ ବୃଦ୍ଧଙ୍କ ସମେତ ୬ଜଣ ସଦସ୍ୟଙ୍କୁ ଠାବ କରାଯାଇଛି। ବୟସ୍କଙ୍କୁ ବାଦ୍‌ଦେଲେ ଅନ୍ୟ ସମସ୍ତଙ୍କ ବୟସ ୧୬ରୁ ୨୫ ବର୍ଷ ମଧ୍ୟରେ। ପୋଲିସକୁ ସମ୍ପୃକ୍ତ ବୃଦ୍ଧ କୌଣସି ସହଯୋଗ କରି ନ ଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏ ସଂକ୍ରାନ୍ତରେ ସେଠାକାର ପୋଲିସ ଅଧିକ ସୂଚନା ଦେବାକୁ ମନା କରିଦେଇଛି।



ସମ୍ପୃକ୍ତ ପରିବାର ଡଚ୍ ସମ୍ପ୍ରଦାୟର। ହେଲେ ସେମାନେ କେଉଁ ପରିସ୍ଥିତିରେ ନିଜକୁ ଗୋଟିଏ ପ୍ରକୋଷ୍ଠରେ କଏଦ୍ କରି ରଖିଥିଲେ ତାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସମ୍ପୃକ୍ତ ବୃଦ୍ଧଙ୍କ ସହ ଅନ୍ୟ ସଦସ୍ୟଙ୍କ କ'ଣ ସମ୍ପର୍କ ତାହା ବି ଆଲୋଚନାର ବିଷୟ ହୋଇଛି। ଯୁବକଙ୍କ ମା'ଙ୍କର କୌଣସି ପତ୍ତା ମିଳୁନାହିଁ। ହୁଏ ତ ତାଙ୍କୁ ହତ୍ୟା କରାଯାଇ ଘର କୋଠରିରେ ପୋତି ଦିଆଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଯୁବକଙ୍କ ଅନ୍ୟ ଭଉଣୀଭାଇଙ୍କ ଅବସ୍ଥା ମଧ୍ୟ ସମାନ। ଅନ୍ୟପଟେ ୯ବର୍ଷ ହେଲା ସେମାନେ କିପରି ଚଳୁଥିଲେ, ସେମାନଙ୍କ ସ୍ୱାସ୍ଥ୍ୟସମସ୍ୟା ଦେଖାଦେଲେ କେଉଁଠି ଚିକିତ୍ସିତ ହେଉଥିଲେ, ପାଠ ପଢ଼ିବାକୁ ଯାଉଥିଲେ କି ନାହିଁ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ। ଏପରି ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି।

# ପରିଶ୍ରମୀ ସିଦ୍ଧାର୍ଥ

**ମୁମ୍ବାଇ:** ଅଭିନେତା ସିଦ୍ଧାର୍ଥ ମାଲ୍‌ହୋତ୍ରା ଫୁର୍‌ସତ ମିଳିଲେ ନିଜକୁ ଫିଟ୍ ରଖିବା ପାଇଁ ୱାର୍କ-ଆଉଟ୍ କରିବାକୁ ଭୁଲନ୍ତି ନାହିଁ। ଫିଲ୍ମ 'ମରଜାୱାଁ'ର ରିଲିଜ୍‌କୁ ସେ ଅପେକ୍ଷା କରିଛନ୍ତି। ତାଙ୍କ ସହ ତାରା ସୁତାରିଆ, ରିତେଶ ଦେଶମୁଖ୍ ଏବଂ ରକୁଲ୍‌ପ୍ରୀତ ସିଂହଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଆସନ୍ତା ନଭେମ୍ବର ୨୨ରେ ଫିଲ୍ମଟି ରିଲିଜ୍ ହେବ। ଏନେଇ ଫିଲ୍ମର ପ୍ରମୋଶନ ପାଇଁ ସିଦ୍ଧାର୍ଥ ବହୁତ ବ୍ୟସ୍ତ ଥିବାବେଳେ ନିଜକୁ ଫିଟ୍ ରଖିବାକୁ ନିଶ୍ଚୟ ସମୟ ଦେଇଥାନ୍ତି। ଫିଟ୍‌ନେସ୍ ଫ୍ରିକ୍ ସିଦ୍ଧାର୍ଥ ନିକଟରେ ସମୟ ବାହାର କରି ୱାର୍କ-ଆଉଟ୍ କରୁଛନ୍ତି। ସିଦ୍ଧାର୍ଥ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ୱାର୍କ-ଆଉଟ୍ କରୁଥିବାର କିଛି ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକଦମ୍ ଫିଟ୍ ଦେଖାଯାଉଛନ୍ତି। ତାଙ୍କ ଫିଟ୍ ବଡିକୁ ଫ୍ୟାନମାନେ ପସନ୍ଦ ମଧ୍ୟ କରୁଛନ୍ତି। ଅନ୍ୟପକ୍ଷରେ କ୍ୟାପଟେନ୍ ବିକ୍ରମ ବାତ୍ରାଙ୍କ ବାୟୋପିକ୍ 'ଶେରଶାହ'ରେ ମଧ୍ୟ ସିଦ୍ଧାର୍ଥ ନଜର ଆସିବେ। ଫିଲ୍ମର କାହାଣୀ କ୍ୟାପଟେନ୍ ବାତ୍ରାଙ୍କ ଜୀବନୀ ଉପରେ ଆଧାରିତ। ବାତ୍ରା କାର୍‌ଗିଲ୍ ଯୁଦ୍ଧର ମହାନାୟକ ଥିଲେ। ଯୁଦ୍ଧ ସମୟରେ ସେ ସହଯୋଗୀଙ୍କୁ ପଛକୁ ଠେଲି ଶତ୍ରୁଙ୍କୁ ସାମ୍ନା କରିଥିଲେ। ସହଯୋଗୀଙ୍କ ପିଲାଛୁଆ ସଂସାର ଥିବାରୁ ବାତ୍ରା ଏପରି କରିଥିଲେ। ପରେ ସେ ୧୬ ହଜାର ଫୁଟ ଉଚ୍ଚକୁ ଯାଇ ପାକିସ୍ତାନୀ ସେନାକୁ ପ୍ରତିହତ କରିବାବେଳେ ଗୁଲମାଡ଼ରେ ସେ ଶହୀଦ ହୋଇଥିଲେ। କ୍ୟାପଟେନ୍ ବାତ୍ରାଙ୍କ ପରାକ୍ରମ ଓ ତ୍ୟାଗର କାହାଣୀକୁ ପରଦାରେ ଉତାରିବା ପାଇଁ ଖୁବ୍ ପରିଶ୍ରମ କରି ବଡି ଫିଟ୍ ରଖୁଛନ୍ତି ସିଦ୍ଧାର୍ଥ।



# କିଛି ତେଲର ବ୍ୟବହାର ବଦଳାଇପାରେ ଆପଣଙ୍କ ଭାଗ୍ୟ

ହିନ୍ଦୁ ଶାସ୍ତ୍ରରେ କୌଣସି ପୂଜା ଦୀପ ବିନା ସମ୍ପୂର୍ଣ୍ଣ ହୋଇ ନ ଥାଏ। ଅନ୍ତୁଡିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ସବୁଠି ଆଲୋକର ଆବଶ୍ୟକତା ରହିଛି। ଆଉ ଏହି ଆବଶ୍ୟକତାକୁ ପୂରଣ କରିଥାଏ ଦୀପ। ତେବେ ଆଲୋକର ପର୍ବ ଦୀପାବଳିରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଦୀପ ବିନା ଦୀପାବଳିର କଳ୍ପନା ଅସମ୍ଭବ। ଏହି ଦିନରେ ଧନଦାତ୍ରୀ ମା' ଲକ୍ଷ୍ମୀଙ୍କ ଆରାଧନା କରାଯାଇଥାଏ। ତେବେ ଏହି ଦୀପାବଳିରେ କିଛି ତେଲ ଦ୍ୱାରା ନିଜର ଭାଗ୍ୟ ବଦଳାନ୍ତୁ।

- କୌଣସି ବାଧା ପିଛା ଛାଡୁ ନ ଥିଲେ ଗୁଆଘିଅରେ ଆଳତି କରି ହନୁମାନଙ୍କୁ ଆରାଧନା କରନ୍ତୁ।
- କିଛି ସୋରିଷ ତେଲରେ ନିଜ ମୁହଁ ଦେଖି ଶନିମନ୍ଦିରରେ ରଖି ଆସନ୍ତୁ। ଏହା ସହ ଶନିଦେବଙ୍କୁ ମଧ୍ୟ ସୋରିଷ ତେଲ ଚଢ଼ାନ୍ତୁ। ଏ ପରି କରିବା ଫଳରେ ଶନିଦେବଙ୍କ କୃପା ସର୍ବଦା ଆପଣଙ୍କ ଉପରେ ରହିଥାଏ।
- ଦେହ ଭଲ ରହୁ ନ ଥିଲେ ୪୧ ଦିନ ପର୍ଯ୍ୟନ୍ତ ଓସ୍ତ ଗଛତଳେ ରାଶି ତେଲରେ ଦୀପ ଜଳାନ୍ତୁ। ଏଥିରେ ସ୍ୱାସ୍ଥ୍ୟସମସ୍ୟା ଦୂର ହୋଇଥାଏ।
- ନିଜର ଏକ ଘର କିଣିବାକୁ ନେଇ ସମସ୍ୟା ଉପୁଜୁଛି କି? ତେବେ ରାଶି ତେଲରେ କିଛି ସୋରିଷ ତେଲ ମିଶାଇ ଲୁହା ଦୀପରେ ଶମି ଗଛ ମୂଳେ ଜଳାନ୍ତୁ। ଦେଖିବେ ଏପରି କିଛି ଦିନ କରିବା ଫଳରେ ଏହି ସମସ୍ୟା ଦୂର ହୋଇଯିବ।




## ହୃଦ୍‌ଜନିତ ସମସ୍ୟାଠାରୁ ଦୂରେଇ ରଖେ

# ଅମୃତଭଣ୍ଡା



ଶରୀର ପାଇଁ ଅମୃତଭଣ୍ଡା ବେଶ ଉପକାରୀ। ବାଡିବଗିଚାରେ ମଧ୍ୟ ଏହା ସହଜରେ ମିଳିଥାଏ। କଞ୍ଚା ହେଉ ବା ପାଚିଲା ଉଭୟ ଶରୀର ପାଇଁ ଲାଭଦାୟକ ହୋଇଥାଏ। ଏଥିରେ ଭିଟାମିନ ଏ, ବି, ସି ଓ ଫାଇବର ଭରପୁର ମାତ୍ରାରେ ଥାଏ। କଞ୍ଚା ଅମୃତଭଣ୍ଡାରେ ଫାଇବର ଭରି ଥିବାରୁ ଏହା କୋଷ୍ଠକାଠିନ୍ୟ ସମସ୍ୟା ଦୂର ସହ ପାଚନ ପ୍ରକ୍ରିୟାକୁ ସଠିକ କରିଥାଏ। ହୃଦ୍‌ଜନିତ ସମସ୍ୟାର ସୁଧାର ପାଇଁ ଅମୃତଭଣ୍ଡା ଲାଭଦାୟକ। ଏହା ଆଖି ପାଇଁ ମଧ୍ୟ ବେଶ ଉପକାରୀ। ଏଥିରେ ଥିବା ଭିଟାମିନ ଏ' ଓ ସି' ଆଖିକୁ ସୁସ୍ଥ ରଖିଥାଏ। ଅମୃତଭଣ୍ଡା ଖାଇଲେ ଗଣ୍ଠି ଦରଜରୁ ମଧ୍ୟ ଉପଶମ ମିଳିଥାଏ। ତେଣୁ ବୟସ୍କ ଲୋକ ଅମୃତଭଣ୍ଡା ଖାଇବା ଆବଶ୍ୟକ। ପୁଣି ଏହାକୁ ନିୟମିତ ଖାଇଲେ ତ୍ୱଚାରେ ବ୍ରଣ ସମସ୍ୟା ଦୂର ହେବାସହ ତ୍ୱଚା ଉଜ୍ଜ୍ୱଳ ଦିଶେ।

# ଦୀପିକାଙ୍କୁ ସୋସିଆଲ୍ ମିଡିଆରେ ଟ୍ରୋଲ କଲେ ରଣବୀର

ମୁମ୍ବାଇ: ବଲିଉଡ୍‌ର ନଂ୧ ଯୋଡ଼ି ଦୀପ୍‌ବୀର୍ ମାନେ ଦୀପିକା-ରଣବୀରଙ୍କୁ ନେଇ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ଦୁହେଁ ପରସ୍ପରକୁ ଯେତିକି ଭଲ ପାଆନ୍ତି, ସେତିକି ଥଟ୍ଟାମଜା ମଧ୍ୟ କରିଥାନ୍ତି। ଲୋକଙ୍କ ସାମ୍ନାରେ ହେଉ ବା ବ୍ୟକ୍ତିଗତ ଜୀବନରେ ନିଜ ଭଲପାଇବାକୁ କିପରି ପ୍ରକାଶ କରିବାକୁ ହୁଏ, ଉଭୟଙ୍କୁ ତାହା ଭଲ ଭାବରେ ଜଣା। ବିବାହ ପରେ ମଧ୍ୟ ଭଲ ବନ୍ଧୁ ଭଳି ଜୀବନକୁ ସହଜ ଓ ସରଳ ରଖିବାକୁ ଭଲପାଆନ୍ତି ଦୀପ୍‌ବୀର୍। ଉଭୟଙ୍କ ଏଭଳି ପ୍ରେମ ଓ ସମ୍ପର୍କ ଭିତରେ ଏବେ ସୋସିଆଲ ମିଡିଆରେ ଦୀପିକା ହୋଇଛନ୍ତି ଟ୍ରୋଲ୍। ତେବେ ଟ୍ରୋଲ୍ ୟୁଜର୍ସ ନୁହେଁ ବରଂ ରଣବୀର ନିଜେ କରିଛନ୍ତି। ନିକଟରେ ଦୀପିକା ଏକ ଇଣ୍ଟରନ୍ୟାଶନାଲ ମାଗାଜିନ୍ ପାଇଁ ଫଟୋ ଶୁଟ୍ କରିଥିଲେ। ସେହି ଫଟୋଗୁଡ଼ିକୁ ସେ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ମଧ୍ୟ ଶେୟାର କରିଥିଲେ। ପ୍ରତିଥର ଭଳି ଏହି ଫଟୋଶୁଟ୍‌ରେ ମଧ୍ୟ ଦୀପିକା ଖୁବ୍ ସୁନ୍ଦର ଦେଖାଯାଉଥିଲେ। ତେବେ ଏହି ଫଟୋଗୁଡ଼ିକରେ ରଣବୀର ଦୀପିକାଙ୍କୁ କରିଛନ୍ତି ଟ୍ରୋଲ୍। ସୁନ୍ଦରୀ ସ୍ତ୍ରୀ ଦୀପିକାଙ୍କ ଫଟୋରେ ରଣବୀର ଏଭଳି କିଛି କମେଣ୍ଟ ଦେଇଛନ୍ତି, ଯାହା ପଢ଼ିଲେ ଯିଏ କେହି ବି ହସି ହସି ଗଡ଼ିଯିବ। ଗୋଟିଏ ଫଟୋରେ ଦୀପିକା ରାଗିକି କ୍ୟାମେରାକୁ ଚାହିଁବା ଭଳି ପୋଜ୍ ଦେଇଛନ୍ତି। ଏହି ଫଟୋରେ ରଣବୀର କମେଣ୍ଟ ଦେଇଛନ୍ତି, "ମୁଁ ଜାଣିଛି ଏହି ଲୁକ୍ ବିଷୟରେ, ଏମିତି ଲାଗୁଛି ତୁମେ କହୁଛ- ଘରକୁ ଆସିବାର ଏହା କ'ଣ ଠିକ୍ ସମୟ ?" ସେହିପରି ଦୀପିକାଙ୍କ ଆଉ ଏକ ହଟ୍ ଫଟୋରେ ରଣବୀର ତାଙ୍କୁ ଟ୍ରୋଲ୍ କରି ଲେଖିଛନ୍ତି, "ଏହି ଲୁକ୍‌ଟି ଏପରି, ଯେତେବେଳେ ରସମ୍ ତୁମ ଖାଇବା ଟେବୁଲ୍ ଆଡ଼କୁ ଅଣାଯାଉଥିବ।" ଦୀପିକାଙ୍କ ଫଟୋଗୁଡ଼ିକରେ ରଣବୀର ଏଭଳିସବୁ କମେଣ୍ଟ ଦେଇ ତାଙ୍କୁ ଟ୍ରୋଲ୍ କରିଛନ୍ତି, ଯାହାକୁ ଦେଖିଲେ ଉଭୟଙ୍କ ପ୍ରେମ ସହ ବନ୍ଧୁତ୍ୱର ଗଭୀରତା ମଧ୍ୟ ଜଣାପଡୁଛି। ଅନ୍ୟପକ୍ଷରେ ଉଭୟ କବୀର ଖାନ୍‌ଙ୍କ ଅପକମିଂ ଫିଲ୍ମ '୮୩'ରେ ଏକାଠି ନଜରକୁ ଆସିବେ। ଫିଲ୍ମଟି ପୂର୍ବତନ କ୍ରିକେଟର କପିଲ୍ ଦେବଙ୍କ ଜୀବନୀ ଉପରେ ଆଧାରିତ।



# କୋର୍ଟରେ ୧୩ ଶୁଆ ହାଜର

**ନୂଆଦିଲ୍ଲୀ:** ଥାନାରେ ପଶୁପକ୍ଷୀ ଗିରଫ ହୋଇ ଅଟକ ରଖାଯିବା ଖବର ପ୍ରକାଶ ପାଉଥିବାବେଳେ ଏବେ କୋର୍ଟରେ ପକ୍ଷୀ ହାଜର ହେବା କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏହା ସତ। ଏମିତି ଘଟଣା ଘଟିଛି ନୂଆଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ। କୋର୍ଟର ନିର୍ଦ୍ଦେଶକ୍ରମେ ୧୩ଟି ଶୁଆକୁ ସେଠାରେ ହାଜର କରାଯାଇ ସେମାନଙ୍କୁ ମୁକ୍ତ କରାଯାଇଛି। ଦିଲ୍ଲୀସ୍ଥିତ ଇଣ୍ଟରନ୍ୟାଶ୍‌ନାଲ ଏୟାରପୋର୍ଟରୁ ସେଠାରେ ମୁତୟନ ହୋଇଥିବା ସେଣ୍ଟ୍ରାଲ୍ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ(ସିଆଇଏସ୍‌ଏଫ୍) ଏହି ଶୁଆଗୁଡିକୁ ଜଣେ ଉଜ୍‌ବେକିସ୍ତାନ ନାଗରିକଙ୍କଠାରୁ ଉଦ୍ଧାର କରିଥିଲେ। ତାହାକୁ ସେ ତାସ୍‌କେଣ୍ଟ ନେଉଥିବା ପ୍ରକାଶ କରିଛନ୍ତି। ସିଆଇଏସ୍‌ଏଫ୍ ପରେ ଶୁଆଙ୍କୁ ଭିନ୍ନ ଭିନ୍ନ ଶୁ-ବକ୍ସରେ ବନ୍ଦ କରି ରଖିଥିଲେ। ଶୁଆ ଜୀବ ଓ ତାହାକୁ ସିଜ୍ କରାଯାଇପାରିବ ନାହିଁ ବୋଲି କୋର୍ଟ ତାଙ୍କ ମନ୍ତବ୍ୟ ଦେଇ ଶୁଆଗୁଡିକୁ ନଏଡା ସ୍ଥିତ ଓଖଲା ପକ୍ଷୀ ଅଭୟାରଣ୍ୟରେ ଛାଡି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବନ ବିଭାଗ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶୁଆଗୁଡିକୁ ଅଭୟାରଣ୍ୟରେ ଛାଡି ଦେଇଛି।



# ମହିଳାଙ୍କୁ ଦୁଇଥର ମୃତ ଘୋଷଣା

ଚଣ୍ଡିଗଡ଼: ଜଣେ ମହିଳାଙ୍କୁ ଦୁଇଟି ହସ୍ପିଟାଲ ମୃତ ଘୋଷଣା କରିବା ପରେ ପୁଣି ସେ ଜିଇବା ଓ ତା'ପରେ ତାଙ୍କ ମୃତ୍ୟୁ ହେବା ଭଳି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି ଚଣ୍ଡିଗଡରେ। ଚଣ୍ଡିଗଡ ନିବାସୀ ଏହି ମହିଳାଙ୍କ ବୟସ ୪୫। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ନିକଟସ୍ଥ ସରକାରୀ ମଲ୍‌ଟି ସ୍ପେଶିଆଲିଟି ହସ୍ପିଟାଲ-୧୬ କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାର ତିନି ଘଣ୍ଟା ପରେ ଶବକୁ ପ୍ୟାକ କରି ଗାଡିରେ ରଖିଦିଆ ଯାଇଥିଲା। ତା'ପରେ ମହିଳଙ୍କ ସମ୍ପର୍କୀୟମାନେ ଶବ ହଲ୍‌ଚଲ ହେବା ଲକ୍ଷ୍ୟ କରିଥିଲେ। ଏହାପରେ ତାଙ୍କୁ ଚଣ୍ଡିଗଡ ସରକାରୀ ମେଡିକାଲ କଲେଜ-୩୨କୁ ନିଆଯାଇଥିଲା। ସେଠାରେ ମହିଳାଙ୍କ ନର୍ଭ ଚାଲୁଥିବା ଲକ୍ଷ୍ୟ କରାଯିବା ପରେ ଇସିଜିରୁ ତାଙ୍କ ହୃଦସ୍ପନ୍ଦନ ଚାଲୁ ରହିଥିଲା ବୋଲି ଜଣାପଡିଥିଲା। ଏହାପରେ ଦୁଇ ଘଣ୍ଟା ଯାଏ ତାଙ୍କର ଚିକିତ୍ସା ଚାଲୁ ରହିଥିଲା। ଚିକିତ୍ସା କରାଯାଇଥିଲେ ବି ତାଙ୍କର ମୃତ୍ୟୁ ହୋଇଥିଲା। ଜଣେ ରୋଗୀଙ୍କୁ ଦୁଇ ଥର ମୃତ ଘୋଷଣା କରାଯିବା ଭାରତର ପ୍ରଥମେ ଘଟଣା।



## ଇତିହାସର ଆଇନାରେ

### ଅକ୍ଟୋବର ୧୮ର ପ୍ରମୁଖ ଘଟଣା

୨୦୦୭ ଅକ୍ଟୋବର ୧୮ରେ ପାକିସ୍ତାନର କରାଚୀରେ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ମୋଟରକେଡ୍ ଉପରେ ବୋମାମାଡ଼ ହୋଇଥଲା। ଏଥିରେ ୧୮୦ ନିହତ ଓ ୫୦୦ ଆହତ ହୋଇଥିଲେ। ଆକ୍ରମଣରେ ବେନଜୀର ମଧ୍ୟ ଆହତ ହୋଇଥିଲେ।

୨୦୦୪ ଅକ୍ଟୋବର ୧୮ରେ ପୋଲିସ ଏନ୍‌କାଉଣ୍ଟରରେ ଚନ୍ଦନକାଠ ତସ୍କର ବୀରାପ୍ପାନ ନିହତ ହୋଇଥିଲେ। ସେ ୮୦ରୁ ଊର୍ଦ୍ଧ୍ୱ ପୋଲିସଙ୍କ ସମେତ ୧୬୦ ଜଣଙ୍କୁ ହତ୍ୟା କରିଥିଲେ ଓ ଅନେକଙ୍କୁ ଅପହରଣ କରିଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୬ | ୨୨.୬ |
| ଚାନ୍ଦବାଲି | ୩୪.୦ | ୨୩.୬ |
| କଟକ | ୩୧.୪ | ୨୧.୨ |
| ପାରାଦ୍ୱୀପ | ୩୧.୯ | ୨୪.୪ |
| ଭୁବନେଶ୍ୱର | ୩୨.୮ | ୨୩.୧ |
| ଗୋପାଳପୁର | ୩୩.୯ | ୨୩.୮ |
| ପୁରୀ | ୩୨.୬ | ୨୩.୨ |
| ଅନୁଗୋଳ | ୩୧.୬ | ୧୯.୬ |
| ବାରିପଦା | ୩୧.୬ | ୨୪.୦ |
| ଝାରସୁଗୁଡ଼ା | ୩୨.୦ | ୨୨.୨ |
| କେନ୍ଦୁଝର | ୩୧.୩ | ୨୧.୦ |
| ସମ୍ବଲପୁର | ୩୩.୩ | ୨୨.୨ |
| ସୁନ୍ଦରଗଡ଼ | ୨୮.୦ | ୧୫.୫ |
| ହୀରାକୁଦ | ୩୧.୯ | ୨୨.୭ |
| ତାଳଚେର | ୩୩.୨ | ୨୩.୫ |
| ଭବାନୀପାଟଣା | ୩୨.୦ | ୨୨.୫ |
| ବଲାଙ୍ଗୀର | ୩୪.୦ | ୨୩.୩ |
| କୋରାପୁଟ | ୩୦.୦ | ୧୭.୪ |
| ଫୁଲବାଣୀ | ୩୧.୮ | ୨୧.୦ |
| ଟିଟିଲାଗଡ଼ | ୩୧.୦ | ୨୦.୧ |
| ମାଲକାନଗିରି | ୩୧.୦ | |
| ସୋନପୁର | ୩୩.୮ | ୧୯.୮ |
| ଦାରିଙ୍ଗିବାଡ଼ି | ୨୮.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସରପଞ୍ଚଙ୍କ ସ୍ୱାମୀ ସମେତ ୫ଜଣଙ୍କୁ ଜେରା

**ଧର୍ମଶାଳା,୧୭।୧୦(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ହରିଦାସପୁରର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟଣାରେ ଧର୍ମଶାଳା ପୋଲିସ ଗୁରୁବାର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ସମେତ ୫ଜଣଙ୍କୁ ଥାନାକୁ ଡକାଇ ପଚରାଉଚରା ଜାରି ରଖିଛି। କିଭଳି ଓ କେଉଁ ପରିସ୍ଥିତିରେ ପିଇଓ ସ୍ମିତାରାଣୀ ସରପଞ୍ଚଙ୍କ ଗେଷ୍ଟ ହାଉସକୁ ଖାଇବାକୁ ଯାଇଥିବାବେଳେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଲେ, ସେନେଇ ପୋଲିସ ଖୋଳ ତାଡ଼ କରୁଛି। ଏପରି କି ଏକ ୩ଜଣିଆ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ଉଭୟ ଭାଜପା ଜିଲା ମହିଳା ମୋର୍ଚ୍ଚା ଏବଂ କଂଗ୍ରେସ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ପ୍ରକାଶ ଯେ, ହରିଦାସପୁର ପଞ୍ଚାୟତର ପିଇଓ ସ୍ମିତାରାଣୀ ବୁଧବାର ସରପଞ୍ଚ ମଧୁସ୍ମିତା ଭଦ୍ର ଏବଂ ଅନ୍ୟମାନଙ୍କ ସହ ଚାରିବାଟିଆ ଓ ସୁଭଦ୍ରାପୁର ଗ୍ରାମକୁ ଭତ୍ତା ଟଙ୍କା ବାଣ୍ଟିବାକୁ ଯାଇଥିଲେ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଫେରିବା ପରେ ନିକଟରେ ଥିବା ସରପଞ୍ଚଙ୍କ ଗେଷ୍ଟ ହାଉସକୁ ମଧ୍ୟାହ୍ନଭୋଜନ କରିବାକୁ ଯାଇଥିଲେ। ସାଙ୍ଗରେ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଓ ଅନ୍ୟକିଛି ସହଯୋଗୀ ଥିଲେ। ତେବେ ମଧ୍ୟାହ୍ନଭୋଜନ ପୂର୍ବରୁ ସ୍ମିତାରାଣୀ ବାଥ୍‌ରୁମ୍‌କୁ ଯିବାକୁ କହି ଉପର ମହଲାକୁ ଯାଇଥିଲେ। ସେଠାରେ ସେ ଏକ କୋଠରିର ଫ୍ୟାନ୍‌ରେ ନିଜ ଓଢ଼ଣିରେ ଦଉଡ଼ି ଦେଇଥିଲେ। ଏହା ଜଣାପଡ଼ିବା ପରେ ରୂପେଶ ଓ ଅନ୍ୟମାନେ କବାଟ ଭାଙ୍ଗି ତାଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି କି ଏହି ଘଟଣା ସମ୍ପର୍କରେ ରୂପେଶ ପିଇଓ ସ୍ମିତାରାଣୀଙ୍କ ବାପାଙ୍କୁ ଖବର ଦେଇଥିଲେ। ତେବେ ଅଫିସ କାର୍ଯ୍ୟରେ ଯାଇଥିବା ଜଣେ ଅଧିକାରିଣୀ ଖାଇବାକୁ ଯାଇ କାହିଁକି ଆତ୍ମହତ୍ୟା କଲେ ତାକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ଗୁରୁବାର ଧର୍ମଶାଳା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମୋନାଲିସା ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ଥାନାରେ ପହଞ୍ଚି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସେହିପରି ଧର୍ମଶାଳା କଂଗ୍ରେସ ପକ୍ଷରୁ କିଷାନ ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଧର୍ମଶାଳା ଥାନାରେ ପହଞ୍ଚି ପିଇଓ ଅଫିସ କାର୍ଯ୍ୟରେ ଯାଇ ସରପଞ୍ଚ ସ୍ୱାମୀଙ୍କ ଗେଷ୍ଟହାଉସରେ ଆତ୍ମହତ୍ୟା କରିବାକୁ ସାଧାରଣରେ ଗ୍ରହଣ କରିପାରୁ ନ ଥିବା ସୂଚନା ଦେବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅପରପକ୍ଷରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଯାଜପୁର ଏସ୍‌ପି ଚରଣ ସିଂ ମିନା ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଯାଜପୁର ଏସଡିପିଓ କେଦାରନାଥ ସାହୁ ଧର୍ମଶାଳା ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ୪ସହଯୋଗୀଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ଘଟଣା ସମ୍ପର୍କରେ ଏସଡିପିଓ ସାହୁଙ୍କୁ ପଚାରିବାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଏପରି କି ପାରିପାର୍ଶ୍ୱିକ ସ୍ଥିତିକୁ ଗୁରୁତ୍ୱ ଦିଆଯାଇ ପଚରାଉଚରା ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହୋଇ ନାହିଁ । ଏହି ଘଟଣାରେ କାହାରି ସମ୍ପୃକ୍ତି ଥିବା ଜଣାପଡ଼ିଲେ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି।

ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା ଭାଜପା ମହିଳା ମୋର୍ଚ୍ଚା,କଂଗ୍ରେସ








ପଞ୍ଚାୟତିରାଜ ବିଭାଗର ସମୀକ୍ଷା ବୈଠକ

# ଘର ତାଲିକା ଯିବାକୁ ଥିବା ଆପ୍ ବ୍ଲକ ଅଛି: ମନ୍ତ୍ରୀ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ଫନୀ ପ୍ରଭାବିତ ୧୪ଜିଲାରେ ୧୨ଲକ୍ଷ ୭୫ହଜାର କ୍ଷତିଗ୍ରସ୍ତ ପରିବାରକୁ ବାସଗୃହ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଚିହ୍ନଟ କରିଛନ୍ତି। ଏହାର ସମସ୍ତ ବିବରଣୀ କେନ୍ଦ୍ର ସରକାରଙ୍କ ଆପ୍‌ରେ ଅପଲୋଡ୍ କରାଯାଇଛି। ଏହାସହ ଉକ୍ତ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି । ସେହିଭଳି ଅବଶିଷ୍ଟ ୧୬ ଜିଲାରେ ୧୦ଲକ୍ଷ ପରିବାରକୁ ଚିହ୍ନଟ କରାଯାଇଛି ମାତ୍ର ଏହାର ଫଟୋ କେନ୍ଦ୍ର ସରକାରଙ୍କୁ ପଠାଯାଇ ପାରୁନାହିଁ । ଏଥିପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ କରିଥିବା ଆପ୍‌କୁ ବର୍ତ୍ତମାନ ସୁଦ୍ଧା 'ବ୍ଲକ' କରି ରଖାଯାଇଛି । ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କରିଥିବା ସମୀକ୍ଷାରୁ ଏହା ଜଣାପଡିଛି। ସେହିଭଳି ବିଜୁ ପକ୍କାଘର ଯୋଜନାରେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୭୫ ହଜାର ଘରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ଯୋଜନାରେ ୮ ଲକ୍ଷ ଘର ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବିଜୁ ପକ୍କାଘର ଯୋଜନାରେ ଅଦ୍ୟାବଧି ଅସମ୍ପୂର୍ଣ୍ଣ ଥିବା ୨୧ହଜାର ଘରକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ପ୍ରତି ସପ୍ତାହରେ କାର୍ଯ୍ୟର ଅଗ୍ରଗତି ସଂକ୍ରାନ୍ତରେ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ଏଣିକି ନିଜ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ପ୍ରସ୍ତୁତ ଆପ୍‌ରେ ସେମାନଙ୍କ ଘରର ଫଟୋ ସହିତ ଅନ୍ୟାନ୍ୟ ସୂଚନା ଅପ୍‌ଲୋଡ୍ କରିପାରିବେ । ତଦନୁଯାୟୀ ହିତାଧିକାରୀମାନଙ୍କ ନିକଟକୁ ସିଧାସଳଖ ଘର ତିଆରି ବାବଦ ଅର୍ଥ ଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ ଆହୁରି ଆଲୋଚନା ହୋଇଛି ଯେ, ଉକ୍ତ ଆପ୍ ଜରିଆରେ ସେମାନଙ୍କୁ ବିଲ୍ ପ୍ରଦାନର ସମସ୍ତ ସୂଚନା ରହିବ । ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ଖୁବଶୀଘ୍ର ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଆମ ଗାଁ ଆମ ବିକାଶ, ଗ୍ରାମୀଣ ସଡ଼କ ଓ ସେତୁ ନିର୍ମାଣ, ରୋଜଗାର, ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍, ବିଜୁ ପକ୍କାଘର ଯୋଜନାର ସ୍ଥିତି ସମ୍ପର୍କିତ ସମୀକ୍ଷା କରିଛନ୍ତି। ଆମ ଗାଁ ଆମ ବିକାଶ ଯୋଜନାରେ କେତେ କାମ ସରିଛି ଆଉ କେତେ ବାକି ଅଛି ତା'ର ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅମରଙ୍କ ଚିଠି

# ଡିଏମ୍‌ଏଫ୍‌ଟି ଜିଏସ୍‌ଟି ଛାଡ଼ କରାଯାଉ

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)**

ଆଦିବାସୀବହୁଳ ଖଣିଜ ସମ୍ପଦ ଜିଲାଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେଶନ ଟ୍ରଷ୍ଟ(ଡିଏମ୍‌ଏଫ୍‌ଟି) ଗଠନ କରିଛନ୍ତି। ଏହି ଟ୍ରଷ୍ଟ ଉପରୁ ଆୟକର, ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ଛାଡ କରିବାକୁ ବିଜେଡି ରାଜ୍ୟ ସଭା ଏମ୍‌ପି ଅମର ପଟ୍ଟନାୟକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଚିଠି ଲେଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଡିଏମ୍‌ଏଫ୍‌ଟି ଏକ ବିନା ଲାଭଦାୟକ ସଂସ୍ଥା। ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଅନ୍ତର୍ଗତ ଡିଏମ୍‌ଏଫ୍‌ଟି ୨୦୧୫ ଜୁଲାଇ ୧୬ ତାରିଖରେ ଗଠନ କରାଯାଇଥିଲା। ରାଜ୍ୟ ସରକାର ଉକ୍ତ ଯୋଜନା ଅନୁଯାୟୀ ୨୦୧୫ ଅଗଷ୍ଟ ୧୮ ତାରିଖରେ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ ରୁଲ-୨୦୧୫ ପ୍ରସ୍ତୁତ କରିଥିଲେ। ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ସମ୍ବଲପୁର, ଅନୁଗୋଳ, ରାୟଗଡା ଏବଂ କଳାହାଣ୍ଡି ଜିଲାଗୁଡିକରେ ଏହି ଟ୍ରଷ୍ଟ କାର୍ଯ୍ୟ କରୁଛି। ଏହି ଟ୍ରଷ୍ଟ ଅଧୀନରେ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍‌ଏଫ୍) କାର୍ଯ୍ୟକାରୀ ହେଉଛି। ଜିଲାପାଳମାନେ ଏହାର ଦାୟିତ୍ୱରେ ଅଛନ୍ତି। ଆଦିବାସୀ ବହୁଳ ଖଣିଜ ଅଞ୍ଚଳର ବିକାଶ କାର୍ଯ୍ୟ ପାଇଁ ଡିଏମ୍‌ଏଫ୍‌ରୁ ଅର୍ଥ ଖର୍ଚ୍ଚ କରାଯାଉଛି। ଡିଏମଏଫଟି/ଡିଏମଏଫଗୁଡିକରୁ ଜିଏସଟି ଏବଂ ଆୟକର ମୁକ୍ତ କରିବାକୁ ଅର୍ଥ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ଲାଗି ପଟ୍ଟନାୟକ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

'ମୋ ସରକାର' କାର୍ଯ୍ୟକ୍ରମ

## ସବ୍‌ଇନ୍ସପେକ୍ଟରଙ୍କୁ ଦିଆଗଲା ଭିଆର୍‌ଏସ୍

**ଖୋର୍ଦ୍ଧା ଅଫିସ,୧୭।୧୦:** 'ମୋ ସରକାର' କାର୍ଯ୍ୟକ୍ରମରେ ଦୁର୍ନୀତିଗ୍ରସ୍ତ ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ଭିଆରଏ୍ସ ଦିଆଯାଇଛି। ଖୋର୍ଦ୍ଧା ପୋଲିସର ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁଙ୍କ ଅଧକ୍ଷତାରେ ଗୁରୁବାର ପୋଲିସ ରିଭ୍ୟୁ ବୋର୍ଡର ବୈଠକ ଅନୁଷ୍ଠିତ ହୋଇଥିଲା। ବୋର୍ଡର ରିଭ୍ୟୁ ଅନୁସାରେ, ଖୋର୍ଦ୍ଧା ପୋଲିସ ଜିଲା ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ବନମାଳୀ ନାୟକଙ୍କୁ ଦୁର୍ନୀତିଗ୍ରସ୍ତ ଅଫିସର ଭାବେ ଚିହ୍ନଟ କରାଯାଇ ଥିଲା। ତାଙ୍କୁ ବାଧତାମୂଳକ ଅବସର(ଭିଆର୍‌ଏସ୍) ଦିଆଯାଇଛି। ୫୦ ବର୍ଷରୁ ଅଧିକ ହୋଇଥିଲେ ଦୁର୍ନୀତିରେ ଲିପ୍ତ ଥିବାର ପ୍ରମାଣ ରହିଥିଲେ ପୋଲିସ ରିଭ୍ୟୁ ବୈଠକରେ ସମୀକ୍ଷା କରାଯାଇ କାର୍ଯ୍ୟାନୁଷ୍ଠାନ ନେବାର ନିୟମ ରହିଛି। ସେହି ଆଧାରରେ ଭିଆରଏସ୍ ଦିଆଯାଇଛି। ଗୁରୁବାର ସୁଦ୍ଧା ତାଙ୍କର ବୟସ ୫୪ ବର୍ଷ ୭ ମାସ ୩ ଦିନ। ସେ ୩୨ ବର୍ଷରୁ ଉର୍ଦ୍ଧ୍ୱ ଚାକିରି କରିଥିଲେ ବୋଲି ଜିଲା କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଇଥିଲେ। ଅନ୍ୟପକ୍ଷେ ଏସ୍‌ପିଙ୍କ ସୂଚନା ଅନୁସାରେ, ତାଙ୍କ ନାମରେ ୯ଟି ମାମଲା ରହିଛି। ସେଥିମଧ୍ୟରୁ ୨୦୧୩ ଜୁଲାଇ ୧୨ରେ ପୁରୀର ଏକ ଥାନାରେ କାର୍ଯ୍ୟରତ ଥିବାବେଳେ ୭ ହଜାର ଟଙ୍କା ଲାଞ୍ଚ ନେଇ ଭୁବନେଶ୍ୱର ଭିଜିଲାନ୍ସ ଦ୍ୱାରା ବନମାଳୀ ଗିରଫ ହୋଇଥିଲେ। ସେହିଭଳି ଖୋର୍ଦ୍ଧାର ଜଙ୍କିଆ ଥାନାରେ କାର୍ଯ୍ୟରତ ଥିବାବେଳେ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ୨୦୧୪ ନଭେମ୍ବର ୧୯ରେ ଭିଜିଲାନ୍ସ ଦ୍ୱାରା ଅନୁରୂପ ଭାବେ ଗିରଫ ହୋଇଥିଲେ। ଦୁଇ ମକଦ୍ଦମାର ଚାର୍ଜଶିଟ୍ ଦାଖଲ ହୋଇ ସାରି କେସ୍ କୋର୍ଟରେ ବିଚାରାଧୀନ ରହିଛି। ଏଥିରେ ଦୁଇ ସଭ୍ୟ ଅତିରିକ୍ତ ଏସ୍‌ପି କୃତ୍ତିବାସ ଜେନା ଓ ଡିଏସ୍‌ପି ଓମ୍‌ପ୍ରକାଶ ପାତ୍ର ସଦସ୍ୟ ଅଟନ୍ତି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଅନିକେତ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପହଞ୍ଚିଲେ ୧୮ଜଣିଆ କେନ୍ଦ୍ରୀୟ ଡାକ୍ତରୀ ଟିମ୍

- ୨ ଭାଗ ହୋଇ କନ୍ଧମାଳ, ମୟୂରଭଞ୍ଜ ଜିଲାକୁ ଯିବେ
- ୨୩ରେ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ୧୮ ଜଣିଆ କେନ୍ଦ୍ରୀୟ ଅନୁଧ୍ୟାନକାରୀ
ଟିମ୍ ଗୁରୁବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଡାକ୍ତର ହିମାଂଶୁ ଭୂଷଣଙ୍କ ନେତୃତ୍ୱରେ ଆସିଥିବା ଏହି ଦଳ ପହଞ୍ଚିବା ପରେ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଦଳ ୨ଭାଗରେ ବିଭକ୍ତ ହୋଇ ମୟୂରଭଞ୍ଜ ଓ କନ୍ଧମାଳ ଜିଲା ଗସ୍ତ କରିବେ। ଗୋଟିଏ ଦଳ କନ୍ଧମାଳ ଜିଲା ଏବଂ ଡାକ୍ତର ଅରୁଣ କୁମାରଙ୍କ ନେତୃତ୍ୱରେ ଅନ୍ୟ ଏକ ଦଳ ମୟୂରଭଞ୍ଜ ଗସ୍ତ କରିବେ। ଏହି ଗସ୍ତ ସମୟରେ ସେମାନେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ କାର୍ଯ୍ୟକ୍ରମ, ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ମାନବ ସମ୍ବଳ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଦୃଢ଼ୀକରଣ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିବେ। ଏହାସହ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ସଫଳ କାର୍ଯ୍ୟକ୍ରମଗୁଡ଼ିକୁ କିପରି ଅନ୍ୟ ରାଜ୍ୟରେ ମଧ୍ୟ କାର୍ଯ୍ୟକାରୀ କରାଯାଇପାରିବ ତା' ଉପରେ ଦୃଷ୍ଟି ଦେବେ ବୋଲି ଜଣାପଡ଼ିଛି। ଯେଉଁ କ୍ଷେତ୍ରରେ ଅଧିକ କିଛି କରାଯିବାର ଆବଶ୍ୟକତା ଥିବ ସେନେଇ ମଧ୍ୟ ସେମାନେ ପରାମର୍ଶ ଦେବେ। ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ମୋ ସରକାର, ୫-ଟି, ମାନବ ସମ୍ବଳ ବ୍ୟବସ୍ଥା ଏବଂ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଧା ସେମାନଙ୍କୁ ଅବଗତ କରାଇଛନ୍ତି।

ରାଜ୍ୟରେ ନୂତନ ସ୍ୱାସ୍ଥ୍ୟନୀତି ଭିଜନ-୨୦୨୫ ସମ୍ପର୍କରେ ରାଜ୍ୟ ସରକାର ସେମାନଙ୍କୁ ସୂଚନା ଦେଇଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ନିରାମୟ ଯୋଜନାରେ ମାଗଣାରେ ରକ୍ତ ଯୋଗାଣ, ନିଦାନ, ଗର୍ଭବତୀମାନଙ୍କୁ ମାଗଣା ପରିବହନ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋକପାତ କରିଛନ୍ତି। ସରକାରୀ ଡାକ୍ତରଖାନାକୁ ଆସୁଥିବା ରୋଗୀମାନଙ୍କଠାରୁ ସିଧାସଳଖ ଟେଲିଫୋନ ମାଧ୍ୟମରେ ସେମାନଙ୍କର ମତାମତ ମଧ୍ୟ ସଂଗ୍ରହ କରାଯାଇ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ବିଷୟରେ କେନ୍ଦ୍ରୀୟ ଟିମ୍‌କୁ ଅବଗତ କରାଇଛନ୍ତି। ଦୁଇ ଦଳରେ ବିଭକ୍ତ ହୋଇଥିବା ଏହି କେନ୍ଦ୍ରୀୟ ଟିମ୍ ୧୮,୧୯ ଓ ୨୦ରେ ଗସ୍ତ ସାରିବା ପରେ ୨୧ ତାରିଖ ଦିନ ସମ୍ପୃକ୍ତ ଜିଲାର ଜିଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ। ଏହାପରେ ୨୨ରେ ଭୁବନେଶ୍ୱର ଫେରି ୨୩ତାରିଖ ଦିନ ସ୍ୱାସ୍ଥ୍ୟ ବିଭାଗ ବରିଷ୍ଠ ପଦାଧିକାରୀମାନଙ୍କ ସହିତ ସେମାନଙ୍କ ଗସ୍ତ ବିବରଣୀ ଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଆକାଂକ୍ଷା ସାମଲ



ବିନୀତ କୁମାର

### ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ

plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

**ପ୍ରଥମ ପୃଷ୍ଠାରୁ...**

### ରୀତାଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ

ଟି ଗଣ୍ଡପାଲି, ଚାରପାଲି, କଲଙ୍ଗାପାଲି, ଗୁଡ଼ିମୁଣ୍ଡା, ବିଜେପୁର ଗାନ୍ଧୀଛକ, ବସଷ୍ଟାଣ୍ଡ୍ ଏବଂ ଜାରିଂରେ ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇଥିଲେ । ପରେ ସେ ବରପାଲି ବ୍ଲକର ବନ୍ଧପାଲି ଛକ, ଧଉଁରାଖନ୍ଦା, ବଡ଼ଗାଁ ଛକରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ପ୍ରଚାର କରି ଅପରାହ୍ଣ ପ୍ରାୟ ୨ଟାରେ ବରପାଲିସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚିଥିଲେ । ସେଠାରେ ବିଶ୍ରାମ ନେଇ ଅପରାହ୍ଣ ପ୍ରାୟ ସାଢ଼େ ୩ଟାରୁ ମୁଖ୍ୟମନ୍ତ୍ରୀ ପୁଣି ପ୍ରଚାର ଅଭିଯାନରେ ବାହାରି ବରପାଲି ଗାନ୍ଧିଛକ, ରେମତା, କୁମ୍ଭାରୀ, ପାଟକୁଲୁଣ୍ଡା, କାଇଁଶିର, ବାରଙ୍ଗାପାଲି, ସିର୍କିଡ଼ି, ସତଲମା, ହଳଦୀପାଲି, ଭଟିଗାଁ, ବାରଗୁଡ଼ା, ମହଦା, ତିନକାନୀ ଛକ, ଆଗଲପୁର, ତିଲେଇମାଲ ଛକ, ଦେବଙ୍ଗରେ ପ୍ରଚାର କରିଥିଲେ। ବରଗଡ଼ ପିଡବ୍ଲ୍ୟୁଡ଼ି ଡାକବଙ୍ଗଳାରେ ମୁଖ୍ୟମନ୍ତ୍ରୀ ରାତ୍ରି ରହଣୀ କରିଥିଲେ । ଶୁକ୍ରବାର ଗାଇସିଲେଟ ବ୍ଲକକୁ ଯାଇ ରୋଡ୍ ଶୋରେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ସାରି ଅପରାହ୍ଣରେ ନବୀନ ନିବାସ ଫେରିଯିବାର କାର୍ଯ୍ୟକ୍ରମ ରହିଛି ।

### ଆମ୍ବଡ଼ାଳ ପଡ଼ି...

ବୁଝାସୁଝା କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ରାଶି ଦିଆଯିବାର ପ୍ରତିଶ୍ରୁତି ଦେବା ପରେ ରାତି ୯ଟା ୪୫ରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏନେଇ ଶିକ୍ଷକ ଯୋଗେଶ ନାୟକଙ୍କୁ ପଚାରିବାରେ ସେ କହିଥିଲେ, ଆମେ ଖାଇବା ଛୁଟିରେ ଟିଫିନ କରୁଥିଲୁ। ଖବର ପାଇ ଗଲା ବେଳକୁ ଆମ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ଶିକ୍ଷକ ଆହତ ଛାତ୍ରଙ୍କୁ ମେଡିକାଲକୁ ନେଇଯାଇଥିଲେ। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ନାଥ ତ୍ରିପାଠୀ ଓ ଟାଙ୍ଗୀ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ବୃନ୍ଦାବନ ଶତପଥୀଙ୍କୁ ପଚାରିବାରେ ସେ କହିଥିଲେ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ନାଥ ତ୍ରିପାଠୀଙ୍କୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଲମ୍ବିତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କୃତିକା ନକ୍ଷତ୍ରସ୍ଥ ଜନ୍ମ ଚନ୍ଦ୍ର ମାନସିକ ଅସ୍ଥିରତା ସଙ୍ଗକୁ ବିକ୍ଷିପ୍ତ ଚିନ୍ତାଧାରା ସୃଷ୍ଟି କରିବ । ପରିଣାମ ସ୍ୱରୂପ ସ୍ୱାସ୍ଥ୍ୟ, ପରିବାର, ଯାନ ବାହନ, ଜମିଜମା ଓ କଳହ ପ୍ରତି ସତର୍କ ରହିବା ଭଲ। ଶିକ୍ଷା, ସନ୍ତାନ, ପ୍ରେମ ସମ୍ପର୍କ , ଆଲୋଚନା କ୍ଷେତ୍ର, ସଙ୍ଗଠନ ଓ ରାଜନୀତି ସକାଶେ ପ୍ରାୟତଃ ଅସୁବିଧା ହେବନାହିଁ। ବ୍ୟବସାୟରେ ଉନ୍ନତି ହେବ।

**ବୃଷ**
ଶୁକ୍ରଙ୍କ ସହ ଶନିଙ୍କ ସମ୍ପର୍କ ବିଳମ୍ବିତ ସମୟରେ କାମ ହାସଲ କରାଇବ। କିନ୍ତୁ ବାଧକାଧିପତି ଫଳରେ କୌଣସି ନୂତନ କର୍ମାରମ୍ଭ କରିବା ସକାଶେ ମନ ବଳାଇବେ ଯାହାକି ସମସ୍ୟା ବହୁଳ ହୋଇପାରେ। ବନ୍ଧୁ ଆପଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ**
ଧନାଧିପତିଙ୍କ ଶୁଭତ୍ୱ ପ୍ରଭାବରୁ ଆର୍ଥିକ ସମସ୍ୟାର ସମାଧାନ କରିବା ସହ ଯାହା ଚାହୁଁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିଛି ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ପରିବାର ଭିତରେ ଝଡ଼ ଉଠିପାରେ। ବନ୍ଧୁଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଦୂରେଇ ଯାଇପାରେ। କର୍ମକ୍ଷେତ୍ରରେ ମଧ୍ୟାହ୍ନରେ ସହକର୍ମୀ କିମ୍ବା ବନ୍ଧୁମାନଙ୍କ ଠାରୁ ଖୁସୀ ଖବର ପାଇବେ।

**କର୍କଟ**
ଦୃଢ଼ ମନୋବଳ ଓ କାର୍ଯ୍ୟଦକ୍ଷତା କର୍ମକ୍ଷେତ୍ରରେ ଲୋକପ୍ରିୟତା ସୃଷ୍ଟି କରିବ। ରବିଙ୍କ ଦୁର୍ବଳତା କାରଣରୁ ଅଭାବ ନ ଥିଲେ ମଧ୍ୟ କୌଣସି କାମ ସକାଶେ ଆକସ୍ମିକ ଅର୍ଥ ଅଭାବରୁ କାମଟି ସମ୍ପୂର୍ଣ୍ଣ ହେବ ନାହିଁ। ପାରିପାର୍ଶ୍ୱିକ କ୍ଷେତ୍ରରୁ ସାହାଯ୍ୟ ଓ ସହଯୋଗ ନ ଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ ଓ ବ୍ୟବସାୟରେ ଲାଭ ମିଳିବ।

**ସିଂହ**
ସମସ୍ୟାର ସମାଧାନ କରିବାର ଧୈର୍ଯ୍ୟ ଓ ସାହସ ଅକ୍ଷୁଣ୍ଣ ରହିବ। ତଥାପି ସାମୟିକ ପାରିବାରିକ ଅସ୍ଥିରତା ଓ କର୍ମକ୍ଷେତ୍ରର ଶିଥିଳତା ମଧ୍ୟ ଏହି ଦିଗରେ ପ୍ରତିବନ୍ଧକ ସାଜିବ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ମନ ଦୁଃଖ ହୋଇପାରେ । ଆକସ୍ମିକ ଭାବରେ ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା**
ପ୍ରଥମେ ପ୍ରଥମେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇ ହଡ଼ବଡ଼େଇ ଯାଇ ପାରନ୍ତି କିନ୍ତୁ ସଫଳତା ନିଶ୍ଚିତ । ପୁରାତନ ଗାଡ଼ି, ବ୍ୟବହୃତ ଜିନିଷର ଯାନ୍ତ୍ରିକ ସମସ୍ୟା, ପୁରୁଣା ଘର ମରାମତି କରିବା ପାଇଁ ମନସ୍ଥ କରି ପାରନ୍ତି। ଅଫିସ୍ ସମୟରେ କୌଣସି ସମ୍ପର୍କୀୟଙ୍କ ଦ୍ୱାରା ଆଶା କରୁଥିବା ସୂଚନା ପାଇ ଖୁସି ହେବେ।

**ତୁଳା**
ପ୍ରତିଦାନ ପାଇବାର କୌଣସି ଆଶା ନ ରଖି କର୍ତ୍ତବ୍ୟ ଦୃଷ୍ଟିକୋଣରୁ କାମ କରିଚାଲିବେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ବିଭିନ୍ନ ପ୍ରକାରର କର୍ମ ଜଞ୍ଜାଳର ଚାପରେ ଅତିଷ୍ଠ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢି ବଢି ଯିବ । ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ତଥା ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା**
ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଯାହା କରୁଛନ୍ତି ସେଥିପ୍ରତି ସତର୍କତା ଅଭାବରେ ପରିସ୍ଥିତି ଅଣାୟତ ହୋଇପାରେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ କ୍ଷତିରେ ପଡ଼ିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ଅନୁରାଧା ନକ୍ଷତ୍ରର ନିଜ ଭାବନା ଅନୁଯାୟୀ ଫଳ ପାଇବାରେ କୌଣସି ଅସୁବିଧା ହେବ ନାହିଁ।

**ଧନୁ**
ମଙ୍ଗଳଙ୍କ କୁପ୍ରଭାବଜନିତ ସାମୟିକ ଔଦ୍ଧତ୍ୟ କାରଣରୁ ଅନ୍ୟମାନଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ। ହଜି ଯାଇଥିବା ଜିନିଷ, ଅଳଙ୍କାର, ଟଙ୍କା ପଇସା କିମ୍ବା ପଶୁଜନ୍ତୁର ଖୋଜ ଖବର ପାଇପାରନ୍ତି। ଆର୍ଥିକ ସ୍ଥିତି ଭଲ ନ ରହିବା କାରଣରୁ ସାମୟିକ ଭାବେ ଦୁଃଖିତ ରହିପାରନ୍ତି। ମହିଳାମାନଙ୍କ ତରବରିଆ ନିଷ୍ପତ୍ତି ବିପଦକୁ ଡାକି ଆଣିପାରେ।

**ମକର**
ଅସୁବିଧା ନ ହେଲେ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପଡୋଶୀଙ୍କ କୌଣସି ସ୍ୱର୍ଶକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଅଯଥା ଟେନ୍ସନ ସୃଷ୍ଟି କରିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ । କର୍ମକ୍ଷେତ୍ର, ରାଜନୀତି, ମାଲି ମକଦ୍ଦମା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ**
କେତେକ କ୍ଷେତ୍ରରେ ନିଜ ଲୋକମାନଙ୍କ ଦ୍ୱାରା ଅପଯଶ ପାଇ ପାରନ୍ତି। ସତର୍କରେ ନ ଚଳିଲେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ପରିବାରରେ ସାଧାରଣ କଥାରେ କଳହର ସମ୍ମୁଖୀନ ହୋଇପାରନ୍ତି। ଅର୍ଥ ସମ୍ପର୍କ, ଆଲୋଚନା, କଳା, ସାହିତ୍ୟ, ବ୍ୟବସାୟ ଓ ପରିବହନ ପାଇଁ ମନ୍ଦ ନୁହେଁ।

**ମୀନ**
ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ପ୍ରାୟତଃ ଭଲ ରହିବ। ଅର୍ଥନୈତିକ ଅବରୋଧ ହଟିଯିବ ଏବଂ ଆପଣଙ୍କ ଅଭିଳାଷ ଅନୁଯାୟୀ ପ୍ରାପ୍ୟ ଅବଶ୍ୟ ପାଇବେ। ଗଲା କଥାକୁ ମନରୁ ପୋଛିଦେଇ ଆଗାମୀ ଦିନର କାମ ଲାଗି ଚିନ୍ତା କରିବା ଆପଣଙ୍କର ଆଜି ଦିନ ସକାଶେ ଭଲ ହେବ। ପରିବହନ,ଶେୟାର ବଜାର କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ଜଳ ବିଷୁବ (ତୁଳା ସଂକ୍ରାନ୍ତି/ ଗର୍ଭଣା ସଂକ୍ରାନ୍ତି), କାର୍ତ୍ତିକ କୃଷ୍ଣ ୫ମୀ ଶୁକ୍ରବାର, ଅକ୍ଟୋବର ୧୮ ତାରିଖ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୩୧ମି. ମଧ୍ୟେ ଘ୭।୧୭ମି. ଗତେ, ଘ୯।୩୬ମି. ମଧ୍ୟେ ଘ.୧୧।୫୪ମି. ଗତେ, ଘ୨।୫୯ମି. ମଧ୍ୟେ ଘ୩।୪୫ମି. ଗତେ, ଘ୫।୧୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮।୪୮ମି. ମଧ୍ୟେ, ଘ୧୨।୦୦ମି. ଗତେ ଘ୧।୨୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୦୫ମି. ଗତେ ଘ୧୧।୩୨ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

**automobile**

**SALE**

2018 Bolero Plus Rs 650000/, New condition, Refinance available. 8249627855. D-14772

**real estate**

**SALE**

ସୁନ୍ଦରପଦା ହାଇଟେକ୍ ଛକପାଖରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ sqft 850/- 9337381796. D-56656

**Gated plotting project near Sum Hospital and Janla Infovally square. 7008818121.** D-66796

ଜଗନ୍ନାଥ ମନ୍ଦିରରୁ 5k.m., ପୁରୀ-ବ୍ରହ୍ମଗିରି road side plot- 5lakh, 91-8480232260. D-63793

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak- 9937329999 (Broker Excuse).** D-68017

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788

Core completed 2BHK flat for sale at Jagannath Nagar, Jharapada, Bhubaneswar. Contact: 9124721060. D-67504

**ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ 9861709689.** D-66797

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

4BHK duplex with Gated Community at Balianta (land1400 & construction- 2200@ 55,00,000/- 2600@ 65,00,000/-) Mplanets: 9938219397, 9861022055. D-14782

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68133

**to-let**

1200sqft. full furnished commercial office space for rent, 1st floor, Bomikhal, CTC Road, Bhubaneswar. Contact: 09880193309, 7411536937. D-68136

1BHK house for family at Paikanagar, Bhubaneswar. Contact: 9831472010. D-67715

Roadfacing Shoproom vacant in 2nd floor in shopping complex located opposite to Indradhanu market, Bhubaneswar, contact for rent 9438744451, 8328932447, 6370933260. D-56657

**ACCOMMODATION**

**Required 1500sqft. hall type area for office purpose. Location- Jagamara, Khandagiri Square, Dumduma, Pokhariput and Cuttack Road. 9348916882, 9668737327.** D-14798

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

**packers & movers**

India's No.1 Packers- Leo Packers & Movers since 1975, Nationwide Network- 9438133699. D-14664

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Refresh your mind and soul with best therapy at Orchid Salon/ Spa. 9937287222. D-66977

Herbal full body massage by smart / expert therapist. Contact: 8338067247. D-68130

Summer special mesmerizing offer expert therapeutic refreshing massage appointment. 9668374480. D-68131

**astrology**

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

**LOST**

It is notified for the information that I, Milan Dash, my original CBSE 10th Certificate bearing Roll No. 6106847 & Diploma Certificate bearing Registration No. F1101904035 has been lost. If anybody found, contact: Address: Plot No. 1151/1610, Jayadurga Nagar, Bhubaneswar. Tel: 7809138638. D-14800

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit I solemnly affirm and state that my name and my father's name have been wrongly recorded in the property in Mouza- Adalia, Khata No.686/52 measuring A 0.20Dec. as Sayed Rasid Saha, S/o- Sayed Naju Saha instead of actual name Sayed Rasid Alli, S/o- Sayed Naju Alli. That Sayed Rasid Alli, S/o- Sayed Naju Alli and Sayed Rasid Saha, S/o- Sayed Naju Saha is one and same person. D-14813

ମୁଁ ମଙ୍ଗୁଳି ଭୋଇ, ପି: ଅଲିଆ ଭୋଇ, ସା: କଞ୍ଚିଶାସନ, ପୋ: ଅଳସଣା, ଥାନା: ଚନ୍ଦନପୁର, ଜିଲ୍ଲା: ପୁରୀ ୧୭।୧୦।୧୯ରେ ପୁରୀ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ଘୋଷଣା କରୁଅଛି ଯେ, ମୋ ପୁତ୍ରର ଡ୍ରାଇଭିଂ ଲାଇସେନ୍ସରେ କୃଷ୍ଣଚନ୍ଦ୍ର ବେହେରା ରହିଛି। ଏବେଠୁ ସବୁ କାଗଜପତ୍ରରେ ମୋର ଓ ମୋ ପୁତ୍ରର ନାମ ମଙ୍ଗୁଳି ଭୋଇ ଓ କୃଷ୍ଣଚନ୍ଦ୍ର ଭୋଇ କରାଯାଉ। ୪-୧୪୮୧୪

By virtue of an affidavit before Notary Public Bhadrak, i, Sri Prafulla Kumar Sahu resident of Village Laxmidaspur, P/o-Matipaka, P/s- Naikanidihi, Dist.- Bhadrak, declared that my son Priyabrata Sahu, S/o- Prafulla Kumar Sahu (F) and Kalpana Rani Sahu(M) date of birth 04.05.2012 my son's name has been mentioned Priyabrata instead of Priyabrata Sahu in my official documents Priyabrata and Priyabrata Sahu, S/o-Prafulla Kumar Sahu and Kalpana Rani Sahu (M) of Vill-Laxmidaspur, P/o-Matipaka, P/s- Naikanidihi, Dist.- Bhadrak, Odisha is same and one person. D-14815




ବିଭିନ୍ନ ପୂଜା ମଣ୍ଡପର ଝଲକ
ଦେଖନ୍ତୁ ଭିଡିଓ
YouTube /dharitrilive

## ଆଜି କ'ଣ କେଉଁଠି

**ମୁରିବାହାଲ**
■ହଳଦୀ ପଞ୍ଚାୟତ ତରଫରୁ ସ୍ୱଚ୍ଛତା ଉପରେ ସଚେତନତା ଓ ଡଷ୍ଟବିନ ବଣ୍ଟନ, ହଳଦୀ ବଜାର ପ୍ରାଙ୍ଗଣ, ପୂର୍ବାହ୍ନ ୧୧.୩୦।

**ସମ୍ବଲପୁର**
■ଜିଲାସ୍ତରୀୟ ସୁପରଲିଗ୍ ଫୁଟବଲ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା ।

**ଦେବଗଡ଼**
■ମା' ଲକ୍ଷ୍ମୀପୂଜା ବିସର୍ଜନ, ବଣିଆସାହି ରୁ ଦେବଗଡ଼ ସହର, ସନ୍ଧ୍ୟା ୭ଟା।
■ଫୁଟବଲ ମ୍ୟାଚ୍, କଣ୍ଡଳ ଗ୍ରାମ ପଡ଼ିଆ, ଅପରାହ୍ନ ୩ଟା, ମନୋରଞ୍ଜନ କାର୍ଯ୍ୟକ୍ରମ ମେଲୋଡ଼ି, ରାତି ୯ଟା।
■୬୫ତମ ରାଜ୍ୟସ୍ତରୀୟ ସ୍କୁଲ କବାଡ଼ି ଚାମ୍ପିୟନଶିପ ୨୦୧୯ର ଦ୍ୱିତୀୟ ଦିବସ ସମାରୋହ, ଇନ୍ଦିରାଗାନ୍ଧି ଷ୍ଟାଡ଼ିୟମ, ପୂର୍ବାହ୍ନ ୧୦ଟା ୩୦।
■ଗୀତା ଯଜ୍ଞ, ପ୍ରଧାନପାଟସ୍ଥିତ ଗିରିଗୋବର୍ଦ୍ଧନ ମନ୍ଦିର, ଦେବଗଡ଼, ପୂର୍ବାହ୍ନ ୯ଟା।

# ଜିଲା ଗସ୍ତ କରିବେ ୧୫ ବରିଷ୍ଠ କୃଷି ଅଧିକାରୀ

ଭୁବନେଶ୍ୱର,୧୭।୧୦(ବ୍ୟୁରୋ)

ରାଜ୍ୟ ସରକାର ନେଉଥିବା ନିଷ୍ପତ୍ତି ଓ ଯୋଜନାଗୁଡ଼ିକ ତୃଣମୂଳ ସ୍ତରରେ ଚାଷୀମାନଙ୍କ ନିକଟରେ ପହଞ୍ଚୁଛି କି ନାହିଁ। ଏହାର ଫାଇଦା ସେମାନଙ୍କୁ କେତେ ମିଳୁଛି। ଯୋଜନାଗୁଡ଼ିକ ଠିକ କାର୍ଯ୍ୟକାରୀ ହେଉଛି କି ନାହିଁ। ଏ ସବୁର ତଦାରଖ କରିବେ ବରିଷ୍ଠ କୃଷି ଅଧିକାରୀ। ୧୫ ଜଣ ବରିଷ୍ଠ ଅଧିକାରୀ ରାଜ୍ୟର ୩୦ଟି ଜିଲା ବୁଲିବେ। ପ୍ରତ୍ୟେକ ଅଧିକାରୀ ୨ଟି ଲେଖାଏ ଜିଲା ଗସ୍ତ କରିବେ। ଗସ୍ତ ସମୟରେ ଅଧିକାରୀମାନେ ସିଧାସଳଖ ଚାଷୀମାନଙ୍କୁ ଭେଟିବେ । ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିବେ। କ୍ଷେତ୍ର ପ୍ରଦର୍ଶନ ସମୟରେ ଫସଲର ସ୍ଥିତି ଅନୁଧ୍ୟାନ କରିବେ। ଏଥିପାଇଁ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦେବେ। କୃଷି ବିଭାଗ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରବର୍ତ୍ତିତ ୫ଟି ଆଧାରରେ କାର୍ଯ୍ୟ କରିବ। ଏହି ବରିଷ୍ଠ ଅଧିକାରୀମାନେ ବ୍ଲକ ଓ ଜିଲାସ୍ତରରେ ଏହାର କାର୍ଯ୍ୟକାରିତାକୁ ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଧିକାରୀମାନେ ନଭେମ୍ବର ୨ ତାରିଖରେ ଜିଲା ଗସ୍ତ କରି ନଭେମ୍ବର ୧୦ ତାରିଖ ସୁଦ୍ଧା ବିଭାଗୀୟ ସଚିବଙ୍କୁ ରିପୋର୍ଟ ପ୍ରଦାନ କରିବେ।

ଏହି ଅଧିକାରୀମାନେ ଚାଷ ପାଇଁ ବ୍ୟବହୃତ ସାର ଓ କୀଟନାଶକର ଗୁଣବତ୍ତା ଓ ମାନ ନିର୍ଦ୍ଧାରଣ କରିବେ । ଚାଷୀମାନେ ଠିକ୍ ସମୟରେ ସାର ଓ କୀଟନାଶକ ପାଉଛନ୍ତି କି ନାହିଁ ତାହାର ତର୍ଜମା କରିବେ। ଫସଲର ରୋଗ ପୋକ ସ୍ଥିତି ଅନୁଧ୍ୟାନ କରିବେ। ମୃତ୍ତିକା କାର୍ଡ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ଅଗ୍ରଗତି, ପ୍ରଧାନମନ୍ତ୍ରୀ କୃଷକ ସିଚାଇ ଯୋଜନା, ମୃତ୍ତିକା ସଂରକ୍ଷଣ ଏବଂ ଏମଜିଏନଆରଇଜିଏସରେ ଚାରାରୋପଣ କାର୍ଯ୍ୟକ୍ରମର ତଦାରଖ କରିବେ। ଏଥିସହିତ କୃଷିସେବା କେନ୍ଦ୍ରଗୁଡିକର ସ୍ଥିତି ଓ ଏହାର ପରିଚାଳନା,'ଆତ୍ମା'ର କାର୍ଯ୍ୟକାରିତା, ବ୍ଲକ ସ୍ତରରେ ଫାର୍ମ ଇନଫରମେଶନ ଆଡଭାଇଜରି କେନ୍ଦ୍ରର ନିୟମିତ ବୈଠକ, ଆଡପ୍ଟ(ଏଡିଏପିଟି) କାର୍ଯ୍ୟକ୍ରମରେ ତଥ୍ୟଗୁଡିକ ଅପଲୋଡ କରିବା, ଭିଏଡବ୍ଲ୍ୟୁମାନଙ୍କର ଗ୍ରାମ ପଞ୍ଚାୟତରେ ଉପସ୍ଥାପନ, ଜନଜାତି ଅଧ୍ୟୁଷିତ ଜିଲାଗୁଡ଼ିକରେ ଓଡ଼ିଶା ମିଲେଟ ମିଶନର କାର୍ଯ୍ୟର ଅଗ୍ରଗତି, ପରମ୍ପରାଗତ କୃଷି ବିକାଶ ଯୋଜନାରେ ଜୈବିକ ଉପାୟରେ କୃଷି କାର୍ଯ୍ୟ ଆଦି ସମ୍ପର୍କରେ ଅଧିକାରୀମାନେ ତଦାରଖ କରିବେ। ଏଥିସହିତ ଅଧିକାରୀମାନେ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି ଉତ୍ପାଦନ ସଂଗଠନର କର୍ମକର୍ତ୍ତାଙ୍କୁ ଭେଟିବା ସହିତ ଜିଲାସ୍ତରରେ ବୈଠକ କରି ଜିଲାର କୃଷି ପରିସ୍ଥିତି ସମ୍ପର୍କରେ ଆକଳନ କରିବେ।

### ନଭେମ୍ବର ୧୦ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

କୃଷି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଅତିରିକ୍ତ ଶାସନ ସଚିବ ଦୁଃଖୀଶ୍ୟାମ ପାଇକ କୋରାପୁଟ ଓ ରାୟଗଡା ଜିଲା ଗସ୍ତ କରିବା ବେଳେ ମେରି ଲାକ୍ରା ଅନୁଗୋଳ ଓ ଢେଙ୍କାନାଳ, ଚିତ୍ତରଞ୍ଜନ ପାତ୍ର କନ୍ଧମାଳ ଓ ବଲାଙ୍ଗୀର, ବନାନୀ ମହାନ୍ତି ସୁବର୍ଣ୍ଣପୁର ଓ ବୌଦ୍ଧ, ମନ୍ମଥ କୁମାର ପାଣି କେନ୍ଦୁଝର ଓ ଦେବଗଡ଼, ଚିନ୍ମୟ କବି ଭଦ୍ରକ ଓ ଯାଜପୁର ଜିଲା ଗସ୍ତ କରିବେ। ସେହିପରି ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ ମୟୂରଭଞ୍ଜ ଓ ବାଲେଶ୍ୱର, ଓଡ଼ିଶା ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ସୁନ୍ଦରଗଡ ଓ ଝାରସୁଗୁଡା, ଅତିରିକ୍ତ ନିର୍ଦ୍ଦେଶକ ଶିବ ନାରାୟଣ ନନ୍ଦ ଖୋର୍ଦ୍ଧା ଓ ପୁରୀ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ଦେ କଟକ ଓ ନୟାଗଡ ଜିଲା ଗସ୍ତ କରିବେ। ଉପଶାସନ ସଚିବ ପ୍ରାଚୀ ମହାପାତ୍ର କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର, ଯୁଗ୍ମ ଶାସନ ସଚିବ ପଦ୍ମଲୋଚନ ନାୟକ ମାଲକାନଗିରି ଓ ନବରଙ୍ଗପୁର, ଯୁଗ୍ମ ଶାସନ ସଚିବ ଅଶ୍ୱିନୀ କୁମାର ସୁରଜିତ କଳାହାଣ୍ଡି ଓ ନୂଆପଡ଼ା, ଉପଶାସନ ସଚିବ ବିପିନ ବିହାରୀ ପାଣିଗ୍ରାହୀ ଗଞ୍ଜାମ ଓ ଗଜପତି ଏବଂ ଉପଶାସନ ସଚିବ ଗୋବର୍ଦ୍ଧନ ଦେବତା ସମ୍ବଲପୁର ଓ ବରଗଡ଼ ଜିଲା ଗସ୍ତ କରିବେ।

## ଭାଜପାରେ ମିଶିଲେ କୃଷ୍ଣପ୍ରସାଦ ବ୍ଲକ ଚେୟାରମ୍ୟାନ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଚେୟାରମ୍ୟାନ ସୌଦାମିନୀ ମାନସିଂହ ଗୁରୁବାର ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମାନସିଂହ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମାନସିଂହ ତାଙ୍କ ଶତାଧିକ କର୍ମୀଙ୍କ ସହ ଦଳରେ ସାମିଲ ହୋଇଛନ୍ତି।




**KOSHAL ANM & GNM TRAINING SCHOOL**
Permitted by: Health & Family Welfare Deptt. Govt. of Odisha
Affiliated by: Indian Nursing Council, New Delhi & Odisha Nursing Council, Bhubaneswar
**ADMISSION OPEN**
**A.N.M.** Duration 2 Years
Eligibility: +2 in any Stream or its equivalent
Age: 17 to 30 Years
**G.N.M.** Duration 3 Years
Eligibility: +2 Arts, Science & Commerce
Age: Both Male & Female Students of 17 to 30 years
Clinical Training at: District Head Quarters Hospital, SBP, VIMSAR, Burla
At./Po: Naxapali, Dhanupali, Sambalpur- 768005 (Odisha).
Phone: (0663) 2546997, Mob:8763429502, 9938569414


**ଇରକନ୍ ଇଣ୍ଟରନ୍ୟାଶନାଲ ଲିଃ** IRCON
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ସିଆଇଏନ୍: ଏଲ୪୫୨୦୩ଡିଏଲ୧୯୭୬ଜିଓଆଇ୦୦୮୧୭୧, ୱେବ୍: www.ircon.org

**ଇ-ସଂଗ୍ରହଣ ବିଜ୍ଞପ୍ତି**

ଇ-ଟେଣ୍ଡର ନଂ.: ଇରକନ/ଇଏଲଇସିଟି/୫୦୧୯/ଏନଇଏଲଏସ୍.ବିଏନ୍ ଡିଏମ୍/ଡିଆର୍ଏସ୍/ଡିଆଣ୍ଡପି/ଓଟି/୩୬ ତାରିଖ: ୧୪।୧୦।୨୦୧୯
ଦକ୍ଷିଣ ପୂର୍ବ ରେଳପଥ ତରଫରୁ "ନୂଆ ଇଲେକ୍ଟ୍ରିକ୍ ଲୋକୋ ଶେଡ୍, ରାଉରକେଲା, ଏସ୍ଇଆର୍ ସ୍ଥାପନ ସଂକ୍ରାନ୍ତରେ ନୂଆ ଇଲେକ୍ଟ୍ରିକ୍ ଶେଡ୍, ରାଉରକେଲାଠାରେ ଟୁଲ୍ସ ଓ ପ୍ଲାଣ୍ଟର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ" କାର୍ଯ୍ୟ ନିମନ୍ତେ ଯୋଗ୍ୟତା ଆବଶ୍ୟକତା ପୂରଣ କରୁଥିବା ବିଡରମାନଙ୍କଠାରୁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି।

| | |
|---|---|
| କାର୍ଯ୍ୟର ଅଟକଳ ମୂଲ୍ୟ | ₹୧,୪୦,୧୮,୬୫୭/- |
| ଇ-ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | ତା୦୫।୧୧।୨୦୧୯ରିଖ ୧୫.୦୦ ଘଟିକା |

ଅଧିକ ବିବରଣୀ ପାଇଁ ୱେବ୍‌ସାଇଟ୍ https://etenders.gov.in/eprocure/app ପରିଦର୍ଶନ କରନ୍ତୁ। ଶୁଦ୍ଧିପତ୍ର, ଯଦି ଥାଏ, କେବଳ ୱେବ୍‌ସାଇଟ୍‌ରେ ସ୍ଥାନିତ ହେବ।
ସାଧାରଣ ପରିଚାଳକ (ଇଲେକ୍ଟ୍)
ପତ୍ର ଯୋଗାଯୋଗ କାର୍ଯ୍ୟାଳୟ: ୪୧୩, ପାଳିକା ଭବନ, ଆର୍ କେ ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬

## "ବିଶେଷ ସୂଚନା"



ଏହି ଫଟୋ ସମ୍ବଳିତ ବ୍ୟକ୍ତି, **ଶ୍ରୀଯୁକ୍ତ ଛବିନ୍ଦ୍ର ମାଝି,** ବୟସ **୩୭ ବର୍ଷ,** ପିତା: ଶିବପ୍ରସାଦ ମାଝି, ସା : ଅଚ୍ୟୁତ୍ ଦାସପୁର, ପୋ : ଏରସମା, ଜିଲ୍ଲା : ଜଗତ୍‌ସିଂହପୁର, ଓଡ଼ିଶା – ଆମ୍ଭର **(ନାଳନ୍ଦା)** କର୍ମଚାରୀ ଥିଲେ, ଏବେ ଆଉ ସେ ପଦରେ ଆମ ପାଇଁ କୌଣସି କାର୍ଯ୍ୟ କରୁନାହାନ୍ତି ଏବଂ ତାଙ୍କ ସଙ୍ଗେ ଆମ ଅନୁଷ୍ଠାନର କୌଣସି ସମ୍ପର୍କ ନାହିଁ, କି ଆମେ କୌଣସି ସମ୍ପର୍କ ରଖିବାକୁ ଚାହୁଁ ନାହୁଁ।

ଯଦି କୌଣସି ପୁସ୍ତକ ବିକ୍ରେତା, ପୁସ୍ତକ ପରିବେଷକ କିମ୍ବା ପ୍ରକାଶକ ବା ନାଲନ୍ଦା ସହିତ ଜଡ଼ିତ ଥିବା ଅନ୍ୟ କୌଣସି ଅନୁଷ୍ଠାନ ତାଙ୍କ ସଙ୍ଗେ ନିଜ ଆଡୁ ବା ତାଙ୍କ କହିବା ମୁତାବକ ବ୍ୟବସାୟିକ ସମ୍ପର୍କ ଆମ୍ଭ ସଂସ୍ଥା ନିମନ୍ତେ ରଖନ୍ତି ବା କରିବାକୁ ସେ ବ୍ୟକ୍ତି ବାଧ କରନ୍ତି, ତାଙ୍କର ଏହି ଫଟୋ ଏବଂ ଏହି ସୂଚନା ଛପା ହେବା ଦିନ ଠାରୁ ଆମ୍ଭେ (ନାଲନ୍ଦା) ତାଙ୍କ କାର୍ଯ୍ୟ କଳାପ ପ୍ରତି କୌଣସି ପ୍ରକାରେ ଦାୟୀ ରହିବୁ ବା ହେବୁ ନାହିଁ।

ଇତି
**ନାଳନ୍ଦା କାର୍ଯ୍ୟାଳୟ**
**ବିନୋଦବିହାରୀ, କଟକ-୨, ଓଡ଼ିଶା**

**Government of India**
**OFFICE OF THE DISTRICT YOUTH COORDINATOR, NEHRU YUVA KENDRA, BARGARH**

**Date: 17.10.2019**

District Level Declamation contest will be organized by Nehru Yuva Kendra, (Government of India) Bargarh on "PATRIOTISM AND NATION BUILDING" AT Women's College , Bargarh on 20.10.2019 at 10 A.M. Interested contestants may get form from NYK office, Khajurtikra, Bargarh. (Tele No.06646-231344). 1st winner will go for state level competition and so on.

**Cash Prizes:**

| Level of contest | 1st | 2nd | 3rd |
|---|---|---|---|
| District | 5000/- | 2000/- | 1000/- |
| State | 25000/- | 10000/- | 5000/- |
| National | 200000/- | 100000/- | 50000/- |

Language for contest: Hindi / English.
**Age Limit :** 18-29 Years on 01.11.19. You can carry your original and self-attested photo copy of DOB, 10th Board certificate, Aadhar Card, Domicile certificate, residing in other District / State for more than 5 years. **Form submission last date : 19.10.19 at 5. P.M.**
***Sd./- District Youth Coordinator / Mail- nykbargarh@gmail.com***

# ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ

### କୃମି ଔଷଧ ଖାଇ ୩୬ ଶିଶୁ ଅସୁସ୍ଥ ଘଟଣା

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):** କେନ୍ଦ୍ରାପଡା ଜିଲା ଗରଦପୁରରେ କୃମି ଔଷଧ ଖାଇ ୩୬ ଜଣ ଶିଶୁ ଅସୁସ୍ଥ ହୋଇପଡ଼ିଥିଲେ। ୨୦୧୪ରେ ଘଟିଥିବା ଏହି ଘଟଣାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାର ବିଚାର କରି ଜାତୀୟ ମାନବିକ ଅଧିକାର କମିଶନ (ଏନ୍ଏଚ୍ଆର୍‌ସି) ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୬ ସପ୍ତାହ ମଧ୍ୟରେ ଜବାବ ଦେବାକୁ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦାୟିତ୍ୱହୀନତାରୁ ଶିଶୁମାନେ ଅସୁସ୍ଥ ହୋଇଥିବା ପ୍ରମାଣ ମିଳିବା ପରେ ରାଜ୍ୟ ସରକାରଙ୍କ ଉପରେ କମିଶନ କ୍ଷତିପୂରଣ ବୋଝ ଲଦିଛନ୍ତି। ପ୍ରତି ଶିଶୁଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ କାହିଁକି ଦିଆ ନ ଯିବ ବୋଲି କମିଶନ ଜବାବ ମାଗିଛନ୍ତି। ଏଥିସହ ଦୋଷୀ ଡାକ୍ତର ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ ନଭେମ୍ବର ୫ରେ ଗରଦପୁର ବ୍ଲକର ଟିକନପୁର ସ୍କୁଲରେ ଆଶାକର୍ମୀ ଓ ଏଏନ୍ଏମ୍‌ମାନେ ପିଲାଙ୍କୁ ଅବଧି ଶେଷ ହୋଇଥିବା କୃମି ନାଶକ ସିରପ୍ ଖାଇବାକୁ ଦେଇଥିଲେ। ଏହାପରେ ୧ବର୍ଷରୁ ୧୦ ବର୍ଷ ବୟସର ୩୬ଜଣ ଶିଶୁ ଅସୁସ୍ଥ ହୋଇ ପଡିଥିଲେ। ଏନେଇ ମାନବାଧିକାର କର୍ମୀ ଅଖଣ୍ଡ ଏନ୍ଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ କରିବା ସହ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ। କମିଶନ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ନୋଟିସ ଜାରି କରିବା ସହ ନିଆଯାଇଥିବା ପଦକ୍ଷେପ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ରିପୋର୍ଟରୁ ସ୍ପଷ୍ଟ ହୋଇଥିଲା ଯେ, ପିଲାମାନଙ୍କୁ ଦିଆଯାଇଥିବା ଆଲ୍‌ବେଣ୍ଡାଜୋଲ୍ ସିରପ୍ ବୈଧ ତାରିଖ ଶେଷ ହୋଇଯାଇଥିଲା। କିନ୍ତୁ ବିଭାଗୀୟ ଅଫିସରଙ୍କୁ ଘଣ୍ଟ ଘୋଡାଇବା ଲାଗି ପରବର୍ତ୍ତୀ ସମୟରେ ଦିଆଯାଇଥିବା ରିପୋର୍ଟରେ ବିଭିନ୍ନ ଯୁକ୍ତି ଦର୍ଶାଯାଇ ଉଲ୍ଲେଖ କରାଯାଇଥିଲା ଯେ, ଏଏନ୍ଏମ୍ ଓ ଆଶାକର୍ମୀଙ୍କ ଦାୟିତ୍ୱହୀନତା ଯୋଗୁ ଏହା ଘଟିଥାଇପାରେ। ଏହାସହ ଗ୍ରାମବାସୀ ସେଥିରେ ଏକ୍ସପାଏରି ଔଷଧ ମିଶାଇ ଥାଇପାରନ୍ତି। କିନ୍ତୁ ଏହାକୁ କମିଶନ ଅଗ୍ରାହ୍ୟ କରି କହିଥିଲେ, ପିଲାମାନଙ୍କୁ କେଉଁ ଔଷଧ ଦିଆଯିବ ସେ ନିଷ୍ପତ୍ତି ଡାକ୍ତର ଓ ମେଡିକାଲ ଅଫିସରଙ୍କର। ତେଣୁ ଔଷଧ ବୈଧ ତାରିଖ ରହିଛି କି ନାହିଁ ତାହା ମଧ୍ୟ ଯାଞ୍ଚ କରିବା ସେମାନଙ୍କ ଦାୟିତ୍ୱ। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଏଭଳି ଭୁଲ୍ ପାଇଁ ଶିଶୁମାନଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହୋଇଥିବାରୁ କ୍ଷତିପୂରଣ କାହିଁକି ଦିଆ ନ ଯିବ ତାହାର କାରଣ ଦର୍ଶାଇବାକୁ କମିଶନ ନୋଟିସ କରିଛନ୍ତି।











## ଜିଲା ଚିଠି ଦେବଗଡ଼

# ପୌରାଞ୍ଚଳବାସୀଙ୍କ ଦୁଃଖ

୧୯୦୪ ମସିହାରେ ଦେବଗଡ଼ ପୌରସଂସ୍ଥା ତା'ର କାର୍ଯ୍ୟ ଆରମ୍ଭ କରିଥିଲା। ସେଥିପାଇଁ ଏହି ପୌରସଂସ୍ଥାକୁ ଓଡ଼ିଶାର ସର୍ବପୁରାତନ ମ୍ୟୁନିସିପାଲିଟି କୁହାଯାଏ। ବାମଣ୍ଡାର ତତ୍କାଳୀନ ରାଜା ସଚ୍ଚିଦାନନ୍ଦ ଦେବଙ୍କ ସମୟରୁ ଏହି ପୌରସଂସ୍ଥା ସହରରେ ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି ଆଲୋକୀକରଣ,ରାସ୍ତାଘାଟ ନିର୍ମାଣ,ବନ୍ଧ କଟା ନିର୍ମାଣ, ସ୍ୱାସ୍ଥ୍ୟସେବା,ପରିମଳ ବ୍ୟବସ୍ଥା ଭଳି ଅନେକ ସେବା ଯୋଗାଇ ପାରିଥିଲା। ୧୯୧୨ ମସିହାରେ ଏହି ପୌରସଂସ୍ଥା ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆକ୍ଟ ଅନୁଯାୟୀ ବ୍ରିଟିଶ ସରକାରଙ୍କ ଦ୍ୱାରା ବିଧିବଦ୍ଧ ଭାବେ ପୌରପାଳିକାର ମାନ୍ୟତା ଲାଭ କରିଥିଲା। ସେହି ସମୟରୁ ଭାରତ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଦେବଗଡ଼ ପୌରସଂସ୍ଥା ବାମଣ୍ଡାର ରାଜାମାନଙ୍କ ପୃଷ୍ଠପୋଷକତାରେ ସୁଚାରୁ ରୂପେ ସହରବାସୀଙ୍କୁ ସେବା ଯୋଗାଇ ଆସୁଥିଲା। ଭାରତ ସ୍ୱାଧୀନ ହେବାପରେ ସେହି ପୌରସଂସ୍ଥା ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଦ୍ୱାରା ୧୯୫୨ ମସିହାରୁ ପରିଚାଳିତ ହୋଇଆସୁଛି। ସରକାରଙ୍କ ଦ୍ୱାରା ନିଯୁକ୍ତ ନିର୍ବାହୀ ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ଚାଲିଛି। ଅନ୍ୟପକ୍ଷେ ୧୯୯୪ ମସିହାରୁ ଦେବଗଡ ଜିଲାର ମାନ୍ୟତା ପାଇଛି। ଇତିମଧ୍ୟରେ୨୫ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରଶାସନିକ ତଥା ରାଜନୈତିକ ଅଣଦେଖାରୁ ଜିଲାର ସେପରି କୌଣସି ଆଖିଦୃଶିଆ ବିକାଶ ହୋଇପାରିନାହିଁ ବୋଲି ଅଭିଯୋଗ ହୋଇଛି। ଏଠାରେ କେବଳ ସହରର ଟ୍ରାଫିକ ସମସ୍ୟାକୁ ଉଦାହରଣ ଭାବେ ନିଆଯାଇପାରେ। ଦେବଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଗୁରୁତର ହେବାକୁ ବସିଛି। ଦେବଗଡ଼ ପୌରପରିଷଦର ୧୧ଟି ୱାର୍ଡରେ ପ୍ରାୟ ୨୫ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଲୋକସଂଖ୍ୟାକୁ ତାଳ ଦେଇ ଯାନବାହନ ସଂଖ୍ୟା ବି ବଢ଼ିଛି। ଗୋଟିଏ ଗୋଟିଏ ପରିବାରରେ ଏକାଧିକ ଗାଡ଼ି ମୋଟର ଅଛି। ବ୍ୟସ୍ତବହୁଳ ଜୀବନ ଭିତରେ ସହରର ଟ୍ରାଫିକ ସମସ୍ୟା ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଦେବଗଡ଼ର ସଭାଗୋଲି ଛକରୁ ପ୍ରଧାନପାଟ,ମ୍ୟୁନିସିପାଲିଟିକୁ ସଂଯୋଗ କରୁଥିବା ରାସ୍ତାକଡରେ ପ୍ରତିଦିନ ବଡବଡ ଯାତ୍ରୀବାହୀ ବସ,ଟ୍ରକ ପାର୍କିଂ କରୁଛନ୍ତି। ଟ୍ୟାକ୍ସି ଷ୍ଟାଣ୍ଡ କଥା ନ କହିବା ଭଲ। ବିଭିନ୍ନ ସ୍ଥାନରେ ଗାଡି,ମୋଟରସାଇକେଲ ଆଦି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ସହରର ଷ୍ଟେଟ୍‌ବ୍ୟାଙ୍କ ଛକ, ଗୋପବନ୍ଧୁ ଛକ, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ଛକ, ପୁରୁଣା ପୋଷ୍ଟଅଫିସ ଛକ, ଡେଲି ମାର୍କେଟ, କଲେଜ ରୋଡରେ ପ୍ରତିଦିନ ଜନଗହଳି ରହୁଛି। ଏଥିଯୋଗୁ ସହଜ ଓ ସୁବିଧାରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା କଷ୍ଟକର ହୋଇପଡୁଛି। ରାସ୍ତାରେ ଯାତାୟାତ ହେଉଥିବା ଗାଡି ମୋଟର ଦୀର୍ଘ ସମୟ ଧରି ଛିଡା ହେଉଥିବା ଦେଖିବାକୁ ମିଳୁଛି। ଟିକେ ତରବର ହେଲେ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏପରିକି ଦେବଗଡ଼ ସହରର କୌଣସି ସ୍ଥାନରେ ପାର୍କିଂ ବ୍ୟବସ୍ଥା ନାହିଁ। ଲୋକେ ନିଜ ସୁବିଧାରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ପାର୍କିଂ କରୁଛନ୍ତି। ହେଲେ ଉପରୋକ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପୌରସଂସ୍ଥା ବି ଏ ଦିଗରେ ଚିନ୍ତା ନ କରିବା ସହରବାସୀଙ୍କୁ ଦୁଃଖ ଦେଇଛି।

**– ଶଶାଙ୍କ ଶେଖର ଝାଙ୍କର**

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**CORRIGENDUM** Date : 17.10.2019

In partial modification to the Advertisement issued vide **No.32 dtd.16.10.2019** for recruitment of Executive in OMC Ltd. the Basic eligibility criteria may be read as under :

| Sl. No. | Name of the Post | No of post to be filled-up | Basic eligibility | Monthly Salary | Maximum Age as on 30.09.2019 |
|---|---|---|---|---|---|
| 1 | Manager (Mining), E-3 grade | 01 (UR) | • BE/ B. Tech in Mining Engineering with 1st Class MMCC (Un-restricted) under the MMR, 1961.<br>• Must have at least 04 years of post-Degree experience in highly mechanized underground mines in planning, designing & operations as well as project execution.<br>• Preference will be given to the candidates having exposure to mine planning software. | Starting Basic Pay of Rs.78,500/- in Level-13 under ORSP Rules, 2017 along with other allowances as per Rules of the Corporation. | Not above 38 Years |

Other details of the above referred advertisement remains unaltered.

Sd/-
**Director (Personnel)**

**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**No.33/OMC** **Date : 16.10.2019**

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.
The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for | | | |
|---|---|---|---|---|---|---|---|---|
| | | | | | SC | ST | SEBC | UR |
| 1 | General Manager (Min.), E-7 grade | 1,27,100/- to 2,16,300/- | 1 | 1,38,800/- | - | - | - | 01 |
| 2 | Dy. General Manager (Min.), E-5 grade | 78,800/- to 2,09,200/- | 5 | 1,05,900/- | 01 | 01 | - | 03 |
| 3 | Sr. Manager (Min.), E-4 grade | 67,700/- to 2,08,700/- | 5 | 91,100/- | 01 | 01 | 02 | 01 |
| 4 | Manager (Min.), E-3 grade | 67,700/- to 2,08,700/- | 4 | 78,500/- | 01 | 01 | 01 | 01 |
| | **Total** | | **15** | | **03** | **03** | **03** | **06** |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 31.10.2019** positively. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
**Director (Personnel)**

# ଫିକା ସୁନା ବଜାର

ସୁନାର ମାତ୍ରାଧିକ ମୂଲ୍ୟବୃଦ୍ଧି ଆସନ୍ତା ଦୀପାବଳି ଅବସରରେ ଲୋକଙ୍କ ସୁନାକିଣା ମାନସିକତା ଉପରେ ଖୁବ୍ ପ୍ରତିକୂଳ ପ୍ରଭାବ ପକାଇବ। ଗହଣା ଦୋକାନୀମାନେ ବିକ୍ରିବଟାର ସମ୍ଭାବ୍ୟ ମାନ୍ଦା ପରିସ୍ଥିତି ପାଇଁ ଚିନ୍ତାରେ ଅଛନ୍ତି। ବର୍ତ୍ତମାନ ବଜାରରେ ସୁନାର ମୂଲ୍ୟ ୧୦ ଗ୍ରାମ୍ ପିଛା ୩୮,୦୦୦ ଟଙ୍କା ସହ ତିନି ପ୍ରତିଶତ ଜିଏସ୍‌ଟି ରହିଛି। ଗତବର୍ଷ ଦୀପାବଳି ତୁଳନାରେ ବର୍ତ୍ତମାନ ମାନକ ସୁନାର ମୂଲ୍ୟ ୨୦ ପ୍ରତିଶତ ଅଧିକ ରହିଛି। ଗତ ଜୁଲାଇ ଓ ଅଗଷ୍ଟ ମାସରେ ସୁନାର ଦାମ୍ ଗ୍ରାମ୍ ପିଛା ଟିକସ ପୂର୍ବରୁ ୪୦୦୦ ଟଙ୍କା ଟପିଥିଲା। ସେହି ତୁଳନାରେ ବର୍ତ୍ତମାନ ମୂଲ୍ୟ ସାମାନ୍ୟ ହ୍ରାସ ପାଇଥିଲେ ମଧ ଏତେ ମୂଲ୍ୟ ଦେଇ ଲୋକେ ସୁନା କିଣିବାର ସମ୍ଭାବନା ବହୁତ କମ୍। ଦଶହରା ଉତ୍ସବରେ ସୁନା କିଣିବା ଲାଗି ଲୋକଙ୍କ ନିରୁତ୍ସାହ ଭାବକୁ ଦେଖି ଏହା ସ୍ପଷ୍ଟ ହୋଇଯାଇଛି। ପ୍ରାୟ ଏକ ଦଶନ୍ଧି ଧରି ଆର୍ଥିକ ମାନ୍ଦାବସ୍ଥା ଜାରି ରହିଥିବା ବେଳେ କେନ୍ଦ୍ର ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ସେହି ସମସ୍ୟାକୁ ବଢ଼ାଇବା ସହ ଲୋକଙ୍କ ଭିତରେ କିଣିବାର ଭୋକ ମାରି ଦେଇଛି। ୧୦ ବର୍ଷରୁ କମ୍ ସମୟ ଭିତରେ ଉକ୍ତ ମୂଲ୍ୟବାନ୍ ହଳଦିଆ ଧାତୁର ମୂଲ୍ୟ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଆଶା କରାଯାଉଥିଲା ମଧ୍ୟବିତ୍ତ ଓ ବେତନଭୋଗୀ କର୍ମଚାରୀଙ୍କ ଚାହିଦା ବୃଦ୍ଧି ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଦୀପାବଳି ପୂର୍ବରୁ ବ୍ୟକ୍ତିଗତ ଆୟକର ହ୍ରାସ କରିବ। ମାତ୍ର ସରକାର ଅନ୍ତତଃ ଦୀପାବଳି ପୂର୍ବରୁ ଟିକସଦାତାଙ୍କୁ ଅନୁଗୃହୀତ କରିବାର କୌଣସି ସମ୍ଭାବନା ଦେଖିବାକୁ ମିଳୁନାହିଁ। କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନରମାନଙ୍କ ପାଇଁ କେନ୍ଦ୍ର ସରକାର ପାଞ୍ଚ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧିକୁ ସ୍ୱାଗତ କରାଯାଇଛି। କିନ୍ତୁ ଏକ ମାନ୍ଦାବସ୍ଥାଜନିତ ପରିସ୍ଥିତିରେ ଚାହିଦା ବୃଦ୍ଧି ପାଇଁ ଏତିକି ଯଥେଷ୍ଟ ନୁହେଁ। ମାରୁତି ପରି ଗାଡ଼ି ନିର୍ମାତାମାନେ ଗାଡ଼ିଗୁଡ଼ିକର ଶୋରୁମ୍ ମୂଲ୍ୟ ଉପରେ ବ୍ୟାପକ ରିହାତି ଘୋଷଣା କରିଥିଲେ ମଧ ବିକ୍ରି ଆଶାନୁରୂପ ବୃଦ୍ଧି ନ ପାଇବା ଘଟଣାରୁ ସ୍ପଷ୍ଟ ଯେ ଲୋକମାନେ ଏବେ କିଛି ନୂଆ ଜିନିଷ କିଣାକିଣି କରିବାକୁ ଚାହୁଁ ନାହାନ୍ତି। ବିକ୍ରିବଟାରେ ମାନ୍ଦାବସ୍ଥାରୁ ଜଣାପଡୁଛି ଯେ ସାଧାରଣ ଲୋକମାନେ ପଣ୍ୟଦ୍ରବ୍ୟ କିଣାକିଣି ପ୍ରତି ଉଦାସୀନ ରହୁଛନ୍ତି। ବିଭିନ୍ନ ବୈଦ୍ୟୁତିକ ଗୃହୋପକରଣ ନିର୍ମାତା, ପାଇକାରୀ ବିକ୍ରେତା ଓ ଖୁଚୁରା ବିକ୍ରେତାମାନେ ସମାନ ଧାରା ପ୍ରଦର୍ଶନ କରୁଛନ୍ତି।

## ଆଜିର ଅର୍ଥନୀତି

ପୁଞ୍ଜିନିବେଶ ଦୃଷ୍ଟିରୁ ସୁନା ଏକ ନିରାପଦ ବିକଳ୍ପ ହୋଇଥିବା ବେଳେ ଏହାର ବ୍ୟାପକ ଧାର୍ମିକ ଓ ସାଂସ୍କୃତିକ ମୂଲ୍ୟ ମଧ ରହିଛି। ଏହି କାରଣରୁ ସାରା ବିଶ୍ୱରେ ଭାରତ ହେଉଛି ସୁନାର ଦ୍ୱିତୀୟ ବୃହତ୍ତମ ଉପଭୋକ୍ତା। ଲୋକମାନେ ସେମାନଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ନିର୍ବିଶେଷରେ ବିବାହାଦି ଉତ୍ସବ ପାଇଁ ସୁନା କିଣିଥାନ୍ତି। ବିନା ସୁନା ଦିଆନିଆରେ ଭାରତରେ କୌଣସି ବିବାହ ଉତ୍ସବ ଅନୁଷ୍ଠିତ ହୁଏ ନାହିଁ। ଧନତେରସ, ଦୀପାବଳି ଓ ଦଶହରା ପରି ଉତ୍ସବରେ ସୁନା କିଣିବାକୁ ଲୋକେ ଶୁଭ ବୋଲି ବିଚାର କରିଥାନ୍ତି। ତେବେ ବର୍ତ୍ତମାନ ସୁନାର ମୂଲ୍ୟ ହ୍ରାସ ପାଇବାର କୌଣସି ସମ୍ଭାବନା ନ ଥିବାରୁ ଆସନ୍ତା ଦୀପାବଳିରେ ସୁନାବିକ୍ରି ଆଶାତୀତ ଭାବେ ହ୍ରାସ ପାଇବା ଅବଶ୍ୟମ୍ଭାବୀ। ଏଥର ସୁନାବିକ୍ରି ଅନ୍ତତଃ ୫୦ ପ୍ରତିଶତ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ସେପ୍ଟେମ୍ବର ମାସରେ ସୁନା ଆମଦାନି ତିନିବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଗତମାସରେ ପ୍ରାୟ ୨୬ ଟନ୍ ସୁନା ଆମ ଦେଶକୁ ଆମଦାନି କରାଯାଇଥିଲା, ଯାହା ଗତବର୍ଷ ସେପ୍ଟେମ୍ବର ମାସ ତୁଳନାରେ ପ୍ରାୟ ୮୦ ପ୍ରତିଶତ କମ୍। ଚଳିତ ଅକ୍ଟୋବର ମାସରେ ବି ସୁନା ଆମଦାନିରେ ବିଶେଷ କିଛି ଉନ୍ନତି ଘଟି ନାହିଁ। ଚାହିଦା ହ୍ରାସର ଆଉ ଗୋଟିଏ କାରଣ ହେଉଛି ଏ ବର୍ଷ ଖୁଚୁରା ବିକ୍ରେତାମାନେ ସେମାନଙ୍କ ରିହାତି ମଧ ହ୍ରାସ କରିଛନ୍ତି। ରିହାତି ହ୍ରାସର ସମ୍ଭାବ୍ୟ କାରଣ ହେଉଛି ସୀମିତ ଯୋଗାଣ ଏବଂ ମେଶିନତିଆରି ଗହଣା ଓ ସୁନାମୋହର ରପ୍ତାନି ପାଇଁ ଆଡ୍‌ଭାନ୍ସ ଅଥରାଇଜେଶନ ଯୋଜନାରେ ଶୁଳ୍କମୁକ୍ତ ସୁନା ଆମଦାନି ବ୍ୟବସ୍ଥାର ପ୍ରତ୍ୟାହାର। ଏଥି ସହ ଯୋଗାଣ ହ୍ରାସ ପାଇବାରୁ ଗତ ପ୍ରାୟ ସପ୍ତାହେ ଭିତରେ ଆମଦାନୀ ସୁନା ମୂଲ୍ୟରେ ଦିଆଯାଉଥିବା ରିହାତି ହ୍ରାସ ପାଇଛି। ସେ ଯାହା ହେଉ ରିହାତି ହ୍ରାସକୁ ଦେଖି ଅର୍ଥନୀତିରେ ସୁଧାର ଆସିଲା ବୋଲି ଭାବିବା ଉଚିତ ନୁହେଁ। ବରଂ ଏହା ଏକ ସଂରଚନାତ୍ମକ ସମନ୍ୱୟ (ଷ୍ଟ୍ରକ୍ଚରାଲ ଆଡ୍‌ଜଷ୍ଟମେଣ୍ଟ)। ମୋଟ ଉପରେ ସୁନାର ମାତ୍ରାଧିକ ମୂଲ୍ୟବୃଦ୍ଧି ଚଳିତବର୍ଷର ଦୀପାବଳିରେ ସୁନା ବଜାରକୁ ଫିକା ପକାଇଦେବ।

## ୨୫ ବର୍ଷ ତଳର ଧରିତ୍ରୀ

### ୧୮ ଅକ୍ଟୋବର ୧୯୯୪

- ଜୋର୍ଡାନର ରାଜା ହୁସେନ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ ରାବିନଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।
- କାକସବକାରଠାରୁ ୪୦ କି.ମି. ଦୂର ମନ୍ଦାରବାଡି ଦ୍ୱୀପ ନିକଟ ବଙ୍ଗୋପସାଗରରେ ଏକ ଡଙ୍ଗା ବୁଡ଼ି ୧୦୦ ଲୋକଙ୍କ ମୃତ୍ୟୁ।
- ଜନତା ଦଳ ବୋମାଇ ଗୋଷ୍ଠୀକୁ ନିର୍ବାଚନ କମିଶନ ପ୍ରକୃତ ଜନତା ଦଳର ମର୍ଯ୍ୟାଦା ଦେଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | | | | 8 | | | | | | |
| | 4 | | | | | | | B | E | 8 | 6 | 2 | | |
| | | | | | | | 2 | 1 | | 4 | | 7 | 3 | |
| | | 1 | 0 | | | 9 | | 6 | | 2 | 3 | | C | |
| | | | | 4 | | | | A | | C | | 9 | | E |
| | A | | | | 5 | | | 4 | | 9 | | | | B |
| | | | | A | | | | | | | 8 | D | 1 | |
| | | 7 | D | 0 | | 5 | | | 2 | | | E | | 9 |
| | C | | 9 | | | 6 | | | 5 | | | | A | 8 |
| | | | | C | 7 | | | | | | B | 4 | | |
| | | | | 9 | | 7 | E | | A | 3 | | | | |
| D | | | | | | | 4 | 0 | | 7 | | B | | 2 |
| | 3 | | | | | 2 | | | | 0 | | 8 | E | |
| | | | 6 | | | | | | | | 4 | 0 | 5 | |
| | | 0 | 1 | | B | | | | C | | 2 | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 3 | 9 | C | 8 | 6 | E | D | 1 | B | 4 | 0 | 5 | 7 | 2 |
| 4 | E | 1 | 0 | 9 | D | A | 7 | 5 | C | 2 | 3 | 6 | 8 | B |
| 5 | 6 | B | 3 | E | 7 | C | 4 | 2 | D | 8 | 1 | 0 | A | 9 |
| 2 | 0 | C | A | 4 | 5 | B | 6 | 8 | 9 | E | 7 | D | 3 | 1 |
| 8 | 7 | D | 2 | B | 1 | 9 | 3 | 0 | A | 6 | 5 | E | 4 | C |
| C | 5 | 7 | 1 | A | 4 | 6 | 0 | B | E | 3 | 9 | 8 | 2 | D |
| D | 8 | 4 | 6 | 2 | 3 | 7 | A | 9 | 1 | 0 | C | B | E | 5 |
| 9 | 2 | A | B | 0 | 8 | 1 | E | C | 5 | 7 | D | 3 | 6 | 4 |
| 6 | 1 | 3 | E | 7 | 9 | 8 | 5 | D | 2 | B | 4 | C | 0 | A |
| 0 | B | E | 5 | D | C | 4 | 2 | 3 | 6 | A | 8 | 9 | 1 | 7 |
| 3 | D | 0 | 7 | 6 | B | 2 | 9 | E | 4 | 5 | A | 1 | C | 8 |
| B | 9 | 6 | 4 | 5 | 2 | 3 | C | 7 | 8 | 1 | E | A | D | 0 |
| 1 | C | 2 | 9 | 3 | A | 0 | 8 | 6 | 7 | D | B | 4 | 5 | E |
| E | 4 | 8 | D | C | 0 | 5 | 1 | A | 3 | 9 | 2 | 7 | B | 6 |
| 7 | A | 5 | 8 | 1 | E | D | B | 4 | 0 | C | 6 | 2 | 9 | 3 |

ଗତକାଲିର ଉତ୍ତର



# ଜୀବନ ଜିଇବାର କଳା

ପ୍ରକାଶ ତ୍ରିପାଠୀ

ନାମ ଅସଲମ୍ ମଲ୍ଲିକ। ବୟସ ତିରିଶ ପାଖାପାଖି। ଘର କୋଲକାତା (ପଶ୍ଚିମବଙ୍ଗ)। ପେସା କାର୍ପେଣ୍ଟିଂ ଅର୍ଥାତ୍ ଇଣ୍ଟେରିୟର ଡିଜାଇନିଂ। ଅସଲମ୍ ସହ ମୋ ସମ୍ପର୍କ ମାତ୍ର ପନ୍ଦର ଦିନର। ଗତ ମାସରେ ଘରର କିଛି ଇଣ୍ଟେରିୟର କାମ ହେଉଥିଲା ବେଳେ ତା' ସହିତ ମୋର କେଇ ମୁହୂର୍ତ୍ତର ମିଳାମିଶା ଓ ଭାବର ଆଦାନପ୍ରଦାନ। ସେଇ ସ୍ୱଳ୍ପ ସମୟର ସମ୍ପର୍କ ଭିତରେ ମୁଁ ଯେମିତି ଆକର୍ଷିତ ହୋଇଯାଇଥିଲି ଏଇ ଅଳ୍ପବୟସ୍କ ମଣିଷର ବ୍ୟକ୍ତିତ୍ୱ ପ୍ରତି। ଏତେ ଅଳ୍ପ ବୟସର ହେଲେ ବି ଜଣେ ଅନୁଭବୀ ମଣିଷ ଭଳି କଥାବାର୍ତ୍ତା କରିଥିଲା ଅସଲମ୍। ତା'ର କର୍ମନିପୁଣତା, ସମୟାନୁବର୍ତ୍ତିତା, ନିଷ୍ଠାପରତା ଓ ସର୍ବୋପରି ସଚ୍ଚୋଟପଣିଆ ଯେ କୌଣସି ମଣିଷକୁ ପ୍ରଭାବିତ କରିବା ପାଇଁ ଯଥେଷ୍ଟ ଥିଲା। ଗୋଟିଏ ଛୁଟି ଦିନରେ ତା' ସମ୍ପର୍କରେ ଜାଣିବା ପାଇଁ ମୋଠାରେ ସୃଷ୍ଟି ହୋଇଥିଲା ଅହେତୁକ ଆଗ୍ରହ ଓ ଯାହା ଜାଣିଲି ତାହା ହିଁ ଏହି ଆଲେଖ୍ୟର ବିଷୟବସ୍ତୁ।

କାର୍ପେଣ୍ଟିଂ କ୍ଷେତ୍ରରେ ଅସଲମ୍ ଦୀର୍ଘ ବାରବର୍ଷ ହେଲା କାମ କରିଆସୁଛି। ଅତି ଗରିବ ପରିବାରରେ ତା'ର ଜନ୍ମ। ଅଧିକ ପାଠ ନ ପଢ଼ି ରୋଜଗାର କରିବାକୁ ବାଧ ହୋଇଥିଲା ପିଲାଟି ଦିନରୁ। ନିଜର ଏକାଗ୍ରତା ଓ ନିଷ୍ଠାପରତା ଯୋଗୁ ଅଳ୍ପ କିଛି ଦିନରେ ସେ ଅନେକ କିଛି ଶିଖି ପାରିଥିଲା। ଉଚ୍ଚ ପାରିଶ୍ରମିକ ଓ ଉନ୍ନତ କାରିଗରି କୌଶଳ ଆୟତ୍ତ କରିବା ଲକ୍ଷ୍ୟରେ ଜଣେ ସମ୍ପର୍କୀୟଙ୍କ ପରାମର୍ଶରେ ଅସଲମ୍ ନିଜ ଜନ୍ମସ୍ଥାନ କୋଲକାତା ଛାଡ଼ି ସୁଦୂର ଚେନ୍ନାଇକୁ ବାଛିଥିଲା ନିଜ କର୍ମସ୍ଥଳୀ ଭାବେ। ଭାଷା, ଖାଦ୍ୟ ଓ ସାମାଜିକ ଚଳଣିରେ ଅନେକ ଫରକ ଥିବା ସତ୍ତ୍ୱେ ତା' ସହ ଅସଲମ୍ ନିଜକୁ ଖାପ ଖୁଆଇଥିଲା। ସେ ଭଲଭାବେ ଜାଣିଥିଲା ଇଣ୍ଟେରିୟର ଡିଜାଇନିଂ କାମରେ ଦକ୍ଷତା ବୃଦ୍ଧି ହୁଏ ଭିନ୍ନ ଭିନ୍ନ ଡିଜାଇନରଙ୍କ ପାଖରେ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟ କରିବା ଦ୍ୱାରା ଏବଂ ଏଥିରେ ସେ ସଫଳ ବି ହୋଇଥିଲା। ହୋଟେଲ, ବଙ୍ଗଳା, ବ୍ୟବସାୟିକ ଶୋରୁମ୍, ବ୍ୟାଙ୍କ ଆଦି ଭିନ୍ନ ଭିନ୍ନ ସ୍ଥାନରେ ଇଣ୍ଟେରିୟର କାମ କରି ଅନେକ ଅଭିଜ୍ଞତା ସେ ହାସଲ କଲା।

ପରିବାରଠାରୁ ବହୁ ଦୂରରେ ରହି ମଧ ଘରର ଋଣ ଭାର ହ୍ରାସ ତଥା ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇଁ ଅସଲମ୍ ଦିନରାତି ପରିଶ୍ରମ କରୁଥିଲା ଚେନ୍ନାଇରେ। ମାତ୍ର ଗୋଟିଏ ଘଟଣା ତାକୁ ବାଧ କରିଥିଲା ଚେନ୍ନାଇ ପରିତ୍ୟାଗ କରିବାକୁ। ସେ ଯେଉଁ କଣ୍ଟ୍ରାକ୍ଟର ଅଧୀନରେ କାମ କରୁଥିଲା ସେ ନିୟମିତ ତା' ପ୍ରାପ୍ୟ ଦେଉ ନ ଥିଲା। ଏକ ଜରୁରୀ କାମରେ ଅସଲମ୍ ନିଜ ଘରକୁ ଆସିବାକୁ ଚାହିଁଲା ଓ ତା'ର ବକେୟା ପ୍ରାପ୍ୟ ଥିବା ପ୍ରାୟ ଏକ ଲକ୍ଷ ଟଙ୍କା ଦେବାକୁ କଣ୍ଟ୍ରାକ୍ଟରକୁ ଅନୁରୋଧ କଲା। ଆଜି ଦେବି, କାଲି ଦେବି କହି କଣ୍ଟ୍ରାକ୍ଟର ଦିନ ଗଡ଼ାଇଥିଲା। ଅସଲମ୍ ରହୁଥିବା ଭଡ଼ାଘରଠାରୁ କଣ୍ଟ୍ରାକ୍ଟରର ଅଫିସ୍‌ର ଦୂରତା ପ୍ରାୟ ଚାଳିଶ କିଲୋମିଟର। ଥରୁଟିଏ ଗଲେ ଅଟୋଭଡ଼ାରେ ଦେଢ଼ଶହ ଟଙ୍କା ଖର୍ଚ୍ଚହୁଏ। ଅନେକବାର ଦୌଡ଼ିବା ସତ୍ତ୍ୱେ କଣ୍ଟ୍ରାକ୍ଟର ବକେୟା ପ୍ରାପ୍ୟ ଦେଇ ନ ଥିଲା। ଅସଲମ୍‌କୁ ଏ ପ୍ରସଙ୍ଗରେ ସାହାଯ୍ୟ କରିବାକୁ ଚେନ୍ନାଇରେ କେହି ନିଜର ଲୋକ ବି ନ ଥିଲେ। କଣ୍ଟ୍ରାକ୍ଟରର ଶଠତା ସ୍ପଷ୍ଟ ବାରି ହୋଇଯାଉଥିଲେ ବି ସରଳ ସ୍ୱଭାବର ଅସଲମ୍ କଣ୍ଟ୍ରାକ୍ଟର ଉପରେ ନିଜର ପ୍ରାପ୍ୟ ପାଇଁ ଚାପ ପ୍ରୟୋଗ କରି ପାରୁ ନ ଥିଲା। ଶେଷରେ ପରିସ୍ଥିତି ଏପରି ହେଲା ଯେ ସବୁଦିନ ପାଇଁ ଚେନ୍ନାଇ ଛାଡ଼ିବାର ସିଦ୍ଧାନ୍ତ ନେଇଥିଲା ଅସଲମ୍। ଚେନ୍ନାଇ ପରିତ୍ୟାଗ ପରେ ଭୁବନେଶ୍ୱରକୁ ପରବର୍ତ୍ତୀ କର୍ମସ୍ଥଳ ଭାବେ ବାଛିଛି।

ତୁମର ସେହି ବକେୟା ପ୍ରାପ୍ୟ ଲକ୍ଷେ ଟଙ୍କାକୁ ନେଇ କେବେ ମନ ଦୁଃଖ ହୁଏନି? ମୋର ଏପରି ପ୍ରଶ୍ନରେ ସ୍ମିତ ହସଟିଏ ହସି ଜଣେ ଅଭିଜ୍ଞ ମଣିଷ ଭଳି ଉତ୍ତର ଦେଇଥିଲା ଅସଲମ୍– ''ମୁଁ ସେ ଟଙ୍କାର ସୁଧ ଓ ମୂଳ ପାଇ ସାରିଲିଣି।'' ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, କେମିତି? ସେ ଆହୁରି ସହଜ ହୋଇ କହିଲା– ''ଆଜ୍ଞା! ମୁଁ ଚେନ୍ନାଇରେ ଥିଲା ବେଳେ ଦୁଇ ବା ତିନିମାସରେ ଥରେ ଘରକୁ ଆସୁଥିଲି। ସପ୍ତାହଟିଏ ଛୁଟି ନେଇ ଆସିଲେ ଚାରିଦିନ ଟ୍ରେନରେ ବିତିଯାଉଥିଲା। ନା ପରିବାର ପାଇଁ ଯଥେଷ୍ଟ ସମୟ ଦେଇପାରୁଥିଲି ନା ସାହିଭାଇରେ କାହା ସହ ମିଶି ପାରୁଥିଲି। ବହୁତ କଷ୍ଟ ଲାଗୁଥିଲା ମୋତେ। କେବଳ ଅର୍ଥ ଲାଳସାରେ ମୋତେ ଏସବୁରେ ବୁଝାମଣା କରିବାକୁ ପଡୁଥିଲା। ଆଲ୍ଲା ମୋ ଦୁଃଖ ବୁଝିପାରିଲେ। ଏବେ ମୁଁ ଭୁବନେଶ୍ୱରରେ ରହୁଛି। ରାତିରେ ଟ୍ରେନରେ ବସିଲେ ସକାଳେ ଘରେ ପହଞ୍ଚିଯାଉଛି। ଯେତେବେଳେ ଇଚ୍ଛା ସେତେବେଳେ ଯାଇ ଘର ଲୋକଙ୍କୁ ଦେଖିପାରୁଛି। ଘର ଲୋକଙ୍କ ସହ ମିଶିବା, ସେମାନଙ୍କ ପାଇଁ ସମୟ ଦେବାର ମୂଲ୍ୟ ଆଗରେ ସେ କଣ୍ଟ୍ରାକ୍ଟର ପାଖରେ ବୁଡ଼ିଯାଇଥିବା ଲକ୍ଷେ ଟଙ୍କାର ମୂଲ୍ୟ ତୁଚ୍ଛ।

ଜୀବନରେ ପଇସା ବଡ଼ ନୁହେଁ। ହସଖୁସିରେ ପରିବାର ସହ ସମୟ ବିତାଇବା ହିଁ ବଡ଼। ଯାହା ମୁଁ ଚେନ୍ନାଇରେ ପାଉ ନ ଥିଲି, ତାହା ମୁଁ ଆଜି ଭୁବନେଶ୍ୱରରେ ପାଉଛି। ଆଲ୍ଲାଙ୍କ କରୁଣାରୁ ଭୁବନେଶ୍ୱରରେ ବି କାମର ଅଭାବ ନାହିଁ। ଦୁଇ ସିଫ୍ଟରେ କାମ କରୁଛି। ଅଧିକ ରୋଜଗାର ବି ହେଉଛି। ପଶ୍ଚିମବଙ୍ଗ ଓ ଓଡ଼ିଶାର ଚାଲିଚଳଣ, ଖାଦ୍ୟପେୟ ଏପରି କି ଭାଷା ବି ପ୍ରାୟ ସମାନ। ନିଜ ଜନ୍ମସ୍ଥାନ ଭଳି ଲାଗୁଛି ଭୁବନେଶ୍ୱର। ଆପଣଙ୍କ ଭାଷାରେ ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଯଦି ଚେନ୍ନାଇ କଣ୍ଟ୍ରାକ୍ଟର ମୋତେ ଠକି ନ ଥାନ୍ତା, ମୁଁ ହୁଏ ତ ଭୁବନେଶ୍ୱର ଆସି ନ ଥାନ୍ତି କି ଆଜିର ଦିନ ଭଳି ଏତେ ସୁବିଧାରେ ରହି ନ ଥାନ୍ତି।'' ପୁଣି ପଚାରିଲି ଅସଲମକୁ– 'ଯେଉଁ କଣ୍ଟ୍ରାକ୍ଟର ତୁମର ଲକ୍ଷେ ଟଙ୍କା ଠକି ନେଲା, ତା' ସମ୍ପର୍କରେ ତୁମର ପ୍ରତିକ୍ରିୟା କ'ଣ?' ଅସଲମ୍ ମୋ ପ୍ରଶ୍ନ ଶୁଣି ପୁଣି ଥରେ ହସିଲା। ସେ ହସରେ ଟିକେ ବି କୃତ୍ରିମତା ମୁଁ ଲକ୍ଷ୍ୟ କରିପାରୁ ନ ଥିଲି। ହୃଦୟ ଭିତରୁ ସେ ହସୁଥିଲା। ହସି ହସି କହିଲା–''ସେ ମୋତେ ତ ସହଜରେ ଠକିଦେଲା, ହେଲେ ଉପରେ ଯିଏ ହିସାବ ରଖୁଛି ତା' ପାଖରୁ ସେ ଖସିପାରିବ ନାହିଁ।''

ଅସଲମ୍‌ର କଥା ଶୁଣି ମୁଁ ପ୍ରକୃତିସ୍ଥ ହେଲି। ମନେ ପଡ଼ିଗଲା ପଢ଼ିଥିବା ଏକ କାହାଣୀ। ଜଣେ ବ୍ୟକ୍ତି ଗୋଟିଏ ବ୍ୟବସାୟିକ ପ୍ରତିଷ୍ଠାନରେ ଦିନମଜୁରିଆ ଭାବେ କାମ କରୁଥିଲେ। ଦିନେ ଏକ ସାଧାରଣ ଭୁଲ ପାଇଁ ତାଙ୍କ ଗାଲରେ ଠୋ କିନା ଚଟକଣିଟିଏ ବସାଇଦେଲେ ମାଲିକ। ଅନ୍ୟ ଲୋକଙ୍କ ଆଗରେ ଅପ୍ରତ୍ୟାଶିତ ଭାବେ ଚାପୁଡ଼ା ଖାଇ ଖୁବ୍ ଲଜ୍ଜିତ ହେଲେ ସେହି ଦିନମଜୁରିଆ। କ'ଣ ବା ସେ ଆଉ କରିପାରିବେ। ମାଲିକ ଅନ୍ନଦାତା। ତେଣୁ ଚୁପ୍ ରହିଲେ। ହେଲେ ମନ ଭିତରେ କ୍ରୋଧ ଜମି ରହିଥାଏ। ସନ୍ଧ୍ୟାରେ ଘରକୁ ଫେରିଲେ। ରାତ୍ରିଭୋଜନ ସମୟରେ ତରକାରି ଲୁଣିଆ ହୋଇଯାଇଥିବାରୁ ରାଗିଯାଇ ଧର୍ମପତ୍ନୀଙ୍କୁ ଚାପୁଡ଼ାଟାଏ ମାରିଦେଲେ। ମାଲିକଙ୍କଠାରୁ ଖାଇଥିବା ଚାପୁଡ଼ାଜନିତ କ୍ରୋଧକୁ ଧର୍ମପତ୍ନୀଙ୍କ ପାଖରେ ପ୍ରଶମିତ କରିଦେଲେ। ସ୍ତ୍ରୀ ବି ଆଉ କ'ଣ କରିପାରିବେ? ସ୍ୱାମୀଙ୍କୁ ତ ଆଉ ମାରିପାରିବେ ନାହିଁ। ପାଠ ନ ପଢ଼ି ଖେଳୁଥିବା ବଡ଼ପୁଅକୁ ଚଟକଣିଟିଏ ଲଗାଇଦେଲେ। ସ୍ୱାମୀଙ୍କ ଉପରେ ଥିବା କ୍ରୋଧ ପୁଅ ପାଖରେ ସାରିଦେଲେ। ବଡ଼ପୁଅ ଆଶ୍ଚର୍ଯ୍ୟ ହେଲା। ମା' ତ ଏମିତି କେବେ ମାରନ୍ତିନି। ମା'ଙ୍କୁ କିଛି ନ କହି ବଡ଼ପୁଅ ଗୁମ୍ ମାରି ବସିଲା। ମନ ଭିତରେ ରାଗ କୁହୁଳୁଥାଏ। ସାନଭାଇକି ପିଇବା ପାଣି ଗ୍ଲାସଟିଏ ଆଣିବାକୁ କହିଲା। ସାନଭାଇ ପାଣି ଆଣିବାରେ ବିଳମ୍ବ କରିବାରୁ ରାଗିଯାଇ ତାକୁ ଚଟକଣିଟିଏ ଲଗାଇଦେଲା ବଡ଼ଭାଇ। ବଡଭାଇର ରାଗ ଶାନ୍ତ ହୋଇଗଲା। ବିଚରା ସାନଭାଇ କରିବ କ'ଣ? ବଡ଼ଭାଇକୁ ତ ହାତ ଉଠାଇ ପାରିବନି। ଦାଣ୍ଡପିଣ୍ଡାରେ ଶୋଇଥିବା କୁକୁରକୁ ତଡ଼ାରେ ପାହାରେ ପକାଇ ନିଜ କ୍ରୋଧକୁ ସମ୍ବରଣ କଲା। କୁକୁରଟି ଅତର୍କିତ ପ୍ରହାର ଖାଇ ରଡ଼ି ଛାଡ଼ି ଦୌଡ଼ିବାକୁ ଲାଗିଲା ବେଳେ ତା' ସମ୍ମୁଖକୁ ଆସିଯାଇଥିଲା ଜଣେ ଲୋକ। ସେହି ଲୋକଟିକୁ ପୁଳାଏ କାମୁଡ଼ି କୁକୁରଟି ତା' କ୍ରୋଧକୁ ପ୍ରଶମିତ କଲା। କର୍ମର ବିଡମ୍ବନା ଯେ ଯେଉଁ ଲୋକକୁ କୁକୁର କାମୁଡ଼ିଲା, ସେହି ଲୋକଟି ଥିଲା ସେହି ଦିନମଜୁରିଆକୁ ଚଟକଣି ମାରିଥିବା ମାଲିକ। ସତ୍ କର୍ମର ସତ୍ ଫଳ ଓ ଅସତ୍ କର୍ମର ଅସତ୍ ଫଳ ସମ୍ପର୍କରେ ଅସଲମ୍ ତା' ଅଙ୍ଗେ ନିଭା କଥା ବଖାଣି ମୋତେ ଜୀବନ ଜିଇବାର ସୁନ୍ଦର କଳାଟିଏ ଶିଖାଇଦେଲା।

ମୋ–୯୪୩୭୨୩୨୪୬୩, ଇମେଲ୍: prakas.tripathy09@gmail.com



# ବାତ୍ୟାପ୍ରବଣ ମାସ ଅକ୍ଟୋବର

ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଆମ ଦେଶର ପୂର୍ବ ଓ ପଶ୍ଚିମ ଉପକୂଳରେ ସାମୁଦ୍ରିକ ଝଡ଼ ସୃଷ୍ଟି ହେଉଥିଲା ବେଳେ ପୂର୍ବ ଉପକୂଳରେ ଅଧିକ ବାତ୍ୟା ସୃଷ୍ଟି ହୁଏ। ଦେଶର ପୂର୍ବ ଉପକୂଳରେ ୧୨ଟି ଜିଲା ବାତ୍ୟାପ୍ରବଣ ହୋଇଥିଲା ବେଳେ ସେଥିରେ ଅଛି ଆମ ରାଜ୍ୟର ୪ଟି ଜିଲା–ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର। ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବାଧିକ ବାତ୍ୟା ହୁଏ ଓଡ଼ିଶାରେ। ୧୮୯୧ରୁ ୨୦୦୦ ମସିହା ମଧ୍ୟରେ ଆମ ରାଜ୍ୟରେ ୯୮ ଥର ବାତ୍ୟା ସଂଘଟିତ ହୋଇଛି। ପୂର୍ବେ ବର୍ଷକୁ ହାରାହାରି ଗୋଟିଏରୁ କମ୍ ବାତ୍ୟା ହେଉଥିଲା ବେଳେ ଏବେ ବର୍ଷକୁ ଏକାଧିକ ଥର ଦେଖାଦେଲାଣି। ଗତ ଦୁଇ ଦଶନ୍ଧିର ବାତ୍ୟାକୁ ଅନୁଧ୍ୟାନ କଲେ ଜଣାଯାଏ, ସର୍ବାଧିକ ଥର ବାତ୍ୟା ଆସିଛି ଅକ୍ଟୋବର ମାସରେ। ଏପରିକି ଅନ୍ୟ ମାସରେ ବାତ୍ୟା ସଂଘଟିତ ହୋଇଥିଲେ ମଧ ସେ ବର୍ଷ ଅକ୍ଟୋବର ମାସରେ ମଧ ବାତ୍ୟା ଆସି ସେ ବର୍ଷ ରାଜ୍ୟରେ ଏକାଧିକ ବାତ୍ୟା ହୋଇଛି।

୧୯୯୯ ମେ ୧୮ରେ ଗଞ୍ଜାମ ଉପକୂଳରେ ଏକ ବାତ୍ୟା ହୋଇଥିଲେ ମଧ ସେ ବର୍ଷ ଅକ୍ଟୋବର ୨୯ରେ ରାଜ୍ୟକୁ ମାଡ଼ି ଆସିଥିଲା ଏକ ସୁପର ସାଇକ୍ଲୋନ ବା ମହାବାତ୍ୟା। ଏ ବାତ୍ୟା ଏତେ ଭୟଙ୍କର ଥିଲା ଯେ, ଜାତିସଂଘ ମହାସଚିବ କହିଥିଲେ, ଏ ବାତ୍ୟା ସେ ସମୟରେ ବିଶ୍ୱରେ ଏକ ବଡ଼ ବିପର୍ଯ୍ୟୟ ଥିଲା। ସମୁଦ୍ର ବକ୍ଷରେ ପ୍ରାୟ ୧୦ ମିଟର ଉଚ୍ଚର ଉତ୍ତାଳ ତରଙ୍ଗ ସୃଷ୍ଟି ହୋଇ ସ୍ଥଳଭାଗ ଆଡକୁ ୨୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ରଜଳ ପ୍ରଖର ବେଗରେ ମାଡିଆସି ୧୦ ହଜାର ପର୍ଯ୍ୟନ୍ତ ଆବାଳବୃଦ୍ଧବନିତାଙ୍କୁ ସଲିଳସମାଧି ଦେଇଥିଲା। ୨୦୧୩ ଅକ୍ଟୋବର ୧୨ରେ ଗଞ୍ଜାମ ଓ ଗଜପତି ଜିଲାରେ ଆତଙ୍କ ଖେଳାଇ ଦେଇଥିଲା ବାତ୍ୟା ଫାଇଲିନ। ଏ ଫାଇଲିନ ବାତ୍ୟାର ବର୍ଷ ପୂର୍ତ୍ତି ପାଳନ ପାଇଁ ମାଡି ଆସିଥିଲା ୨୦୧୪ ଅକ୍ଟୋବର ୧୨ରେ ବାତ୍ୟା ହୁଡ୍‌ହୁଡ୍। ସେହି ଅକ୍ଟୋବରରେ ସମୁଦ୍ର ବକ୍ଷରେ କେତେକ ଛୋଟ ବାତ୍ୟା ସୃଷ୍ଟି ହୋଇଥିଲେ ମଧ ସେ ସବୁ ଉପକୂଳ ଛୁଇଁବା ଆଗରୁ ସମୁଦ୍ରରେ ବିଲୁପ୍ତି ଲାଭ କରିଥିଲା। ୨୦୧୬ ମସିହା ଅକ୍ଟୋବରର ବାତ୍ୟା କ୍ୟାଣ୍ଟ ସାଙ୍ଗକୁ ସେ ବର୍ଷ ଆଉ ଦୁଇଟି ବାତ୍ୟା ଆସିଥିଲା। ୨୦୧୬ ମେ'ରେ ସୃଷ୍ଟି ହୋଇଥିଲା ବାତ୍ୟା ରୁଆନୁ ଓ ପରେ ଅକ୍ଟୋବର ୨୩ରେ ମାଡି ଆସିଥିଲା ବାତ୍ୟା କ୍ୟାଣ୍ଟ। ସେହିବର୍ଷ ଡିସେମ୍ବର ୯ରେ ସମୁଦ୍ରରେ ସୃଷ୍ଟି ହୋଇଥିଲା ବାତ୍ୟା ବର୍ଦ୍ଦା। ବାତ୍ୟା ବର୍ଦ୍ଦା ମହାବାତ୍ୟା ରୂପ ନେଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା ଓ ଏହା ଲୋକଙ୍କ ମନରେ ଛାନିଆ ଖେଳାଇ ଦେଇଥିଲା। ସୌଭାଗ୍ୟକ୍ରମେ ତାହା ଡିସେମ୍ବର ୧୨ରେ ଆନ୍ଧ୍ର ଉପକୂଳ କାକିନାଡା ଛୁଇଁ ଓଡ଼ିଶା ମୁହାଁ ନ ହୋଇ ସେଆଡେ ସ୍ଥଳଭାଗରେ ମାଡ଼ି ଯାଇଥିଲା। ୨୦୧୮ ଅକ୍ଟୋବର ୧୧ରେ ଘଣ୍ଟାକୁ ୧୬୫ କିଲୋମିଟର ବେଗରେ ମାଡ଼ି ଆସିଥିଲା ବାତ୍ୟା ତିତ୍‌ଲି ଓ ଏହା ବ୍ୟାପକ ଭାବେ ଫସଲକୁ ଝାଡ଼ି ଦେଇଥିଲା। ତା' ପୂର୍ବରୁ ସେହିବର୍ଷ ୨୦୧୮ ସେପ୍ଟେମ୍ବର ୨୨ରେ ବାତ୍ୟା ଡାଏ ପ୍ରହାବିତ ହୋଇ ଖୋର୍ଦ୍ଧା ଜିଲାର ୮୦ରୁ ଊର୍ଦ୍ଧ୍ୱ ଗୃହ ନଷ୍ଟ କରିଥିଲା। ସେହି ୨୦୧୮ ଡିସେମ୍ବର ୧୮ରେ ସୃଷ୍ଟି ହୋଇଥିଲା ବାତ୍ୟା ପେଥାଇ। ଏଠି ଲକ୍ଷ୍ୟ କରିବାର କଥା ୨୦୧୬ରେ ତିନୋଟି ଓ ୨୦୧୮ରେ ତିନୋଟି ବାତ୍ୟା ସଂଘଟିତ ହୋଇଥିଲେ ମଧ ସେ ଦୁଇବର୍ଷରେ ଅକ୍ଟୋବରରେ ସୃଷ୍ଟ ବାତ୍ୟା ଅଧିକ କ୍ଷତି ଘଟାଇଥିଲା। ଚଳିତ ୨୦୧୯ ମେ ୩ରେ ବାତ୍ୟା ଫନୀ ମାଡି ଆସି ପୁରୀ, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲାରେ ବ୍ୟାପକ କ୍ଷତି ଘଟାଇଥିଲେ ମଧ ଅକ୍ଟୋବର ଓ ତତ୍‌ପରବର୍ତ୍ତୀ ମାସରେ ବାତ୍ୟା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

ଯେହେତୁ ରାଜ୍ୟରେ ସର୍ବାଧିକ ଥର ବାତ୍ୟା ଅକ୍ଟୋବର ମାସରେ ସୃଷ୍ଟି ହୁଏ, ଅକ୍ଟୋବର ମାସ ଆସିଲେ ରାଜ୍ୟ ସରକାର ଓ ଉପକୂଳ ଚାଷୀଙ୍କୁ ଘାରେ ବାତ୍ୟା ଭୟ। ଅକ୍ଟୋବର ବାତ୍ୟା ତା'ର କରାଳ ପଞ୍ଝା ମେଲାଇ ଉପକୂଳ ଧାନ ଫସଲକୁ ଗ୍ରାସ କରିଦିଏ। କାରଣ ସେ ସମୟରେ ଲଘୁଧାନ ପାଚି ଆସିଥାଏ। ଝଡ଼ ଧାନଗଛକୁ ଝାଡ଼ିଦିଏ ଓ କିଆରିରେ ପାଣିଜମି ଧାନକେନ୍ଦାକୁ ନଷ୍ଟ କରିଦିଏ। ସେ ସମୟରେ ଶାରଦ ଧାନ ଫସଲ ଫୁଲ ଉଡାଉଥାଏ ବା ହାଟ କରୁଥାଏ। ଧାନଗଛକୁ ଝଡ଼ ଝାଡ଼ିଦେଲେ ଧାନକେନ୍ଦା ଅଗାଡ଼ି ହୋଇଯାଏ। ଦୀପାବଳି ଅମାବାସ୍ୟା ପୂର୍ବରୁ ଯଦି ଉପକୂଳ ଚାଷୀଙ୍କୁ ତାଙ୍କ ଫସଲ କିପରି ହୋଇଛି ପଚରାଯାଏ, ତାଙ୍କ ପାଟିରୁ ହଠାତ୍ ଉତ୍ତର ଆସିବ– ପିମ୍ପେଇ ଅମାବାସ୍ୟା ଓ କାର୍ତ୍ତିକ ବୁଡ଼ି ପରା ଯାଇନି। ଦୀପାବଳି ଅମାବାସ୍ୟାକୁ ଉପକୂଳ ଅଞ୍ଚଳରେ କୁହନ୍ତି ପିମ୍ପେଇ ଅମାବାସ୍ୟା ଓ କାର୍ତ୍ତିକ ମାସ ବର୍ଷାରେ ଧାନ କିଆରି ବୁଡିଗଲେ ତାକୁ କହନ୍ତି କାର୍ତ୍ତିକ ବୁଡ଼ି। ସୁତରାଂ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଝଡ଼ବାତ୍ୟାର ଭୟ ଥାଏ।

ଏଠି ମନରେ ପ୍ରଶ୍ନ ଉଙ୍କିମାରେ, ଅକ୍ଟୋବର ମାସରେ ସାମୁଦ୍ରିକ ଝଡ଼ ବା ବାତ୍ୟା ସୃଷ୍ଟି ହୁଏ କାହିଁକି। ସମୁଦ୍ର ବକ୍ଷରେ ଝଡ଼ ସୃଷ୍ଟି ପାଇଁ ସେଠାରେ କେତେଗୁଡିଏ ମେକାନିଜମ୍ ବା ପରିବେଶ ସୃଷ୍ଟି ହୁଏ। ସେଥିରୁ ଗୋଟିଏ ହେଲା ଯେତେବେଳେ ସ୍ଥଳଭାଗ ଅପେକ୍ଷା ଜଳଭାଗ ଅଧିକ ଉଷ୍ମ ଲାଗେ। ଆମେ ଅକ୍ଟୋବର ମାସରେ ଜଳାଶୟ ପାଖରେ ଠିଆ ହୋଇ ଗୋଡ଼କୁ ଜଳାଶୟରେ ବୁଡ଼ାଇଲେ ଅନୁଭବ କରିବା ସ୍ଥଳଭାଗ ଅପେକ୍ଷା ଜଳଭାଗ ଅଧିକ ଉଷ୍ମ ଲାଗୁଛି। ଶୀତ ଆରମ୍ଭ ହୁଏ ଅକ୍ଟୋବର ମାସରେ ଓ ଶେଷ ହୁଏ ମାର୍ଚ୍ଚ ମାସରେ। ତେଣୁ ଅକ୍ଟୋବର ଓ ମାର୍ଚ୍ଚରେ ଝଡ଼ ପାଇଁ ସମୁଦ୍ର ବକ୍ଷରେ ଅନୁକୂଳ ପରିବେଶ ସୃଷ୍ଟି ହୁଏ। ମାର୍ଚ୍ଚରେ ସମୁଦ୍ର ବକ୍ଷରେ ଯେଉଁ ଝଡ଼ ସୃଷ୍ଟି ହୁଏ, ତାକୁ ଗତିଶୀଳ କରି ପ୍ରବଳ ବେଗରେ ସ୍ଥଳଭାଗକୁ ନେବା ପାଇଁ ଅନ୍ୟ ମେକାନିଜମ୍ କ୍ୱଚିତ୍ ସୃଷ୍ଟି ହୁଏ। ଗତ ଶତାବ୍ଦୀରେ ବର୍ଷକୁ ହାରାହାରି ଗୋଟିଏରୁ କମ୍ ବାତ୍ୟା ସୃଷ୍ଟି ହୋଇଥିବା ବେଳେ ଏବେ ଗୋଟିଏ ଗୋଟିଏ ବର୍ଷରେ ୩ଟି ବାତ୍ୟା ସୃଷ୍ଟି ହେଲାଣି। ଏହାର କାରଣ ହେଲା ଦିନକୁ ଦିନ ଆମ ପରିବେଶ ପ୍ରଦୂଷଣ ବଢ଼ି ବଢ଼ି ବିଶ୍ୱ ତାପମାନକୁ ବୃଦ୍ଧି କରାଉଛି। ବାତ୍ୟା ଉତ୍ପନ୍ନରେ ଲଗାମ ଦେବାକୁ ଆମକୁ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ହେବ।

ପରିବେଶ ଇଞ୍ଜିନିୟରିଂ ବିଶେଷଜ୍ଞ, ଭୁବନେଶ୍ୱର, ମୋ–୭୦୦୮୮୪୬୨୭୨

## ଏଇ ଭାରତରେ

ହିନ୍ଦୁଧର୍ମରେ ବୈଦିକ ରୀତିନୀତିରେ ଅଗ୍ନିକୁ ସାକ୍ଷୀ ରଖି ବାହାଘର କରାଯାଉଥିବାବେଳେ ରାଜସ୍ଥାନରେ ସମ୍ବିଧାନକୁ ସାକ୍ଷୀ ରଖି ବାହା ହୋଇଛନ୍ତି ବର–କନ୍ୟା। ଏମିତି ନିଆରା ବାହାଘର ଖର୍ଚ୍ଚ କମ୍ କରିବା ସହ ଲୋକଙ୍କ ପାଖରେ ଏକ ସାମାଜିକ ବାର୍ତ୍ତା ପହଞ୍ଚାଇଛି। ଉକ୍ତ ବାହାଘର ଅଲଓ୍ୱାର ସହରଠାରୁ ୨୦ କିଲୋମିଟର ଦୂର କରୋଲି ଗାଁରେ ହୋଇଛି। ଏକ ଘରୋଇ କମ୍ପାନୀରେ କାମ କରୁଥିବା ଅଜୟ ଯାଦବ ଓ ବବିତା ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏଠି ବର କନ୍ୟା ଘରକୁ ଯାଇ ନ ଥିଲେ, ବରଂ ଏକ ସୁସଜ୍ଜିତ ରଥରେ ବସି କନ୍ୟା ଶୋଭାଯାତ୍ରାରେ ଅଜୟଙ୍କ ଘରେ ପହଞ୍ଚିଥିଲେ। ଝିଅ–ପୁଅ ସମାନ ଓ ଲିଙ୍ଗ ସମାନତାର ସନ୍ଦେଶ ଦେବା ଲକ୍ଷ୍ୟରେ ବର ଘରକୁ ଯାଇଛନ୍ତି ବୋଲି ମତ ଦେଇଛନ୍ତି ବବିତା। ସେ ଯେଉଁ ରଥରେ ବସି ବର ଘରକୁ ଯାଇଥିଲେ ତା'ର ଗୋଟିଏ ପାଖରେ ଆମ୍ବେଦକର ଓ ଅନ୍ୟପଟେ ଗୌତମ ବୁଦ୍ଧଙ୍କ ଫଟୋ ରଖାଯାଇଥିଲା। ବାହାଘରରେ କେହି ପଣ୍ଡିତ ନ ଥିଲେ କି କିଛି ମନ୍ତ୍ର ଉଚ୍ଚାରଣ କରାଯାଇ ନ ଥିଲା। ଅଜୟ ଓ ବବିତା ଖଣ୍ଡେ ଲେଖା ସମ୍ବିଧାନ କପିକୁ ଧରି ସଙ୍କଳ୍ପ ନେଇଥିଲେ। ବାହାଘରକୁ ଆମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ନବବିବାହିତଙ୍କୁ କେବଳ ବହି ଉପହାର ଦେଇଥିଲେ। ପ୍ରାୟ ୩୦ ହଜାର ଟଙ୍କାର ଏହି ବହିଗୁଡିକୁ ସେମାନେ କରୋଲିରେ ଥିବା ଲାଇବ୍ରେରିକୁ ଦାନ କରିଦେଇଛନ୍ତି। ଏହି ଉତ୍ସବ ପୂରା ପ୍ଲାଷ୍ଟିକ୍‌ମୁକ୍ତ ରହିଥିଲା। ଆମନ୍ତ୍ରିତ ସମସ୍ତ ଅତିଥିଙ୍କୁ ସମ୍ବିଧାନର ଏକ କପି ମଧ ପ୍ରଦାନ କରାଯାଇଥିଲା।

## ଚିରନ୍ତନୀ

ଦୀପର ତଇଳ ଦେଖ
କ୍ଷଣେ କ୍ଷଣେ ଯାଉଅଛି ସରି
ଲାଗଇ କି ବୃକ୍ଷେ ଆଉ
ଥରେ ଯେଉଁ ପତ୍ର ପଡ଼େ ଝରି?
ଭାଙ୍ଗି ବନ୍ଧ ନଦୀ ଯେବେ
ଭୀମ ବେଗେ ପ୍ଲାବଇ ଧରଣୀ
ଆସଇ କି ଫେରି ତାହା
ଖୋଜି ନିଜ ସାଗର ସାରଣୀ?

(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଧାନମନ୍ତ୍ରୀ ଆବାସ ଓ ମୋ ଆବାସ ଟଙ୍କା କାହାର

ମହାଶୟ,

ଏବେ ଅଯଥା କଥାରେ ନେତାଏ ଖାଲି ଶୁଖିଲା ରାଜନୀତି କରୁଛନ୍ତି। ଲୋକଙ୍କୁ ଭୂତେଇବା ଏମାନଙ୍କର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା ଅର୍ଥକୁ କୁଆଡେ ମୁଖ୍ୟମନ୍ତ୍ରୀ ମୋ ଆବାସ ଯୋଜନା ଅର୍ଥ ବୋଲି କହୁଛନ୍ତି। ଏଥିପାଇଁ ଭାଜପା କୁଆଡେ ବ୍ଲକ ଓ ପୌରାଞ୍ଚଳ ଘେରାଉ କରିବାର କାର୍ଯ୍ୟକ୍ରମ ସ୍ଥିର କରିଛି। କିନ୍ତୁ ନେତାଏ ଭାବିବା କଥା ଏ ଟଙ୍କା ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନା ବା ମୁଖ୍ୟମନ୍ତ୍ରୀଙ୍କ ମୋ ଆବାସ ଯୋଜନାର ନୁହେଁ। ଏହା ସର୍ବସାଧାରଣଙ୍କ ଟଙ୍କା। ଏଥିପାଇଁ ଏତେ ରାଜନୀତି କାହିଁକି? ଦେଖିବାକୁ ଗଲେ କେନ୍ଦ୍ର ସରକାରଙ୍କ କୌଣସି ଟଙ୍କା ଘର ନାହିଁ। ରାଜ୍ୟଗୁଡ଼ିକର ଧନରେ କେନ୍ଦ୍ର ଧନୀ। ଏ ଟଙ୍କା କେହି ନିଜ ଘରୁ ବା ପକେଟରୁ ଦେଉନାହାନ୍ତି। ସବୁ ଟଙ୍କା ଜନତା ଜନାର୍ଦ୍ଦନଙ୍କର।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

### ଗୃହ ନିର୍ମାଣରେ ପାଉଁଶ ଇଟା

ଏବେ ଗ୍ରାମାଞ୍ଚଳରେ ଚାରିଲକ୍ଷ ଗୃହ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏ ନିର୍ମାଣ କାର୍ଯ୍ୟ ହେବ। ଗୃହନିର୍ମାଣ କାର୍ଯ୍ୟରେ ବିଧାୟକ ଏବଂ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଏଥିରେ ସହାୟତା କରିବାକୁ କୁହାଯାଇଛି। ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ପଞ୍ଚାୟତିରାଜର ବିଭିନ୍ନ ଗୃହନିର୍ମାଣରେ ପାଉଁଶ ଇଟା ବ୍ୟବହାର ହେଉନାହିଁ। ପୋଡାମାଟି ଇଟା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିବାରୁ ସରକାର ପାଉଁଶ ଇଟାକୁ ପ୍ରୋତ୍ସାହନ ଦେଉଛନ୍ତି। ସରକାରୀ କାର୍ଯ୍ୟରେ ଯଦି ତା'ର ବ୍ୟବହାର ନ ହେବ ତେବେ ସେ ପ୍ରୋତ୍ସାହନର ମୂଲ୍ୟ କ'ଣ? ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ପୋଡା ଇଟା ବଦଳରେ ପାଉଁଶ ଇଟା ବ୍ୟବହାର ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରନ୍ତୁ।

ସଲମାନ ଗାଇଗରିଆ, ହରଭଙ୍ଗା, ବୌଦ୍ଧ

### ହୁଳହୁଳି ପ୍ରତିଯୋଗିତା ହେଉ

ହରିବୋଲ ହୁଳହୁଳି ଧ୍ୱନି ଯେତେ ଦୂର ଶୁଣାଯାଏ ସେତେ ଦୂର ପର୍ଯ୍ୟନ୍ତ ବାତାବରଣ ପବିତ୍ର ହୋଇଯାଏ। ଅଦୃଶ୍ୟରେ ପରମାତ୍ମା ବିହାର କଲା ପରି ଅନୁଭବ ହୁଏ। ବୋହୂମାନେ ମା' ଲକ୍ଷ୍ମୀଙ୍କ ପୂଜା ବେଳେ, ଦୂବ ବରକୋଳି ପତ୍ର ଦେଇ ବନ୍ଦାପନା କଲାବେଳେ ଯେଉଁ ହୁଳହୁଳି ଧ୍ୱନି ଦିଅନ୍ତି ତାହା ହୃଦୟରେ ରୋମାଞ୍ଚ ଆଣିଥାଏ। ଆଜିକାଲି ଝିଅମାନଙ୍କୁ ହୁଳହୁଳି ପକାଇ ଆସୁନାହିଁ। ତେଣୁ ଏହାକୁ ପ୍ରୋତ୍ସାହନ ଦେବା ପାଇଁ ହୁଳହୁଳି ପ୍ରତିଯୋଗିତା କରାଯାଉ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଥିବା କହିଲା ଭାଜପା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ):ଚଳିତ ବିଜେପୁର ଉପନିର୍ବାଚନ ପୂର୍ବରୁ ଗତ ନିର୍ବାଚନ ଭଳି ବିଜେଡି ଗୁଣ୍ଡାମାନେ ଲୋକମାନଙ୍କୁ ଭୟଭୀତ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଶାସକ ବିଜେଡି ସେଠାରେ ହିଂସା ଭିଆଇ ଭୋଟ ହାତେଇବା ପାଇଁ ଯୋଜନା କରିଛି। ଗତ ୨ଦିନ ତଳେ ସ୍ୱଚ୍ଛ ଭାରତ ମିଶନ ବିଜେପୁର ବ୍ଲକ ସଂଯୋଜକ ତରଣୀସେନ ମହଲାଙ୍କୁ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ଶାସକ ଦଳର ସମ୍ପୃକ୍ତି ରହିଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ସମୀର କହିଛନ୍ତି ଯେ, ଉପନିର୍ବାଚନ ଜିତିବା ପାଇଁ ଶାସକ ବିଜେଡିର ଗୁଣ୍ଡାମାନେ ସାଧାରଣ ଲୋକଙ୍କୁ ହତ୍ୟା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବରଗଡ ଏମ୍‌ପି ମୃତକଙ୍କ ପରିବାର ପାଇଁ ରାଜ୍ୟ ସରକାର ୨୫ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି।

# ଅନୁଗୋଳବାସୀ ଦେଖିଲେ ଇସ୍ରୋ

**ଅନୁଗୋଳ ଅଫିସ, ୧୭।୧୦**

ଭାରତ ସରକାରଙ୍କ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଅନୁଗୋଳବାସୀଙ୍କୁ ମହାକାଶ ମିଶନ ଯାନ ଓ ଜ୍ଞାନ ଉପରେ ସଚେତନ କରାଯାଇଛି। ଚନ୍ଦ୍ରୟାନ ପାଖରୁ ଆରମ୍ଭ କରି ମହାକାଶକୁ ଛଡ଼ାଯାଉଥିବା ମିସାଇଲ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଅବଗତ କରାଯାଇଛି। ଅନୁଗୋଳ ବ୍ଲକ ତଳମୂଳ ଅଞ୍ଚଳର ସରୋଜ ବେହେରାଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି।

ଅନୁଗୋଳରେ ଗୁରୁବାର ମଧ୍ୟାହ୍ନରେ ପହଞ୍ଚିଥିଲା ଇସ୍ରୋର ପ୍ରଦର୍ଶନୀ ବସ୍। ଏଥିରେ ମହାକାଶ ବିଜ୍ଞାନର ବିଭିନ୍ନ ଅଂଶବିଶେଷ ସହ ଇସ୍ରୋର ଜ୍ଞାନ କୌଶଳ ଉପରେ



ଇସ୍ରୋର ପ୍ରଦର୍ଶନୀ ବସ୍‌ରେ ଛାତ୍ରୀଛାତ୍ରଙ୍କୁ ମହାକାଶ ଜ୍ଞାନ ଉପରେ ସଚେତନ କରାଯାଉଛି।

ବିଭିନ୍ନ ପ୍ରକାର ସରଞ୍ଜାମ ରହିଥିଲା। ଛାତ୍ରୀଛାତ୍ରଙ୍କୁ ମହାକାଶ ଉପରେ ଅଧିକ ସଚେତନ ଓ ମହାକାଶ ମିଶନ ଉପରେ ଅଧିକ ଜ୍ଞାନ ଯୋଗାଇଦେବା ଲକ୍ଷ୍ୟରେ ଏକ ପ୍ରଦର୍ଶନୀ ବସ୍ ଆସିଥିବା ସୂଚନା ମିଳିଛି। ଅନୁଗୋଳ ତଳମୂଳ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସହ ଛେଳିଆପଡ଼ା ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ପରିସରରେ ବସ୍‌ରେ ମହାକାଶ

**ପ୍ରଦର୍ଶନୀ ବସ୍‌ରେ ଚନ୍ଦ୍ରୟାନ, ମିସାଇଲ ଗତିବିଧି**

ସମ୍ବନ୍ଧୀୟ ବିଭିନ୍ନ ପ୍ରଦର୍ଶନୀ ଛାତ୍ରୀଛାତ୍ରମାନଙ୍କୁ ଦେଖାଯାଇଥିଲା। ମହାକାଶକୁ କିପରି ବିଭିନ୍ନ ମିଶନ ପ୍ରେରଣ କରାଯାଉଛି ଓ ସେସବୁ କାର୍ଯ୍ୟକାରୀ ହେଉଛି ତାହା ଅବଗତ କରାଯାଇଥିଲା। ଏଥିସହ ଚନ୍ଦ୍ରାୟନ-୨ର ଯାତ୍ରା ସମ୍ପର୍କରେ ମଧ୍ୟ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକଙ୍କୁ ତଳମୂଳ ଅଞ୍ଚଳର ପୁଅ ତଥା ଇସ୍ରୋରେ କାର୍ଯ୍ୟ କରୁଥିବା ସରୋଜ ବୁଝାଇଥିଲେ। ପ୍ରଦର୍ଶନୀ ବସ୍‌କୁ ଦେଖିବା ପାଇଁ ସ୍କୁଲ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକମାନେ ଭିଡ଼ ଲଗାଇଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଙ୍କ ତୁଣ୍ଡକୁ ପାନ ଗଲା**
**ପାନ କହିଲା ମୋ ଜୀବନ ଗଲା ।**

ଯିଏ ଭଲକି ଦି'ମୁଠା ଖାଇବାକୁ ପାଉ ନ ଥାଏ ସେ ଖାଇବା ଜିନିଷ ଦେଖିଲା ମାତ୍ରକେ ଖାଇବାକୁ ବ୍ୟାକୁଳ ହୋଇଉଠେ। ସମୟ ଓ ପରିମାଣ ଜ୍ଞାନ ଭୁଲି ଯାଇଥାଏ। ସେହିପରି ଯିଏ କେବେ ପାନ ଖାଏନାହିଁ, ସେ ନୂଆକରି ପାନ ଖାଇଲେ ପାଟିରେ ପୂରେଇଲେ ଛେଳି ଚୋବେଇବା ଭଳି ପାକୁଳି କରି ଚୋବେଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍ଗିଆ ରସିଲା ରାଇକି;**
**ସାଆନ୍ତ ରସିଲା ବରଗୁଡ୍ଡୀ ମୁହାଁ,**
**ବିଭା ହେଲେ ଦିହେଁ ଦିହିଁକି ।**

ଯିଏ ଯାହାକୁ ଭଲପାଏ ସେ ତା' ମନରେ ଘର କରିଯାଏ। ପ୍ରେମ ହେଉଛି ଦୁଇ ମନ ଓ ହୃଦୟର ମିଳନ। ଉଭୟେ ଉଭୟ ପ୍ରତି ଯେତେବେଳେ ସମର୍ପିତ ସେତେବେଳେ ଆଉ କାହାର ଆପତ୍ତି କରିବାର ମାନେ କିଛି ରହି ନ ଥାଏ। ଉଭୟ ପରସ୍ପର ପ୍ରତି ସମର୍ଥନ ତଥା ସମ୍ମତି ଜ୍ଞାପନ କରୁଥିବା ବେଳେ ସେଠାରେ ଅନ୍ୟର ସମର୍ଥନ ପାଇଁ ଅପେକ୍ଷା କରିବାର କୌଣସି ପ୍ରୟୋଜନ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୨ ମହଲାରୁ ଖସି ଯୁବକ ମୃତ




ଡାକ୍ତରଖାନା ସମ୍ମୁଖରେ ସୁରଜଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ।

- ୨୦ଲକ୍ଷ ଟଙ୍କା କ୍ଷତି ପୂରଣ ଦାବି, ଉତ୍ତେଜନା
- ମୃତଦେହ ଗ୍ରହଣ କରୁ ନାହାନ୍ତି ପରିବାର ଲୋକେ

ରାଉରକେଲା ଅଫିସ,୧୭।୧୦-ଗତ ବୁଧବାର ସନ୍ଧ୍ୟାରେ କୋଏଲନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ୨ମହଲା କୋଠାରେ ଝରକା ଲଗାଉଥିବା ବେଳେ ଜଣେ ଯୁବକ ତଳକୁ ଖସିପଡିଥିଲେ । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯୁବକ ହେଲେ ସୁରଜ ଟପୋ(୨୨)। ସେ ଦାଣ୍ଡିଆପାଲିବାସିନ୍ଦା । ଏନେଇ ଝିରପାଣି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୫/ ୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସୁରଜଙ୍କ ପରିବାର ସଦସ୍ୟଙ୍କ ସହ ଦାଣ୍ଡିଆପାଲି ବାସିନ୍ଦା ଦାବି କରିଛନ୍ତି।

ମିଳିଥିବା ସୂଚନାନୁସାରେ ସୁରଜ କୋଏଲନଗର ଏ/୨୮୩ ଘର ବାସିନ୍ଦା କାଳିନ୍ଦୀ ବଳଙ୍କ ୨ ମହଲା ଘର ଉପରକୁ ଚଢି ଝରକା ଫିଟିଂ କରୁଥିଲେ। ହେଲେ କୌଣସି କାରଣରୁ ସେ ଭାରସାମ୍ୟ ହରାଇ ତଳକୁ ଖସି ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ୍) ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍) ଅଣାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଖବର ଗୁରୁବାର ସକାଳୁ ଜଣାପଡିବା ପରେ ଦାଣ୍ଡିଆପାଲି ବାସିନ୍ଦା ଆରଜିଏଚ୍ ସମ୍ମୁଖରେ ଭିଡ ଜମାଇଥିଲେ। କଂଗ୍ରେସ ନେତା ବୀରେନ ସେନାପତି, ଅଣସଙ୍ଗଠିତ ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଦିଲ୍ଲୀପ ଲେହେରୀ, ଲେଥା ତିର୍କୀ, ଯୁବ ଆଇଏନଟିୟୁସି ରାଜ୍ୟ ମୁଖପାତ୍ର କୈଳାସ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ନ୍ୟାୟ ଦାବି କରିଥିଲେ। କ୍ଷତି ପୂରଣ ବାବଦକୁ ୨୦ଲକ୍ଷ ପ୍ରଦାନ କରା ନ ଗଲେ ମୃତଦେହ ଗ୍ରହଣ କରିବୁନି ବୋଲି ପରିବାର ଲୋକେ ଅଡି ବସିବାରୁ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସୁରଜ ଜଣେ ହାର୍ଡୱେୟାର ବ୍ୟବସାୟୀଙ୍କ ଅଧୀନରେ କାମ କରୁଥିଲେ । ସେ ବିଭିନ୍ନ ସ୍ଥାନ ବୁଲି କବାଟ ଝରକା ଫିଟିଂ କରୁଥିଲେ। ଏଣୁ ବ୍ୟବସାୟୀ ଜଣଙ୍କ କ୍ଷତି ଭରଣା କରନ୍ତୁ ବୋଲି ଦାବି କରାଯାଇଥିଲା। ଗୁରୁବାର ରାତି ପର୍ଯ୍ୟନ୍ତ ଏହି ବିବାଦର କୌଣସି ସମାଧାନ ହୋଇ ନ ନାହିଁ । ସୁରଜଙ୍କ ମୃତଦେହ ଆରଜିଏଚ୍ ମର୍ଗ ହାଉସରେ ପଡି ରହିଛି।

# ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ମହାରାଜା ଏକ୍ସପ୍ରେସ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ଲଣ୍ଡନରେ ପ୍ରଦର୍ଶିତ ହେବ ଭାରତୀୟ ରେଳପଥର ସର୍ବୋତ୍ତମ ବିଳାସପୂର୍ଣ୍ଣ ଟ୍ରେନ୍ ମହାରାଜା ଏକ୍ସପ୍ରେସ। ଆସନ୍ତା ୪ରୁ ୬ ନଭେମ୍ବର ପର୍ଯ୍ୟନ୍ତ ଭାରତର ଏହି ଉନ୍ନତ ରାଜକୀୟ ଆତିଥ୍ୟ ପ୍ରଦାନକାରୀ ବିଳାସପୂର୍ଣ୍ଣ ଟ୍ରେନ୍ 'ୱାର୍ଲ୍ଡ ଟ୍ରାଭେଲ ମାର୍କେଟ' ମେଳାରେ ସାମିଲ ହେବ। ୨୦୦୯ରେ ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ ଚଳିତବର୍ଷ ୧୦ ବର୍ଷରେ ପାଦ ଦେଇଛି। ଏହି ତିନିଦିନିଆ ଟ୍ରାଭେଲ ମାର୍କେଟିଂ କର୍ମଶାଳାରେ ରାଜକୀୟ ଟ୍ରେନ ମହାରାଜା ଏକ୍ସପ୍ରେସର ଅବିକଳ ରୂପ ପ୍ରଦର୍ଶିତ ହେବ। ମହାରାଜା ଏକ୍ସପ୍ରେସ ଭାରତୀୟ ରେଳପଥରେ ଯାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନିଆରା ସେବା ଯୋଗାଇଥାଏ। ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀର ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ କରି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଳାସପୂର୍ଣ୍ଣ ସେବା ଯୋଗାଣ କ୍ଷେତ୍ରରେ ଏହି ଟ୍ରେନ୍ ସର୍ବାଗ୍ରେ ରହି ଆସିଛି। ଏହା କେବଳ ଭାରତରେ ନୁହେଁ, ବିଶ୍ୱ ତାଲିକାରେ ସ୍ଥାନ ପାଇଛି।




ତ୍ରିଲୋଚନପୁର-ଆମ୍ବଗୁଡ଼ା ରାସ୍ତାରେ ମାଓବାଦୀ ପୋଷ୍ଟର

# ବେଦାନ୍ତ ଘଟଣାରେ ଗିରଫଦାରିକୁ ବିରୋଧ

**ଲାଞ୍ଜିଗଡ଼,୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଆମ୍ବଗୁଡାରୁ ତ୍ରିଲୋଚନପୁରକୁ ସଂଯୋଗ କରୁଥିବା ରାସ୍ତା କଡରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ପୋଷ୍ଟରରେ ସରକାର ଓ ପୋଲିସ ପ୍ରଶାସନକୁ ଚେତାବନୀ ଦିଆଯାଇଛି । ସରକାରଙ୍କ ଫାସିବାଦ ଶାସନକୁ ବିରୋଧ କରିବା ସହ ଜମ୍ମୁ-କଶ୍ମୀରର ଜନସାଧାରଣଙ୍କ ଉପରେ ଅତ୍ୟାଚାର ବନ୍ଦ କରାଯାଉ ବୋଲି ଆହ୍ୱାନ ଦିଆଯାଇଛି। ସେହିପରି ବେଦାନ୍ତ ମୁଖ୍ୟ ଫାଟକରେ ଶ୍ରମିକ ଓ ସୁରକ୍ଷା କର୍ମୀ ମୃତ୍ୟୁ ଘଟଣାରେ ଜନସାଧାରଣଙ୍କ ଗିରଫଦାରିକୁ ମାଓବାଦୀମାନେ ସିଧାସଳଖ ବିରୋଧ କରି ଏହି ପୋଷ୍ଟର ମାରିଛନ୍ତି । ତ୍ରିଲୋଚନପୁରଠାରେ ଅବସ୍ଥାପିତ ସିଆର୍‌ପିଏଫ୍ କ୍ୟାମ୍ପକୁ ମଧ୍ୟ ତୁରନ୍ତ ହଟାଇବାକୁ ପୋଷ୍ଟରରେ ଉଲ୍ଲେଖ ରହିଛି। ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ମାଓବାଦୀ ଦମନ ପାଇଁ ବିଜେପୁର, ତ୍ରିଲୋଚନପୁର ଓ ସିକେରକୁପା ଭଳି ୩ଟି ସ୍ଥାନରେ ଅତିରିକ୍ତ ସୁରକ୍ଷା ବଳ ନିୟୋଜିତ ଥିବାବେଳେ ଲାଞ୍ଜିଗଡ, ବିଶ୍ୱନାଥପୁର ଆଦି ଥାନାରେ ମଧ୍ୟ ସୁରକ୍ଷା ବଳ



ତ୍ରିଲୋଚନପୁର-ଆମ୍ବଗୁଡ଼ା ରାସ୍ତାରେ ଲାଗିଥିବା ମାଓବାଦୀ ପୋଷ୍ଟର।

ପ୍ରସ୍ତୁତ ରହିଛନ୍ତି। ଏହାସତ୍ତ୍ୱେ ମାଓବାଦୀ ସଙ୍ଗଠନ ବ୍ଲକ ଅଞ୍ଚଳରେ କାୟା ବିସ୍ତାର କରିବା ସହ ପୋଷ୍ଟର, ବ୍ୟାନର ଜରିଆରେ ସରକାର ଓ ପ୍ରଶାସନକୁ ଚ୍ୟାଲେଞ୍ଜ ଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି ।

### ଓକାକ୍‌ରେ ଚାଲୁଥିବା ସରକାରୀ କାର୍ଯ୍ୟର ତଦାରଖ କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ): ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁବାର ଓକାକ୍ ଟାୱାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଭିତ୍ତିଭୂମି ଏବଂ ସରକାରୀ କାର୍ଯ୍ୟର ତଦାରଖ କରିଛନ୍ତି। ମନ୍ତ୍ରୀ ବେହେରା ଇନ୍‌କ୍ୟୁବେସନ୍ ସେଣ୍ଟର ପରିଦର୍ଶନ କରି ଷ୍ଟାର୍ଟଅପ୍ ଓଡ଼ିଶା ଜରିଆରେ ସେଠାରେ ପ୍ରତିଷ୍ଠା କରାଯାଇଥିବା କମ୍ପାନୀ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ନୂଆକରି ଆସିବାକୁ ଥିବା କମ୍ପାନୀଗୁଡ଼ିକ ଲାଗି ଆବଶ୍ୟକ ସ୍ଥାନ ମଧ୍ୟ ବୁଲି ଦେଖିଛନ୍ତି। ଏହାସହ ମନ୍ତ୍ରୀ ବେହେରା ମୋ ସରକାର କଲ୍‌ସେଣ୍ଟର ବୁଲି ଦେଖିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ସରକାର' କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ଏହାର ପରିଚାଳନା ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅହୁରି ବ୍ୟାପକ, ଲୋକାଭିମୁଖୀ ଏବଂ ସୁଦୃଢ଼ କରିବା ଦିଗରେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଜଣେ ଉତ୍ତମ ନାଗରିକ ଭାବେ ସରକାରୀ କାର୍ଯ୍ୟାଳୟରେ ଏସି, ବିଜୁଳି ଏବଂ ବ୍ୟବହାରଯୋଗ୍ୟ ଜଳର ଉଚିତ୍ ବିନିଯୋଗ ଉପରେ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
Call Now:
8287944769
8287944965
Brahma Sahi, Nayagarh

FINANCE
CASHBEN ଋଣ ନେଇ ଆସିଛି ସୁବର୍ଣ୍ଣ ସୁଯୋଗ
ଋଣ ପାଇବାର ସରଳ ରାସ୍ତା କେବଳ ପ୍ୟାନ୍ କାର୍ଡ ଦ୍ୱାରା ମାତ୍ର ୧% ସୁଧରେ ୨୦,୦୦୦-୨୦,୦୦,୦୦୦/- ପର୍ଯ୍ୟନ୍ତ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ
Plot No-14/524, Chandini Chowk, Kolkata
9614873540
8226890446

ଦୀପାବଳିର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
CAPITAL ONE FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9794580838
H.No. 12, Sohana Distt. Mohali

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

Hi-Tech Tower Company
(୧୯୮୦ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

ଋଣ ଧମାକା!!! ଆଗେ ଆସନ୍ତୁ ଆଗେ ପାଆନ୍ତୁ
MAHINDRA FINANCE
ଭାରତର ନଂ.1 କମ୍ପାନୀ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
95181-86720, 93069-59483
ADDRESS: T-51, GAUTAMPURI, DELHI

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଦୀପାବଳି ଧମାକା
କୁପନ୍ ବାହାରିଲେ 5 ଲକ୍ଷ ପର୍ଯ୍ୟନ୍ତ ପାଆନ୍ତୁ କିମ୍ବା ଋଣ ପାଇଁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ।
ସୁଧ 1% ବାର୍ଷିକ
ସବୁ ପ୍ରକାର ଋଣ ସୁବିଧା ପାଇଁ ଯୋଗାଯୋଗ କରନ୍ତୁ
ToofanFinance.in
7491845997
7079574972
New Ashok Nagar, East Delhi, Delhi

ASTROLOGY ASTROLOGY

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287944770

ଦୀପାବଳିର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9415512879
B-34/7 A Block Vijay Enclave, Bururi, New Delhi

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସୁଦାମ



ଧୀରଜ



ବିଜୟ



ଅଜିତ୍



ଅମର



ଯତିନ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ରେଳ ଷ୍ଟେଶନରେ ଲାଗିବ ଜାତୀୟ ପତାକା

- ପୂର୍ବତଟ ରେଳପଥର ଆଉ ୨୬ ସ୍ଥାନରେ ଉଡ଼ିବ
- ଜାତୀୟତାବାଦ ଓ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବେ ଯାତ୍ରୀ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଜିଲା ସଦର ମହକୁମା ରେଳ ଷ୍ଟେଶନ, ଐତିହାସିକ ସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱ ବହନ କରୁଥିବା ରେଳ ଷ୍ଟେଶନଗୁଡିକରେ ଲାଗିବ ମନୁମେଣ୍ଟାଲ (ସ୍ମାରକୀ) ଜାତୀୟ ପତାକା। ଭାରତୀୟ ରେଳପଥ ନିର୍ଦ୍ଦେଶାନୁସାରେ ପୂର୍ବତଟ ରେଳପଥ ଅନ୍ତର୍ଗତ ଆଉ ୨୬ ବଡ଼ ଷ୍ଟେଶନରେ ଜାତୀୟ ପତାକା ସ୍ମାରକୀ ଭାବେ ଲଗାଯିବ। ଏହା ଯାତ୍ରୀଙ୍କ ମଧ୍ୟରେ ଜାତୀୟତାବାଦ ଓ ଦେଶପ୍ରେମ ଭାବନା ଜାଗ୍ରତ କରିବା ସହ ଷ୍ଟେଶନର ସୌନ୍ଦର୍ଯ୍ୟ ବଢ଼ାଇବ। ଆସନ୍ତା ମାର୍ଚ୍ଚ ସୁଦ୍ଧା ରେଳ ଷ୍ଟେଶନରେ ତ୍ରିରଙ୍ଗା ଉଡ଼ାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ପୂର୍ବତଟ ରେଳପଥ ଅନ୍ତର୍ଗତ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନ ଓ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଷ୍ଟେଶନରେ ପତାକା ଲଗାଯାଇଛି। ଏବେ ପ୍ରସ୍ତାବିତ ଷ୍ଟେଶନଗୁଡିକ ମଧ୍ୟରେ ରହିଛି ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ୧୩ ଷ୍ଟେଶନ, ସମ୍ବଲପୁର ରେଳ ମଣ୍ଡଳର ୬ ଷ୍ଟେଶନ ଏବଂ ୱାଲ୍‌ଟିୟର ରେଳ ମଣ୍ଡଳର ୭ ଷ୍ଟେଶନ। ଏହି ଷ୍ଟେଶନଗୁଡ଼ିକ ହେଲା ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ପୁରୀ, କଟକ, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧାରୋଡ଼, ଖୋର୍ଦ୍ଧା ଟାଉନ, ନୟାଗଡ଼ ଟାଉନ, ବ୍ରହ୍ମପୁର, ଛତ୍ରପୁର ଓ ପାରାଦୀପ। ସମ୍ବଲପୁର ରେଳ ମଣ୍ଡଳର ସମ୍ବଲପୁର, ବରଗଡ଼ ରୋଡ଼, ବଲାଙ୍ଗୀର, ନୂଆପଡ଼ା ରୋଡ଼, ଭବାନୀପାଟଣା ଓ ମହାସମୁନ୍ଦର ଏବଂ ୱାଲ୍‌ଟିୟର ରେଳ ମଣ୍ଡଳର କୋରାପୁଟ, ରାୟଗଡ଼ା, ପାରଳାଖେମୁଣ୍ଡି, ଶ୍ରୀକାକୁଲମ ରୋଡ଼, ବିଜୟନଗରମ, ଜଗଦଲପୁର ଓ ଦାନ୍ତେୱାଡ଼ା ଷ୍ଟେଶନରେ ସ୍ମାରକୀ ଜାତୀୟ ପତାକା ଲାଗିବ। ଏହିସବୁ ଷ୍ଟେଶନ ନିକଟରେ ଥିବା ଉପଯୋଗୀ ଫାଙ୍କା ସ୍ଥାନରେ ୧୦୦ ଫୁଟ ଉଚ୍ଚ ଖୁମ୍ବରେ ଜାତୀୟ ପତାକା ଲାଗିବ। ଆକର୍ଷଣୀୟ ଦୃଶ୍ୟମାନ ହେବା ପାଇଁ ଫୋକସ୍ ଲାଇଟ ବ୍ୟବହାର କରାଯିବାକୁ କୁହାଯାଇଛି। ଷ୍ଟେଶନ ପ୍ରଶାସନ ସହ ରେଳ ସୁରକ୍ଷା ବଳ ଏହି ସ୍ମାରକୀ ପତାକାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ।



# ପିଇଓ ହତ୍ୟା ଘଟଣା ହରିଦାସପୁର ଗସ୍ତ କରିବ ଭାଜପା ଟିମ୍

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ହେବା ନେଇ ପ୍ରଶ୍ନ ଉଠାଇଛି ଭାଜପା। ସରକାରୀ କାର୍ଯ୍ୟରେ ଯାଇଥିବା ସ୍ମିତାରାଣୀଙ୍କ ମୃତ ଦେହ ହରିଦାସପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଗେଷ୍ଟ ହାଉସରୁ ବାହାରିବା ସନ୍ଦେହ ବଢାଉଛି ବୋଲି ଦଳ ଦାବି କରିଛି। ଏହା ସୁପରିକଳ୍ପିତ ହତ୍ୟା ଷଡଯନ୍ତ୍ର ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି ବୋଲି ମଧ୍ୟ ଭାଜପା କହିଛି। ଜଣେ ସରକାରୀ ମହିଳାଙ୍କ ଶବ ସରପଞ୍ଚ ସ୍ୱାମୀଙ୍କ ଘରୁ ବାହାରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ସେ ଗେଷ୍ଟହାଉସ ଯିବା ସମୟରେ କିଛି ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ କି ନାହିଁ ସେନେଇ ଘଟଣାର ତଦନ୍ତ କରିବା ପାଇଁ ରାଜ୍ୟ ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ଶୁକ୍ରବାର ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ଗସ୍ତ କରିବ।

# ୧୯ରୁ 'ଖଦି ବଜାର'



ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଏକ ଜାତୀୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା 'ଖଦି ବଜାର' ଆୟୋଜିତ ହେବ। ଆସନ୍ତା ୧୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଏହା ଅନୁଷ୍ଠିତ ହେବ। ପ୍ରଦର୍ଶନୀରେ ୬୦ ଷ୍ଟଲ୍‌ରେ ଖଦି ଓ ଗ୍ରାମୋଦ୍ୟୋଗ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ କରାଯିବ। ରାଜ୍ୟ ଏବଂ ରାଜ୍ୟ ବାହାରର ଗ୍ରାମୀଣ କାରିଗର ଏଥିରେ ଅଂଶ ଗ୍ରହଣ କରିବେ। ଷ୍ଟଲ୍‌ଗୁଡ଼ିକରେ କାର୍ପାସ୍, ସିଲ୍‌କ ଓ ମସଲିନ୍ ଖଦିରେ ପ୍ରସ୍ତୁତ ଶାଢ଼ି, ଲୁଙ୍ଗି, ଗାମୁଛା ଓ ବିଭିନ୍ନ ପୋଷାକର ବିକ୍ରୟ କରାଯିବ। ଏହାସହ ବେତ ଓ ବାଉଁଶ ନିର୍ମିତ ବିଭିନ୍ନ ଆସବାବ ତଥା ଘରକରଣା ସାମଗ୍ରୀ, ସବାଇଘାସ ବା ଗୋଲ୍‌ଡେନ୍ ଗ୍ରାସ ନିର୍ମିତ ଘରସଜ୍ଜା ଉପକରଣ, ଝୋଟ ତିଆରି ବିଭିନ୍ନ ସାମଗ୍ରୀ, ଚମଡ଼ା ଉତ୍ପାଦ, ଖାଣ୍ଟି ଘଣାପେଡ଼ା ସୋରିଷ ତେଲ, ବିଶୁଦ୍ଧ ମହୁ, କନ୍ଧମାଳ ହଳଦୀ, ଝୁଣା, ମସଲା ସାମଗ୍ରୀ ଆଦିର ବିପଣନ କରାଯିବ। ଦର୍ଶକମାନଙ୍କ ପାଇଁ ଖଦି ଚରଖା ଓ କୁମ୍ଭାରଶିଳ୍ପ ଭଳି ଶିଳ୍ପର ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍‌ର ମଧ୍ୟ ବ୍ୟବସ୍ଥା କରାଯିବ। ସେହିଭଳି ପ୍ରତ୍ୟେକ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହାସହ ଗ୍ରାମାଞ୍ଚଳରେ ପ୍ରସ୍ତୁତ ଦେଶୀ ଖାଦ୍ୟ ସାମଗ୍ରୀକୁ ନେଇ ୫ ଷ୍ଟଲ ଖୋଲାଯିବ। ଗାଁ-ଗହଳିର ଗରିବ ବୁଣାକାରଙ୍କ ସାମଗ୍ରୀ କିଣି ସେମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ସାହାଯ୍ୟ କରିବାକୁ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ ଗୁରୁବାର ଖଦିବୋର୍ଡରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ବୋର୍ଡ ସଚିବ ସରୋଜ କୁମାର ପଟେଲ ଏବଂ ବୋର୍ଡର ଉପସଚିବ ରେଣୁପ୍ରଭା ନାୟକ ଓ ତ୍ରିଯୋଗୀ ନାରାୟଣ ଦାସ ଉପସ୍ଥିତ ଥିଲେ।

# ସୁବାସ ସିଂଙ୍କୁ ମିଳିଲା ରାଷ୍ଟ୍ରମନ୍ତ୍ରୀ ପାହ୍ୟା

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ମହାସଚିବ ସୁବାସ ସିଂଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେବା ସଙ୍ଗେସଙ୍ଗେ ତାଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା କୁହାଯାଇଛି। ଅନ୍ୟପଟେ ବୋର୍ଡ ପକ୍ଷରୁ କୁହାଯାଇଛି ଯେ, ସମଗ୍ର ରାଜ୍ୟରେ ୨୮,୬୨,୭୦୪ ଜଣ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ୨୦,୬୦,୫୨୯ ଜଣ ଶ୍ରମିକଙ୍କୁ ବିଭିନ୍ନ ସହାୟତା ବାବଦରେ ଅର୍ଥ ପ୍ରଦାନ କରାଯାଇଛି। ଅଦ୍ୟାବଧି ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ୨୧୧୬,୯୬,୪୬,୭୦୧ ଟଙ୍କା ସେସ୍ ଆଦାୟ ହୋଇଛି। ଗତବର୍ଷ ସର୍ବାଧିକ ୪୨୬ କୋଟି ଟଙ୍କା ଟିକସ ଆଦାୟ କରାଯାଇଥିଲା। ଓଡ଼ିଶାର ଦାଦନ ଶ୍ରମିକ ପ୍ରବଣ ଜିଲାଗୁଡ଼ିକରୁ ୫୬,୫୯୧ ଜଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ୨୫,୪୨୬ ଜଣ ହିତାଧିକାରୀଙ୍କ ଆବେଦନ ଅନୁମୋଦିତ ହୋଇଛି। ୧୦,୯୩୮ ଘର ପୂର୍ଣ୍ଣାଙ୍ଗ ହୋଇସାରିଛି। ନିର୍ମାଣ ଶ୍ରମିକମାନଙ୍କ ଲାଗି କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାରେ ଓଡ଼ିଶା ସମଗ୍ର ଦେଶରେ ଏକ ଆଗୁଆ ରାଜ୍ୟରେ ପରିଣତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ଏକ କୋଟି ଲୋକ ସାମାଜିକ ସୁରକ୍ଷା ପରିସରଭୁକ୍ତ ହୋଇପାରିଛନ୍ତି ବୋଲି ସୂଚନା ଦିଆଯାଇଛି।।

ପାରାଦୀପରେ କେନ୍ଦ୍ର ଜାହାଜ ଚଳାଚଳ, ସାର ଓ ରସାୟନ ମନ୍ତ୍ରୀ

# ଶିଳାନ୍ୟାସ କଲେ ଏକାଧିକ ପ୍ରକଳ୍ପ



କେନ୍ଦ୍ରମନ୍ତ୍ରୀ ମନସୁଖ ଲାଲ ମାଣ୍ଡବୀୟ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ପ୍ରକଳ୍ପ ଶିଳାନ୍ୟାସ କରୁଛନ୍ତି।

ପାରାଦୀପ,୧୭।୧୦(ସ୍ୱ.ପ୍ର.)

କେନ୍ଦ୍ର ଜାହାଜ ଚଳାଚଳ, ସାର ଓ ରସାୟନ ବିଭାଗ (ସ୍ୱାଧୀନ) ମନ୍ତ୍ରୀ ମନସୁଖ ଲାଲ ମାଣ୍ଡବୀୟ ଗୁରୁବାର ପାରାଦୀପ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ବୁଧବାର ରାତି ୧୧.୩୦ରେ ସେ ପାରାଦୀପର ନେହେରୁ ବଙ୍ଗଳାଠାରେ ଥିବା ଜବାହାର ଅତିଥି ଭବନରେ ପହଞ୍ଚିଥିଲେ। ସେଠାରେ ରାତ୍ରିଯାପନ କରିବା ପରେ ଗୁରୁବାର ସକାଳ ୯ଟାରେ ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ୱେଟ୍‌ବେଶିନ୍‌ଠାରେ କେତେକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ବ୍ୟାଙ୍କଲେନ୍ ପଛପଟେ ନିର୍ମିତ କଲ୍ୟାଣମଣ୍ଡପ ଉଦ୍‌ଘାଟନ କରିଥିଲେ। ଏଥିସହ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଅଂଶବିଶେଷ ଚାରାରୋପଣ, ପ୍ଲାଷ୍ଟିକ ବର୍ଜନ ପାଇଁ କପଡ଼ା ବ୍ୟାଗ୍ ବଣ୍ଟନ, ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ସାଇକେଲ ଚାଳନା ଆଦି କରିଥିଲେ। ଏହି ଅବସରରେ ପ୍ରଶାସନିକ ଭବନରେ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା ଓ ବନ୍ଦର ବ୍ୟବହାରକାରୀ ସଂସ୍ଥାକୁ ନେଇ ସମୀକ୍ଷା ବୈଠକ କରିଥିଲେ। ଅପରାହ୍ନ ୧ଟା ପରେ ପାରାଦୀପ ପେଟ୍ରୋ କେମିକାଲ୍ସ ପ୍ରକଳ୍ପ ଓ ସାର କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କରି ଅପରାହ୍ନ ୩ଟାରେ ଭୁବନେଶ୍ୱର ଫେରିଯାଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତବେଳେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ଅନ୍ୟ ଅଫିସରମାନେ ଉପସ୍ଥିତ ଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀର ଭାଜପା ନେତା ସମ୍ପଦ ସ୍ୱାଇଁ କେନ୍ଦ୍ରମନ୍ତ୍ରୀ ମାଣ୍ଡବୀୟଙ୍କୁ ବାଟରେ ନିଜ ସମର୍ଥକଙ୍କ ସହ ସ୍ୱାଗତ କରିଥିଲେ।

# ସହରୀ ମହିଳାଙ୍କଠାରେ ଅଧିକ ସ୍ତନକର୍କଟ

ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)

ଭାରତରେ ଗ୍ରାମାଞ୍ଚଳ ତୁଳନାରେ ସହରରେ ବାସ କରୁଥିବା ମହିଳାଙ୍କୁ ସ୍ତନକର୍କଟ ଅଧିକ ହେଉଛି। ସହରରେ ରହୁଥିବା ପ୍ରାୟ ୨୫% ମହିଳା ସ୍ତନକର୍କଟରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ତେବେ ମହିଳାଙ୍କୁ ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର ବା ଗର୍ଭାଶୟ କର୍କଟ ତୁଳନାରେ ସ୍ତନକର୍କଟ ଅଧିକ ହେଉଥିବା ଜଣାପଡ଼ିଛି। ଭାରତୀୟ ମହିଳାମାନେ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରି ପରିବାର ପ୍ରତି ଅଧିକ ଯତ୍ନଶୀଳ ଥିବାରୁ ଅଧିକାଂଶ ସମୟରେ ସ୍ତନକର୍କଟର ପ୍ରାରମ୍ଭିକ ଲକ୍ଷଣକୁ ଧ୍ୟାନଦେଇ ନ ଥାନ୍ତି। ଶେଷ ପର୍ଯ୍ୟାୟରେ ଚିହ୍ନଟ ହେଲେ ଏହାର ଚିକିତ୍ସା ଲାଗି ଅଧିକ ଅର୍ଥ ଆବଶ୍ୟକ ହେବା ସହ ବଞ୍ଚିବାର ସମ୍ଭାବନା ମଧ୍ୟ କମ୍ ଥାଏ। ଏଭଳିସ୍ଥଳେ ୪୦ ବର୍ଷ ବୟସ ପରେ ମହିଳାଙ୍କ ମାମୋଗ୍ରାମ୍ କରିବା ଏବଂ ପ୍ରତିବର୍ଷ ସ୍ତନର ଅଲ୍ଟ୍ରାସାଉଣ୍ଡ ସ୍କାନ୍ କରାଯିବା ଜରୁରୀ ବୋଲି ଅଙ୍କୋଲୋଜିଷ୍ଟ ଡାକ୍ତର ଚିନ୍ମୟ କୁମାର ପାଣି କହିଛନ୍ତି।

ଡାକ୍ତରଙ୍କ କହିବାନୁଯାୟୀ, ମାମୋଗ୍ରାମ୍ ଦ୍ୱାରା ୨୦% ସ୍ତନକର୍କଟର ଚିହ୍ନଟ ପ୍ରାରମ୍ଭିକସ୍ତରରେ ହିଁ ହୋଇପାରିଥାଏ। ଡାକ୍ତରୀ ପରୀକ୍ଷା ସହିତ ନିଜେ ନିଜେ ମଧ୍ୟ ସ୍ତନର ପରୀକ୍ଷା କରିବା ଆବଶ୍ୟକ। ଯଦି ସ୍ତନରେ ଗୋଟା ଗୋଟା ଲାଗେ ତେବେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସ୍ତନ କର୍କଟର ଚିହ୍ନଟ ପ୍ରାଥମିକ ପର୍ଯ୍ୟାୟରେ ହୋଇପାରିଲେ ଆବଶ୍ୟକ ଚିକିତ୍ସା ଦ୍ୱାରା ଏହାର ସହଜ ନିରାକରଣ ହୋଇପାରେ। କିନ୍ତୁ ବିଳମ୍ବ ହେଲେ ପରିସ୍ଥିତି ସଙ୍କଟଜନକ ହୋଇଥାଏ। ତେବେ ସଚେତନତା ଅଭାବରୁ ଅନେକ ଭାରତୀୟ ମହିଳା ସେମାନଙ୍କଠାରେ ସ୍ତନକର୍କଟ ହୋଇଥିବା ଜାଣିପାରି ନ ଥାନ୍ତି। ସ୍ତନରେ ତିନିସପ୍ତାହରୁ ଅଧିକ ସମୟ ଧରି ଗୋଟା ଗୋଟା ଲାଗିବା ତଥା ସ୍ତନର ଆକାରରେ କିଛି ପରିବର୍ତ୍ତନ ହେଲେ ଏହାର ପରୀକ୍ଷା ପାଇଁ ଡାକ୍ତରଙ୍କ ସହାୟତା ନେବାର ଆବଶ୍ୟକତା ରହିଛି ବୋଲି ଡା. ପାଣି କହିଛନ୍ତି।

# ପରଲୋକରେ କଥାକାର ହେମନ୍ତ ମହାପାତ୍ର



**ଭୁବନେଶ୍ୱର, ୧୭।୧୦ (ବ୍ୟୁରୋ):** ସୁପରିଚିତ ଓଡ଼ିଆ କଥାକାର, ପ୍ରାକ୍ତନ ବରିଷ୍ଠ ଇତିହାସ ପ୍ରାଧ୍ୟାପକ ଡକ୍ଟର ହେମନ୍ତ କୁମାର ମହାପାତ୍ରଙ୍କର ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି। ୧୯୫୫ରେ ତିର୍ତ୍ତୋଲର ରାମଦାସପୁର ଗ୍ରାମରେ ତାଙ୍କର ଜନ୍ମ। ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସେ ଗତ କିଛିଦିନ ହେବ ଗୁରୁତର ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ଓଡ଼ିଶା ଇତିହାସ କଂଗ୍ରେସର ସଭାପତି ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ। 'ଭଙ୍ଗାଦେଉଳ ଓ କଳାସାପ', 'ନରଭୋଜୀମାନଙ୍କ ସାମ୍ରାଜ୍ୟ', 'ଅଗ୍ନିବଳୟ', 'ଦିଗ୍‌ବଳୟ ଏ ପାଖର ଗଳ୍ପ', 'ମର୍ତ୍ତ୍ୟେ ମନୁଷ୍ୟ ଦେହବହି' ପ୍ରଭୃତି ଗଳ୍ପ ସଂକଳନ ଏବଂ 'ସୂର୍ଯ୍ୟବଂଶୀ', 'ରାଜନନ୍ଦିନୀ', 'ଦୁର୍ଗ ବାରବାଟୀ', 'ଯଶୋଧାରା', 'ଜୟୀ ରାଜଗୁରୁ', 'ନାହିଁ ଆଦି, ନାହିଁ ଅନ୍ତ' ଆଦି ଉପନ୍ୟାସର ସେ ସ୍ୱନାମଧନ୍ୟ ସ୍ରଷ୍ଟା।

THE ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No.34/OMC Date : 17.10.2019

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries with an annual turnover of Rs.4053 Crores during Financial Year 2018-19.
The Corporation invites application from dynamic & competent professionals in different discipline as follows.

**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for | | | |
|---|---|---|---|---|---|---|---|---|
| | | | | | SC | ST | SEBC | UR |
| PERSONNEL | | | | | | | | |
| 1 | Dy. General Manager (Personnel) E-5 grade | 78,800/- to 2,09,200/- | 01 | 1,05,900/- | - | - | - | 01 |
| 2 | Sr. Manager (Personnel), E-4 grade | 67,700/- to 2,08,700/- | 02 | 91,100/- | - | - | 01 | 01 |
| 3 | Manager (Persnl), E-3 grade | 67,700/- to 2,08,700/- | 02 | 78,500/- | 01 | 01 | - | - |
| | **Total** | | **05** | | **01** | **01** | **01** | **02** |
| MEDICAL OFFICER | | | | | | | | |
| 4 | Medical Officer -III, E-2 grade | 67,700/- to 2,08,700/- | 02 | 67,700/- | - | - | - | 02 |
| | **Total** | | **02** | | - | - | - | **02** |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, experience certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF ___________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 02.11.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

Sd/-
Director (Personnel)



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ: ଯୁବକ ଗିରଫ

ବାମରା,୧୭।୧୦(ଡି.ଏନ.ଏ.): ନାବାଳିକାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଗୋବିନ୍ଦପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଗୁରୁବାର ଚାଲାଣ କରିଛି। ସେ ହେଲେ କୁଟାରୀମାଲ ପଞ୍ଚାୟତ ବାରବ ଗାଁର ଭକ୍ତବନ୍ଧୁ ସାହୁ (୩୦)। ଅଭିଯୋଗ ମୁତାବକ, ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ଭକ୍ତବନ୍ଧୁ ଅସଦାଚରଣ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଦଫା ୩୫୪ (ଏ), ୩୫୪ (ବି), ୨୯୪ ଓ ୧୦ ପକ୍ସୋ ଆକ୍ଟ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଭକ୍ତବନ୍ଧୁଙ୍କୁ ଗିରଫ କରି ସମ୍ବଲପୁର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ମାମଲାର ତଦନ୍ତ ଅଧିକାରୀ ସବ୍‌ଇନ୍‌ସପେକ୍ଟର ଟି. କେର୍କେଟା ପ୍ରକାଶ କରିଛନ୍ତି।

### ସାପ କାମୁଡ଼ାରେ ଯୁବକ ମୃତ

କୁଚିଣ୍ଡା,୧୭।୧୦(ଡି.ଏନ.ଏ.): ସାପ କାମୁଡାରେ କୁଚିଣ୍ଡା ବ୍ଲକ ତଥା ମହୁଲପାଲି ଥାନା ଅଧୀନ ବଡମୁଣ୍ଡାଲୋଇ ଗ୍ରାମର ବୈଶାଖୁ ମୁଣ୍ଡା(୩୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ଯୋଗ୍ୟ, ବୈଶାଖୁ ବୁଧବାର ଅପରାହ୍ନ ସାଢ଼େ ୪ଟା ବେଳେ ନିଜ ବାଡିରେ କାମ କରୁଥିଲେ। ସେତିକିବେଳେ ଏକ ସାପ କାମୁଡି ଦେଇଥିଲା। ସେ ଘରକୁ ଆସି ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ କୁଚିଣ୍ଡା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ଦିବ୍ୟାଙ୍ଗଙ୍କୁ ଓଜନ ମାପଯନ୍ତ୍ର ପ୍ରଦାନ

ସମ୍ବଲପୁର,୧୭।୧୦(ବ୍ୟୁରୋ): ସମ୍ବଲପୁର ରୋଡ ଷ୍ଟେଶନରେ(ଫାଟକ) ଦୀର୍ଘ ଦିନ ହେବ ଜଣେ ଦିବ୍ୟାଙ୍ଗ ଭିକ୍ଷାବୃତ୍ତି କରିଥିଲେ । ତାଙ୍କୁ ସ୍ୱାବଲମ୍ବୀ କରିବାକୁ ଗୁରୁବାର ଫାଟକ ମର୍ଣ୍ଣିଂ କ୍ଲବ ପକ୍ଷରୁ ଓଜନ ମାପଯନ୍ତ୍ର ପ୍ରଦାନ କରାଯାଇଛି । ଓଜନ ମାପଯନ୍ତ୍ର ପ୍ରଦାନ ବେଳେ କ୍ଲବର ପ୍ରଦୀପ ପଣ୍ଡା, ଅମ୍ବିକା ପ୍ରସାଦ ପଣ୍ଡା, ଲୋକନାଥ ପାଣ୍ଡେ, ରାଜୀବ ବିଶ୍ୱାସ, କୈଶିକ ପଟେଲ, କିରିଟ ପଟେଲ, ପ୍ରଶାନ୍ତ ଦିକ୍ଷୀତ, ଶିବଲାଲ କନୱାର, ଡ. ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଗୁରୁବାର ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ବାମ)। ଉପଜିଲାପାଳଙ୍କୁ ଛାତ୍ରୀଛାତ୍ରମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

■ ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ

# ୮ ଅଧ୍ୟାପକଙ୍କ ବଦଳି ନିର୍ଦ୍ଦେଶ ବାତିଲ ଦାବି

**କଲେଜ ଗେଟରେ ତାଲା, ଜିଲା ପ୍ରଶାସନକୁ ଦାବିପତ୍ର**

■ କଲେଜରୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ରାଲି

■ ବଦଳିକୁ ନେଇ ବିଭିନ୍ନ ସଂଗଠନର ନିନ୍ଦା

ସମ୍ବଲପୁର,୧୭।୧୦(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟର ୮ଜଣ ଅଧ୍ୟାପକଙ୍କୁ ଏକା ସାଙ୍ଗରେ ମଙ୍ଗଳବାର ବଦଳି କରାଯାଇଛି । ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି କରାଯାଇ ନାହିଁ । ଏପରି କି ବଦଳି ଅଧ୍ୟାପକଙ୍କୁ ୨୪ ଘଣ୍ଟା ଭିତରେ କାର୍ଯ୍ୟରେ ଯୋଗ ଦେବାକୁ କଡା ନିର୍ଦ୍ଦେଶ ରହିଛି। ଏହାର ପ୍ରତିବାଦରେ ଗୁରୁବାର ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଅଧ୍ୟାପକ ବଦଳି ନିର୍ଦ୍ଦେଶ ବାତିଲ ଦାବି କରି କଲେଜ ଗେଟରେ ତାଲା ପକାଇ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ୮ଜଣ ଅଧ୍ୟାପକଙ୍କ ବଦଳି ନିର୍ଦ୍ଦେଶ ବାତିଲ କରିବାକୁ ଦାବି କରିଥିଲେ। ଶିକ୍ଷାବର୍ଷ ମଝିରେ ଏଭଳି ବଦଳି କରାଗଲେ ପାଠପଢ଼ାରେ ବାଧା ସୃଷ୍ଟି ହେବ । ପୂର୍ବରୁ କଲେଜରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନାହାନ୍ତି। ବର୍ତ୍ତମାନ ଅଧ୍ୟାପକଙ୍କ ବଦଳି ପରେ ବିଭାଗରେ ଜଣେ ମାତ୍ର ଅଧ୍ୟାପକ ରହିବେ। ନଭେମ୍ବର ମାସରେ ଟେଷ୍ଟ ପରୀକ୍ଷା ରହିଛି। ହେଲେ ଅଧ୍ୟାପକଙ୍କ ବଦଳି ଘଟଣା ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯିବ ବୋଲି ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ସଦର ଏସ୍‌ଡିପିଓ ଭବନୀ ଶଙ୍କର ଉଦ୍‌ଗାତା ଏବଂ ଟାଉନ ଥାନା ଅଧିକାରୀ ରମେଶଚନ୍ଦ୍ର ଡୋରାଙ୍କ ଉପସ୍ଥିତିରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ଅବସରରେ ଶତାଧିକ ଛାତ୍ରୀଛାତ୍ର କଲେଜରୁ ରାଲିରେ ବାହାରିଥିଲେ । ଲକ୍ଷ୍ମୀଟକିଜ ଛକ, ଗୋଳବଜାର ଛକ, ପୀରବାବା ଛକ, ମ୍ୟୁନିସିପାଲଟି ଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉପଜିଲାପାଳ ପ୍ରଧାନ ଅଭିଯୋଗ ପତ୍ରକୁ ତୁରନ୍ତ ସରକାରଙ୍କ ପାଖକୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଘଟଣା ପ୍ରଚାର ହେବା ପରେ ଜିଲାରେ ଶିକ୍ଷାବିତ, ଅଭିଭାବକ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିକ୍ରିୟ ପ୍ରକାଶ ପାଇଛି । ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଅଧ୍ୟାପକଙ୍କ ବଦଳି ବାତିଲ କରିବାକୁ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ ଭବାନୀ ଭୋଇ, ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ଅଗ୍ରୱାଲ, ମିଡିଆ ପ୍ରଭାରୀ ମାନସ ବକ୍ସି ପ୍ରମୁଖ ଉପସ୍ଥିତ ରହିଥିଲେ।

### ସଙ୍ଗୀତ ନିର୍ଦ୍ଦେଶନାରେ ଓଡ଼ିଆ ପୁଅଙ୍କ ସଫଳତା

ସମ୍ବଲପୁର,୧୭।୧୦(ବ୍ୟୁରୋ)

ସମ୍ବଲପୁର ହୀରାକୁଦ ହିଣ୍ଡାଲକୋର ପୂର୍ବତନ ଉପସଭାପତି ସୁଧୀର ପାଣିଗ୍ରାହୀଙ୍କ ପୁଅ ପ୍ରିୟବ୍ରତ ସଙ୍ଗୀତ ନିର୍ଦ୍ଦେଶନାରେ ସଫଳତା ହାସଲ କରିଛନ୍ତି। ମୁମ୍ବାଇରେ ରହୁଥିବା ପ୍ରିୟବ୍ରତଙ୍କ ସଙ୍ଗୀତ ସେଫ୍ ବିକାଶ ଖାନ୍ନାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଇଂଲିଶ ଚଳଚ୍ଚିତ୍ର ଦ ଲାଷ୍ଟ କଲର ବହୁ ଆନ୍ତର୍ଜାତିକ ପୁରସ୍କାର ସାଉଁଟି ପାରିଛି। ବିଧବା ମହିଳାଙ୍କ ଥଇଥାନ ଉପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ନୀନା ଗୁପ୍ତା ଅଭିନୟ କରିଛନ୍ତି। ଚଳଚ୍ଚିତ୍ର କେନ୍‌ସ, ପାମ୍‌ସ, ସ୍ପ୍ରିଙ୍ଗ୍, ଦର୍ଲାସ, ନ୍ୟୁୟର୍କ, ଉଡସ୍ ଟକ୍, ସ୍ୱେନ୍ ପ୍ରଭୃତି ଫିଲ୍ମ ଫେଷ୍ଟିଭାଲରେ ସ୍ୱିକୃତୀ ଓ ପୁରସ୍କାର ଲାଭ କରିଛି । ଚଳଚ୍ଚିତ୍ର ବାରଣାସୀରେ ସୁଟିଂ ହୋଇଛି। ଚଳଚ୍ଚିତ୍ର ଜିଓ ମୁମ୍ବାଇ ଫିଲ୍ମ ଫେଷ୍ଟିଭାଲରେ ଭାଗ ନେଇଥିବା ବେଳେ ଅକ୍ଟୋବର ୧୮ ଓ ୧୯ ତାରିଖ ମୁମ୍ବାଇର ୨ଟି ସିନେମା ହଲ୍‌ରେ ପ୍ରଦର୍ଶିତ ହେବାକୁ ଯାଉଛି। ପ୍ରିୟବ୍ରତଙ୍କ ପରିବାର ବଲାଙ୍ଗୀରର ମୂଳ ବାସିନ୍ଦା ଅଟନ୍ତି । ସେ ସମ୍ବଲପୁର କନ୍‌ଭେଣ୍ଟ ସ୍କୁଲ, ଗଙ୍ଗାଧର ମେହେର ଜୁନିୟର କଲେଜ ଏବଂ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରୁ ବି.ଟେକ୍ ଡିଗ୍ରୀ ହାସଲ କରିବା ପରେ ପୁଣେ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍(ଏଫ୍‌ଟିଆଇଆଇ)ରୁ ସାଉଣ୍ଡ ଇଞ୍ଜିନିୟରିଂରେ ପିଜି ଡିପ୍ଲୋମା କରିଛନ୍ତି। ପ୍ରିୟବ୍ରତ ପୂର୍ବରୁ ୨ଟି ଓଡ଼ିଆ ଚଳଚ୍ଚିତ୍ର ଓ ୧୦ଟି ଅଧିକ ଟିଭି ଶୋରେ ଭାଗ ନେଇଛନ୍ତି।

## ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ

ସମ୍ବଲପୁର,୧୭।୧୦(ବ୍ୟୁରୋ): ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ଖାଦ୍ୟ ଦିବସ- ୨୦୧୯ ପାଳିତ ହୋଇଯାଇଛି। ରେଙ୍ଗାଲି ବ୍ଲକ ବୋମାଲୋଇ ପଞ୍ଚାୟତ ଅନ୍ତର୍ଗତ ନାୟକପଡା ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଦାରିଦ୍ର୍ୟ ସୀମାରେଖା ତଳେ ବାସବାସ କରୁଥିବା ଜନସାଧାରଣଙ୍କୁ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ସଚେତନ କରାଯାଇଥିଲା। 'ଆମ କାର୍ଯ୍ୟ ପଦ୍ଧତି ହିଁ ଆମ ଭବିଷ୍ୟତ' ସ୍ଲୋଗାନ ଦିଆଯାଇଥିଲା। ରେଙ୍ଗାଲିର ଏଞ୍ଜେଲା ମିଞ୍ଜ, ବ୍ଲକ ଖାଦ୍ୟ ନିରାପତ୍ତା ଓ ଯୋଗାଣ ବିଭାଗର ରଞ୍ଜୁକ୍ତା ମେହେର, ରେଙ୍ଗାଲି ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ ଗୋପାଳକୃଷ୍ଣ ପଣ୍ଡା, ବୋମାଲୋଇ ସରପଞ୍ଚ ଶେଷଦେବ ପ୍ରଧାନ, ସ୍ୱେତା ଉପାଧ୍ୟାୟ, ମନୋରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ନାୟକପଡ଼ାର ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମବାସୀ ଯୋଗଦେଇଥିଲେ ।




ଆଦିତ୍ୟ ଆଲୁମିନିୟମରେ ଆୟୋଜିତ ବିଶ୍ୱ ଖାଦ୍ୟ ଦିବସ ସଭାରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।

## ଅସ୍ଥାୟୀ କର୍ମଚାରୀଙ୍କ ବକେୟା ପାଉଣା ପ୍ରଦାନ ଦାବି

ସମ୍ବଲପୁର,୧୭।୧୦(ବ୍ୟୁରୋ): ସମ୍ବଲପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଡିଭିଜନରେ କାର୍ଯ୍ୟରତ ୧୮ଜଣ ଅସ୍ଥାୟୀ କର୍ମଚାରୀ ଦୀର୍ଘ ୩ ବର୍ଷ ହେବ ବକେୟା ପାଉଣା ପାଇନାହାନ୍ତି। ଏନେଇ ସମ୍ବଲପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏପରି କି ଜିଲା ଶ୍ରମ ଅଧିକାରୀଙ୍କ ପାଖକୁ ଯାଇ ମଧ୍ୟ ନିରାଶ ହୋଇଛନ୍ତି । ଫଳରେ ଅସ୍ଥାୟୀ କର୍ମଚାରୀଙ୍କ ପରିବାର ପ୍ରତିପୋଷଣରେ ମଧ୍ୟ ଅସୁବିଧା ସୃଷ୍ଟି ହେଉଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଷ୍ଟି ଦେବାକୁ ସମ୍ବଲପୁର ରୁରାଲ ୱାର୍କସ ଡିଭିଜନ ୱାର୍କସ ୟୁନିୟନ ସାଧାରଣ ସମ୍ପାଦକ ରତିକାନ୍ତ ମହାନ୍ତି ଦାବି କରିଛନ୍ତି। ଗୁରୁବାର ଏନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଏକ ଦାବିପତ୍ର ପ୍ରେରଣ କରାଯାଇଛି।

## ଶିକ୍ଷକ ନିଯୁକ୍ତିରେ ଅନିୟମିତତା

ସମ୍ବଲପୁର,୧୭।୧୦(ବ୍ୟୁରୋ): ମାନେଶ୍ୱର ବ୍ଲକ ଶିକ୍ଷା ବିଭାଗରେ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଠବ୍ଲକ ଅଧୀନ ବରଘାଟ ସ୍କୁଲରେ ଶିକ୍ଷକଙ୍କ ଆବଶ୍ୟକତା ନ ଥିଲେ ମଧ ପୁଣି ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଥିବା ଗ୍ରାମବାସୀ ଜିଲାପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉପଜିଲାପାଳ ଅନିରୁଦ୍ଧ ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ ଶିକ୍ଷକଙ୍କ ସ୍ୱାର୍ଥ ଦଷ୍ଟିରୁ ନିୟମ ବିରୋଧରେ ବରଘାଟ ସ୍କୁଲରେ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ସ୍କୁଲରେ ୯ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସ୍କୁଲରେ ୨ ଜଣ ଶିକ୍ଷକ ପୂର୍ବରୁ ନିଯୁକ୍ତି ଅଛନ୍ତି। ସରକାରଙ୍କ ନିମୟ ଅନୁସାରେ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ରହିବା କଥା। ହେଲେ ପୁଣି ୨ଜଣ ଶିକ୍ଷକଙ୍କୁ ସ୍କୁଲରେ ନିଯୁକ୍ତ କରିଛନ୍ତି । ୯ ଛାତ୍ରୀଛାତ୍ର ପାଇଁ ବର୍ତ୍ତମାନ ୪ ଜଣ ଶିକ୍ଷକଙ୍କ ଆବଶ୍ୟକ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳ ନିକଟରେ ଗ୍ରାମବାସୀ ୨ ଥର ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦାବିପତ୍ରରେ ପିଣ୍ଟୁ ଭୋଇ, ମଣି ବାଗ, ନେତ୍ରମଣି ଭୋଇ, ସୁରେଶ ନାଏକ, ଶ୍ୟାମଲାଲ ଭୂଏ, ବଇଁଶୀ ଭୁଏ, ରାଧାକାନ୍ତ ବାଗ, ବିନୋଦ ଭୁଏ, ଅନୀଲ ନାଏକ, ସୁବାଗିନୀ ଭୋଇଙ୍କ ସ୍ୱାକ୍ଷର ରହିଛି ।

## ଶିଶୁ ପାଇଁ ବୃକ୍ଷ ଚାରାଟିଏ କାର୍ଯ୍ୟକ୍ରମ



ଝାରସୁଗୁଡ଼ାସ୍ଥିତ ବେଦାନ୍ତ କମ୍ପାନୀ ଆୟୋଜିତ ଶିଶୁ ପାଇଁ ବୃକ୍ଷ ଚାରାଟିଏ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ସମ୍ବଲପୁର, ୧୭।୧୦ (ବ୍ୟୁରୋ)

ଝାରସୁଗୁଡା ସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ଶିଶୁ ପାଇଁ ବୃକ୍ଷ ଚାରାଟିଏ କାର୍ଯ୍ୟକ୍ରମ ବଡମାଳ ପଞ୍ଚାୟତ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କମ୍ପାନୀ ପକ୍ଷରୁ ଆଖପାଖ ଅଞ୍ଚଳର ୩୩ଟି ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ୫ହଜାର ଚାରା ବଣ୍ଟନ କରାଯାଇଥିଲା। ଦେଶର ଆଗାମୀ ପିଢ଼ିଙ୍କ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଦିଗରେ ଚିନ୍ତା କରି କମ୍ପାନୀ ଏପରି ପଦକ୍ଷେପ ଗ୍ରହଣ କରିଛି । ଆର୍ଥିକ ଉନ୍ନତି ସହ ସବୁଜ ଭବିଷ୍ୟତ ଗଢ଼ିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ବେଦାନ୍ତ କମ୍ପାନୀ ସିଏମ୍ ସିଂ ମତବ୍ୟକ୍ତ କରିଥିଲେ। ଝାରସୁଗୁଡା ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ, ବଡମାଳ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୋଦ ମିଶ୍ର, ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ହେମସାଗର ଚୌଧୁରୀ, ବେଦାନ୍ତ କମ୍ପାନୀ ପରିବେଶ ବିଭାଗ ମୁଖ୍ୟ ଏ.ଏସ୍.ପି. ମିଶ୍ର ଓ ସିଏସ୍‌ଆର ମୁଖ୍ୟ ସୁନ୍ଦର ରାଜ ଯୋଗଦେଇଥିଲେ ।

■ କର୍ଡୋଲାର ମା' ଗଜଲକ୍ଷ୍ମୀ ପୂଜା

# ମନମୋହିଲା ସମ୍ବଲପୁରୀ ନାଟକ ଯମ୍ ମାଗୁଛେ ଆଧାରକାର୍ଡ

ଚିପିଲିମା,୧୭।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ଧନକଉଡା ବ୍ଲକ କର୍ଡୋଲା ଗ୍ରାମରେ ୪ଦିନ ଧରି ଚାଲିଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁସଜ୍ଜିତ ଆକର୍ଷଣୀୟ ତୋରଣ ସାଙ୍ଗକୁ ମା'ଙ୍କ ମୃଣ୍ମୟୀ ପ୍ରତିମା ଏବଂ ସୁସଜ୍ଜିତ ରଙ୍ଗିନ ଆଲୋକମାଳା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବିଧି ମୁତାବକ ମା'ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ପୂଜା କାର୍ଯ୍ୟ ପଣ୍ଡିତ ପ୍ରଫୁଲ୍ଲ ନାୟକ ତୁଲାଇଥିବା ବେଳେ ଅଶୋକ ପ୍ରଧାନ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ପ୍ରତ୍ୟହ ସନ୍ଧ୍ୟାରେ ଭଜନ, ସମ୍ବଲପୁରୀ ମେଲୋଡି, ସଂକୀର୍ତ୍ତନ, କୃଷ୍ଣଗୁରୁ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶେଷ ଦିନରେ ବରଗଡ କୁମ୍ଭାରୀର ଭଗବାନ ଯାତ୍ରାପାର୍ଟି ପକ୍ଷରୁ ସମ୍ବଲପୁରୀ ନାଟକ ଯମ ମାଗୁଛେ ଆଧାରକାର୍ଡ ପ୍ରଦର୍ଶିତ ହୋଇଥିଲା। ଏହା ଦର୍ଶକଙ୍କ ମନମୋହିଥିଲା। ଆୟୋଜିତ ଗଜଲକ୍ଷ୍ମୀ ପୂଜାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ, ବିଜେଡି ଯୁବନେତା ଇଂ. ଦିଲୀପ ଦୁରିଆ, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପରିଷଦ ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ, ସ୍ଥାନୀୟ ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼ାଇ ପ୍ରମୁଖ ଉପସ୍ଥିତ ରହି ଆୟୋଜକ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ପୂଜାରେ ଗାଁ ଉତ୍ସବ ମୁଖର ହୋଇଥିଲା। ପୂଜା କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚିପିଲିମା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ନାଟକ ଦେଖିବା ପାଇ ଦର୍ଶକଙ୍କ ଭିଡ଼।

■ ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟ୍ ଘଟଣା

# ବିହାରର ୪ ଯୁବକ ଗିରଫ

ସମ୍ବଲପୁର,୧୭ ।୧୦(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ପୋଲିସ ଏବଂ ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଭାବେ ଚଢାଉ କରି ୪ଜଣ ଲୁଟେରାଙ୍କୁ ଧରିବା ସହ ସୁନା ଗହଣା ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି । ଗିରଫ ଯୁବକମାନେ ହେଲେ ବିହାର ଭାଗଲପୁର ଜିଲାର ସୁରଜ କୁମାର(୨୪), ଦିନେଶ କୁମାର ସା(୩୭), ମହମ୍ମଦ ଆଶରଫ ଓ କଟିଆର ଜିଲାର ଚନ୍ଦନ କୁମାର ସା (୩୦)। ପୋଲିସ ତାଙ୍କ ନିକଟରୁ ଚୋରି ସୁନା ଅଳଙ୍କାର ସହ ସଫା କରୁଥିବା ବିଭିନ୍ନ ସାମଗ୍ରୀ ଏବଂ ୨ଟି ବାଇକ୍ ଜବତ କରିଛି। ଚୋରି ସୁନା ଅଳଙ୍କାର ମୂଲ୍ୟ ୧ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନଙ୍କ ନାମରେ ଅଇଁଠାପାଲି ଓ ଟାଉନ ଥାନା ଏବଂ ଧନୁପାଲି ଥାନାରେ ୩ଟି ମାମଲା ରହିଛି। ସେହିପରି ବିହାରର ବିଭିନ୍ନ ଥାନାରେ ଗିରଫ ଯୁବକମାନଙ୍କ ନାମରେ ମାମଲା ରହିଛି। ଏନେଇ ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବା ଧନୁପାଲି ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର ସୂଚନା ଦେଇଛନ୍ତି । ସେ ଆହୁରି କହିଥିଲେ ଯେ, ଅଭିଯୁକ୍ତମାନେ ସିଦ୍ଧେଶ୍ୱର ବେର୍ଣ୍ଣାରେ ୨୫ଶହ ଟଙ୍କା ଦେଇ ଘରଭଡା ନେଇ ରହୁଥିଲେ। ୪ଜଣ ଯୁବକ ରହି ପର୍ଯ୍ୟାୟ କ୍ରମେ ୨ ଜଣିଆ ଟିମ୍ ହୋଇ ଲୁଟ କାରବାର କରୁଥିଲେ। ସହରର ବିଭିନ୍ନ ପଡାକୁ ଯାଇ ଏକାକୀ ରହୁଥିବା ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ମହିଳାମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସୁନା ଅଳଙ୍କାର ସଫା କରିବାକୁ କହୁଥିଲେ। ପରେ ସେମାନେ ସୁନା ଗହଣା ସଫା କରିବା ଆଳରେ ସୁନା ବଦଳାଇ ଦେଉଥିଲେ। ଯଦି ସଫା କରିବାକୁ ରାଜି ନ ହେଲେ ମାର୍‌ପିଟ କରି ଲୁଟ୍‌ପାଟ୍ କରୁଥିଲେ। ସହରର ବିଭିନ୍ନ ସ୍ଥାନରେ ଏଭଳି ଅନେକ ଘଟଣା ଘଟୁଛି। ଏଭଳି ଦୁର୍ବୃତ୍ତମାନଙ୍କ ଜାଲରେ ଶିକ୍ଷିତ ପରିବାର ମହିଳାମାନେ ମଧ୍ୟ ଶିକାର ହେଉଛନ୍ତି। ଏନେଇ ଅଚିହ୍ନା ଲୋକଙ୍କ ଘରେ ପ୍ରବେଶ କରିବାକୁ ନ ଦେବାକୁ ପୋଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏପରି କି କୌଣସି ସନ୍ଦେହ ହେଲେ ସ୍ଥାନୀୟ ପୋଲିସକୁ ଖବର ଦେବାକୁ ଅତିରିକ୍ତ ଏସ୍‌ପି ମହାପାତ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ଉପସ୍ଥିତ ରହିଥିଲେ ।




ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

■ ଘରେ ଏକୁଟିଆ ରହୁଥିବା ମହିଳାଙ୍କୁ ଟାର୍ଗେଟ

■ ଅଚିହ୍ନା ଲୋକଙ୍କୁ ଘରେ ନ ପୂରାଇବାକୁ ଅନୁରୋଧ



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ବଳତା।

- କାର୍ଲାଇଲ



## ସଂକ୍ଷେପରେ

ବିଭିନ୍ନ ସମସ୍ୟାର ସମାଧାନ ଦାବି

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

ସମ୍ବଲପୁର,୧୭।୧୦(ବ୍ୟୁରୋ): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ସାଲଡ ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ନେଇ ପଞ୍ଚାୟତବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କାଶିପାଲି ଗ୍ରାମ ନିକଟରେ ଥିବା କମ୍ପାନୀ ଯୋଗୁ ପରିବେଶ ପ୍ରଦୂଷଣ ହେବାରେ ଲାଗିଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏନେଇ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ହେଲେ କମ୍ପାନୀ ପକ୍ଷରୁ ଗଛ ଲଗାଇବା ଦୁରେଥାଉ କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉ ନାହିଁ ଫଳରେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରି କି ପଞ୍ଚାୟତକୁ ଆସୁଥିବା ସରକାରୀ ଅନୁଦାନ ମଧ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଜନସାଧାରଣଙ୍କୁ ଦୃଷ୍ଟିରେ ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ବୁଦ୍ଧଦେବ ବିଶ୍ୱାଳ, ଶାଗା ଭୁଏ, ତପସ୍ୱିନୀ କୁମ୍ଭାର, ସୁକୁନ କୁମ୍ଭାର, ବିନୋଦିନୀ ମହାନନ୍ଦ, ଜମ୍ବୁବତୀ ବାଗ, ମମତା ଭୋଇ, ସନ୍ତୋଷିନୀ ବିଶ୍ୱାଳ, ଅହଲ୍ୟା ବାରିକ, ସୁବାଶିନୀ ପ୍ରଧାନ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ।

ବିଡିଏ ନିର୍ଦ୍ଦେଶକୁ ମାନିଲେନି ମଲ୍ କର୍ତ୍ତୃପକ୍ଷ

# ଖୋଲାଖୋଲି ପାର୍କିଂ ଫି ଆଦାୟ କଲେ

ସ୍ଥିତପ୍ରଜ୍ଞ ମିଶ୍ର
ଭୁବନେଶ୍ୱର, ୧୭।୧୦






ଏସ୍ପ୍ଲାନେଡ ମଲ୍‌ରେ ଦୁଇ କର୍ମଚାରୀ ଲୋକଙ୍କଠାରୁ ପାର୍କିଂ ରସିଦ୍ କାଟୁଛନ୍ତି ଓ ୨ଚକିଆ ଗାଡି ପାଇଁ ମଲ୍ ନେଉଥିବା ୧୦ଟଙ୍କାର ରସିଦ୍।

- ଗଣମାଧମକୁ ଡର, ଲୋକଙ୍କୁ ନାଲିଆଖି
- ପାର୍କିଂ ଫି' ନେଉଥିବା ବିଲ୍ଡିଂ ଚିହ୍ନଟ ହୋଇଛି, ନୋଟିସ୍ ହେବ
- ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ହେବ: ବିଡିଏ

ଭୁବନେଶ୍ୱରରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ, ସିନେମା ହଲ୍, ମଲ୍, ଆପାର୍ଟମେଣ୍ଟରେ ପାର୍କିଂ ଫି ଆଦାୟ ବନ୍ଦ କରିବାକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ବୁଧବାର ନିର୍ଦ୍ଦେଶ ଦେଇଥିଲେ। ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ହେଲେ ଗୋଟିଏ ଦିନ ବି ମାନିଲେନି ମଲ୍ ଓ ଘରୋଇ ହସ୍ପିଟାଲ ମାଲିକ। ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଗୁରୁବାର ଲୋକଙ୍କଠାରୁ ପାର୍କିଂ ଫି ନେଇଛନ୍ତି। କେତେକ ସ୍ଥାନରେ ଗଣମାଧମଠାରୁ ଦୂରେଇ ରହିବା ପାଇଁ ଭିନ୍ନ ପନ୍ଥା ଆପଣାଯାଇଛି। ତେବେ ଏହାକୁ ଲୋକେ ବିରୋଧ କରିଥିଲେ ମଧ ଦାୟିତ୍ୱରେ ଥିବା କର୍ମଚାରୀ ନାଲିଆଖି ଦେଖାଇଥିବା ଅଭିଯୋଗ ହୋଇଛି।

ବାସ୍ତବ ସ୍ଥିତି ପରଖିବାକୁ ଆମ ପ୍ରତିନିଧି ସହରର ପ୍ରମୁଖ ମଲ୍ ଓ ଘରୋଇ ହସ୍ପିଟାଲକୁ ଯାଇଥିଲେ। ଶହୀଦନଗରସ୍ଥିତ ବିଏମ୍‌ସି ଭବାନୀ ମଲ୍‌ରେ ପୂର୍ବପରି ପାର୍କିଂ ହେଉଥିବା ଦେଖାଯାଇଥିଲା। କିନ୍ତୁ ପ୍ରବେଶଦ୍ୱାରକୁ ଛାଡ଼ି ପାର୍କିଂ ସ୍ଥଳରେ ଫି ଆଦାୟ କରାଯାଉଥିଲା। ଲୋକେ ଗାଡ଼ି ରଖିସାରିବା ପରେ କର୍ମଚାରୀମାନେ ଫି ମାଗି ନେଉଥିଲେ। ବାଇକ୍‌ପାଇଁ ୧୦ଟଙ୍କା ଓ କାର୍ ୨୦ ଟଙ୍କା ଆଦାୟ କରାଯାଇ ରସିଦ ଧରାଇ ଦିଆଯାଉଥିଲା। ଲୋକେ ନିୟୋଜିତ ସିକ୍ୟୁରିଟି ଗାର୍ଡଙ୍କୁ ପଚାରିବାରୁ ସେମାନେ କହିଥିଲେ, ଏହା 'ପାର୍କିଂ ଫି ନୁହେଁ, ସେଫ୍ ମେଣ୍ଟେନାନ୍ସ ଚାର୍ଜ'। ରସିଦ ନ ଦେଖାଇଲେ ଗେଟ୍‌ରୁ ବାହାରିପାରିବେନି ବୋଲି କହି ପରୋକ୍ଷ ଧମକ ଦେଇଥିଲେ। ତେବେ କେତେଜଣ ଲୋକ ସିକ୍ୟୁରିଟି ଅଫିସରଙ୍କୁ ଭେଟିବାକୁ ଚହିଁଥିଲେ ମଧ ଏଡ଼ାଇ ଯାଇ ଅଯଥା ଗହଳି କରନ୍ତୁ ନାହିଁ ବୋଲି କହି ସ୍ଥାନ ଛାଡ଼ିବାକୁ ଉଚ୍ଚଗଳାରେ କହିଥିଲେ।

ସେହିପରି ରସୁଲଗଡ଼ ନିକଟ କଟକରୋଡ୍‌ରେ ଥିବା ଏସ୍ପ୍ଲାନେଡ୍ ମଲ୍‌ରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ମଲ୍‌କୁ ପ୍ରବେଶ କରିବା ବାଟରେ ହିଁ ଦୁଇଜଣ ମହିଳା କର୍ମଚାରୀ ପାର୍କିଂ ଫି ଆଦାୟ କରୁଥିଲେ। ଏହା ବେଆଇନ ବୋଲି ବିଡିଏ ଘୋଷଣା କରିଥିବାବେଳେ ଆପଣ କେମିତି ଫି ନେଉଛନ୍ତି ବୋଲି ପ୍ରଶ୍ନ କରିବାରୁ ସେମାନେ ଏ ବିଷୟରେ କିଛି ଜାଣି ନ ଥିବା କହିଥିଲେ। ମଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାର୍କିଂ ସ୍ଥଳ ପରିଚାଳିତ ହେଉଛି, ଫି ଆଦାୟ ବନ୍ଦ କରିବାକୁ କୁହାଯାଇ ନ ଥିବା ସେମାନେ କହିଥିଲେ।

ଅନ୍ୟପକ୍ଷରେ ସତ୍ୟନଗରସ୍ଥିତ ଫୋରମ୍ ମାର୍ଟ ଭିନ୍ନ ପନ୍ଥା ଆପଣାଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ମଲ୍ ପରିସରରେ ହେଉଥିବା ପାର୍କିଂକୁ ଯିବା ପ୍ରବେଶ ପଥରେ ପାର୍କିଂ ଫୁଲ୍ ଲେଖାଥିବା ବୋର୍ଡ ରଖି ଭିତରକୁ ଗାଡ଼ି ଛଡ଼ାଯାଉ ନ ଥିଲା। ଉପସ୍ଥିତ ସିକ୍ୟୁରିଟି ଗାର୍ଡ ଆସୁଥିବା ଲୋକଙ୍କୁ ଏହା କେବଳ ଷ୍ଟାଫ୍‌ଙ୍କ ପାଇଁ ରଖାଯାଇଥିବା କହୁଥିଲେ। ମଲ୍ ପାର୍ଶ୍ୱରେ ଥିବା ବିଏମ୍‌ସି ପାର୍କିଂ ସ୍ଥଳରେ ଗାଡ଼ି ରଖିବାକୁ କହି ସେମାନଙ୍କୁ ବିଦା କରୁଥିଲେ। କିନ୍ତୁ ପୂର୍ବପରି ଫାଟକର ଗୋଟିଏ ପାର୍ଶ୍ୱରେ ୪ ଚକିଆ ଯାନକୁ ୨ ଘଣ୍ଟା ପାଇଁ ପାର୍କିଂ ଫି ୨୦ ଟଙ୍କା ଓ ପରବର୍ତ୍ତୀ ଅତିରିକ୍ତ ଘଣ୍ଟା ଲାଗି ୧୦ ଟଙ୍କା ଲେଖାଯାଇଥିବା ଦେଖିବାକୁ ମିଳିଥିଲା।

କେବଳ ମଲ୍ ନୁହେଁ, ବିଭିନ୍ନ ସିନେମା ହଲ୍ ଓ ମଲ୍ଟିପ୍ଲେକ୍ସରେ ମଧ ଖୁଲମ୍‌ଖୁଲା ପାର୍କିଂ ଆଦାୟ ହେଉଥିଲା। ଶ୍ରୀୟା, ଶ୍ରୁତି, ସ୍ମୃତି ସିନେ କମ୍ପ୍ଲେକ୍ସ ହେଉ କି କେଶରୀ ଅଥବା ମହାରାଜା ସମସ୍ତ ସିନେମା ହଲ୍‌ରେ ଲୋକଙ୍କଠାରୁ ପାର୍କିଂ ଫି ନିଆଯାଉଥିଲା। ସେହିଭଳି ଆପୋଲୋ, କଳିଙ୍ଗ ହସ୍ପିଟାଲ, କିମ୍ସ, କେୟାର ଆଦି ପ୍ରମୁଖ ଘରୋଇ ହସ୍ପିଟାଲ ପକ୍ଷରୁ ମଧ ଗାଡ଼ି ରଖିବା ପାଇଁ ଫି ଆଦାୟ କରାଯାଉଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ଲୋକେ ପ୍ରତିବାଦ କରିବାରୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା।

ଏନେଇ ବିଡିଏ ପ୍ଲାନିଂ ମେମ୍ବର ଗୌରୀଶଙ୍କର ଭୂୟାଁ କହିଛନ୍ତି, କୌଣସି ବି ମଲ୍ ପାର୍କିଂ ଫି ନେଉଥିବା ନଜରକୁ ଆସିଲେ ତୁରନ୍ତ ମାଲିକଙ୍କୁ ନୋଟିସ କରାଯିବ। ଏବେ ସାଧାରଣ ଭାବେ ବିଡିଏ ସମସ୍ତଙ୍କୁ ଜଣାଇଦେଲା। ଲୋକେ ଆମକୁ ଅଭିଯୋଗ କରନ୍ତୁ, ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଏହାଛଡ଼ା ବିଡିଏର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରୁଛି। କେଉଁ ମଲ୍ କିମ୍ବା ପ୍ରତିଷ୍ଠାନ ବେଆଇନ ପାର୍କିଂ ଫି ଆଦାୟ କରୁଥିବା ନଜରକୁ ଆସିଲେ ତତ୍କ୍ଷଣାତ୍ ତାହାକୁ ଗୁରୁତ୍ୱର ସହ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଉକ୍ତ ସଂସ୍ଥାକୁ ନୋଟିସ କରାଯିବା ସହ ମାସେ ସମୟ ଦିଆଯିବ ବୋଲି ସେ କହିଛନ୍ତି।

- ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ

## ଆଦିବାସୀ କ୍ଲବ ବିଜୟୀ



ଗୁରୁବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅତିଥିମାନେ ଫୁଟବଲ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

ସମ୍ବଲପୁର,୧୭।୧୦(ବ୍ୟୁରୋ)

ଜିଲାସ୍ତରୀୟ ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ଭୁତାପଡ଼ା ଆଦିବାସୀ କ୍ଲବ ବିଜୟୀ ହୋଇ ପରବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆଦିବାସୀ କ୍ଲବ ଏବଂ କୁରେଇଟୋଲା ଭାରତ କ୍ଲବ ମଧ୍ୟରେ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ଶେଷରେ ଆଦିବାସୀ କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା। ଜିଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ମ୍ୟାଚ ହୋଇଥିଲା । ମେହେର ଆସୋସିଏଶନ ସାଧାରଣ ସମ୍ପାଦକ ବୀରଜା ଶଙ୍କର ହୋତା, ଜିଲା କ୍ରୀଡ଼ା ସଂଘ ଉପସଭାପତି ରାଜୀବ ବିଶ୍ୱାସ, ରାଜେନ୍ଦ୍ର ରାଉତ, ସୁବାଷ ରାଉତ, ମଦନ କୁମାର ଚାନ୍ଦ, ରାଜା ଚାନ୍ଦ ଓ ରାମଲାଲ ଓରାମ ଅତିଥି ଭାବେ ଯୋଗଦେଇଥିଲେ ।

## ବିଜେପୁରରେ ଜିତିବା ଭଳି ଲାଗୁନି: ସୁର ରାଉତରାୟ



ବରଗଡ଼ ଅଫିସ୍, ୧୭।୧୦

ବିଜେପୁର ଉପନିର୍ବାଚନରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ହେଭିୱେଟ ନେତା ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ତେବେ ଆସନ୍ତା ୨୧ ତାରିଖରେ ଏଠାରେ ମତଦାନ ହେବା ପୂର୍ବରୁ କଂଗ୍ରେସ କିନ୍ତୁ ହାର ମାନିସାରିଲାଣି। କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ସୁରେଶ ରାଉତରାୟ ବିଜେପୁରରେ କଂଗ୍ରେସ ଜିତିବା ଭଳି ଲାଗୁ ନ ଥିବା କହିଛନ୍ତି। ସେ କହିଛନ୍ତି, ମୁଁ ଏଠାରେ ୩/୪ଦିନ ହେବ ବୁଲୁଛି, ପ୍ରଚାର କରୁଛି । ଏବେ ପୁରା ନବୀନ ପଟ୍ଟନାୟକଙ୍କ ଜମାନା ଚାଲିଛି। ବିଜେପୁରରେ ସେ ଯେତିକି ପତାକା ଲଗାଇଛନ୍ତି, ଆମେ ୭ ଜନ୍ମରେ ପାରିବୁନି। ଯେତିକି ପୋଷ୍ଟର ମାରିଛନ୍ତି, ଆମେ ୨୦ ଜନ୍ମରେ ଦେଖିବୁନି। ସବୁ ପଇସା ଏବେ ମୋଦି ଓ ନବୀନଙ୍କ ପାଖରେ । କଂଗ୍ରେସ ଏକଦମ ଶୁଖିଲା। ଏଭଳି ସ୍ଥିତିରେ ମୋତେ କାହିଁ ଜିତିବା ଭଳି ଲାଗୁନାହିଁ । ବିନା ପଇସାରେ କ'ଣ କିଛି ହେଲାଣି, ଭୋଟ ମିଳିଲାଣି। କଂଗ୍ରେସ ପାଖରେ ବିଲ୍‌କୁଲ ପଇସା ନାହିଁ, ଭୋଟ କ'ଣ ପାଇବୁ ବୋଲି ସୁର କହିଛନ୍ତି । ଏତାଛଡା ଆମେ ଏଠାରେ ହାରିଯିବୁ, କାହିଁକି ବଡ ବଡ କଥା କହିବୁ । ନବୀନଙ୍କ ବେଳା ପଡିଛି, ସେ ମହାଶୂନ୍ୟରେ ୫ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି ।

## ୨ ରାଜପଥ ଲୁଟେରା ଗିରଫ

୨ ବନ୍ଧୁକ, ଜୀବନ୍ତ ଗୁଳି ସହ ୧୮ଶହ ଟଙ୍କା ଜବତ





ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ, ଗୁଳି ସହ ନଗଦ ଟଙ୍କା।

ବାଲେଶ୍ୱର ଅଫିସ, ୧୭।୧୦

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ୧୬ନଂ. ଜାତୀୟ ରାଜପଥର ଫୁଲାଡ଼ି ଛକରେ କେତେକ ଅସାମାଜିକ ଯୁବକ ବୁଧବାର ରାତି ୧୦ଟା ବେଳେ ବିଭିନ୍ନ ଯାନବାହନକୁ ଅଟକାଇ ଲୁଟତ୍‌ରାଜ ଚଳାଇଥିଲେ। ଖବରପାଇ ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁ ଓ ଏଏସ୍‌ଆଇ ଚନ୍ଦ୍ରଶେଖର ଦେହୁରୀଙ୍କ ସହ ଏକ ଟିମ୍ ପହଞ୍ଚି ସେଠାରେ ଏସ୍. କେ. ମାମୁଦ (୨୪) ନାମକ ଯୁବକଙ୍କୁ ଗିରଫ କରିଥିଲେ। ମାମୁଦଙ୍କ ଘର ଅରଡ଼ବଜାରସ୍ଥିତ ଗୋଳାପୋଲ ଅଞ୍ଚଳରେ। ତାଙ୍କଠାରୁ ୭.୬୫ ଏମ୍‌ଏମ୍ ବନ୍ଧୁକ ସହ ୨ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ମାମୁଦଙ୍କ ବୟାନକୁ ଭିତ୍ତି କରି ପୋଲିସ ଗୁରୁବାର ପୂର୍ବାହ୍ନରେ ଅରଡ଼ବଜାରସ୍ଥିତ ଗୋଳାପୋଲ ଅଞ୍ଚଳର ରିଣ୍ଟୁ ତରେଇ (୩୦)ଙ୍କୁ ଗିରଫ କରିଛି। ତାଙ୍କଠାରୁ ମଧ ଗୋଟିଏ ୭.୬୫ ଏମ୍‌ଏମ୍ ବନ୍ଧୁକ ଓ ନଗଦ ୧୮ଶହ ଟଙ୍କା ଜବତ ହୋଇଥିବା ଗୁରୁବାର ସନ୍ଧ୍ୟାରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନାଧିକାରୀ ପରେଶ ରାଉତ ସୂଚନା ଦେଇଛନ୍ତି।

ଦୀର୍ଘଦିନ ଧରି ରୂପ୍‌ସାଠାରୁ ସୋର ପର୍ଯ୍ୟନ୍ତ ୧୬ନଂ. ଜାତୀୟ ରାଜପଥରେ ଏକ ଗ୍ୟାଙ୍ଗ ଲୁଟ୍‌ତରାଜ, ଡକାୟତି, ଛିନ୍‌ତାଇ ଭଳି କାର୍ଯ୍ୟରେ ଲିପ୍ତ ରହିଥିଲେ। ଏହି ଗ୍ୟାଙ୍ଗର ୨ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ନୂଆବଜାର ଅଞ୍ଚଳର ମୁନା ସେଠୀ, ଯାଦବପୁର ଅଞ୍ଚଳର ହାତି, ଅରଡ଼ବଜାରର ଏସ୍.କେ. କୁର୍ବାନ ଫେରାର ଥିବା ପୋଲିସ ସୂଚନା ଦେଇଛି। ଏ ନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ମାମଲା (ନଂ. ୩୧୯/୧୯) ରୁଜୁ ହେବା ସହ ଦଫା ୩୯୫ ଆଇପିସି ୨୫/୨୭ ଆର୍ମ ଆକ୍ଟରେ ଅଭିଯୁକ୍ତ ଏସ୍.କେ. ମାମୁଦ ଓ ରିଣ୍ଟୁ ତରେଇଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଲ୍ଲେଖଯୋଗ୍ୟ, ମାମୁଦଙ୍କ ନାମରେ ସହଦେବଖୁଣ୍ଟା ଥାନାରେ ୨୦୧୩ ମସିହାରୁ ମାମଲା (ନଂ. ୧୪୪/୧୩, ୧୮୩/୧୩, ୩୩୬/୧୩, ୧୫୦/୧୫, ୧୫୧/୧୫, ୭୩/୧୮, ୨୧୧/୧୮, ୨୪୨/୧୮, ୨୧୬/୧୯) ରହିଛି। ରିଣ୍ଟୁ ତରେଇ ମଧ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଥାନା ପକ୍ଷରୁ ଜଣାପଡିଛି।

## ଭଡ଼ାଘରୁ ସେକ୍ସ ର‌୍ୟାକେଟ୍ ଠାବ

**୨ ଯୁବକ ଗିରଫ, ପୋଲିସ ହେପାଜତରେ ମହିଳା**

ବାସୁଦେବପୁର, ୧୭।୧୦ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅନ୍ତର୍ଗତ ବେତଡ଼ା ବଜାରରେ ଏକ ଭଡ଼ାଘରୁ ସେକ୍ସ ର‌୍ୟାକେଟ ଠାବ କରିଛି ବାସୁଦେବପୁର ପୋଲିସ। ବୁଧବାର ବିଳମ୍ବିତ ରାତିରେ ଉକ୍ତ ଭଡ଼ାଘରେ ଏହି ବେଆଇନ କାର୍ଯ୍ୟ ଚାଲୁଥିବା ଖବର ପାଇ ବାସୁଦେବପୁର ପୋଲିସ ସଦଳବଳ ଚଢ଼ାଉ କରି ୨ ଯୁବକ ଓ ଜଣେ ବିବାହିତା ମହିଳାଙ୍କୁ ଧରିବାରେ ସଫଳ ହୋଇଛି। ଗିରଫ ଦୁଇ ଯୁବକ ବାଲେଶ୍ୱର ତେଲଙ୍ଗାସାହିର ରାଜେନ୍ଦ୍ର ବେହେରା ଓ ବାସୁଦେବପୁର ସମିଆ ଗ୍ରାମର ଶ୍ୟାମସୁନ୍ଦର ପାଢ଼ୀ ବୋଲି ଜଣାପଡ଼ିଛି। ଏ ନେଇ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୩୩୦/୧୯) ରୁଜୁ ହୋଇଛି। ପୋଲିସ ଦୁଇ ଯୁବକ ଓ ମହିଳାଙ୍କ ଡାକ୍ତରୀମାଇନା କରାଇଛି। ଗିରଫ ରାଜେନ୍ଦ୍ର ଓ ଶ୍ୟାମସୁନ୍ଦରଙ୍କୁ ଗୁରୁବାର ଅପରାହ୍ନରେ ପୋଲିସ କୋର୍ଟ ଚାଲାଣ କରିଛି। ତେବେ ସେମାନଙ୍କଠାରୁ ୨ଟି ମୋବାଇଲ, ୫ ଶହ ଟଙ୍କା ସହ କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ପୋଲିସ ସୂଚନା ଦେଇଛି। ବେତଡ଼ା ବଜାରରେ ବର୍ତ୍ତମାନ ଲକ୍ଷ୍ମୀପୂଜା ପାଇଁ ପ୍ରବଳ ଗହଳି ଚାଲୁଥିବା ବେଳେ ଏଠାରୁ ସେକ୍ସ ର‌୍ୟାକେଟ୍ ଠାବ ହେବା ଘଟଣା ବାସୁଦେବପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

- ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି

## ତହସିଲ ଅଫିସ ଘେରିଲେ ଚାଷୀ



ସମ୍ବଲପୁର ଜିଲା ଝୁଝୁମୁରା ତହସିଲ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଛନ୍ତି ।

ସମ୍ବଲପୁର,୧୭।୧୦(ବ୍ୟୁରୋ)

ଜୟଦୁର୍ଗା କୃଷକ ସଂଗଠନର ନେତୃତ୍ୱରେ ଚାଷୀମାନେ ଗୁରୁବାର ଝୁଝୁମୁରା ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏପରି କି ଚାଷୀମାନେ ୨୦୧୮ ଖରିଫରେ ଘୋଷଣା ହୋଇଥିବା ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବାକୁ ଦାବି କରିଥିଲେ। ତହସିଲ କର୍ମଚାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଇନ୍‌ପୁଟ ସବ୍‌ସିଡି ପ୍ରଦାନରେ ବ୍ୟାଙ୍କରେ ସମସ୍ୟା ରହିଥିବା ଜଣାଇଥିଲେ । ପରେ ତହସିଲ କର୍ମଚାରୀଙ୍କ ସହ ଚାଷୀମାନେ ବ୍ୟାଙ୍କକୁ ଯାଇଥିଲେ । ସେଠାରେ ଜମା ଖାନା ନମ୍ବର ଓ ଆଇଏଫସି କୋଡରେ ତାଳମେଳ ନ ଥିବା ଯୋଗୁ ଟଙ୍କା ଆକାଉଣ୍ଟରେ ଜମା ହୋଇ ନ ଥିବା ଜଣାପଡିଥିଲା। ଚାଷୀମାନେ ସମସ୍ୟାର ସମାଧାନ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ସମ୍ବଲପୁର,୧୭।୧୦(ବ୍ୟୁରୋ)



ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ନେଇ ନେତାମାନେ ବର୍ଷିଥିଲେ । ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ପର୍ଯ୍ୟନ୍ତ ବେକାରୀ ଭତ୍ତା ଦେବାକୁ ଦାବି କରାଯାଇଥିଲା। ଏପରି କି କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ମଜୁରି ୧୮ ହଜାର ଟଙ୍କା ପ୍ରଦାନ କରିବା, ବିଦେଶୀ ପୁଞ୍ଜି ନିବେଶ ବନ୍ଦ କରିବା,ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅତି କମ୍‌ରେ ୨ଶହ ଦିନର ଶ୍ରମ ଦିବସ କରିବା, କୃଷି ଋଣ ଛାଡ କରିବା ସହ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ମୋଟ ଚାଷ ଖର୍ଚ୍ଚର ଦେଢ଼ଗୁଣା କରିବା, ଜିଲାରେ ଥିବା କଳକାରଖାନାରେ ସ୍ଥାନୀୟ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା। ଆନ୍ଦୋଳନରେ ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂଦେଓ, ବରିଷ୍ଠ ସଦସ୍ୟ ଅଶୋକ ବିଶି, କିଶୋର ଜେନା, ନାଟୁ ଗୋପାଳ ପାତ୍ର, ଭି ରାମାରାଓ, ସରୋଜିନୀ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ।

## ୭ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର, ୧୭।୧୦

ଜଳେଶ୍ୱର ଅବକାରୀ ବିଭାଗ ଦ୍ୱାରା ବୁଧବାର ୩୦୫ ଗ୍ରାମ (୩୨ଲକ୍ଷ ଟଙ୍କା)ର ବ୍ରାଉନ୍‌ସୁଗାର ଧରାପଡ଼ିବା ପରେ ପୁଣି ଗୁରୁବାର ଜଳେଶ୍ୱର ପୋଲିସ ଦ୍ୱାରା ୭୦ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ଜଳେଶ୍ୱରରୁ ବ୍ରାଉନ୍‌ସୁଗାର ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଖବରପାଇ ଗୁରୁବାର ଅପରାହ୍ନ ସମୟରେ ଜଳେଶ୍ୱର ପୋଲିସ ସତ୍‌ସଂଗ ବିହାର ନିକଟ ରାସ୍ତାରେ ତଲାସି ଆରମ୍ଭ କରିଥିଲା। ଏକ ମୋଟର ସାଇକେଲରେ ୨ଜଣ ଯୁବକ ପୋଲିସକୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ପୋଲିସ ଜଣକୁ ଧରିବାରେ ସକ୍ଷମ ହୋଇଥିଲା ବେଳେ ଅନ୍ୟ ଜଣେ ମୋଟର ସାଇକେଲରେ ଖସି ପଳାଇଯାଇଥିଲେ। ଧରାପଡ଼ିଥିବା ଯୁବକଙ୍କ ନିକଟରୁ ୭୦ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଖେଳାଳିଙ୍କୁ ଥଣ୍ଡାପାଣି, ଚକୋଲେଟ୍ ବଣ୍ଟନ

ଦେବଗଡ଼,୧୭।୧୦(ଡ଼ି.ଏନ.ଏ.)- ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍‌ଠାରେ ଆରମ୍ଭ ହୋଇଥିବା ୬୫ତମ ରାଜ୍ୟସ୍ତରୀୟ କବାଡ଼ି ଚମ୍ପିଆନ-୨୦୧୯ରେ ଆସିଥିବା ୩୦ଟି ଜିଲାର ପ୍ରତିଯୋଗୀମାନଙ୍କୁ ଗୁରୁବାର ପ୍ରଥମ ଦିନରେ ଜିଲ୍ ଫାଉଣ୍ଡେଶନ୍ ପକ୍ଷରୁ ଥଣ୍ଡା ପାଣି ଓ ଚକୋଲେଟ୍ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆଲୋକ କୁମାର ଅମାତ,ଭୁପେନ୍ଦ୍ର ପ୍ରସାଦ ନାୟକ,ଅଭୟ ସାହୁ,ବିକାଶ ମିଶ୍ର, ଚିତ୍ତରଞ୍ଜନ ପ୍ରଧାନ,ପ୍ରଫୁଲ୍ଲ ନାୟକ,ପପୁ ବିଶ୍ୱାଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଓକିଲ ସଂଘର ଜରୁରୀ ବୈଠକ

ଦେବଗଡ଼,୧୭।୧୦(ଡି.ଏନ୍.ଏ.)- ଦେବଗଡ଼ ଜିଲା ଓକିଲ ସଂଘ ସଭାପତି ରାଜୀବ ଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଡାକରା ଦିଆଯାଇଥିବା ୧୮ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରସ୍ତାବକୁ ବିରୋଧ କରାଯାଇଥିଲା। ଏପରି କି କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ନ ହେବାକୁ ସଂଘ ସମ୍ପାଦକ ତରଣୀକାନ୍ତ ଦାଶ ସୂଚନା ଦେଇଛନ୍ତି। ତେଣୁ ପୂର୍ବଭଳି ଦେବଗଡ଼ ଜିଲା ଓକିଲ ସଂଘ ଜରୁରୀ କାର୍ଯ୍ୟ କରିବା ସହ ସମସ୍ତ କୋର୍ଟ କାର୍ଯ୍ୟ ଚାଲୁ ରହିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

### ଲିଜ୍‌ସୂତ୍ରରେ ସରକାରୀ ଜମି ହଡ଼ପ ଅଭିଯୋଗ

# ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

ଲଖନପୁର,୧୭।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅଧୀନ ବନ୍ଧବାହାଲ ମୌଜାର ସରକାରୀ ଜମିକୁ କଳକାରଖାନା ଉଦ୍ଦେଶ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକ ଅଧିଗ୍ରହଣ କରିନେଇଛନ୍ତି। ଅବଶିଷ୍ଟ ମୂଲ୍ୟବାନ ସରକାରୀ ଜମିସବୁକୁ କେତେ ପ୍ରଭାବଶାଳୀ ଲୋକ ରାଜସ୍ୱ ବିଭାଗ ଅଧିକାରୀଙ୍କୁ ହାତ କରି ଲିଜ୍ ସୂତ୍ରରେ ହଡପ୍ କରିଛନ୍ତି। ଏହି ମୂଲ୍ୟବାନ ଜମିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ କୋଟି କୋଟି ଟଙ୍କାରେ ଅନ୍ୟକୁ ବିକ୍ରି କରିଚାଲିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ଅନ୍ୟପକ୍ଷରେ ସରକାରୀ ଜମି ଚାଲିଯିବା ଫଳରେ ସ୍ଥାନୀୟ ଲୋକଙ୍କ ମୌଳିକ ସେବା ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ଏଭଳି ସ୍ଥିତିରେ ସ୍ଥାନୀୟ ବାସିନ୍ଦା ଗତ ବୁଧବାର ଜିଲାପାଳ ସରୋଜ ସାମଲଙ୍କ ନିକଟରେ ଲିଖିତ ଅଭିଯୋଗ କରି ଲିଜ୍ ଖାରଜ କରିବା ପାଇଁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ, ବନ୍ଧବାହାଲ ଏକ ଶିଳ୍ପାଞ୍ଚଳ ଓ ବ୍ୟବସାୟିକ ପେଣ୍ଠସ୍ଥଳୀ। ଫଳରେ ଅଞ୍ଚଳରେ ସରକାରୀ ବେସରକାରୀ ଜମିର ଚାହିଦା ରହିଛି। ଏହାକୁ ଦୃଷ୍ଟିରେ ରଖି



ଦାବିପତ୍ର ପ୍ରଦାନ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀ।

ବାହାର ଅଞ୍ଚଳର କେତେଜଣ ପ୍ରଭାଶାଳୀ ବ୍ୟକ୍ତି ରାଜସ୍ୱ ବିଭାଗର କେତେ ଅସାଧୁ କର୍ମଚାରୀଙ୍କୁ ହାତ କରି ସରକାରୀ ଜମି ସବୁକୁ ଲିଜ୍‌ସୂତ୍ରରେ ହାତେଇଛନ୍ତି। ଏହି ସରକାରୀ ଜମିକୁ ଲିଜ୍‌ସୂତ୍ରରେ ନେଇ ପ୍ରଭାବଶାଳୀ ବ୍ୟକ୍ତିବିଶେଷ କୋଟି କୋଟି ଟଙ୍କାରେ ଅନ୍ୟକୁ ବିକ୍ରି କରୁଛନ୍ତି। ଏପରିକି ସ୍ଥାନୀୟ ଫାଣ୍ଡି ଓ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ରାସ୍ତାପାର୍ଶ୍ୱ ସରକାରୀ ଜମିକୁ ଜଣେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଓ ବେଲପାହାଡ ଅଞ୍ଚଳର କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଲିଜ୍‌ସୂତ୍ରରେ ହାତେଇଛନ୍ତି। ଏହି ଲିଜ୍ ଜମିକୁ ଏବେ କୋଟି କୋଟି ଟଙ୍କାରେ ଅନ୍ୟକୁ ବିକ୍ରି କରାଯାଉଛି। ଏହି ବେଆଇନ୍ କାରବାରରେ ଜଣେ ପୋଲିସ ଅଧିକାରୀଙ୍କ ମଧ୍ୟ ହାତ ଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ବାସିନ୍ଦା ଜମି କିଣାବିକାକୁ ଖୋଲାଖୋଲି ବିରୋଧ କରିଛନ୍ତି। ଏହି ସରକାରୀ ଜମି ବନ୍ଧବାହାଲ ଗ୍ରାମବାସୀଙ୍କର ବୋଲି ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ କରି ବେଆଇନ୍ ଲିଜ୍‌କୁ ଖାରଜ କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଏନେଇ ଜିଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ସ୍ଥାନୀୟ ସମିତି ସଭ୍ୟ ଈଶ୍ୱର କଉଡ଼ି, ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାହୁ, ୱାର୍ଡ ସଭ୍ୟା ପୁଷ୍ପାଞ୍ଜଳି ସେଠ୍, ପ୍ରେମାନନ୍ଦ ସାହୁ, ଘନଶ୍ୟାମ ସିଂହ, ସଞ୍ଜୟ ସିଂହ, ନରେନ୍ଦ୍ର ସା, ଅରୁଣ କୁମାର ସିଂ ପ୍ରମୁଖ ରହିଛନ୍ତି।

### ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବାରକୋଟ, ୧୭।୧୦ (ଡି.ଏନ.ଏ.)

ଦେବଗଡ଼ ଜିଲା ବାରକୋଟ ବ୍ଲକ ବସାଲଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କୁଣ୍ଡାପିଠା ଏବଂ କୁଡାନାଳୀ ଗ୍ରାମରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏଥିପାଇଁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, କୁଣ୍ଡାପିଠା ଏବଂ କୁଡାନାଳୀ ଗ୍ରାମକୁ ୧୭ ରୁ ୧୮ ଟି ହାତୀ ଥିବା ପଲ ଗ୍ରାମ ନିକଟସ୍ଥ ଜଙ୍ଗଲରେ ୨ ଦିନ ହେଲା ଏଣେତେଣେ ବୁଲୁଛନ୍ତି । ସନ୍ଧ୍ୟା ହେଲେ ଧାନ ଫସଲ ସହିତ ବିଭିନ୍ନ ପ୍ରକାର ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି । କୁଣ୍ଡାପିଠା ଗ୍ରାମର ଗଦାଧର ସ୍ୱାଇଁଙ୍କ ଆମ୍ବ ବଗିଚା, କଦଳୀ, ନଡିଆ ଆଦି ଫସଲ ନଷ୍ଟ କରିଥିବା ବେଳେ କେଦାର ଦେହୁରୀ, ସୁନିଲ ସାହୁ, ତନୁ ଚନ୍ଦ୍ର ସାହୁ, ଧିର ସାହୁ, ପୁଟୁ ସାମଲ, ମୋହନ ଦେହୁରୀ, ଫଗୁ ପ୍ରଧାନ, ଅକ୍ଷୟ ସାମଲ, ବିଜୟ ସାମଲ, ଭୁବୁନି ସାହୁ, ଶରତ ସାମଲ, ବାଉରୀ ମାଝୀ, ଜୟକୃଷ୍ଣ ଦେହୁରୀ, ଦିଗାମ୍ବର ଦେହୁରୀ, ଗୋବିନ୍ଦ ସାମଲ ଆଦି ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି । ଏ ବିଷୟରେ ଫରେଷ୍ଟର ରମେଶ ଚନ୍ଦ୍ର ତ୍ରିପାଠୀଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହ ହାତୀପଲକୁ ଘଉଡାଇବା ପାଇଁ ବନ ବିଭାଗ ତରଫରୁ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଥିଲେ । ଘଟଣାର ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସାଧାରଣରେ ଦାବି ହେଉଛି ।

## ରାଜ୍ୟପାଳଙ୍କୁ ଭେଟିଲେ ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା

ରାଉରକେଲା ଅଫିସ,୧୭। ୧୦

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦୁଇଦିନିଆ ସୁନ୍ଦରଗଡ ଗସ୍ତ ଅବସରରେ ତାଙ୍କୁ ଭେଟିଥିଲେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ କର୍ମକର୍ତ୍ତା। ଏହି ଅବସରରେପ୍ରତିନିଧି ମଣ୍ଡଳୀ ପକ୍ଷରୁ ରାଉରକେଲା ହାଉସଠାରେ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅଧ୍ୟକ୍ଷ ପ୍ରବୀଣ ଗର୍ଗଙ୍କ ନେତୃତ୍ୱରେ ଅନୁଷ୍ଠାନର ପୂର୍ବ ଅଧ୍ୟକ୍ଷ ପି.ସି.ନାୟକ ରାଜ୍ୟପାଳଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୁନ୍ଦରରଗଡ ଜିଲାରେ ୪ଟି ଏକଲବ୍ୟ ବିଦ୍ୟାଳୟ ଉଦ୍‌ଘାଟନ ନେଇ ସଙ୍ଗଠନ କର୍ମକର୍ତ୍ତା ସନ୍ତୋଷ ବ୍ୟକ୍ତ କରିଥିଲେ। ଭବିଷ୍ୟତରେ ଚ୍ୟାମ୍ବର ଅଫ୍ କମର୍ସ ପରିଦର୍ଶନରେ ଆସିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଥିଲା। ଏଥିରେ ସୁଦର୍ଶନ ଗୋଏଲ, ସନ୍ତୋଷ ପାରିଖ, ସଜ୍ଜନ ଅଗ୍ରୱାଲ, ଅନୁପମ ଜୋଷୀ, କେ.କେ. ପୋଦ୍ଦାର, ସୀତାରାମ ବେର୍ଲିଆ, ବିଷ୍ଣୁ ଦୟାଲ ଅଗ୍ରୱାଲ ଓ ରାଜେଶ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କୁ ଭେଟୁଛନ୍ତି।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଝାରସୁଗୁଡ଼ାରେ ପରିବେଶ ସୁରକ୍ଷା ସମ୍ମିଳନୀ

ଝାରସୁଗୁଡା ଅଫିସ୍/ଲଖନପୁର, ୧୭।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ାସ୍ଥିତ ଗଙ୍ଗାଧର ମେହେର କଲ୍ୟାଣ ମଣ୍ଡପରେ ବୁଧବାର ପରିବେଶ ସୁରକ୍ଷା ଜନମଞ୍ଚ ତରଫରୁ ବାମପନ୍ଥୀ ନେତା ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ପରିବେଶ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର, ବରଗଡ଼ ଓ ଝାରସୁଗଡ଼ଡା ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ପରିବେଶବିତ ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ ଗ୍ରୀନ୍‌ନୋବେଲ୍ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଅନ୍ୟତମ ଅତିଥି ଭାବେ ଛତିଶଗଡ଼ ରାୟଗଡ଼ ଜିଲା ବଞ୍ଚାଅ ସଂଘର୍ଷ ମୋର୍ଚ୍ଚାର ରଘୁବୀର ପ୍ରଧାନ, ବୁଡ଼ିଅଞ୍ଚଳ ସଂଗ୍ରାମ ସମିତି ସମ୍ପାଦକ ଗୋପୀନାଥ ମାଝି, କୃଷକନେତା ବିରଞ୍ଚି ସାହୁ, ମହିଳା ନେତ୍ରୀ ସୁନୀତା ସିଂ, ସୁନ୍ଦରଗଡ଼ ଖଣ୍ଡାଧାର ସୁରକ୍ଷା ଆନ୍ଦୋଳନର କେଦାର ନାଥ ମୁଣ୍ଡାରୀ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ ସୁରକ୍ଷା ଜନମଞ୍ଚ ତରଫରୁ ପ୍ରଭାକର ଓରାମ ଅତିଥିଙ୍କୁ ସ୍ୱାଗତ କରିଥିଲାବେଳେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ପଣ୍ଡା ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ମୁଖ୍ୟଅତିଥି ଗ୍ରୀନ୍‌ନୋବେଲ୍ ବିଜେତା ସାମନ୍ତରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ବିକାଶ ନାମରେ ଯେଉଁଠି ଖଣିଖାଦାନ ହେଉଛି ସେହି ଅଞ୍ଚଳର ଲୋକ ଅନ୍ୟ ଅଞ୍ଚଳ ଅପେକ୍ଷା ଅତ୍ୟନ୍ତ ଗରିବ। ଶିଳ୍ପକାରଖାନା ଦ୍ୱାରା ପରିବେଶ ଆଇନ୍‌କୁ ଉଲ୍ଲଂଘନ କରି ପ୍ରଦୂଷଣ ସୃଷ୍ଟି କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ପ୍ରଶାସନ ଏଦିଗରେ କାର୍ଯ୍ୟାନୁଷ୍ଠାନ ବଦଳରେ ନୀରବଦ୍ରଷ୍ଟା ସାଜୁଛି। ଏହାର ଉଦାହରଣ ଝାରସୁଗୁଡ଼ା ଜିଲାରେ ଦେଖିବାକୁ ମିଳୁଛି। ଏନେଇ ଯଦି ବିଭାଗମାନେ ସଚେତନ ନ ହୁଅନ୍ତି, ତାହାଲେ ପରିବେଶ ସୁରକ୍ଷା ଜନମଞ୍ଚ ବିଭିନ୍ନ ସଂଗଠନ ସହିତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସୂଚନା ଥାଉକି ଆଗାମୀ ନଭେମ୍ବର ୨୦ତାରିଖରେ ଉପରୋକ୍ତ ୩ ଜିଲାର ପ୍ରଦୂଷଣ ସମସ୍ୟାକୁ ନେଇ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ଲୋକମୁକ୍ତି ସଂଗଠନ ତରଫରୁ ପ୍ରକାଶିତ ଜଳପ୍ରଦୂଷଣ କ'ଣ ଓ ଭୂତଳଜଳ ଉତ୍ତୋଳନ ସମ୍ପର୍କିତ ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ସାମାଜିକ କର୍ମୀ ରବୀନ୍ଦ୍ର ସୋହେଲା ଧନ୍ୟବାଦ ଅର୍ପଣ କରିଥିଲେ।

## ମରାମତି ଦାବିରେ ଜାତୀୟ ରାଜପଥ ଅବରୋଧ

ଦେବଗଡ,୧୭।୧୦ (ଡି.ଏନ.ଏ)

- ୫ ଗିରଫ: ୬ ଘଣ୍ଟା ଯାନବାହନ ଚଳାଚଳ ବନ୍ଦ
- ଦାବି ପୂରଣ ନ ହେଲେ ତୀବ୍ର ହେବ ଆନ୍ଦୋଳନ

ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରୀତି ସହ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଦେବଗଡ ସହର ମଧ୍ୟଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ମରଣାଯନ୍ତା ସାଜିଛି। ରାସ୍ତା ମରାମତି କରାଯାଇ ଏହାର ସ୍ଥାୟୀ ପ୍ରତିକାର ପାଇଁ ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏବଂ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଅନ୍ୟପକ୍ଷରେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପଥିଗୁଣ୍ଡ(ଡଷ୍ଟ) ପକାଇ ନିମ୍ନମାନର ମରାନତି କାର୍ଯ୍ୟ କରାଯାଇଥିବାରୁ ତହିଁରୁ ପ୍ରବଳ ମାତ୍ରାରେ ଧୂଳି ଉଡୁଛି। ଏଥିଯୋଗୁ ଜାତୀୟ ରାଜପଥ କଡରେ ରହୁଥିବା ଜନସାଧାରଣ ଏବଂ ଦୋକାନୀଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ଏହାର ପ୍ରତିବାଦ କରି ପୂର୍ବାହ୍ନ ପ୍ରାୟ ୯ ଟାରେ ସ୍ଥାନୀୟ ବାସୀନ୍ଦା ଓ ଦୋକାନୀମାନେ କାରଗିଲ ଛକଠାରେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଉକ୍ତ ରାଜପଥର ତୁରନ୍ତ ମରାମତି ଏବଂ ଧୂଳି ନ ଉଡିବା ପାଇଁ ନିୟମିତ ପାଣି ସିଞ୍ଚନ ଦାବି କରିଥିଲେ। ରାସ୍ତାରୋକୋ ଆନ୍ଦୋଳନ ଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଜିଲା ପ୍ରଶାସନ ପକ୍ଷରୁ ସହକାରୀ ଜିଲାପାଳ ଦିବ୍ୟ ଶଙ୍କର ଜୟପୁରିଆ ଓ ଦେବଗଡ ଏସ୍‌ଡିପିଓ ସୁଲେମାନ ଏକ୍କା ଘଟଣାସ୍ଥଳକୁ ଯାଇ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ନିଜ ଜିଦରେ ଅଟଳ ରହିଥିଲେ । ତେବେ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ନହେବାରୁ ପୋଲିସ ଘଟଣାସ୍ଥଳରୁ ୫ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥଲା। ଆଗକୁ ରାସ୍ତା ମରାମତି ନହେଲେ ଆନ୍ଦୋଳନକୁ ତ୍ରୀବତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

# ଅଂଶଗ୍ରହଣ କଲେ ୭୨୭ ପ୍ରତିଯୋଗୀ

ଦେବଗଡ,୧୭।୧୦ (ଡି.ଏନ.ଏ)

ଦେବଗଡ ଜିଲା ସଦର ମହକୁମାସ୍ଥିତ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଗୁରୁବାର ୬୫ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେଇ, ଅନୁଗୋଳ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଦେବଗଡ ଜିଲା ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସକୁନ୍ତଳା ଟେଟେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଭା ସଂଯୋଜନା କରିଥିଲେ ବଲାଙ୍ଗୀର ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡା, ତିଳେଇବଣି ବ୍ଲକ କ୍ରୀଡାଶ୍ରୀ ଡିଲେଶ୍ୱର ସ୍ୱାଇଁ, ଶିକ୍ଷକ ପ୍ରାଣବନ୍ଧୁ ଘଡେଇ ଓ ଶାନ୍ତନୁ କୁମାର ନାଥ । ୧୭ବର୍ଷରୁ କମ ବୟସ ଉଭୟ ବାଳିକାବାଳକ ବର୍ଗରେ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଆଗାମୀ ୧୯ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ୧୭ ବର୍ଷରୁ କମ୍ ବାଳିକାବାଳକ ବର୍ଗର ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଶିକ୍ଷା ଜିଲାର ୭୨୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୩୬୫ ଜଣ ବାଳକ ଓ ୩୬୨ ଜଣ ବାଳିକା ପ୍ରତିଯୋଗୀ ରହିଥିବା ଜଣାପଡିଛି। ପ୍ରତିଯୋଗୀଙ୍କ ସହ ୫୩ ଜଣ ପୁରୁଷ ପ୍ରଶିକ୍ଷକ ଓ ୩୮ମହିଳା ପ୍ରଶିକ୍ଷିକା ଯୋଗଦେଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ସନ୍ଧ୍ୟାରୁ ରାତ୍ର ପର୍ଯ୍ୟନ୍ତ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଶିକ୍ଷକ ନକୁଳ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ

### ପରମ୍ପରାଗତ କୃଷି ବିକାଶ ଯୋଜନା କର୍ମଶାଳା

ଦେବଗଡ଼,୧୭।୧୦(ଡି. ଏନ୍.ଏ.)

ଦେବଗଡ ଜିଲାର ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ସୋଡ଼ ପଞ୍ଚାୟତରେ ସେଲ୍ ବାୟୋଟେକ୍ ଲିମିଟେଡ୍ ନୂଆଦିଲ୍ଲୀ ପକ୍ଷରୁ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଚାଷୀମାନେ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ବ୍ୟବହାର କରି ଅଧିକ ଉନ୍ନତମାନର ଫସଲ ଉତ୍ପାଦନ କରି ଆର୍ଥିକ ବ୍ୟବସ୍ଥା ସୁଦୃଢ଼ କରିବାକୁ ତାଲିମ ପ୍ରଦାନ କରାଯାଇଥିଲା। କର୍ମଶାଳାରେ ଏକାଦଶୀ ନନ୍ଦୀ, ତିଳେଇବଣୀ ଅତିରିକ୍ତ କୃଷି ଅଧିକାରୀ ଟିକେଶ୍ୱର ବେହେରା, ସେଲ୍ ବାୟୋଟେକ୍ ଲିମିଟେଡ୍‌ର ମ୍ୟାନେଜର ଧୀରେନ୍ଦ୍ର ନାଥ ପାଣ୍ଡେ, ସୋଡ଼ ସରପଞ୍ଚ, ଲିଙ୍ଗରାଜ ପ୍ରଧାନ, ସୁକାନ୍ତି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଦାବିପତ୍ର

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଝାରସୁଗୁଡ଼ା ଅଫିସ୍/ଲଖନପୁର, ୧୭।୧୦(ଡି.ଏନ୍.ଏ.)

କେନ୍ଦ୍ରର ଭାଜପା ସରକାରଙ୍କ ଶାସନକାଳ ମଧ୍ୟରେ ସାରାଦେଶରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଇଛି। ଫଳରେ ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ଏହାର ପ୍ରତିବାଦ ସ୍ୱରୂପ ସାରାଦେଶରେ ବାମପନ୍ଥୀ ଦଳଗୁଡ଼ିକ ଆନ୍ଦୋଳନ ଡାକରା ଦେଇଛନ୍ତି। ଏହି ଅବସରରେ ଝାରସୁଗୁଡ଼ା ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ତରଫରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ ସାମଲଙ୍କୁ ଦଳପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ କମ୍ୟୁନିଷ୍ଟ ନେତା ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ସାଙ୍ଗଧର ମିଶ୍ର, ଦେବନାରାୟଣ ନାୟକ, ଡିଲେଶ୍ୱର ମହାନ୍ତି, ବାସୁଦେବ ଭୋଇ, ଇନ୍ଦ୍ରବିଳାଶ ସା ପ୍ରମୁଖ ଶତାଧିକ ନେତା ଓ କର୍ମୀ ଯୋଗଦେଇଥିଲେ।



“କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ ଉଦ୍ୟମ ଚଳାଇଥିବା କଂଗ୍ରେସ ଉପତ୍ୟକାରେ ଆତଙ୍କବାଦୀମାନେ ମାନବାଧିକାର ଉଲ୍ଲଂଘନ କଲେ ନୀରବ ରହିଥାଏ।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ



# ଘନେଇଲା ‘ସାବରକର’ ବିବାଦ



ବୀର ବିନାୟକ ଦାମୋଦର ସାବରକର। ହିନ୍ଦୁତ୍ୱ ଚିନ୍ତାଧାରାର ପ୍ରଣେତା ଭାବେ ପରିଚିତ ଏହି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଭାରତରତ୍ନ ଉପାଧି ପ୍ରଦାନର ପ୍ରସ୍ତାବକୁ ନେଇ ଉଠିଛି ବିବାଦ। ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନକୁ ୪ ଦିନ ବାକି ଥିବାବେଳେ ହିନ୍ଦୁ ଭୋଟ ହାତେଇବା ପାଇଁ ଭାଜପା ଥରକୁ ଥର ଏହି ପ୍ରସଙ୍ଗ ଉଠାଇବାରେ ଲାଗିଛି। ଅନ୍ୟପକ୍ଷରେ ବିରୋଧୀ ଦଳଗୁଡ଼ିକ ଭୋଟ ଧ୍ରୁବୀକରଣ ପାଇଁ ଗୈରିକ ଦଳର ଏଭଳି ରାଜନୀତିକୁ ଦୃଢ଼ନିନ୍ଦା କରିଛନ୍ତି। ସାବରକରଙ୍କୁ ଭାରତରତ୍ନ ଦିଆଗଲେ ଗାନ୍ଧିଜୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ବି ଦିଆଯାଉ ବୋଲି ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସି ତାଚ୍ଛଲ୍ୟ କରିଛନ୍ତି। ଦିଗ୍‌ବିଜୟ ସିଂଙ୍କ ଭଳି ବରିଷ୍ଠ କଂଗ୍ରେସ ନେତାମାନେ ଆଉ ପାଦେ ଆଗେଇ ଯାଇ ସାବରକରଙ୍କୁ ଗାନ୍ଧୀ ହତ୍ୟାର ଷଡ଼ଯନ୍ତ୍ରକାରୀ ଭାବେ ଅଭିହିତ କରିଛନ୍ତି।

## ସାବରକର ନ ଥିଲେ ସିପାହି ବିଦ୍ରୋହର ଗୁରୁତ୍ୱ ନ ଥାନ୍ତା: ଶାହ



ନୂଆଦିଲ୍ଲୀ/ବାରାଣସୀ,୧୭।୧୦

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ପୁନଃ କ୍ଷମତାସୀନ ହେଲେ ବୀର ସାବରକରଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ‘ଭାରତରତ୍ନ’ ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ଭାଜପା ପକ୍ଷରୁ ଜାରି କରାଯାଇଥିବା ନିର୍ବାଚନୀ ଇସ୍ତାହାରରେ ଏନେଇ ପ୍ରତିଶ୍ରୁତି ଦିଆଯିବା ପରେ ସାବରକରଙ୍କୁ ନେଇ ସଦ୍ୟ ବିବାଦର ସୂତ୍ରପାତ ହୋଇଛି। ଏହି ପ୍ରସ୍ତାବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବିପକ୍ଷ ନେତାଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ପ୍ରଧାନମନ୍ତ୍ରୀ ବୁଧବାର ମହାରାଷ୍ଟ୍ରର ଅକୋଲାରେ ଏକ ସଭାକୁ ସମ୍ବୋଧିତ କରି ସାବରକରଙ୍କୁ ପ୍ରଶଂସା କରିଥିଲେ। ସାବରକରଙ୍କ ସଂସ୍କାର ଯୋଗୁ ଆମେ ରାଷ୍ଟ୍ରନିର୍ମାଣର ଭିତ୍ତିଭୂମି ଭାବେ ଜାତୀୟତାବାଦକୁ ଗ୍ରହଣ କରୁଛୁ। ଆମ୍ବେଦକରଙ୍କୁ ଅପମାନିତ କରିଆସିଥିବା ଲୋକେ ବୀର ସାବରକରଙ୍କୁ ବଦନାମ କରିଆସିଛନ୍ତି। ସେମାନେ ତାଙ୍କୁ ଆଜି ଯାଏ ଭାରତରତ୍ନ ଦେବା ପାଇଁ ମନାକରୁଛନ୍ତି ବୋଲି ମୋଦି କଂଗ୍ରେସକୁ ଟାର୍ଗେଟ କରିଥିଲେ। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ ଗୁରୁବାର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ବୀର ସାବରକର ନ ଥିଲେ ୧୮୫୭ ସିପାହି ବିଦ୍ରୋହର ଗୁରୁତ୍ୱକୁ ଭାରତ ବୁଝିପାରି ନ ଥାନ୍ତା। ସାବରକର ହିଁ ଏହାକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ ବୋଲି ଅଭିହିତ କରିଥିଲେ। ତେଣୁ ଦେଶ ଆଗରେ ବାସ୍ତବ ତଥ୍ୟ ଉପସ୍ଥାପନ କରିବା ପାଇଁ ଇତିହାସ ପୁନର୍ଲିଖନର ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ ମୋଦି ଓ ଶାହଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ସମାଲୋଚନା କରିଛନ୍ତି। ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ଆଲିରାଜପୁରରେ କହିଛନ୍ତି, ସାବରକରଙ୍କ ଜୀବନର ଦୁଇଟି ଦିଗ ଥିଲା। ପ୍ରଥମଟି ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବା ଓ ଦ୍ୱିତୀୟଟି ହେଲା ବ୍ରିଟିଶମାନଙ୍କୁ କ୍ଷମାମାଗି କଳାପାଣିରୁ ଫେରିବା ସହ କ୍ଷମା ଆବେଦନ କରିବା। ଭାଜପା ଭୁଲିଯିବା ଅନୁଚିତ ଯେ, ଗାନ୍ଧିଜୀଙ୍କ ହତ୍ୟା ଷଡ଼ଯନ୍ତ୍ର ମାମଲାରେ ସାବରକରଙ୍କ ନାମ ରହିଥିଲା। ସେହିପରି କଂଗ୍ରେସ ନେତା ମନୀଷ୍ ତିୱାରୀ କହିଛନ୍ତି, ଏନ୍‌ଡିଏ/ଭାଜପା ସରକାର ସାବରକରଙ୍କୁ ଭାରତରତ୍ନ ଦେବାକୁ ଚାହୁଁଛି। ନାଥୁରାମଙ୍କୁ କାହିଁକି ନୁହେଁ? ଗାନ୍ଧୀ ହତ୍ୟା ମାମଲାରେ ସାବରକରଙ୍କ ବିରୋଧରେ ଚାର୍ଜଶିଟ୍ ହୋଇଥିଲାବେଳେ ସେ ଏଥିରୁ ମୁକୁଳି ଯାଇଥିଲେ। ହେଲେ ନାଥୁରାମ ଦୋଷୀ ସାବ୍ୟସ୍ତ ହୋଇ ଫାଶୀଖୁଣ୍ଟରେ ଝୁଲିଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ ବେଳେ ଏଭଳି ଉଦ୍ୟମ ନିନ୍ଦନୀୟ ବୋଲି ମନୀଷ୍ ଟୁଇଟ୍ କରିଛନ୍ତି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ମଧ୍ୟ ଅନୁରୂପ ମତବ୍ୟକ୍ତ କରି ଭାଜପାକୁ ତାଚ୍ଛଲ୍ୟ କରିଛନ୍ତି। ଗାନ୍ଧୀ ହତ୍ୟାର ତଦନ୍ତ କରୁଥିବା ଜଷ୍ଟିସ୍ କପୁର କମିଶନ ସାବରକରଙ୍କୁ ଜଣେ ଷଡ଼ଯନ୍ତ୍ରକାରୀ ବୋଲି ଜାଣିବାକୁ ପାଇଥିଲେ। ତାଙ୍କୁ ଏଭଳି ମର୍ଯ୍ୟାଦାଜନକ ସମ୍ମାନ ଦେବା ପାଇଁ ତୁମେ କିପରି ଚିନ୍ତା କରିପାରୁଛ? ସାବରକରଙ୍କୁ ଭାରତରତ୍ନ ଦିଆଗଲେ ନାଥୁରାମଙ୍କୁ ମଧ୍ୟ ଦିଆଯାଉ ବୋଲି ଓୱାଇସି ଏକ ଘରୋଇ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ କହିଛନ୍ତି।

### ନାଥୁରାମଙ୍କୁ ବି ଦିଅ ଭାରତରତ୍ନ: ଓୱାଇସି



### ସାବରକର ଗାନ୍ଧୀ ହତ୍ୟା ଷଡ଼ଯନ୍ତ୍ରକାରୀ: ଦିଗ୍‌ବିଜୟ



## ମଦିନାରେ ବସ୍ ଦୁର୍ଘଟଣା

# ଜଣେ ଭାରତୀୟଙ୍କ ସମେତ ୩୫ ମୃତ



ରିୟାଧ,୧୭।୧୦(ଏଏଫ୍‌ପି)

ସୌଦି ଆରବର ମଦିନା ସହରରେ ସଡ଼କ ଦୁର୍ଘଟଣାରେ ୩୫ ବିଦେଶୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ଅଛନ୍ତି। ତାଙ୍କ ସ୍ତ୍ରୀ ମଧ୍ୟ ଆହତ ହୋଇଛନ୍ତି। ତୀର୍ଥଯାତ୍ରୀମାନଙ୍କୁ ନେଇ ଯାଉଥିବା ବସ୍‌କୁ ଅନ୍ୟ ଏକ ଭାରିଯାନ ଧକ୍କା ଦେଇଥିଲା। ଏଥିରେ ଅନ୍ୟ ୪ ଗୁରୁତର ଆହତ ହୋଇଛନ୍ତି। ଆରବ ଓ ଏସିଆର ତୀର୍ଥଯାତ୍ରୀମାନେ ଉକ୍ତ ବସ୍‌ରେ ମଦିନାରୁ ମକ୍କା ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବସ୍‌ଟି ଜଳିଯାଇଥିଲା। ଆହତମାନଙ୍କୁ ଅଲ୍ ହମ୍‌ନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମର୍ମନ୍ତୁଦ ଦୁର୍ଘଟଣା ଲାଗି ଯୁବରାଜ ଫୈଜଲ ବିନ୍ ସଲମାନ, ମଦିନା ରାଜ୍ୟପାଳ ଦୁଃଖପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ମକ୍କାରେ ମର୍ମନ୍ତୁଦ ଦୁର୍ଘଟଣା ଖବର ଶୁଣି ମର୍ମାହତ। ମୃତକଙ୍କ ପରିବାର ସଦସ୍ୟଙ୍କ ଲାଗି ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ବସ୍‌ରେ ଅନ୍ୟୂନ ୧୦ ଜଣ ଭାରତୀୟ ଥିଲେ ବୋଲି କୁହାଯାଉଛି। ସେମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ଦେବା ଲାଗି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୌଦି ପ୍ରଶାସନକୁ କୁହାଯାଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଦୁର୍ଘଟଣାରେ ଏତେ ସଂଖ୍ୟାରେ ବିଦେଶୀଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ସେ ମୃତକମାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

ହଜ୍ ବେଳେ ପବିତ୍ର ସହର ମକ୍କା ଓ ମଦିନାରେ ଶ୍ରଦ୍ଧାଳୁମାନଙ୍କୁ ପରିବହନ କରିବା ଏକ ବଡ଼ ଚ୍ୟାଲେଞ୍ଜ। ସେତେବେଳେ ଦୁଇ ସହରରେ ଗାଡ଼ି ସଂଖ୍ୟା ଏତେ ବଢ଼ିଯାଇଥାଏ ଯେ, ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ରୁହେ। ଗତବର୍ଷ ଏପ୍ରିଲରେ ବସ୍-ତେଲ ଟ୍ୟାଙ୍କର ଦୁର୍ଘଟଣାରେ ୪ ବ୍ରିଟେନ ନାଗରିକ ପ୍ରାଣ ହରାଇଥିଲେ। ୨୦୧୭ ଜାନୁଆରୀରେ ମଦିନା ଯାଉଥିବା ମିନିବସ୍ ଦୁର୍ଘଟଣାରେ ୬ ବ୍ରିଟେନ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ୨୦୧୫ ସେପ୍ଟେମ୍ବରରେ ହଜ୍ ପାଳନ ବେଳେ ଦଳାଚକଟାରେ ୨୩୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା।



ସିରିଆର ସୀମାନ୍ତ କୁର୍ଦ୍ଦିଶ ସହର ରାସ୍-ଅଲ୍-ଆଇନ୍‌ରେ ତୁର୍କୀର ସାମରିକ କାର୍ଯ୍ୟାନୁଷ୍ଠାନ ‘ପିସ୍ ସ୍ପ୍ରିଙ୍ଗ୍’ ପରେ ପରିବାର ସହ ପଳାୟନ କରୁଛନ୍ତି ଜଣେ ବିସ୍ଥାପିତ।

## ଚିଦାମ୍ବରମଙ୍କୁ ୨୪ ଯାଏ ହାଜତକୁ ନେଲା ଇଡି

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀର ଏକ ଅଦାଲତ ଗୁରୁବାର ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇଦେଇଛନ୍ତି। ବରିଷ୍ଠ କଂଗ୍ରେସ ନେତାଙ୍କୁ ଜେରା କରିବା ଲାଗି ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାର ଇଡିକୁ ଅନୁମତି ଦେଇଥିଲାବେଳେ ତାଙ୍କୁ ଘରରନ୍ଧା ଖାଦ୍ୟ, ପାଶ୍ଚାତ୍ୟ ପାଇଖାନା ବ୍ୟବହାର, ଔଷଧ ଆଦି ଯୋଗାଇଦେବାକୁ ଅନୁମତି ପ୍ରଦାନ କରିଛନ୍ତି। ୭୪ ବର୍ଷୀୟ କଂଗ୍ରେସ ନେତାଙ୍କୁ ୧୪ ଦିନ ରିମାଣ୍ଡରେ ନେଇ ଜେରା କରିବା ଲାଗି ଇଡି ଆବେଦନ କରିଥିଲା।

## ମେକ୍ସିକୋରେ ସଂଘର୍ଷ: ୧୫ ମୃତ

ମେକ୍ସିକୋ ସିଟି,୧୭।୧୦ (ଆଇଏଏନ୍‌ଏସ୍)

ମେକ୍ସିକୋରେ ସେନା ଓ ସଶସ୍ତ୍ର ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଗୁଳି ବିନିମୟ ବେଳେ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଇଗୁଆଲରେ ଟେପୋଟିକା ସମ୍ପ୍ରଦାୟର ସଶସ୍ତ୍ର ଲୋକଙ୍କ ଉପସ୍ଥିତି ନେଇ ସ୍ଥାନୀୟ ପୋଲିସକୁ ମଙ୍ଗଳବାର ଏକ ଜରୁରୀ ଫୋନ୍ କଲ୍ ଆସିଥିଲା। ସୁରକ୍ଷା ବଳ ସେଠାରେ ପହଞ୍ଚିଥିବାବେଳେ ସେମାନେ ସେନାକୁ ଆକ୍ରମଣ କରିଥିଲେ। ଫଳରେ ସଂଘର୍ଷ ଘଟି ୧୩ ଜଣ ପ୍ରାଣ ହରାଇଛନ୍ତି। ଏହାର ଦିନକ ପୂର୍ବରୁ ଅଗୁଇଲିଲ୍ଲା ସହରରେ ଆକ୍ରମଣରେ ୧୩ ପୋଲିସ ନିହତ ହୋଇଥିଲେ।

## ଫ୍ଲାଗ୍ ମିଟିଂ ପରେ ବାଂଲା ସୈନ୍ୟଙ୍କ ଗୁଳିମାଡ଼

# ବିଏସ୍‌ଏଫ୍ ଯବାନ ଶହୀଦ

କୋଲକାତା,୧୭।୧୦(ପି.ଟି.)



ବିଜୟ ଭାନ୍ ସିଂ

ବାଂଲାଦେଶୀ ସୀମା ସୁରକ୍ଷା ବାହିନୀର ଗୁଳିମାଡ଼ରେ ଗୁରୁବାର ଜଣେ ବିଏସ୍‌ଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ତର୍ଜାତୀୟ ସୀମାବର୍ତ୍ତୀ ପଶ୍ଚିମବଙ୍ଗରେ ଫ୍ଲାଗ୍ ମିଟିଂ ଚାଲିଥିଲାବେଳେ ଜଣେ ବାଂଲାଦେଶୀ ଯବାନ ଏକେ-୪୭ ରାଇଫଲ୍‌ରୁ ଗୁଳି ଚଳାଇଥିଲେ।

ବାଂଲାଦେଶ ସୀମାନ୍ତ ପ୍ରହରୀ (ବିଜିବି) ଯବାନଙ୍କ ମନମାନିକୁ ନେଇ ଉଭୟ ପକ୍ଷ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ବିଏସ୍‌ଏଫ୍ ମୁଖ୍ୟ ଭି.କେ. ଜୋହରି ତାଙ୍କର ବାଂଲା ପ୍ରତିପକ୍ଷ ମେଜର ଜେନେରାଲ ଶାଫିନୁଲ୍ ଇସ୍‌ଲାମଙ୍କୁ ହଟ୍‌ଲାଇନ୍‌ରେ କଲ୍ କରିଥିଲେ। ଘଟଣାର ଉପଯୁକ୍ତ ତଦନ୍ତ ଲାଗି ବିଜିବି ଡିଜି ପ୍ରତିଶ୍ରୁତି ଦେଇଛନ୍ତି। ଭାରତ-ବାଂଲାଦେଶ ମଧ୍ୟରେ ୪୦୯୬ କିଲୋମିଟର ଅନ୍ତର୍ଜାତୀୟ ସୀମାକୁ ଜଗୁଥିବା ଦୁଇଦେଶର ସେନା ମଧ୍ୟରେ ଉତ୍ତମ ସମ୍ପର୍କ ରହିଆସିଛି ଓ କିଛି ଦଶନ୍ଧି ମଧ୍ୟରେ ଗୋଟିଏ ହେଲେ ଗୁଳି ଫୁଟିନାହିଁ। ଗୁରୁବାର ଘଟଣା ଏକ ବ୍ୟତିକ୍ରମ। ଏହାକୁ ନେଇ ସୀମାନ୍ତ ସ୍ଥିତି ଯେପରି ପ୍ରଭାବିତ ନ ହୁଏ, ସେଥିପାଇଁ ଉଦ୍ୟମ କରାଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଘଟଣା ସମ୍ପର୍କରେ ବିଏସ୍‌ଏଫ ସ୍ୱରାଷ୍ଟ୍ର ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଅବଗତ କରାଇଛି।

ଭାରତୀୟ ମତ୍ସ୍ୟଜୀବୀମାନଙ୍କୁ ନେଇ ଉପୁଜିଥିବା ବିବାଦର ସମାଧାନ ପାଇଁ ବିଜିବି ଯବାନମାନେ ଗୁରୁବାର ସକାଳେ ମୁର୍ଶିଦାବାଦ ଜିଲାର କାକ୍‌ମାରିଚାର ସୀମାନ୍ତ ଘାଟିକୁ ଆସିଥିବାବେଳେ ଏହି ଗୁଳିକାଣ୍ଡ ଘଟିଥିଲା। ୩ ଭାରତୀୟ ମତ୍ସ୍ୟଜୀବୀଙ୍କୁ ବିଜିବି ଯବାନ ଗିରଫ କରିବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଅନ୍ତର୍ଜାତୀୟ ଜଳସୀମାରେ ମାଛ ଧରିବାକୁ ମତ୍ସ୍ୟଜୀବୀମାନଙ୍କୁ ବିଏସ୍‌ଏଫ୍ ଅନୁମତି ଦେଇଥିଲା। ଏହି ସୀମା ପଦ୍ମାନଦୀ ମଧ୍ୟଦେଇ ଯାଇଛି, ଯେଉଁଠୁ ପ୍ରଚୁର ଇଲିଶି ମିଳିଥାଏ। ବିଜିବି ଟିମ୍ ୨ ଜଣ ମତ୍ସ୍ୟଜୀବୀଙ୍କୁ ଯିବା ପାଇଁ ଅନୁମତି ଦେଇଥିଲାବେଳେ ତୃତୀୟ ଜଣଙ୍କୁ ଗିରଫ କରିଥିବା ବିଏସ୍‌ଏଫ୍‌କୁ ଜଣାଇଦେଇଥିଲା। ବିଏସ୍‌ଏଫ୍‌ର ୬ ଜଣିଆ ଟିମ୍ ଘଟଣାର ସମାଧାନ ପାଇଁ ଏକ ମୋଟରବୋଟ୍‌ରେ ଯାଇଥିଲେ। ସେମାନେ ଆଲୋଚନା ସାରି ବୋଟକୁ ଫେରୁଥିଲାବେଳେ ପଛପଟୁ ସୟେଦ ନାମକ ବିଜିବିର ଜଣେ ଯବାନ ଗୁଳି ଚଳାଇବାରୁ ବିଏସ୍‌ଏଫ୍ ହେଡ୍ କନ୍‌ଷ୍ଟେବଲ ବିଜୟ ଭାନ୍ ସିଂଙ୍କର ମୃତ୍ୟୁ ହୋଇଥିବାବେଳେ କନ୍‌ଷ୍ଟେବଲ୍ ରାଜବୀର ଯାଦବ ଗୁରୁତର ଆହତ ହୋଇଛନ୍ତି। ମତ୍ସ୍ୟଜୀବୀ ପ୍ରଣବ ମଣ୍ଡଳ ବିଜିବି ହାଜତରେ ରହିଥିବା ଜଣାପଡ଼ିଛି।

## ବିଦେଶ ଗସ୍ତ ବାତିଲ କଲେ ସିଜେଆଇ

ନୂଆଦିଲ୍ଲୀ,୧୭।୧୦(ପି.ଟି.): ସିଜେଆଇ ରଞ୍ଜନ ଗୋଗୋଇ ତାଙ୍କର ବିଦେଶ ଗସ୍ତକୁ ବୁଧବାର ବାତିଲ କରିଦେଇଛନ୍ତି। ସେ ନଭେମ୍ବର ୧୭ରେ ଅବସର ନେବା ପୂର୍ବରୁ କେତେକ ଦକ୍ଷିଣ ଆମେରିକୀୟ, ମଧ୍ୟପ୍ରାଚ୍ୟ ଓ ଅନ୍ୟ ରାଷ୍ଟ୍ରକୁ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା। ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପାଇବାକୁ ଥିବାରୁ ଏହାକୁ ବାତିଲ କରିଦେଇଥିବା କୁହାଯାଉଛି। ଜଷ୍ଟିସ୍ ଗୋଗୋଇ ଗତବର୍ଷ ଅକ୍ଟୋବର ୩ରେ ଭାରତର ୪୬ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଥିଲେ।

## କଶ୍ମୀରୀ ସେଓରେ ପାକ୍ ସପକ୍ଷରେ ସ୍ଲୋଗାନ

ଜମ୍ମୁ,୧୭।୧୦

କଶ୍ମୀରୀ ସେଓରେ ପାକିସ୍ତାନ ସପକ୍ଷରେ ଓ ଭାରତ ବିରୋଧୀ ସ୍ଲୋଗାନ ଲେଖାଥିବା ଦେଖିବାକୁ ମିଳିଛି। ଜମ୍ମୁର ଜଣେ ଫଳ ବିକ୍ରେତା ଏକ କ୍ରେଟ୍ ସେଓ ପାଇଥିଲେ, ଯେଉଁଥିରେ ‘ପାକିସ୍ତାନ ଜିନ୍ଦାବାଦ’, ‘ଲଭ୍ ବୁରହାନ୍ ୱାନି’ ଏବଂ ‘ମେରୀ ଜାନ୍ ଇମ୍ରାନ୍’ ଲେଖାଥିଲା। ସେହିପରି ‘ଗୋ ଇଣ୍ଡିଆ ଗୋ’ ଏବଂ ‘ୱି ୱାଣ୍ଟ ଫ୍ରିଡମ୍’ ମଧ୍ୟ ଲେଖାଥିବା ସେଓ ସେଥିରେ ଥିଲା। ଖବର ପାଇ ପୋଲିସ ସେଗୁଡ଼ିକୁ ଜବତ କରିଛି। କଶ୍ମୀରରେ ଉତ୍ପାଦିତ ସେଓ ଦେଶର ସବୁ ବଜାରକୁ ରପ୍ତାନି କରାଯାଇଥାଏ। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରତିବାଦରେ ଏବର୍ଷ ଅନେକ ବଗିଚା ମାଲିକ ସେଓ ଉତ୍ପାଦନ ବନ୍ଦ ପାଇଁ ନିଷ୍ପତ୍ତି ନେଇଛନ୍ତି।

## ସ୍ୱାଇସ୍ ଜେଟ୍ ବିମାନକୁ ଅଟକାଇଥିଲା ପାକ୍ ବାୟୁସେନା

ନୂଆଦିଲ୍ଲୀ,୧୭।୧୦

ଫେବୃୟାରୀ ୨୬ରେ ଭାରତୀୟ ବାୟୁସେନାର ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଉତ୍ତେଜନା ଲାଗିରହିଛି। ସେପ୍ଟେମ୍ବର ୨୩ରେ ନୂଆଦିଲ୍ଲୀରୁ କାବୁଲ ଯାଉଥିବା ଭାରତୀୟ ଯାତ୍ରୀବାହୀ ବିମାନକୁ ପାକିସ୍ତାନୀ ବାୟୁସେନା ଆକାଶ ମାର୍ଗରେ ପାଖାପାଖି ଘଣ୍ଟାଏ ଅଟକାଇଥିଲା ବୋଲି ଜଣାପଡ଼ିଛି। ସ୍ୱାଇସ୍ ଜେଟ୍ କମ୍ପାନୀର ଉକ୍ତ ବିମାନକୁ ପାକିସ୍ତାନର ୨ଟି ଏଫ୍-୧୬ ଯୁଦ୍ଧବିମାନ ଘେରିଯାଇଥିଲେ। ବିମାନକୁ ତଳକୁ ଖସାଇବା ଲାଗି ସେମାନେ ସ୍ୱାଇସ୍ ଜେଟ୍‌ର ପାଇଲଟଙ୍କୁ କହିବା ସହ ଉଡାଣର ସବିଶେଷ ବିବରଣୀ ମାଗିଥିଲେ।

ଏସ୍‌ଜି-୨୧ ବିମାନରେ ୧୨୦ ଯାତ୍ରୀ ଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେତେବେଳେ ଭାରତ ପାଇଁ ପାକିସ୍ତାନ ଏହାର ବାୟୁସୀମା ବନ୍ଦ କରି ନ ଥିଲା। ଏହା ଭାରତର ବ୍ୟବସାୟିକ ବିମାନ ଓ ଯାତ୍ରୀଙ୍କୁ ନେଇ କାବୁଲ ଅଭିମୁଖେ ଯାଉଛି ବୋଲି ସ୍ୱାଇସ୍ ଜେଟ୍‌ର କ୍ୟାପ୍ଟେନ ପାକ୍ ବାୟୁସେନା ବିମାନର ପାଇଲଟଙ୍କୁ ଜଣାଇଥିଲେ। ଏଫ୍-୧୬ ଯୁଦ୍ଧବିମାନ ଦୁଇଟି ସ୍ୱାଇସ୍ ଜେଟ୍ ବିମାନ ଚାରିପଟେ ଚକ୍କର କାଟିବା ସହ ଏତେ ନିକଟକୁ ଆସିଯାଇଥିଲେ ଯେ, ତାହାର ପାଇଲଟଙ୍କୁ ଯାତ୍ରୀମାନେ ସ୍ପଷ୍ଟ ଦେଖିପାରିଥିଲେ। ସେମାନେ ହାତ ହଲାଇ ସ୍ୱାଇସ୍ ଜେଟ୍ ପାଇଲଟଙ୍କୁ ବିମାନ ତଳକୁ କରିବା ଲାଗି ଇସାରା ଦେଉଥିବା ଦେଖାଯାଇଥିଲା ବୋଲି ଜଣେ ଯାତ୍ରୀ କହିଛନ୍ତି।

## ଅଯୋଧ୍ୟା ଜମି ବିବାଦ: ସୁନ୍ନି ୱାକଫ୍ ବୋର୍ଡ ଓକିଲ କହିଲେ

# ରାୟ ନୁହେଁ, ସମାଧାନ ଚାହୁଁ

ନୂଆଦିଲ୍ଲୀ,୧୭।୧୦



ଅଯୋଧ୍ୟା ଜମି ବିବାଦ ମାମଲାର ସମସ୍ତ ପକ୍ଷ ସମାଧାନ ପାଇଁ ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି, ଯାହାକି ସମସ୍ତଙ୍କ ପାଇଁ ଜିତିବା ସ୍ଥିତିକୁ ସୁନିଶ୍ଚିତ କରିବ। ଏଥିଲାଗି ସୁପ୍ରିମକୋର୍ଟଙ୍କ ରାୟ ଆବଶ୍ୟକ ହେବ ନାହିଁ ବୋଲି ଉତ୍ତରପ୍ରଦେଶ ସୁନ୍ନି ୱାକଫ୍ ବୋର୍ଡର ଜଣେ ପ୍ରତିନିଧି କହିଛନ୍ତି।

ୱାକଫ୍ ବୋର୍ଡ ଅଧ୍ୟକ୍ଷ ଜୁଫର ଅହମଦ ଫାରୁକିଙ୍କ ପକ୍ଷରୁ ଆଇନଜୀବୀ ଶାହିଦ ରିଜ୍‌ଭି କହିଛନ୍ତି, ବୁଝାମଣାର ରୂପରେଖ ଏଭଳି ହୋଇଛି ଯେ କୌଣସି ପକ୍ଷ ହତାଶ ହେବେ ନାହିଁ। ତେଣୁ ମତଭେଦ ଦୂର କରି ଏହି ପୁରୁଣା ବିବାଦର ସମାଧାନ ପାଇଁ ଆମ ସହ ଯୋଗଦେବା ଲାଗି ସମସ୍ତ ପକ୍ଷ (ନିର୍ମୋହୀ ଆଖଡ଼ା ଓ ରାମଲାଲା ବିରାଜମାନ)ଙ୍କୁ ଅନୁରୋଧ କରୁଛୁ। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ କମିଟି ବୁଧବାର ସକାଳେ ଅଦାଲତରେ ରିପୋର୍ଟ ଦାଖଲ କରିସାରିଛି। ମୁସ୍‌ଲିମ ପକ୍ଷମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ୱାକଫ୍ ବୋର୍ଡର ଏହି ପ୍ରସ୍ତାବ ମଧ୍ୟ ଉକ୍ତ ରିପୋର୍ଟରେ ରହିଛି। ତେବେ ସେଥିରେ ରହିଥିବା ସର୍ତ୍ତ ସମ୍ପର୍କରେ ବିସ୍ତୃତ ଭାବେ କହିବା ପାଇଁ ରିଜ୍‌ଭି ମନାକରିଦେଇଛନ୍ତି।

# ବାର୍ କାଉନ୍‌ସିଲ ଗଲା ହିନ୍ଦୁ ମହାସଭା

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ଅଯୋଧ୍ୟା ମାମଲା ଶୁଣାଣିର ଶେଷଦିନରେ ରାମଙ୍କ ଜନ୍ମସ୍ଥାନ ରହିଥିବା ମ୍ୟାପ୍‌କୁ ଚିରିଦେଇଥିବା ମୁସ୍‌ଲିମ ପକ୍ଷ ଓକିଲ ରାଜୀବ ଧୱନଙ୍କ ବିରୋଧରେ ହିନ୍ଦୁ ମହାସଭା ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)ର ଦ୍ୱାରସ୍ଥ ହୋଇଛି। ରାଜୀବଙ୍କ ଏଭଳି କାର୍ଯ୍ୟକୁ ସଙ୍ଗଠନ ପକ୍ଷରୁ ଦୃଢ଼ନିନ୍ଦା ସହ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସୁପ୍ରିମକୋର୍ଟରେ ବୁଧବାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ଜମି ବିବାଦ ମାମଲାର ବିଚାର ସରିଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୪୦ ଦିନ ଧରି ଏହାର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଶୁଣାଣିର ଶେଷଦିନରେ ହିନ୍ଦୁ ମହାସଭା ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ରାମଙ୍କ ଜନ୍ମସ୍ଥାନ ଚିହ୍ନିତ ଏକ ମାନଚିତ୍ରକୁ ପ୍ରମାଣ ସ୍ୱରୂପ ଅଦାଲତରେ ଦାଖଲ କରିଥିଲେ। ସୁନ୍ନି ୱାକଫ୍ ବୋର୍ଡ ଓ ଅନ୍ୟ ମୁସ୍‌ଲିମ ପକ୍ଷଗୁଡ଼ିକର ଓକିଲ ରାଜୀବ ଧୱନ ଉକ୍ତ ମ୍ୟାପ୍‌କୁ ଚିରି ଦେଇଥିଲେ। କୋର୍ଟରୁମ୍ ଭିତରେ ତାଙ୍କର ଏଭଳି ଆଚରଣକୁ ନେଇ ସମସ୍ତେ ଚକିତ ହୋଇଯାଇଥିଲେ। ଏପରି କାର୍ଯ୍ୟ ଚଳିବ ନାହିଁ ବୋଲି ସିଜେଆଇ ରଞ୍ଜନ ଗୋଗୋଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏନେଇ ଅଖିଳ ଭାରତ ହିନ୍ଦୁ ମହାସଭା (ଏଆଇଏଚ୍‌ଏମ୍) ଗୁରୁବାର ବିସିଆଇ ନିକଟକୁ ଏକ ପତ୍ର ଲେଖିଛି। ରାଜୀବ ଜଣେ ବରିଷ୍ଠ ଆଇନଜୀବୀ ହୋଇ ଅଦାଲତ ଭିତରେ ମ୍ୟାପ୍‌କୁ ଚିରିଦେବା ଅତ୍ୟନ୍ତ ନିନ୍ଦନୀୟ। ତାଙ୍କ ବିରୋଧରେ ଆଇନାନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଏଆଇଏଚ୍‌ଏମ୍ ମୁଖପାତ୍ର ପ୍ରମୋଦ ପଣ୍ଡିତ ଜୋଷୀ ଏଥିରେ ଉଲ୍ଲେଖ କରିଛନ୍ତି।

**ସୁପ୍ରିମକୋର୍ଟରେ ମ୍ୟାପ୍ ଚିରିବା ପ୍ରସଙ୍ଗ**

**ରାଜୀବ ଧୱନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା

## ସଂକ୍ଷେପରେ



### ଛାତ୍ରୀଙ୍କୁ ଅସଦାଚରଣ, ବିଦ୍ୟାଳୟରେ ଉତ୍ତେଜନା

**ବାରିପଦା ଅଫିସ,୧୭।୧୦** ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜନୈକା ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କୁ ସେହି ବିଦ୍ୟାଳୟର ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏଥିନେଇ ଗୁରୁବାର ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଅସଦାଚରଣ କରିଥିବା ଶିକ୍ଷକଙ୍କୁ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇ ଅଟକ ରଖିଥିଲେ। ଖବର ପାଇ ବାରିପଦା ସଦର ଥାନା ପୋଲିସ ଶିକ୍ଷକଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ପୋଲିସକୁ ମଧ ଅଟକ ରଖିଥିଲେ। ବିଦ୍ୟାଳୟ ପରିସରରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅଭିଯୋଗ ଅନୁଯାୟୀ, ବୁଧବାର ଛାତ୍ରୀ ଜଣକ ମଧାହ୍ନଭୋଜନ ସାମଗ୍ରୀ ଆଣିବା ପାଇଁ ବିଦ୍ୟାଳୟର ଅଫିସ ଗୃହକୁ ଯାଇଥିଲେ। ଏହି ସମୟରେ ଏକୁଟିଆ ପାଇ ସମ୍ପୃକ୍ତ ଶିକ୍ଷକ ତାଙ୍କୁ ଅସଦାଚରଣ କରିଥିଲେ। ଏ ନେଇ କାହାକୁ କିଛି ନ ଜଣାଇବା ପାଇଁ ଧମକ ମଧ ଦେଇଥିଲେ। ଛାତ୍ରୀ ଜଣକ ଘରକୁ ଫେରି ଭୟରେ କାହାକୁ କିଛି ଜଣାଇ ନ ଥିଲେ। ଗୁରୁବାର ସେ ବିଦ୍ୟାଳୟ ଯିବାକୁ ମନା କରିଥିଲେ। ପରିବାର ଲୋକେ କାରଣ ପଚାରିବାରୁ ଛାତ୍ରୀ ଜଣକ ଶିକ୍ଷକଙ୍କ ଅସଦାଚରଣ କଥା କହିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ବିଦ୍ୟାଳୟକୁ ଯାଇ ସମ୍ପୃକ୍ତ ଶିକ୍ଷକଙ୍କୁ କୈଫିୟତ ମାଗିଥିଲେ। ପରେ ବିଦ୍ୟାଳୟରେ ଉତ୍ତେଜନା ଦେଖାଯାଇଥିଲା। ବିଦ୍ୟାଳୟ ପରିସରରେ ଥିବା ଏକ କାରକୁ ଲୋକେ ଭାଙ୍ଗି ଦେଇଥିଲେ।

# ଶ୍ରେଣୀଗୃହ ଛାତରୁ ଖସିଲା ସିମେଣ୍ଟ ପଲସ୍ତରା

## ୩ ଛାତ୍ରୀଛାତ୍ର ଆହତ

**ଲଖନପୁର,୧୭।୧୦(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ଦ୍ୱାରା ପରିଚାଳିତ ବନ୍ଧବାହାଲ ଡିଏଭି ସ୍କୁଲରେ ଗୁରୁବାର ପାଠପଢ଼ା ଚାଲିଥିବାବେଳେ ଛାତରୁ ସିମେଣ୍ଟ ପଲସ୍ତରା ଖସି ପଡ଼ିଥିଲା। ଏଥିରେ ୩ ଛାତ୍ରୀଛାତ୍ର ସାମାନ୍ୟ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି । ସୂଚନାନୁସାରେ, ଡିଏଭି ସ୍କୁଲର ୪ର୍ଥ ଶ୍ରେଣୀରେ ପାଠପଢ଼ା ଚାଲିଥିବା ସମୟରେ ହଠାତ୍ ଛାତରୁ ସିମେଣ୍ଟ ପଲସ୍ତରା ଖସି ଛାତ୍ରୀଛାତ୍ରଙ୍କ ଦେହରେ ପଡ଼ିଥିଲା। ଏଥିରେ ୪ର୍ଥ ଶ୍ରେଣୀର ୩ ଜଣ ଛାତ୍ରୀଛାତ୍ର ସାମାନ୍ୟ ଆହତ ହୋଇଛନ୍ତି। ଆହତ ଛାତ୍ରୀଛାତ୍ର ହେଲେ ଅନୁଷ୍କା ପାଣ୍ଡେ, ହର୍ସେଲ ବାଘେଲ ଓ ଯଜ୍ଞବ୍ରତ ପ୍ରଧାନ। ଖସିପଡିଥିବା ସିମେଣ୍ଟ ଖଣ୍ଡ ଛାତର କାନ୍ଥ ପାର୍ଶ୍ୱରୁ ପଡ଼ିଥିବାରୁ ଏକ ବଡଧରଣର ଦୁର୍ଘଟଣାରୁ ଛାତ୍ରୀଛାତ୍ର ବର୍ତ୍ତିଯାଇଛନ୍ତି। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ ଅସୀମ କୁମାର ମିଶ୍ର ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଖବର ପାଇ ଏମ୍‌ସିଏଲ୍ ସିଭିଲ୍ ଡିପାଟ୍‌ମେଣ୍ଟର ଅଧିକାରୀ ଓ କର୍ମଚାରୀମାନେ ସ୍କୁଲ ପରିଦର୍ଶନ କରି ଫେରିଛନ୍ତି। ଏନେଇ ଲଖନପୁର କ୍ଷେତ୍ର ପ୍ରବନ୍ଧକ ଅନିଲ କୁମାର ସିଂ କହିଛନ୍ତି, ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ତୁରନ୍ତ ଏହାର ମରାମତି ପାଇଁ ସିଭିଲ୍ ଡିପାଟ୍‌ମେଣ୍ଟକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସ୍କୁଲ ପ୍ରଧାନ ଶିକ୍ଷକ ମିଶ୍ରଙ୍କୁ ପଚାରିବାରୁ ଅନେକ ସମୟରେ ଛାତରୁ ବର୍ଷା ପାଣି ଝରୁଛି। ଫଳରେ ସିମେଣ୍ଟ ଦୁର୍ବଳ ହୋଇ ବିଭିନ୍ନ ସମୟରେ ପଲସ୍ତରା ଖସୁଛି। କମ୍ପାନୀ ତରଫରୁ ଏହାର ମରାମତି କରାଯାଉଛି। ହେଲେ ମରାମତି ନିମ୍ନମାନର ହେଉଥିବାରୁ ଛାତ ଓ କାନ୍ଥରୁ ସିମେଣ୍ଟ ପ୍ଲାଷ୍ଟର ଓ ଟାଇଲ୍ ଖସିବାରେ ଲାଗିଛି । ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏସମ୍ପର୍କରେ ସ୍କୁଲ୍ କର୍ତ୍ତୃପକ୍ଷ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ପ୍ରଧାନ ଶିକ୍ଷକ ମିଶ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ବିଏମ୍‌ଏସ୍ ଶ୍ରମିକ ନେତା ଅଜୟ ବିଶ୍ୱାଳ ଛାତ୍ରୀଛାତ୍ରଙ୍କ କ୍ୱାର୍ଟର୍ସରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଦାବି ହେଉଛି।



ସ୍କୁଲ ଛାତରୁ ସିମେଣ୍ଟ ଅତଡ଼ା ଖସି ଲୁହାଛଡ଼ ଦେଖାଯାଉଛି।

## ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମ

# ଚିହ୍ନଟ ହେବ କସ୍ତୁରବା ଆଦର୍ଶ ପଞ୍ଚାୟତ

## ପ୍ରକାଶ ପାଇବ ଗାନ୍ଧୀବାଣୀ ପୁସ୍ତକ

**ଭୁବନେଶ୍ୱର, ୧୭।୧୦(ବ୍ୟୁରୋ)**

ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ସ୍ଥାନ ଏବଂ ଗାନ୍ଧୀଙ୍କ ନାମରେ ନାମିତ ରାସ୍ତାକୁ ଜବରଦଖଲ ମୁକ୍ତ କରିବା ସହ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସହରାଞ୍ଚଳ ଓ ଜିଲା ପ୍ରଶାସନମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମ ସକାଶେ ଗଠିତ ରାଜ୍ୟସ୍ତରୀୟ ପ୍ରଶାସନିକ କମିଟି ବୈଠକରେ ଅଧକ୍ଷତା କରି ତ୍ରିପାଠୀ ଏହା କହିଛନ୍ତି। ପଞ୍ଚାୟତ ସମିତି ଓ ଗ୍ରାମ ପଞ୍ଚାୟତ ଦ୍ୱାରା ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ କସ୍ତୁରବା ଆଦର୍ଶ ପଞ୍ଚାୟତ ଚିହ୍ନଟ କରି ଶତ ପ୍ରତିଶତ ମହିଳା ସାକ୍ଷରତା, ଅଧାରୁ ପାଠପଢ଼ା ଛାଡ଼ିବାକୁ ରୋକିବା, ଗାଁ ପରିମଳ, ସାମୂହିକ ଜୀବନ ଓ କୁଟୀରଶିଳ୍ପ ଆଦିର ବିକାଶ ପାଇଁ ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ରାଜ୍ୟ ଲୋକସେବା ଭବନ ସଭାଗୃହରେ ଗୁରୁବାର ଅନୁଷ୍ଠିତ ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଜୟନ୍ତୀ ପାଳନର କାର୍ଯ୍ୟାନ୍ୱୟନ ସମ୍ପର୍କରେ କହିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଭବିଷ୍ୟତ ପିଢିଙ୍କ ପାଇଁ ବାପୁଜୀଙ୍କ ଜୀବନ ଧାରଣ ଓ ସାମାଜିକ ବ୍ୟବସ୍ଥା ସମ୍ବନ୍ଧିତ ବାଣୀକୁ ନେଇ ଗାନ୍ଧୀବାଣୀ ଆକାରରେ ଏକ ପୁସ୍ତକ ପ୍ରକାଶ କରିବାକୁ କହିଥିଲେ। ଗାନ୍ଧୀଙ୍କ ଓଡ଼ିଶା ଭ୍ରମଣ ଫଟୋ ସହିତ ଏହି ବାର୍ତ୍ତାଗୁଡିକୁ ନେଇ ପୁସ୍ତକ ପ୍ରସ୍ତୁତ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ହୋଇଥିଲା। ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ଥର ଗସ୍ତ କରିଥିବାବେଳେ ବିଭିନ୍ନ ସ୍ଥାନରେ ସେ ୭୯ଦିନ ରହିଥିଲେ। ତାଙ୍କ ଭ୍ରମଣ ଓ ସାଧାରଣ ସଭା ସମ୍ବନ୍ଧିତ ତତ୍କାଳୀନ ଫଟୋଚିତ୍ରଗୁଡିକୁ ସଂଗ୍ରହ କରି ପୁସ୍ତିକାରେ ସ୍ଥାନିତ କରିବା ନିମନ୍ତେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ। ୨୦୧୮ରୁ ଓଡ଼ିଶାରେ ଆରମ୍ଭ କରାଯାଇଥିବା ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ୨୦୨୦ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲା ସଦର ମହକୁମା ଓ ରାଜ୍ୟସ୍ତରରେ ଚାଲିବ ବୋଲି ସଂସ୍କୃତି ଓ ଭାଷା ସାହିତ୍ୟ ନିର୍ଦ୍ଦେଶକ ବିଜୟ ନାୟକ କହିଥିଲେ। ବିଭିନ୍ନ ଜିଲା ସଦର ମହକୁମାରେ ଏକ ପ୍ରମୁଖ ରାସ୍ତାକୁ ମହାତ୍ମା ଗାନ୍ଧୀଙ୍କ ନାମରେ ନାମିତ କରାଯାଇଛି। ଗାନ୍ଧୀଙ୍କ ସହ ସମ୍ପୃକ୍ତ ସ୍ମରଣୀୟ ଦିବସଗୁଡ଼ିକୁ ପାଳନ କରିବା ପାଇଁ ପ୍ରତ୍ୟେକ ଜିଲାକୁ ୨ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଗାନ୍ଧୀ ସ୍ମୃତି ସହ ଜଡ଼ିତ ୧୭ ଅନୁଷ୍ଠାନକୁ ଗାନ୍ଧୀଙ୍କ ସମ୍ପର୍କରେ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ପାଇଁ ୧୯,୧୫,୦୦୦ ଟଙ୍କା ମଞ୍ଜୁର କରାଯାଇଛି। ରାଜ୍ୟ ଓ ଜିଲାସ୍ତରରେ ୧୫୦ ପ୍ରମୁଖ ସ୍ଥାନରେ ଗାନ୍ଧୀ ସ୍ମୃତିରେ ଚାରା ରୋପଣ କରାଯାଇଥିବା ସେ ସୂଚନା ଦେଇଥିଲେ। ଚଳିତ ଓ ଆଗାମୀ ବର୍ଷ ଶିକ୍ଷାନୁଷ୍ଠାନରେ ଗାନ୍ଧୀଦର୍ଶନ ସମ୍ବନ୍ଧିତ ପ୍ରତିଯୋଗିତା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ନୟାଗଡ଼ ଅଫିସ,୧୭।୧୦:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧିଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଗୁରୁବାର ସକାଳେ କଟକ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେହିଭଳି ଭୁବନେଶ୍ୱରର ୩ଟି, ପୁରୀର ଗୋଟିଏ ଓ ବ୍ରହ୍ମପୁରର ୨ଟି ଏହିଭଳି ମୋଟ ୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। କଟକ ଭିଜିଲାନ୍ସ ଡିଏସ୍‌ପି ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ନୟାଗଡ଼ର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ବିନୟଙ୍କ ଘର ବ୍ରହ୍ମପୁରରେ ହୋଇଥିବା ବେଳେ ସେ ୩ ଅକ୍ଟୋବର ୨୦୧୬ ମସିହାରୁ ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଆସୁଛନ୍ତି।

# ଅର୍ଥ ହୀନ 'ମୋ ସରକାର': ଜାମୁଡା

**ଭୁବନେଶ୍ୱର,୧୭।୧୦(ବ୍ୟୁରୋ)–** ପ୍ରଶାସନିକ ସେବା ବିଫଳ ହେଉଥିବା ବେଳେ ରାଜ୍ୟ ସରକାର ଲୋକମାନଙ୍କୁ ଉତ୍ତମ ପ୍ରଶାସନିକ ସେବା ଯୋଗାଇ ଦେବାକୁ ଇ–ଗଭର୍ନାନ୍ସ ପଦକ୍ଷେପ ସ୍ୱରୂପ ୩–ଟି, ୫–ଟି ଏବଂ ମୋ ସରକାର ଭଳି କାର୍ଯ୍ୟକ୍ରମ ଘୋଷଣା କରି ଡ୍ରାମାବାଜି କରୁଛନ୍ତି। ପୂର୍ବତନ ଓଡ଼ିଶା ରାଜ୍ୟ ଖାଦ୍ୟ କମିଶନ ଅଧକ୍ଷ ରଙ୍ଗଲାଲ ଜାମୁଡା ଏ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ପୂର୍ବତନ ଆଇଏଏସ ଅଧିକାରୀ ନିଜର ଫେସ୍ ବୁକ୍ ଆକାଉଣ୍ଟରେ ପୋଷ୍ଟ କରି କହିଛନ୍ତି ଯେ, ରାଜ୍ୟ ସରକାର ଇ–ଗଭର୍ନାନ୍ସ କ୍ଷେତ୍ରରେ ନାଗରିକ ସେବା ଆଇନ ଏକ ମାଇଲଖୁଣ୍ଟ ଭଳି କାର୍ଯ୍ୟ କରୁଥିଲା। କେତେକ ବିଭାଗ ସ୍ୱତନ୍ତ୍ର ସେବା ଯୋଗାଇ ଦେବାକୁ ତତ୍ପରତା ଦେଖାଇଥିଲେ। ନିର୍ଦ୍ଧାରୀତ ସମୟରେ ଯଦି ଲୋକଙ୍କୁ ସେବା ନ ମିଳେ ତେବେ ସମ୍ପୃକ୍ତ ଅଧିକାରୀଙ୍କୁ ଜରିମାନା କରାଯିବାର ବ୍ୟବସ୍ଥା ରହିଥିଲା। ସର୍ବସାଧାରଣ ସ୍ଥାନରେ ସମସ୍ତଙ୍କ ଅବଗତି ପାଇଁ ସାଇନବୋର୍ଡ ଆକାରରେ ଏହାକୁ ପ୍ରଦର୍ଶନ କରାଯାଇଥିଲା। ଦୁର୍ଭାଗ୍ୟ ଯେ, ସେହି ଘୋଷଣାକୁ ମଧ ସମ୍ମାନ ଦିଆଗଲା ନାହିଁ। ଏହି ଘୋଷଣା ନୈରାଶ୍ୟଜନକ ସ୍ଥିତିରେ ଥିବାବେଳେ ରାଜ୍ୟ ସରକାର ୩–ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି ଏବଂ ଟିମ୍ ୱାର୍କ)ଘୋଷଣା କରି ଲୋକଙ୍କୁ ଭଲ ଶାସନ ଦେବାକୁ ପ୍ରୟାସ କରିଥିଲେ। ଏହି ଘୋଷଣା ପରେ ମଧ ପ୍ରଶାସନିକ କ୍ଷେତ୍ରରେ ସେପରି କିଛି ପରିବର୍ତ୍ତନ ହେଲା ନାହିଁ। ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟ ସରକାର ୫–ଟି ଘୋଷଣା କରିଛନ୍ତି। ଏବେ ରାଜ୍ୟ ସରକାର 'ମୋ ସରକାର' ଯୋଜନା ଆରମ୍ଭ କରିଛନ୍ତି। ପୂର୍ବରୁ କାହା ସରକାର ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।


## ଆବଶ୍ୟକୀୟ ସୂଚନା

୦୨–ବିଜେପୁର ବିଧାନସଭା ଉପ–ନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତା ତା.୨୧.୧୦.୧୯ରିଖ ଦିନ ଭୋଟ ଗ୍ରହଣ କରାଯିବ। ଏହି ବିଧାନ ସଭା ମଣ୍ଡଳୀର ସମସ୍ତ ମତଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି, ଭୋଟ ଦେବା ପାଇଁ କେବଳ ଫଟୋ ଭୋଟର ସ୍ଲିପ ଯଥେଷ୍ଟ ନୁହେଁ। ନିମ୍ନୋକ୍ତ ୧୨ଟି ପରିଚୟପତ୍ର ମଧ୍ୟରୁ ଗୋଟିଏ ସାଙ୍ଗରେ ଆଣିବା ଅନିବାର୍ଯ୍ୟ ଅଟେ।

୧. ଭୋଟର ପରିଚୟପତ୍ର, ୨. ପାସପୋର୍ଟ, ୩. ଡ୍ରାଇଭିଂ ଲାଇସେନ୍ସ, ୪. ଫଟୋ ଥିବା ସରକାରୀ ଚାକିରି କ୍ଷେତ୍ରର ପରିଚୟ ପତ୍ର, ୫. ଫଟୋ ସଂଲଗ୍ନ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ୍‌ର ପାସ୍‌ବହି, ୬. ପ୍ୟାନ୍ କାର୍ଡ, ୭.ଏନ.ପି.ଆର. ସ୍ମାର୍ଟ କାର୍ଡ, ୮. ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଜବ୍‌କାର୍ଡ, ୯. ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ, ୧୦. ଫଟୋ ଥିବା ପେନ୍‌ସନ୍ ଦସ୍ତାବିଜ, ୧୧. ସାଂସଦ ଓ ବିଧାୟକମାନଙ୍କୁ ଦିଆଯାଇଥିବା ସରକାରୀ ପରିଚୟପତ୍ର, ୧୨. ଆଧାର କାର୍ଡ

**ଜିଲ୍ଲା ନିର୍ବାଚନ ଅଧିକାରୀ, ବରଗଡ଼**



## ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା

ସ୍ଥାନ/ପୋ/ଥା/ଜିଲ୍ଲା – ଖୋରଧା, ଦୂରଭାଷ: ୦୬୭୫୫–୨୨୦୬୭୪, ୦୬୭୫୫–୨୨୨୬୭୪ (ଫ୍ୟାକ୍ସ)
ଇ–ମେଲ୍: khurda_municipality@yahoo.co.in

ନଂ. ୪୦୮୯ ତା: ୧୭।୧୦।୨୦୧୯

### ବିଜ୍ଞାପନ

No.: C-252:- ଖୋରଧା ପୌର ପରିଷଦ ୨୦୧୯–୨୦ ବର୍ଷଠାରୁ ୨୦୨୧–୨୨ (ତା୦୧।୧୧।୨୦୧୯ରିଖରୁ ୩୧।୧୦।୨୦୨୨ରିଖ) ପର୍ଯ୍ୟନ୍ତ ୩ (ତିନି) ବର୍ଷ ନିମନ୍ତେ ନିଲାମ/ଟେଣ୍ଡରଗୁଡିକ ନିମ୍ନଲିଖିତ କ୍ରମେ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କ ଠାରୁ ଆହ୍ୱାନ କରୁଅଛନ୍ତି। ନିଲାମ/ଟେଣ୍ଡରର ସମସ୍ତ ବିବରଣୀ/ତଥ୍ୟ NIC, Khordhaଙ୍କ ୱେବ୍‌ସାଇଟ୍ **www.khordha.nic.in** ଠାରେ ଉପଲବ୍ଧ ଅଟେ। ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନ ପ୍ରତିଟି ନିଲାମ/ଟେଣ୍ଡର ପାଇଁ Commercial Bid Cover No. A ଏବଂ Price Bid Cover No. B ଏହିପରି ୨ ଗୋଟି Envelopeକୁ ଅନ୍ୟଗୋଟିଏ ବଡ଼ Envelopeରେ Cover No. C ରେ ଜଉମୁଦ କରି ପୌର ପରିଷଦ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟେଣ୍ଡର ବାକ୍ସରେ ତା୧୮।୧୦।୨୦୧୯ରିଖ ଠାରୁ ତା୨୮।୧୦।୨୦୧୯ରିଖ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ପକାଇବେ। ନିଲାମ ଫର୍ମ (Cost of Tender)ର ମୂଲ୍ୟ Cover No. A ରେ ବ୍ୟାଙ୍କ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍ ମାଧ୍ୟମରେ ଖୋରଧା ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧାଙ୍କ ନାମରେ ଖୋରଧାରେ ପ୍ରାପ୍ତି ହେବା ନିମନ୍ତେ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟ ସୀମା ଭିତରେ Cover No. A ରେ ରଖିବା ବାଧ୍ୟ ଅଟେ। ଯେଉଁ ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Commercial Bid Cover No. A ଯୋଗ୍ୟ ବିବେଚିତ ହେବ କେବଳ ସେହି ବ୍ୟକ୍ତି/ସଂସ୍ଥା ଓ ଅନୁଷ୍ଠାନଙ୍କର Price Bid Cover No. B ଖୋଲାଯିବ।

| କ୍ର.ନଂ. | ନିଲାମ/ଟେଣ୍ଡର ନାମ | ସର୍ବନିମ୍ନ ଇଜରା/ ନିଲାମ ମୂଲ୍ୟ | ନିଲାମ ପାଇଁ ଫର୍ମ ମୂଲ୍ୟ (ନନ୍ ରିଫଣ୍ଡେବୁଲ୍) |
|---|---|---|---|
| ୧ | ୨ | ୩ | ୪ |
| ୧ | ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେ କୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍ ଠାରୁ ବରୁଣେଇ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ। | ଟ.୩୦,୦୦,୦୦୦/– | ଟ.୬,୦୦୦/– |

- ନିଲାମ/ଟେଣ୍ଡର ଧାରୀମାନଙ୍କ ପାଇଁ ନିଲାମ/ଟେଣ୍ଡର ବାବଦରେ ସବିଶେଷ ତଥ୍ୟ ଜାଣିବା ନିମନ୍ତେ ତା୨୨।୧୦।୨୦୧୯ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ସମୟରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ (Briefing Session) ବୈଠକ ଅନୁଷ୍ଠିତ ହେବ।
- ନିଲାମ/ଟେଣ୍ଡର ଫର୍ମ ବିକ୍ରିର ଅନ୍ତିମ ତାରିଖ ତା୨୮।୧୦।୨୦୧୯ରିଖ, ସମୟ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ଅଟେ।
- ନିଲାମ/ଟେଣ୍ଡର ଫର୍ମ ପକାଇବାର ଅନ୍ତିମ ତାରିଖ ତା୨୮।୧୦।୨୦୧୯ରିଖ, ସମୟ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ।
- ନିଲାମ/ଟେଣ୍ଡର Commercial Bid Cover No. A ଖୋଲିବାର ତାରିଖ ତା୨୮।୧୦।୨୦୧୯, ସମୟ ଅପରାହ୍ନ ୩.୦୦ ଘଟିକା ଅଟେ।
- ନିଲାମ/ଟେଣ୍ଡର Price Bid Cover No. B ଖୋଲିବାର ତାରିଖ ତା୨୮।୧୦।୨୦୧୯, ସମୟ ଅପରାହ୍ନ ୪.୦୦ ଘଟିକା ଅଟେ।

13082/11/0009/1920 ସ୍ୱା./– ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା



No.: L-68

## ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ୨୦୧୯-୨୦

ନିଜସ୍ୱ ଜ୍ଞାନ କୌଶଳରେ ଉନ୍ନତ ଓ ଅଭିନବ କୃଷି ଯନ୍ତ୍ରପାତିର ନିର୍ମାଣ / ପରିକଳ୍ପନା କରୁଥିବା ପ୍ରତିଭାବାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ସମ୍ମାନୀତ ଓ ପୁରସ୍କୃତ କରାଯିବ।

ରାଜ୍ୟସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ ୩ ଟି ଲେଖାଏଁ ଏବଂ ଅଭିନବ ପରିକଳ୍ପନା ପାଇଁ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରରେ ଅଭିନବ ଯନ୍ତ୍ରପାତି ପାଇଁ (୩ ଜଣ ଜିଲ୍ଲା ପ୍ରତି) ୯୦ ଜଣଙ୍କୁ ଏବଂ ଅଭିନବ ପରିକଳ୍ପନା ପାଇଁ (୧ ଜଣ ଜିଲ୍ଲା ପ୍ରତି) ୩୦ ଜଣଙ୍କୁ ପୁରସ୍କୃତ କରାଯିବ।

| | ଅଭିନବ ଯନ୍ତ୍ରପାତି | ଅଭିନବ ପରିକଳ୍ପନା |
|---|---|---|
| ପ୍ରଥମ ପୁରସ୍କାର ରାଶି | ୨ ଲକ୍ଷ ଟଙ୍କା | ୫୦ ହଜାର ଟଙ୍କା |
| ଦ୍ୱିତୀୟ ପୁରସ୍କାର ରାଶି | ୧ ଲକ୍ଷ ୫୦ ହଜାର ଟଙ୍କା | ୩୫ ହଜାର ଟଙ୍କା |
| ତୃତୀୟ ପୁରସ୍କାର ରାଶି | ୧ ଲକ୍ଷ ଟଙ୍କା | ୧୫ ହଜାର ଟଙ୍କା |
| ଜିଲ୍ଲାସ୍ତରୀୟ ପୁରସ୍କାର ରାଶି | ୧୫ ହଜାର ଟଙ୍କା | ୫ ହଜାର ଟଙ୍କା |

ଏହାର ଚୟନ ପ୍ରକ୍ରିୟା ଜିଲ୍ଲା ତଥା ରାଜ୍ୟସ୍ତରୀୟ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା କରାଯିବ ଅଭିନବ କୃଷି ଯନ୍ତ୍ରପାତି / ପରିକଳ୍ପନାଗୁଡ଼ିକର ପଞ୍ଜିକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ **http://agrisnetodisha.ori.nic.in**ରେ ଉପଲବ୍ଧ। ଆଗ୍ରହୀ ଚାଷୀ ଭାଇ ଓ ଭଉଣୀ, କୃଷି କାରିଗର ଏବଂ କୃଷି ଶ୍ରମିକମାନେ ସଂଶ୍ଳିଷ୍ଟ ଯନ୍ତ୍ରପାତି ସମ୍ବନ୍ଧିତ ଫଟୋ ଓ ଭିଡ଼ିଓ / ସଂଶ୍ଳିଷ୍ଟ ପରିକଳ୍ପନା ସମ୍ବନ୍ଧିତ ରେଖାଚିତ୍ର ସହିତ ଆବେଦନ ପତ୍ର ଆସନ୍ତା ବର୍ଷ **ଜାନୁୟାରୀ ୩୧ ତାରିଖ** ସୁଦ୍ଧା ନିଜ ବ୍ଲକ ଅନ୍ତର୍ଗତ ବ୍ଲକସ୍ତରୀୟ **'କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର'** (FIAC)ର ଡ୍ରପ ବାକ୍ସରେ ଦାଖଲ କରିପାରିବେ।

01034/11/0025/1920

**ସବିଶେଷ ବିବରଣୀ ନିମନ୍ତେ ନିକଟସ୍ଥ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।**

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



GOVERNMENT OF ODISHA No.: O-449

## OFFICE OF THE SUPERINTENDING ENGINEER SOUTHERN CIRCLE, RURAL WORKS, SUNABEDA

email: serwsbd2003@yahoo.com

### E-Procurement Notice

1. Name of the Work : Construction of Bridge under BSY (01 No.)
2. Class of Contractor : "B" & "A" Class of (Odisha PWD) or relevant Class of other licensing authority.
3. Estimated Cost : Rs.174.55 Lakhs (Approximately)
4. Details Projects as per Annexure attached.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Southern Circle, Sunabeda | SERWSCSBD - Online - 06/2019-20 | 23.10.2019 at 11.00 A.M. | 06.11.2019 upto 5.00 P.M. | 05.11.2019 upto 2.00 P.M. | 07.11.2019 at 11.00 A.M. | To be intimated separately |

5. Further details can be seen from the website **www.tendersodisha.gov.in**.
6. Any Corrigendum/Addendum will be displayed in the above e-tender websites.

25045/11/0006/1920 **Superintending Engineer, Southern Circle RW, Sunabeda**



## DIRECTORATE OF PUBLIC HEALTH, ODISHA, BHUBANESWAR: (STATE TB CELL)

**2nd Floor, Heads of the Department Building, Unit – V, Bhubaneswar - 751001**
**Phone/Fax:-0674-2390395, Email- stoor@tbcindia.nic.in & stoor@rntcp.org, (www.tbcindia.nic.in)**

### TENDER CALL NOTICE FOR BRANDING OF VINYL STICKER ACTIVITY ON CITY BUS PANEL

No. E-415: Sealed Tenders are invited from the registered, experienced and reputed agencies in the field of branding of vinyl sticker activity on city bus panel. The detail specification along with the terms and conditions shall be obtained from the office of the Additional Director (TB), Odisha or may be downloaded from the DPH, Odisha website i.e., www.dphodisha.nic.in under the Health Directorate within the office hour (10am to 5.30pm). The agency having valid PAN, GSTIN and other statutory registrations, if any, as well as up to date GSTIN clearance certificate shall apply to the undersigned within 15 days from the date of publication of this advertisement in print media by Speed post/ Registered post/Couriers only. The authority reserves the right to reject any all tenders without assigning any reason thereof. 10036/11/0005/1920



## OFFICE OF THE MUNICIPAL COUNCIL, RAIRANGPUR

Phone No.-06794-222054
E-Mail ID : rairangpur.hud@ori.nic.in / rrpurnac@gmail.com

### "e" PROCUREMENT NOTICE
### TENDER CALL NOTICE NO.26/17.10.2019
### BID IDENTIFICATION NO.T6RRP2019-20

Bid documents consisting of Specification the schedule of quantities and the set of terms & conditions of contract and other necessary documents can be seen in the Govt. Website i.e. **www.tendersorissa.gov.in**

1. Nature of the works :- Sanitation works 1 (ONE) No.
2. No. of works :- Bid Identification No.T6RRP2019-20

| Procurement Officer | Bid Identification No. | Availability of tender online for bidding | | End date for submission of bid documents EMD. tender paper cost etc. as per DTCN dropping on the office tender box otherwise tender will be rejected | Date & time of opening of tender |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Officer, Rairangpur Municipality | T6RRP2019-20 | 18.10.2019 At 11:00 A.M | 02.11.2019 upto 5.00 P.M. | 4.11.2019 upto 5.00 P.M. | 5.11.2019 at 11 A.M. |

8. If all the tender work will be not completed within fixed period mention in the tender schedule the work agreement and work order automatically cancelled.
9. The Authority reserves the right to reject any or all tender without assigning any reason thereof.
10. Further the details can be seen from the procurement portal :- **www.tendersorissa.gov.in**

**Sd./- Executive Officer**
**Rairangpur Municipality**



## GOVERNMENT OF ODISHA
### FOOD SUPPLIES & CONSUMER WELFARE DEPARTMENT
### ADVERTISEMENT

In continuation to this Department Advertisement for appointment to the post of whole time Chairperson (One) in the 'Odisha State Food Commission' set up by the Government of Odisha under the provisions of the National Food Security Act, 2013 (NFSA) and published on 10.07.2019, 24.08.2019 and 13.09.2019, the last date of receipt of application from eligible candidates is further extended up to **01.11.2019**. Persons who have applied earlier for Chairperson, their applications will be considered for the purpose and hence they need not apply again.

For complete information on qualification, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in** under 'Notification' link.

**Joint Secretary**



## EXPRESSION OF INTEREST NOTICE FOR ENLISTMENT OF MAKES & MODELS OF IMPROVED IMPLEMENTS, EQUIPMENT AND MACHINERY RELATING TO AGRICULTURE, FISHERIES & ANIMAL RESOURCE DEVELOPMENT SECTOR FOR 2019-20, 1ST PHASE FOR POPULARISATION UNDER DIFFERENT SCHEMES OF GOVERNMENT OF ODISHA

No.: L-67: Sealed offers are invited from manufacturing firms/ source company for enlisting improved implements, equipment and machinery relating to Agriculture, Fisheries & Animal Resource Development Sector for popularization through subsidized sale in the State of Odisha under various schemes, special programmes of State and Central Government. They should submit their offer from **18.10.2019 to 18.11.2019** as per the terms & conditions to be obtained by Post (Enclosing self addressed stamped envelope) or in person from the Office of the Development Engineer & Convener, SLTC, Odisha Farm Machinery Research and Development Centre (OFMRDC), Satyanagar, Bhubaneswar - 751007, Telephone No.: 0674-2571860. The offer may be submitted by the interested party alongwith all required authenticated documents in support of and fulfilling the terms and conditions. The letter of request should be addressed to the Director of Agriculture & Food Production, Odisha, Bhubaneswar and submitted to the Development Engineer & Convener, SLTC, Odisha Farm Machinery Research and Development Centre (OFMRDC), Satyanagar, Bhubaneswar - 751007, Odisha through Registered/Courier Post. The sealed cover containing the offer documents should be super-scribed as **"OFFER FOR ENLISTMENT OF MACHINERY AND EQUIPMENT RELATING TO AGRICULTURE, FISHERIES & ANIMAL RESOURCE DEVELOPMENT SECTOR FOR 2019-20, 1st PHASE". The last date of receipt of the sealed offers by post is 18.11.2019 upto 5.30 P.M. during office hours.** The authority is not responsible for any postal delay. The letter of request from the manufacturers for enlistment/empanelment of their products during 2019-20 without required authenticated documents and not fulfilling the stipulated terms and conditions will not be taken into consideration and liable for rejection. The authority reserves the right to reject/cancel the offer in full or part without assigning any reason thereof. The detail terms and conditions can also be obtained from the Govt. website **www.odisha.gov.in**.

01051/11/0006/1920 **Sd./- Director**
**Agriculture & Food Production, Odisha**

ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବିସିସିଆଇ ଅଧକ୍ଷ ହେବା ନିଶ୍ଚିତ ହୋଇଛି। ଜଣେ କ୍ରିକେଟରରୁ ଏହି ହାଇପ୍ରୋଫାଇଲ ପଦ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ବେଶ୍ ସଂଘର୍ଷପୂର୍ଣ୍ଣ...

# କ୍ରିକେଟରରୁ ବିସିସିଆଇ ଅଧ୍ୟକ୍ଷ

ବିଶ୍ୱ କ୍ରିକେଟରେ ସୌରଭ ଗାଙ୍ଗୁଲିଙ୍କ ପରିଚୟ ଦେବାର କୌଣସି ଆବଶ୍ୟକତା ନାହିଁ। ଭାରତୀୟ କ୍ରିକେଟକୁ ନୂଆ ପରିଚୟ ଦେଇଥିବା ପୂର୍ବତନ ଅଧିନାୟକ ଗାଙ୍ଗୁଲିଙ୍କୁ ଏବେ ନୂଆ ଭୂମିକାରେ ଦେଖିବାକୁ ମିଳିବ। ଯଦିଓ ସେ କ୍ରିକେଟ ପ୍ରଶାସନରେ ବହୁଦିନ ହେବ କାର୍ଯ୍ୟ କରିଛନ୍ତି ସେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ଅଧ୍ୟକ୍ଷ ରୂପେ ଦାୟିତ୍ୱ ସମ୍ଭାଳିବେ। ଜଣେ ଅଲରାଉଣ୍ଡର ଭାବେ ଭାରତୀୟ ଦଳରେ ସ୍ଥାନ ହାସଲ କରିଥିବା ଗାଙ୍ଗୁଲି ପରେ ଅଧିନାୟକ ନିଯୁକ୍ତ ହୋଇଥିଲେ। ଏବେ ସେ ବିସିସିଆଇର ଅଧ୍ୟକ୍ଷ ହେବାକୁ ଯାଉଛନ୍ତି। କେବଳ ଏ ନେଇ ଔପଚାରିକତା ବାକି ରହିଛି। ତେବେ ଜଣେ କ୍ରିକେଟରରୁ ବିସିସିଆଇ ଅଧ୍ୟକ୍ଷ ପଦକୁ ନିର୍ବାଚିତ ହେବାର ଦୀର୍ଘ ଯାତ୍ରା ତାଙ୍କ ପାଇଁ ଆଦୌ ସହଜ ନ ଥିଲା। ଏହା ବେଶ୍ କଣ୍ଟକିତ ଓ ଚ୍ୟାଲେଞ୍ଜ ପୂର୍ଣ୍ଣ ଥିଲା।

୧୯୯୨ରେ ଗାଙ୍ଗୁଲି ୱେଷ୍ଟଇଣ୍ଡିଜ ବିପକ୍ଷରୁ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ୩ ରନ କରି ଆଉଟ ହୋଇଥିଲେ। ଫଳରେ ତାଙ୍କୁ ଟିମ୍‌ରୁ ବାହାର କରିଦିଆଯାଇଥିଲା। ଏହାପରେ ଆଗାମୀ ୪ ବର୍ଷ ତାଙ୍କୁ ଟିମ୍‌ରୁ ବାହାରେ ରଖାଗଲା। ଏହାପରେ ୧୯୯୬ରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ପରେ ସେ ଧୀରେ ଧୀରେ ଦଳରେ ନିଜର ସ୍ଥାନ ପକ୍କା କରିଥିଲେ।

**ପ୍ରତିକୂଳ ପରିସ୍ଥିତିରେ ନେତୃତ୍ୱ:** ଯେତେବେଳେ କଷ୍ଟକର ପରିସ୍ଥିତି ଦେଇ ଭାରତୀୟ ଦଳ ଗତି କରୁଥିଲା ସେତେବେଳେ ଗାଙ୍ଗୁଲିଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଥିଲା। କ୍ରିକେଟରେ ମ୍ୟାଚ୍ ଫିକ୍ସିଂର କଳା ବାଦଲର ଛାୟା ରହିଥିବାବେଳେ ଭଦ୍ରଲୋକଙ୍କ ଏହି ଖେଳ ବେଶ୍ ବିବାଦରେ ଫସିଯାଇଥିଲା। ପୂର୍ବତନ



ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ସ୍ଥାନରେ ଗାଙ୍ଗୁଲିଙ୍କୁ ନେତୃତ୍ୱ ଦିଆଯାଇଥିଲା। ଏହାପରେ ଗାଙ୍ଗୁଲି ପଛକୁ ଫେରି ଚାହିଁ ନ ଥିଲେ ଓ ସାରା ବିଶ୍ୱ ନେତୃତ୍ୱର ଏକ ନୂଆ ଉଦାହରଣ ଦେଖିବାକୁ ପାଇଥିଲା। ୧୯୯୯ରୁ ୨୦୦୫ ପର୍ଯ୍ୟନ୍ତ ଗାଙ୍ଗୁଲି ଭାରତର ନେତୃତ୍ୱ ନେଇଥିଲେ। ସେ ୪୯ଟି ଟେଷ୍ଟ ଓ ୧୪୬ଟି ଦିନିକିଆ ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ୭୬ଟି ଦିନିକିଆ ଓ ୨୧ଟି ଟେଷ୍ଟରେ ବିଜୟୀ ହୋଇଥିଲା।

**ଚାପେଲ ବିବାଦ:** କୋଚ୍ ଗ୍ରେଗ୍ ଚାପେଲଙ୍କ ସହ ହୋଇଥିବା ବିବାଦ ଗାଙ୍ଗୁଲିଙ୍କ କ୍ୟାରିୟରର ଅନ୍ୟତମ ଅଧ୍ୟାୟ। ଏହା ସର୍ବ ସାଧାରଣରେ ବେଶ୍ ଚର୍ଚ୍ଚିତ ଘଟଣା ଥିଲା। ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ଗ୍ରେଗ୍ ଚାପେଲଙ୍କୁ କୋଚ୍ ନିଯୁକ୍ତ କରିବାକୁ ଗାଙ୍ଗୁଲି ପ୍ରସ୍ତାବ ଦେଇଥିଲେ। ଚାପେଲ କୋଚ୍ ନିଯୁକ୍ତ ହେବା ପରେ ଗାଙ୍ଗୁଲିଙ୍କ ସହ ତାଙ୍କର ମତପାର୍ଥକ୍ୟ ହୋଇଥିଲା। ଏହା ନେଇ ବିବାଦ ଏତେ ଉତ୍କଟ ହୋଇଥିଲା ଯେ, ଶେଷରେ ଗାଙ୍ଗୁଲିଙ୍କୁ ଅଧିନାୟକ ପଦ ଛାଡିବାକୁ ପଡିଥିଲା। କଥା ସେତିକିରେ ରହି ନ ଥିଲା। ତାଙ୍କୁ ଦଳରୁ ମଧ ବାହାରିବାକୁ ପଡିଥିଲା। ଏହା ପରେ ଗାଙ୍ଗୁଲି ଦଳକୁ ଫେରିଥିଲେ ମଧ ପୂର୍ବ ଚମକ ନ ଥିଲା। ଶେଷରେ ଗାଙ୍ଗୁଲିଙ୍କ କ୍ୟାରିୟର ଅନ୍ତ ହୋଇଥିଲା।

ଅଲିମ୍ପିକ୍ସ ଓ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା

# ପଦକ ବିଜେତା ଦମ୍ପତି



ମାଇକେଲ ଉଇବୋ-ସଓନ ମିଲର ଉଇବୋ



ଏମିଲ ଜାଟୋପେକ-ଡାନା ଜାଟୋପେକ



ଅଶୋକ ମହାନ୍ତି

ବିଶ୍ୱସ୍ତରୀୟ ଆଥ୍‌ଲେଟିକ୍ସ ଇଭେଣ୍ଟରେ କେତେଜଣ କ୍ରୀଡ଼ାବିତ୍ ଦମ୍ପତି ପଦକ ହାସଲ କରି ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି। ଏମିଲ ଜାଟୋପେକ ଏବଂ ଡାନା ଜାଟୋପେକଙ୍କଠାରୁ ୧୯୫୨ ଅଲିମ୍ପିକ୍ସରୁ ଆରମ୍ଭ ହୋଇଥିବା ଏହି ଧାରାକୁ ୨୦୧୯ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମାଇକେଲ ଉଇବୋ ଏବଂ ସଓନ ମିଲର ଉଇବୋ ଆଗେଇ ନେଇଛନ୍ତି।



ଆଷ୍ଟନ ଇଟନ- ବ୍ରେନି ଥିସେନ ଇଟନ

ଚଳଚ୍ଚିତ୍ର ବା ମନୋରଞ୍ଜନ ଜଗତରେ ତାରକାମାନଙ୍କ ମଧ୍ୟରେ ପ୍ରେମ ଏବଂ ବିବାହ ପ୍ରାୟତଃ ଏକ ସାଧାରଣ ଘଟଣା ଭାବେ ବିବେଚିତ ହୋଇଥାଏ। ଅଧୁନା କ୍ରୀଡ଼ା ମଧ୍ୟ ମନୋରଞ୍ଜନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଲୋକପ୍ରିୟତା, ପ୍ରଶଂସକଙ୍କ ସମର୍ଥନ, ବ୍ରାଣ୍ଡ ଭାଲ୍ୟୁ ଏବଂ ଅର୍ଥ ରୋଜଗାର କ୍ଷେତ୍ରରେ ଅନେକ କ୍ରୀଡ଼ାବିତ ଚଳଚ୍ଚିତ୍ର ଏବଂ ମନୋରଞ୍ଜନ ଜଗତର ସୁପରଷ୍ଟାରମାନଙ୍କୁ ପଛରେ ପକାଇ ଦେଇଛନ୍ତି। ଏହାର ସଦ୍ୟତମ ଉଦାହରଣ ହେଉଛନ୍ତି ପର୍ତ୍ତୁଗୀଜ୍ ଫୁଟବଲ ସୁପରଷ୍ଟାର ଖ୍ରିଷ୍ଟିଆନୋ ରୋନାଲ୍‌ଡୋ। ଯାହାଙ୍କୁ ପ୍ରାୟ ୮ କୋଟି ପ୍ରଶଂସକ ଟୁଇଟରରେ ଅନୁସରଣ କରିଥାନ୍ତି ଏବଂ ସେ ବିଶ୍ୱର ସର୍ବାଧିକ ଅନୁସରଣ (ଟୁଇଟର୍) ତାଲିକାରେ ୬ଷ୍ଠ ସ୍ଥାନରେ ରହିଛନ୍ତି। ମନୋରଞ୍ଜନ କ୍ଷେତ୍ରରେ ଯଶ ଓ ଖ୍ୟାତି ଅର୍ଜନ କରିଥିବା ପ୍ରସିଦ୍ଧ ତାରକାମାନଙ୍କ ମଧ୍ୟରେ ପ୍ରେମ ବା ବିବାହ ସର୍ବଦା ଏକ ନିଆରା ପରମ୍ପରା ସୃଷ୍ଟି କରିଥାଏ। କ୍ରୀଡ଼ା କ୍ଷେତ୍ରରେ ମଧ ପ୍ରସିଦ୍ଧ କ୍ରୀଡ଼ାବିତ୍‌ମାନେ ସହ କ୍ରୀଡ଼ାବିତ୍‌ଙ୍କ ସହିତ ବିବାହ ବନ୍ଧନରେ ବନ୍ଧା ହେବାର ବିରଳ ନଜିର ରହିଛି।

ଦୌଡ଼କୁଦ (ଆଥ୍‌ଲେଟିକ୍ସ) ଶୃଙ୍ଖଳାରେ ବିଶ୍ୱସ୍ତରରେ ଯେଉଁ ପ୍ରସିଦ୍ଧ କ୍ରୀଡ଼ାବିତ୍ ଦମ୍ପତିମାନେ ପଦକ ହାସଲ କରି ବିରଳ କୃତିତ୍ୱର ଅଧିକାରୀ ହୋଇଛନ୍ତି ତାହାର ସଦ୍ୟତମ ଉଦାହରଣ ହେଉଛନ୍ତି ଇସ୍ତୋନିଆନ୍ ଆଥଲେଟ ମାଇକେଲ ଉଇବୋ ଏବଂ ତାଙ୍କ ପତ୍ନୀ ବାହାମାସର ସଓନ୍ ମିଲର ଉଇବୋ। ନିକଟରେ ସମାପ୍ତ ହୋଇଥିବା ବିଶ୍ୱ ଆଥ୍‌ଲେଟିକ୍ସ ପ୍ରତିଯୋଗିତା (ଦୋହା)ର ଡେକାଥଲନ୍ ଇଭେଣ୍ଟରେ ମାଇକେଲ ରୌପ୍ୟ ପଦକ ଜିତିଥିବାବେଳେ ସଓନ ୪୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରକାଶଯୋଗ୍ୟ ଯେ, ସଓନ୍ ୨୦୧୬ ରିଓ ଅଲିମ୍ପିକ୍ସର ୪୦୦ମିଟର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଅଲିମ୍ପିକ୍ସ ବା ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତାର ସର୍ବୋଚ୍ଚ ସ୍ତରରେ ଏପରି ସ୍ୱତନ୍ତ୍ର ଏବଂ ବିରଳ କୃତିତ୍ୱ ହାସଲ କରିବାରେ ପ୍ରଥମ କ୍ରୀଡ଼ାବିତ୍ ଦମ୍ପତି ହେଉଛନ୍ତି ଚେକୋସ୍ଲୋଭାକିଆର ଏମିଲ୍ ଜାଟୋପେକ୍ ଏବଂ ଡାନା ଜାଟୋପେକ୍। ସର୍ବକାଳୀନ ଶ୍ରେଷ୍ଠ ଲମ୍ୱଦୌଡ଼ କ୍ରୀଡ଼ାବିତ୍‌ର ମାନ୍ୟତା ପାଇଥିବା ଏମିଲ୍ ଜାଟୋପେକ୍ ୧୯୫୨ ହେଲେସିଙ୍କି ଅଲିମ୍ପିକ୍ସରେ ୫୦୦୦ ମି, ୧୦୦୦୦ ମି ଏବଂ ମାରାଥନରେ (ଅଲିମ୍ପିକ୍ସ ଇତିହାସରେ ଏକମାତ୍ର ଆଥ୍‌ଲେଟିକ୍) ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ତାଙ୍କ ସ୍ତ୍ରୀ ଡାନା ଜାଟୋପେକ୍ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ବିଜୟୀ ହୋଇ ବିରଳ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ଗୋଟିଏ ଅଲିମ୍ପିକ୍ସ କ୍ରୀଡ଼ାରେ କୌଣସି ଦମ୍ପତି ତାଙ୍କ ନିଜ ନିଜ ଶୃଙ୍ଖଳାରେ ସ୍ୱର୍ଣ୍ଣ ପଦକ ଜିତିବା ଏହାଥିଲା ପ୍ରଥମ ଘଟଣା। ୧୨୩ ବର୍ଷର ଅଲିମ୍ପିକ୍ସ କ୍ରୀଡ଼ା ଇତିହାସରେ ଆଉ ମାତ୍ର ଥରେ ଏପରି ବିରଳ ପ୍ରଦର୍ଶନର ପୁନରାବୃତ୍ତି ହୋଇଥିଲା। ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ସରେ ଯୁକ୍ତରାଷ୍ଟ୍ର ଆମେରିକାର ହାରଲଡ୍ କନୋଲି ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାଙ୍କର ପ୍ରେମିକା/ସ୍ତ୍ରୀ (ପର ବର୍ଷ ୧୯୫୭ରେ ତାଙ୍କର ବିବାହ ହୋଇଥିଲା) ଚେକୋସ୍ଲୋଭାକିଆର ଓଲଗା ଫୁକୋଟୋଭା ଡିସକସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



ହାରଲଡ୍ କାନୋଲି- ଓଲଗା ଫୁକୋଟୋଭା

ଏହା ବ୍ୟତୀତ ଆଉ ଏକ ବିଖ୍ୟାତ କ୍ରୀଡ଼ାବିତ ଦମ୍ପତି ହେଉଛନ୍ତି ଆମେରିକାର ଡେକାଥଲନ୍ ଡବଲ୍ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା (୨୦୧୨ ଲଣ୍ଡନ, ୨୦୧୬ ରିଓ–ବିଶ୍ୱ ରେକର୍ଡ) ଏବଂ ବିଶ୍ୱ ଚାମ୍ପିୟନ (୨୦୧୫) ଆଥ୍‌ଲେଟ୍ ଆଷ୍ଟନ ଇଟନ୍ ଏବଂ ତାଙ୍କ ସ୍ତ୍ରୀ କାନାଡ଼ାର ହେପ୍‌ଟାଥଲେଟ୍ ବ୍ରେନି ଥିସେନ୍ ଇଟନ୍ (Brianee Theisen Eton) (ଯିଏକି ୨୦୧୩ ଏବଂ ୨୦୧୫ ବିଶ୍ୱ ଚାମ୍ପିୟନଶିପ୍‌ର ହେପଟାଥଲନରେ ରୌପ୍ୟ ପଦକ ଜିତିବା ସହିତ, ୨୦୧୬ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ, ୨୦୧୬ ବିଶ୍ୱ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ପେଣ୍ଟାଥଲନରେ ସ୍ୱର୍ଣ୍ଣ ଏବଂ ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହେପଟାଥଲନରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ)।

ଅନ୍ୟାନ୍ୟ କ୍ରୀଡ଼ା ଇଭେଣ୍ଟଗୁଡ଼ିକରେ ଏକାଧିକ ପ୍ରସିଦ୍ଧ କ୍ରୀଡ଼ାବିତ୍ ଦମ୍ପତି ରହିଥିବା ବେଳେ ବିଶ୍ୱସ୍ତରୀୟ ଦୌଡ଼କୁଦ (ଆଥ୍‌ଲେଟିକ୍ସ)ର ସର୍ବୋଚ୍ଚ ସ୍ତରରେ ଉପରୋକ୍ତ କିଛି ହାତଗଣତି କ୍ରୀଡ଼ାବିତ ଦମ୍ପତି ଏଭଳି ବିରଳ କୃତିତ୍ୱର ଅଧିକାରୀ ତାଲିକାରେ ସ୍ୱତନ୍ତ୍ର ସ୍ଥାନ ପାଇ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରି ପାରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ କ୍ରୀଡ଼ାରେ କେତେକ ନୂଆ କ୍ରୀଡ଼ାବିତ ପଦକ ବିଜେତା ଦମ୍ପତି ଭାବେ ଉଭା ହୋଇ ଏହି ନିଆରା ପ୍ରଥାକୁ ଉଜ୍ଜୀବିତ କରିବେ ବୋଲି ଆଶା।

# ଇରଫାନଙ୍କ ନୂଆ ଇନିଂସ

ଏକଦା ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ଅଲରାଉଣ୍ଡର ବିବେଚିତ ହେଉଥିବା ଇରଫାନ ପଠାନଙ୍କ ଖେଳ କ୍ୟାରିୟର ପ୍ରାୟତଃ ଶେଷ ପର୍ଯ୍ୟାୟରେ। ବର୍ତ୍ତମାନ ଜମ୍ମୁ ଓ କଶ୍ମୀର ଦଳର କୋଚ୍ ଦାୟିତ୍ୱ ନିର୍ବାହ କରୁଛନ୍ତି ଏହି ବାମହାତୀ ଷ୍ଟାଇଲିଶ୍ ଖେଳାଳି। ତାଙ୍କ କ୍ୟାରିୟର ଏବେ ଏକ ଭିନ୍ନ ମୋଡ଼ ନେବାକୁ ଯାଉଛି। ସେ ଚଳଚ୍ଚିତ୍ରରେ ପଦାର୍ପଣ କରି ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି। ଚଳଚ୍ଚିତ୍ର ସମୀକ୍ଷକ ତରନ ଆଦର୍ଶ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି। ଇରଫାନ ଏକ ତାମିଲ ଚଳଚ୍ଚିତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଆସୁଛନ୍ତି ବୋଲି ତରନ ଟୁଇଟ୍ କରି ଜଣାଇଛନ୍ତି। ଚଳଚ୍ଚିତ୍ରର ନାମକରଣ ହୋଇ ନାହିଁ। ତେବେ ସେ ବିକ୍ରମଙ୍କ ସହିତ ତାମିଲ ଚଳଚ୍ଚିତ୍ରରେ କାମ କରିବାକୁ



ଯାଉଛନ୍ତି ବୋଲି ତରନ ଉଲ୍ଲେଖ କରିଛନ୍ତି। ଅଜୟ ଜ୍ଞାନମୁଥୁ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ। ଏହି ଚଳଚ୍ଚିତ୍ର ଲଳିତ କୁମାରଙ୍କ ସେବନ ସ୍କିନ ଷ୍ଟୁଡିଓ ଦ୍ୱାରା ପ୍ରାୟୋଜିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଭାରତ ପକ୍ଷରୁ ଇରଫାନ ୨୯ ଟେଷ୍ଟ ୧୨୦ ଏକଦିବସୀୟ ଏବଂ ୨୪ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ସେ ଟେଷ୍ଟରେ ୧୦୦ରୁ ଊର୍ଦ୍ଧ୍ୱ ଉଇକେଟ ମଧ ନେଇଛନ୍ତି। ଏହା ବ୍ୟତୀତ ଏକଦିବସୀୟ କ୍ରିକେଟରେ ୧୭୩ ଓ ଟି୨୦ରେ ୨୮ଟି ଉଇକେଟ ଅକ୍ତିଆର କରିଛନ୍ତି। ଟେଷ୍ଟରେ ଇରଫାନ ଗୋଟିଏ ଶତକ ସହ ୧୧୦୫, ଏକଦିବସୀୟରେ ୧୫୪୪ ଏବଂ ଟି୨୦ରେ ୧୭୨ ରନ ସ୍କୋର କରିଛନ୍ତି।

## ସେଫ୍‌ଟି

**ଥ**ରେ ନୁହଁ ଛଅଥର ଜିତିଲାଣି
ଗୋଲ୍ଡେନ ବୁଟ୍ ମେସି
ଏହି ସିଜନରେ ଛତିଶ ଗୋଲ ସ୍କୋର
ପାଇଁ ଏ ସୌଭାଗ୍ୟ ବିଶି
ଆର୍ଜେଣ୍ଟିନା ଷ୍ଟାର କୁର୍ସି
ଅଲୱେଜ୍ ସେଫ୍ଟି ଟିମ୍ ମେଟ୍ ପାଇଁ
କହେ ହରୋ ହସି ହସି।।୧



ସାଫ ମହିଳା ଫୁଟବଲ୍‌ରେ ଇଣ୍ଡିଆ
ଚାମ୍ପିୟନ ମାଡି ଚାଲ
ପୁରୁଷ ବିଭାଗ ନୁହେଁ ଏଠି ସେଫ୍‌ଟି
ୱିକ୍ ସଦା ଫୁଟବଲ୍
ମଜା ସହ ପାଇ ମୂଳ
ଅଷ୍ଟ୍ରିୟା, ହଙ୍ଗେରୀ, ବ୍ରାଜିଲ, ଜର୍ମାନ
ମାଲେମାଲ ପର୍ତ୍ତୁଗାଲ।।୨

ପୂର୍ବତନ ଅଲିମ୍ପିକ୍ସ ଚାମ୍ପିୟନ
ବୋର୍କାଇ ଛାଡିଲା ଦଳ
ଯୁବତୀଙ୍କ ସହ ଅନ୍ତରଙ୍ଗ ଫଟୋ
ଭିଡିଓ ହୋଇଲା କାଳ
ମୋବାଇଲ ସେଫ୍‌ଟି କଳ
ଅପବ୍ୟବହାର କଲେ ଗୋଡ ଖସେ
ଲୋକ ହୁଏ ରସାତଳ।।୩
–ସୁବାସ ଚନ୍ଦ୍ର ପ୍ରଧାନ

# ଗୋଟିଏ ବର୍ଷରେ ସର୍ବାଧିକ ଶତକ

କ୍ରିକେଟରେ ଶତକ ହାସଲ କରିବା ଏକ ସ୍ୱତନ୍ତ୍ର କଳା। ଅବଶ୍ୟ ସମସ୍ତଙ୍କ ପାଖରେ କଳା ନ ଥାଏ। କେତେଜଣ ହାତଗଣତି ବ୍ୟାଟ୍ସମ୍ୟାନ ନିଜ ଦକ୍ଷତା ଓ ପ୍ରତିଭା ଯୋଗୁ ଅନାୟାସରେ ଗୋଟିଏ ପରେ ଗୋଟିଏ ଶତକ ହାସଲ କରିବାର କ୍ଷମତା ରଖିଥାନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ସଚିନ ତେନ୍ଦୁଲକର, ଜ୍ୟାକ କାଲିସ୍, ରିକି ପଣ୍ଟିଂ ଓ କୁମାର ସାଙ୍ଗକାରା। ଏହି ବ୍ୟାଟ୍ସମ୍ୟାନମାନେ ଅନ୍ୟମାନଙ୍କ ତୁଳନାରେ ଶତକ ହାସଲ ଦୃଷ୍ଟିକୋଣରୁ ବହୁ ଆଗରେ ରହିଛନ୍ତି। ୨୦୧୯ରେ ଭାରତୀୟ ଓପନର ରୋହିତ ଶର୍ମା ଶତକ ହାସଲ ତାଲିକାରେ ବହୁ ଆଗରେ ରହିଛନ୍ତି। ୩ଟି ଯାକ ଫର୍ମାଟ ଦୃଷ୍ଟିକୋଣରୁ ଚଳିତ ବର୍ଷ ଏପର୍ଯ୍ୟନ୍ତ ୮ଟି ଲେଖାଏ ଶତକ ହାସଲ କରି ସର୍ବାଗ୍ରେ ରହିଛନ୍ତି।

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଶତକ ହାସଲ କରିଥିବା ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଅରବିନ୍ଦ ଡି ସିଲଭା (୧୯୯୭), ତିଲକରତ୍ନେ ଦିଲସାନ (୨୦୦୯), ରାହୁଲ ଦ୍ରାବିଡ୍ (୧୯୯୯) ଓ ହାସିମ ଅମଲା (୨୦୧୦)। ଏମାନେ ସମସ୍ତେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦ଟି ଶତକ ହାସଲ କରିଥିଲେ।

**ରିକି ପଣ୍ଟିଂ (୧୧ ଶତକ, ୨୦୦୩)** ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହୁଅନ୍ତି। ସେ ଏକଦା ବିଶ୍ୱ କ୍ରିକେଟରେ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ଥିଲେ। ପୁଲ୍ ଶଟ୍ ଖେଳିବାରେ ସେ ଧୂରନ୍ଧର ଥିଲେ। କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରି ସେ ଦଳକୁ ବହୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟୀ କରାଇଛନ୍ତି। ତାଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦୁଇଥର ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। ୩ଟି ଯାକ ଫର୍ମାଟରେ ସେ ବିଶ୍ୱର ତୃତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। କୁମାର ସାଙ୍ଗକାରା ଓ ସଚିନ ତେନ୍ଦୁଲକରଙ୍କ ପଛରେ ସେ ରହିଛନ୍ତି। ୨୦୦୩ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏହି ବର୍ଷ ସେ ୪୫ଟି ମ୍ୟାଚ୍ ଖେଳି ୨୬୫୭ ରନ ସଂଗ୍ରହ କରିବା ସହ ୧୧ଟି ଶତକ ଅର୍ଜନ କରିଥିଲେ। ଏଥିରେ ୬ଟି ଟେଷ୍ଟ ଓ ୫ଟି ଦିନିକିଆ ଶତକ ସାମିଲ ରହିଛି। ସେ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

**ବିରାଟ କୋହଲି (୨୦୧୭ ଓ ୨୦୧୮ରେ ୧୧ଟି ଶତକ)** ଭାରତୀୟ ଅଧିନାୟକ ବିରାଟ୍ କୋହଲି ବର୍ତ୍ତମାନ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ପରିଗଣିତ ହେଉଛନ୍ତି। ପ୍ରତ୍ୟେକ ମ୍ୟାଚ୍ ଖେଳିବା ବେଳେ ସେ ରେକର୍ଡ ଭାଙ୍ଗିଥାନ୍ତି। କ୍ରିକେଟର ୩ଟି ଯାକ ଫର୍ମାଟରେ କୋହଲିଙ୍କ ଆଭରେଜ ୫୦ରୁ ଊର୍ଦ୍ଧ୍ୱ ରହିଛି। ଏହା ତାଙ୍କ ପ୍ରଦର୍ଶନରେ ସ୍ଥିରତା ଦର୍ଶାଉଛି। ୨୦୧୭ ଓ ୨୦୧୮ରେ ସେ ୧୧ଟି ଲେଖାଏ ଶତକ ହାସଲ କରିଥିଲେ। ୨୦୧୭ରେ ସେ ୬ଟି ଟେଷ୍ଟ ଓ ୫ଟି ଦିନିକିଆ ଶତକ ଅର୍ଜନ କରିଥିଲେ। ସେହିପରି ୨୦୧୮ରେ ମଧ ସେ ଏହି ପ୍ରଦର୍ଶନକୁ ଦୋହରାଇଥିଲେ। ଚଳିତ ବର୍ଷ ସେ ଏପର୍ଯ୍ୟନ୍ତ ୬ଟି ଶତକ ହାସଲ କରିଛନ୍ତି।

**ସଚିନ ତେନ୍ଦୁଲକର (୧୯୯୮ରେ ୧୨ଟି ଶତକ)** କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ୧୯୯୮ରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ଏହି ବର୍ଷ ସେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୨, ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଥିଲେ। ପୁଣି ଏହି ବର୍ଷ ସେ ଦିନିକିଆରେ ରେକର୍ଡ ୯ଟି ଶତକ ଅର୍ଜନ କରିଥିଲେ। ସେ ସବୁ ଫର୍ମାଟ ଦୃଷ୍ଟିକୋଣରୁ ସର୍ବାଧିକ ୨୫୪୧ ରନ ସଂଗ୍ରହ କରିଥିଲେ। ୯ଟି ଦିନିକିଆ ଶତକ ସହ ଟେଷ୍ଟରେ ୩ଟି ଶତକ ହାସଲ କରିଥିଲେ। ସେ ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି।



ସଚିନ



ରିକି ପଣ୍ଟିଂ



କୋହଲି

ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଅଧିକ ସଂଖ୍ୟାରେ ଶତକ ହାସଲ କରିବା ନିଶ୍ଚିତ ଭାବେ ଏକ ବଡ଼ ସଫଳତା। ଏଥିରେ ସଚିନ ତେନ୍ଦୁଲକର, ରିକି ପଣ୍ଟିଂ, ବିରାଟ କୋହଲି ସବୁଠାରୁ ଆଗରେ ରହିଛନ୍ତି ...

ବ୍ୟାଙ୍କ ଠକେଇ କ୍ଷେତ୍ରରେ ନିୟାମକ ଏବଂ ଅଡିଟର ଉତ୍ତରଦାୟୀ ରହିବାର ଆବଶ୍ୟକତା ରହିଛି।
– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ



ବିଏସ୍ଏନ୍ଏଲ୍ ଦେଶର ସ୍ୱାର୍ଥ ସହ ଜଡିତ ଥିବାରୁ ଏପ୍ରସଙ୍ଗକୁ ସରକାର ଧ୍ୟାନରେ ରଖିଛନ୍ତି।
– ରବି ଶଙ୍କର ପ୍ରସାଦ, କେନ୍ଦ୍ର ଆଇନ ମନ୍ତ୍ରୀ



## ସଂକ୍ଷେପରେ

### ବାଣିଜ୍ୟିକ ଋଣ କ୍ଷେତ୍ରରେ ମନ୍ଥରତା

ମୁମ୍ବାଇ,୧୭-୧୦: ଜୁନ୍ ତ୍ରୈମାସ ଶେଷ ସୁଦ୍ଧା ବାଣିଜ୍ୟିକ ଋଣ ଚାହିଦା ୨.୬%କୁ ହ୍ରାସ ଘଟି ୬୩.୮୦ ଲକ୍ଷ କୋଟି ଟଙ୍କା ରହିଛି। ଅଣୁ, କ୍ଷୁଦ୍ର, ମଧ୍ୟମ ଏବଂ ମଧ ତଥା ବୃହତ୍ ଶିଳ୍ପସଂସ୍ଥାଗୁଡିକୁ ଋଣ ପ୍ରଦାନ ହାର ହ୍ରାସ ଘଟିଥିବା ସିଡବୀ ଏବଂ ଟ୍ରାନ୍ସ ୟୁନିୟନ ସିବିଲ ପକ୍ଷରୁ ହୋଇଥିବା ମିଳିତ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ଋଣ ଯୋଗାଣ କ୍ଷେତ୍ରରେ ନିରନ୍ତର ହ୍ରାସ ହେବା ଦେଖାଯାଉଥିବାରୁ ଏହା ବିଶେଷଜ୍ଞଙ୍କ ଲାଗି ଚିନ୍ତାର କାରଣ ହୋଇଛି। ଏହି ସବୁ କ୍ଷେତ୍ରଗୁଡିକରେ ଅନାଦେୟ ଋଣ (ଏନ୍ପିଏ) ପରିମାଣ ବଢୁଥିବା ଦେଖାଯାଇଛି। ଚାହିଦା ହ୍ରାସ ହେବାରୁ ଶିଳ୍ପଗୁଡିକ ସେମାନଙ୍କ ପୂର୍ଣ୍ଣ କ୍ଷମତାକୁ ବ୍ୟବହାର କରିବାକୁ ସକ୍ଷମ ହେଉ ନାହାନ୍ତି। ଅଣୁ ଶିଳ୍ପଗୁଡିକର ଏନ୍ପିଏ ୮.୭% ବଢିଥିବା ବେଳେ ଏହା ଏମଏସ୍ଏମ୍ଇ କ୍ଷେତ୍ରରେ ୧୦.୬%, ମଧ୍ୟମ ବର୍ଗ କର୍ପୋରେଟ କ୍ଷେତ୍ରରେ ୧୭.୫% ଏବଂ ବଡ କର୍ପୋରେଟ କ୍ଷେତ୍ରରେ ୧୮.୧କୁ ବଢିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଅଟୋଶିଳ୍ପରେ ଗୁରୁତର ମାନ୍ଦାବସ୍ଥା ରହିଥିଲେ ମଧ ଅନ୍ୟ ଶିଳ୍ପ ତୁଳନାରେ ଏହି କ୍ଷେତ୍ରରେ ଋଣ ପରିମାଣ କମ୍ ରହିଛି ବୋଲି ଟ୍ରାନ୍ସୟୁନିୟନ ସିବିଲର ସିଇଓ ଶତୀଶ ପିଲାଇ କହିଛନ୍ତି।

### ୧୯ରୁ ଓଡ଼ିଶା ୱେଡିଂ ଏକ୍ସପୋ

ODISHA WEDDING EXPO

ଭୁବନେଶ୍ୱର,୧୭-୧୦: ଓଡ଼ିଶା ୱେଡିଂ ଏକ୍ସପୋର ୫ମ ସଂସ୍କରଣ ଚଳିତ ମାସ ୧୯ରୁ ସ୍ଥାନୀୟ ହୋଟେଲ ମେଫେୟାର କନଭେନଶନଠାରେ ଶୁଭାରମ୍ଭ ହେବ। ଦୁଇ ଦିନବ୍ୟାପୀ ଚାଲିବାକୁ ଥିବା ଏହି ଏକ୍ସପୋକୁ ଚାନ୍ଦି ଭଣ୍ଡାର ଉପସ୍ଥାପନ କରୁଛି। ଏକ୍ସପୋର ପରିଚାଳନା ଦାୟିତ୍ୱରେ ଡ୍ରିମ୍ଜ କ୍ରିଏଶନ ରହିଛି। ପୂର୍ବାହ୍ନ ୧୧ରୁ ରାତି ୯ଟା ଯାଏ ଏହା ଚାଲିବ। ଏକ୍ସପୋକୁ ଆସୁଥିବା ଲୋକଙ୍କ ଲାଗି କୌଣସି ଚାର୍ଜ ଧାର୍ଯ୍ୟ କରାଯାଇ ନ ଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଏଥିରେ ବଛାବଛା ୪୫ ଷ୍ଟଲ ଭାଗ ନେବେ। ଫ୍ୟାଶନ, ଲାଇଫଷ୍ଟାଇଲ ଏବଂ ୱେଡିଂ ଆବଶ୍ୟକତା ସଂକ୍ରାନ୍ତ ସମସ୍ତ ସାମଗ୍ରୀ ଗ୍ରାହକମାନେ ଏଠାରେ ଲାଭ କରିପାରିବେ। ଷ୍ଟଲଗୁଡିକ ମଧ୍ୟରେ ବିବାହ ମଣ୍ଡପ, କ୍ୟାଟରିଂ, ଫୁଲ ସଜ୍ଜା, ନିମନ୍ତ୍ରଣ କାର୍ଡ, ଉପହାର, ଆଲବମ ମେକର, ଫଟୋଗ୍ରାଫି, ଭିଡିଓଗ୍ରାଫି, ବିବାହ ପରାମର୍ଶଦାତା, ମେହେନ୍ଦି ଆର୍ଟିଷ୍ଟ, ମେକଅପ ଆର୍ଟିଷ୍ଟ, ଡେକୋରେଟର, ଫର୍ନିଚର, ବୁଟିକ, ବ୍ରାଇଡାଲ କଲେକ୍ସନ, ଗହଣା, ଫ୍ୟାଶନ ଜୁଏଲେରି ଏବଂ ଖାଦ୍ୟପେୟ ଭଳି ଅନେକ ସେଗ୍ମେଣ୍ଟରେ ସାମଗ୍ରୀ ଗୋଟିଏ ଛାତତଳେ ଉପଲବ୍ଧ ହେବ। ବିବାହ ସାମଗ୍ରୀ କ୍ରୟ, ଅର୍ଡର ଏବଂ ପରିଦର୍ଶନର ସୁଯୋଗ ଗ୍ରାହକମାନେ ଏଠାରେ ପାଇପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ୨୦୦୮ ତୁଳନାରେ ବଡ଼ ଏବେର ମାନ୍ଦାବସ୍ଥା

## ଗୋଲ୍ଡମ୍ୟାନ ସ୍ୟାଚ୍ ରିପୋର୍ଟ



- ଚାହିଦା ହ୍ରାସ ପ୍ରମୁଖ ଚ୍ୟାଲେଞ୍ଜ
- ୨୦ ମାସ ରହିଲାଣି ମାନ୍ଦାବସ୍ଥା
- ୧୩%କୁ ଖସିଛି ଏନ୍ବିଏଫ୍ସି ଋଣ ଅଭିବୃଦ୍ଧି
- ନିୟାମକ ଚାପ ରିସ୍କ ବଢ଼ାଉଛି

ମୁମ୍ବାଇ,୧୭-୧୦

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ବଜାରରେ ଚାହିଦା କମିବା ଅର୍ଥ ବ୍ୟବସ୍ଥା ଲାଗି ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଆଇଏଲ ଆଣ୍ଡ ଏଫ୍ଏସ୍ ଭଳି ସଂସ୍ଥା ଦେବାଳିଆ ହେବା ଯୋଗୁ ଏହାର ପ୍ରଭାବ ଏବେ ଦେଶର ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ (ଏନ୍ବିଏଫ୍ସି) ଉପରେ ପଡିଛି। ବର୍ତ୍ତମାନର ମାନ୍ଦାବସ୍ଥା ୨୦୦୮ ତୁଳନାରେ ବହୁତ ବଡ ବୋଲି ଗୋଲ୍ଡମ୍ୟାନ ସ୍ୟାଚ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନ ହାରକୁ ଏହା ୬%କୁ ଖସାଇଛି। ୨୦୧୮ ସେପ୍ଟେମ୍ବରରେ ହୋଇଥିବା ଆଇଏଲଆଣ୍ଡଏଫ୍ଏସ୍ ଋଣ ଠକେଇ ପରେ ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକରେ ସମସ୍ୟା ଆରମ୍ଭ ହୋଇଯାଇଥିଲା। ଏନ୍ବିଏଫ୍ସିଗୁଡିକୁ ସହାୟତା କରୁଥିବା ଏହି ସଂସ୍ଥାର ପରିଚାଳନା ଠପ୍ ହୋଇଯିବା ପରେ ବଜାରରେ ବିଭିନ୍ନ ଅସୁବିଧା ସୃଷ୍ଟି ହୋଇଛି। ୱାଲ ଷ୍ଟ୍ରିଟ ବ୍ରୋକରେଜ ଗୋଲ୍ଡମ୍ୟାନ ସ୍ୟାଚ୍ର ମୁଖ୍ୟ ଅର୍ଥନୀତିଜ୍ଞ ପ୍ରାଚୀ ମିଶ୍ର କହିଛନ୍ତି ଯେ, ୨୦୧୮ ଜାନୁୟାରୀ ପହିଲାରୁ ଭାରତରେ ଚାହିଦା ହ୍ରାସ ଘଟିଛି। ମାତ୍ର ଆଇଏଲଆଣ୍ଡଏଫ୍ଏସ୍ ମାମଲା ସାମ୍ନାକୁ ଆସିବା ପରେ ଏହା ଜଟିଳ ରୂପ ଧାରଣ କରିଛି। ଫଳରେ ଏନ୍ବିଏଫ୍ସିଗୁଡିକରେ ନଗଦ ସମସ୍ୟା ଦେଖାଯାଇଛି।

ଏହାବାଦ ବଜାରରେ ଚାହିଦା କମିବା ଯୋଗୁ ଏହା ଦେଶର ମୋଟ ଅଭିବୃଦ୍ଧିକୁ ଗଭୀର ଭାବେ ପ୍ରଭାବିତ କରିଛି। ବିଶ୍ୱବଜାରର ମାନ୍ଦାବସ୍ଥା ଯୋଗୁ ବିଭିନ୍ନ ଦେଶର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଅସୁବିଧା ସ୍ଥିତି ଦେଇ ଗତି କରୁଛି। ମାନ୍ଦାବସ୍ଥା ଯୋଗୁ ଅଭିବୃଦ୍ଧି ୨% ପଏଣ୍ଟ ଖସିଛି ବୋଲି ଏକ କାର୍ଯ୍ୟକ୍ରମ ଅବସରରେ ମିଶ୍ର ଏହା କହିଛନ୍ତି। ସରକାରଙ୍କ କର୍ପୋରେଟ ଟିକସ ହ୍ରାସ, ରିଜର୍ଭ ବ୍ୟାଙ୍କର ରେପୋ ହ୍ରାସ ଭଳି ପଦକ୍ଷେପ ଭାରତର ଅଭିବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି। ଦେଶରେ ନିବେଶ ଏବଂ ରପ୍ତାନି ହ୍ରାସ ଘଟିଛି। ଏହି ସମୟରେ ଚାହିଦା ହ୍ରାସ ଅଭିବୃଦ୍ଧିକୁ ନିମ୍ନଗାମୀ କରୁଛି। ୨୦୦୮ରେ ଆସିଥିବା ମାନ୍ଦାବସ୍ଥା କିଛି ସମୟ ଲାଗି ରହିଥିଲା। ମାତ୍ର ବର୍ତ୍ତମାନର ମାନ୍ଦାବସ୍ଥା ୨୦ ମାସ ହେବ ବଜାରରେ ରହିଛି। ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୫%କୁ ଖସି ଆସିବା ପ୍ରସଙ୍ଗକୁ ନେଇ ମିଶ୍ର ଏଭଳି ପ୍ରତିକ୍ରିୟା ରଖିଛନ୍ତି।

ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ହାର ୭୦ରୁ ୧୧୦ ବେସିସ୍ ପଏଣ୍ଟ ଖସିବ ବୋଲି ବିଶ୍ୱର ପ୍ରମୁଖ ଏଜେନ୍ସିଗୁଡିକ ପୂର୍ବାନୁମାନରେ କହିଛନ୍ତି। ରିଜର୍ଭ ବ୍ୟାଙ୍କ ଜିଡିପି ଅଭିବୃଦ୍ଧିକୁ ୬.୧%କୁ କମ୍ କରିଛି। ଏହା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ମଧ ଭାରତର ଅଭିବୃଦ୍ଧି ଆକଳନ କମ୍ କରିଛନ୍ତି। ମାନ୍ଦାବସ୍ଥା ଲାଗି ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ଅସୁବିଧା ୪୦% ଦାୟୀ ବୋଲି ଏହି ଫାର୍ମ ରିପୋର୍ଟରେ ଉଲ୍ଲେଖ କରିଛି। ଚାହିଦା ହ୍ରାସ ୩୦% ଏବଂ ଅନ୍ୟାନ୍ୟ ପାଣ୍ଠି ଯୋଗାଣ ଜନିତ ଅସୁବିଧା ଯୋଗୁ ଉପୁଜିଥିବା ଏହା ମତ ରଖିଛି। ଏନ୍ବିଏଫ୍ସି ଋଣ ଅଭିବୃଦ୍ଧି ପୂର୍ବରୁ ୨୪% ରହିଥିଲା। ଏହା ବର୍ତ୍ତମାନ ୧୩%କୁ ଖସିଛି। ଋଣ ଚାହିଦା କମିବା ଏବଂ ନିୟାମକ ଚାପ ରିସ୍କ ବଢାଉଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

# ନୂଆ ଆଣ୍ଡ୍ରଏଡ୍ ଟିଭି ଆଣିଲା ପାନାସୋନିକ୍




ଭୁବନେଶ୍ୱର,୧୭-୧୦

ପାନାସୋନିକ ପକ୍ଷରୁ ଓଡ଼ିଶା ବଜାରରେ ନୂଆ ଆଣ୍ଡ୍ରଏଡ ଟିଭି ଏବଂ ହିଟର ସିରିଜ ୱାଶିଂମେଶିନ ପ୍ରବେଶ କରାଯାଇଛି। ପଟିଆସ୍ଥିତ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଶୋରୁମଠାରେ ପ୍ରଡକ୍ଟଗୁଡିକ ଉନ୍ମୋଚନ ହୋଇଥିଲା। ପାନାସୋନିକ ଓଡ଼ିଶା ଶାଖା ପ୍ରବନ୍ଧକ ଦୁର୍ଗେଶ ଶୁକ୍ଲା, ମାର୍କେଟିଂ ପ୍ରବନ୍ଧକ ଏସ୍.କେ. ରଫିକୁଆଲା, ଶୋ'ରୁମର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ଏହି ଅବସରରେ ଉପସ୍ଥିତ ଥିଲେ। ଟିଭିଗୁଡିକ ୩୨ ଇଞ୍ଚ, ୬୫ ଇଞ୍ଚ ଏବଂ ୧୬ ଗିଗାବାଇଟ ବର୍ଗରେ ଆସିଛି। ପ୍ରଥମଥର ଲାଗି କମ୍ପାନୀ ୩୨ ଇଞ୍ଚ ବର୍ଗରେ ଆଣ୍ଡ୍ରଏଡ ଟିଭି ଆଣିଛି। ଏହାର ଆରମ୍ଭ ମୂଲ୍ୟ ୨୨,୪୯୦ ଟଙ୍କା ରହିଛି। ୩ ବର୍ଷର ୱାରେଣ୍ଟି କମ୍ପାନୀ ଏଥିରେ ପ୍ରଦାନ କରୁଛି। ସେହିଭଳି ହିଟର ସିରିଜ ୱାଶିଂମେଶିନ ୨୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ୬.୭ କେଜି ବର୍ଗରୁ ଏହା ଆରମ୍ଭ। ଏହା ଉପରେ ୧୦ ବର୍ଷର ୱାରେଣ୍ଟି ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ଲାଇଫ୍ ଷ୍ଟାଇଲ ପକ୍ଷରୁ ଦିୱାଲି ଅଫର




ଭୁବନେଶ୍ୱର,୧୭-୧୦

ଲାଇଫ୍ ଷ୍ଟାଇଲ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକମାନେ ଷ୍ଟୋରରୁ କ୍ରୟ ଉପରେ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ଗ୍ରାହକ ୧୦,୦୦୦ ଟଙ୍କାର କ୍ରୟ ଉପରେ ହ୍ୟାଣ୍ଡ ମିକ୍ସର ମାଗଣା ପାଇ ପାରିବେ। ଅପରପକ୍ଷରେ ୧୫,୦୦୦ ଟଙ୍କାର କିଣାକିଣି ଉପରେ ହୋମ୍ ସେଣ୍ଟର ବ୍ଲାଙ୍କେଟ ସେଟ୍ ମାଗଣା ରହିଛି। ୨୦,୦୦୦ ଟଙ୍କାର କ୍ରୟରେ ପ୍ରେଷ୍ଟିଜ ହ୍ୟାଣ୍ଡ ମିକ୍ସର ଏବଂ ହୋମ୍ ସେଣ୍ଟର ବ୍ଲାଙ୍କେଟ ସେଟ୍ ଗ୍ରାହକ ମାଗଣା ପାଇ ପାରିବେ। ଷ୍ଟୋରରେ ୮୦୦୦ ଟଙ୍କାର କ୍ରୟ ଉପରେ ଏଚଡିଏଫ୍ସି କ୍ରେଡିଟ କାର୍ଡ ହୋଲ୍ଡର ଅତିରିକ୍ତ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ସେହିଭଳି ଅନଲାଇନରେ ଲାଇଫ ଷ୍ଟାଇଲ ଷ୍ଟୋର ଡଟ୍ କମ୍ରୁ ୨୪୯୯ ଟଙ୍କାର କ୍ରୟରେ ୧୦% କ୍ୟାଶବ୍ୟାକ ସୁବିଧା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଦେଶରେ ବଢୁଛି ଆର୍ଥିକ ଅସମାନତା

## ଅତି ଧନୀଙ୍କ ପାଖରେ ୪୩୦ ଲକ୍ଷ କୋଟିର ସମ୍ପତ୍ତି

ମୁମ୍ବାଇ,୧୭-୧୦

ଦେଶରେ ଲୋକମାନଙ୍କ ମଧ୍ୟରେ ଆୟର ଆକାଶ ପାତାଳ ତାରତମ୍ୟ ରହିଥିବା ଆଲୋଚନା ହେଉଥିବା ବେଳେ ଏହାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ଅତି ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମାତ୍ରାଧିକ ବଢୁଥିବା ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି। ଆୟର ଅସମାନତା ଯୋଗୁ ଧନୀ ଅଧିକ ଧନୀ ହେଉଥିବା ବେଳେ ଗରିବ ବ୍ୟକ୍ତି ଅଧିକ ଗରିବ ହେଉଥିବା ନିକଟରେ ପ୍ରକାଶିତ ଏକ ରିପୋର୍ଟକୁ ଦେଖିଲେ ପ୍ରତୀୟମାନ ହୋଇଥାଏ। ୨୦୧୮ରେ ଦେଶ ମଧ୍ୟରେ ହାଇ ନେଟ୍ ଓର୍ଥ ଇଣ୍ଡିଭିଜୁଆଲ ବା ଅତିଧନୀଙ୍କ ନିକଟରେ ୪୩୦ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହା ୨୦୧୭ରେ ୩୯୨ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୨୪ ପର୍ଯ୍ୟନ୍ତ ବ୍ୟକ୍ତିଗତ ସମ୍ପତ୍ତି ୧୩.୧୯% ହାରରେ ବଢି ୭୯୮ ଲକ୍ଷ କୋଟି ଟଙ୍କା ଛୁଇଁବ ବୋଲି କାର୍ଭି ୱେଲଥ ମ୍ୟାନେଜମେଣ୍ଟ ରିପୋର୍ଟରେ ଆକଳନ କରାଯାଇଛି। ଏହି ସମୟରେ ଅନ୍ୟ ଆର୍ଥିକ ସମ୍ପତ୍ତି ମଧ ବଢିବାର ଅନେକ ସମ୍ଭାବନା ରହିଥିବା ଜଣାପଡିଛି।

କାର୍ଭି ରିପୋର୍ଟ ମୁତାବକ ୨୦୧୮ରେ ଅତିଧନୀଙ୍କ ସଂଖ୍ୟା ୨.୫୬ ଲକ୍ଷକୁ ହ୍ରାସ ଘଟିଛି। ୧ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ନିବେଶ ଯୋଗ୍ୟ ସମ୍ପତ୍ତି ରହିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ବର୍ଗରେ ସାମିଲ କରାଯାଇଛି। ୨୦୧୭ରେ



ଅତିଧନୀ ବ୍ୟକ୍ତିଙ୍କ ସଂଖ୍ୟା ୨.୬୩ ଲକ୍ଷ ରହିଥିଲା। ଏହି ସମୟରେ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତି ଅଭିବୃଦ୍ଧି ହାର ୯.୬୨%କୁ କମିଛି, ଯାହା ୨୦୧୮ରେ ୧୩.୪୫% ରହିଥିଲା। ଧନୀ ବ୍ୟକ୍ତି ମାନେ ସେମାନଙ୍କ ମୋଟ ସମ୍ପତ୍ତି ମଧ୍ୟରୁ ପ୍ରାୟ ୨୬୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଫାଇନାନସିଆଲ ଆସେଟ୍ ଭାବେ ରଖିଛନ୍ତି। ଅନ୍ୟ ଅର୍ଥକୁ ସ୍ଥାବର ସମ୍ପତ୍ତି ଭାବେ ରଖିଛନ୍ତି। ଏହି ଦୁଇ ସମ୍ପତ୍ତି ମଧ୍ୟରେ ଅନୁପାତ ୬୦ ଏବଂ ୪୦ ରହିଛି। ଫାଇନାନସିଆଲ ଆସେଟ ମଧ୍ୟରେ ପୁଞ୍ଜି ବଜାରର ଇକ୍ୱିଟି କ୍ଷେତ୍ରରେ ୫୨ ଲକ୍ଷ କୋଟି ଟଙ୍କା ନିବେଶ ସୁଯୋଗ ସୃଷ୍ଟି ହୋଇଛି। ୨୦୧୭ରେ ଅତିଧନୀଙ୍କ ଏକ୍ଷେତ୍ରରେ ନିବେଶ ଅଭିବୃଦ୍ଧି ୩୦.୩୨% ଥିବା ବେଳେ ୨୦୧୮ରେ ୬.୩୯%କୁ ଖସି ଆସିଛି। ଏହି ସମୟରେ ସ୍ଥାୟୀ ଜମା ଏବଂ ବଣ୍ଡରେ ନିବେଶ ଅଭିବୃଦ୍ଧି ଘଟି ୮.୮୫% ଛୁଇଁଛି, ଯାହା ୨୦୧୭ରେ ୪.୮୬% ରହିଥିଲା। ଏଥିରେ ବୃଦ୍ଧି ଘଟିବା ଯୋଗୁ ନିବେଶ ପରିମାଣ ୪୫ ଲକ୍ଷ କୋଟି ଟଙ୍କା ଛୁଇଁଛି।

ଅତିଧନୀଙ୍କ ଫାଇନାସିଆଲ ଆସେଟ କ୍ଷେତ୍ରରେ ବୀମା ତୃତୀୟ ସ୍ଥାନରେ ରହିଛି। ଏହାର ଅଂଶ ୩୬ ଲକ୍ଷ କୋଟି ଏବଂ ବ୍ୟାଙ୍କ ଜମା ପରିମାଣ ୩୪ ଲକ୍ଷ କୋଟି ଟଙ୍କା ଥିବା ଜଣାପଡ଼ିଛି। ସ୍ଥାବର ସମ୍ପତ୍ତି କ୍ଷେତ୍ରରେ ସୁନା ସବୁଠାରୁ ପସନ୍ଦଯୋଗ୍ୟ ସମ୍ପତ୍ତି ଶ୍ରେଣୀ ହୋଇପାରିଛି। ଅତିଧନୀମାନେ ସୁନା ବାବଦକୁ ପ୍ରାୟ ୮୦ ଲକ୍ଷ କୋଟି ଟଙ୍କା ନିବେଶ କରିଛନ୍ତି। ରିୟଲ ଇଷ୍ଟେଟ ହୋଲ୍ଡିଂ ଏକ୍ଷେତ୍ରରେ ଦ୍ୱିତୀୟ ଶ୍ରେଣୀରେ ରହିଛି। ଏହାର ଅଂଶ ପ୍ରାୟ ୭୪ ଲକ୍ଷ କୋଟି ଟଙ୍କା ହେବ। ଏକ୍ଷେତ୍ରରେ ଅଭିବୃଦ୍ଧି ୨୦୧୭ରେ ୧୦.୩୬% ଥିବା ବେଳେ ୨୦୧୮ରେ ଏହା ୭.୧୩%କୁ ଖସି ଆସିଥିବା ରିପୋର୍ଟରେ ଉଲ୍ଲେଖ ରହିଛି।


**idco** Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER(P&C), IDCO, IDCO TOWER, BHUBANESWAR.
Tender Call Notice No. H.P./P&C/EST-E-1469/01/2019(Part-I)/17347 Dt.11.10.2019

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work :- Supply, installation, testing and commissioning of Air-Conditioning and Ventilation (HVAC system) for IT Incubation Centre in the Infocity IT/ITES, SEZ, Chandaka, Bhubaneswar

| Procurement Officer | Bid Identification No. | Availability of Tender on-Line for Bidding From | To |
|---|---|---|---|
| 1 | 2 | 3 | 4 |
| CGM (P&C), IDCO, IDCO Tower, Janpath, Bhubaneswar | Bid Id No.P&C/EST/ E-31/2019-20 | 12.00 Hours of dt.22.10.2019 | 17.00 Hours of dt.06.11.2019 |

Further details can be seen from the e-Procurement Portal www.tendersodisha.gov.in and Corrigendum or Addendum if any will not be published in news papers and can only be seen in the e-procurement portal as well as in IDCO website. Sd/- Chief General Manager(P&C), IDCO, Bhubaneswar

**ପୌର ପରିଷଦ, ମାଲକାନଗିରି**
OFFICE OF THE MUNICIPAL COUNCIL, MALKANGIRI
Odisha, Pin-764045, Ph : 06861-230244, e-mail : eomalkangiri@gmail.com
Lt. No.2477 /Mpl. / 2019 Dated: 14.10.2019

**Expression of Interest**

Expression of Interest is hereby invited from the interested registered firms / Consultancy for Landscaping with estimation on the following features of the Smart Park such as Garden with Vegetation, Air Purifying plants, low-pressure rotation sprinkler, paved walking paths, seating areas, parking facilities, ramps for disabled friendly, open air gyms, yoga and Aerobic platform, child friendly equipments, energy efficient LED lights, free Wi-Fi, drinking water, toilets and first aid center, etc of Proposed Smart Park at Malkangiri Municipality. The firms intending to offer are required to perform the job as per the approved Govt. rate. They should furnished their Experience Certificates on landscaping of Public Park with other details by the Regd./ Speed Post from 15.10.2019 to 23.10.2019 to the Executive Officer, Malkangiri Municipality and the tender committee have the right to select or reject any bidder for selection to award the project. The undersigned reserves the right to reject any or all offers without assigning any reason thereof. Sd./- Executive Officer, Malkangiri Municipality

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍-(୦୬୭୪) ୨୩୯୩୫୨୪
ଇପିବି ଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍ସାଇଟ୍ www.shb.org

ପତ୍ର ସଂଖ୍ୟା.୫୩ ତା.୦୩।୧୦।୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରାହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି/ଅଭିଯୋଗ ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ | ସମ୍ପତ୍ତିର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୰ନିତିନ୍ କକ୍ର<br>ପିତା-୰କୁଳଦୀପ ରାୟ କକ୍ର<br>ସା-ମହାନଦୀ ବିହାର<br>ଚାଉଳିଆଗଞ୍ଜ<br>ଜିଲ୍ଲା-କଟକ | ଏଚ୍ଆଇଜି-୨୦୫<br>ଚନ୍ଦ୍ରଶେଖରପୁର<br>୭ମ ପର୍ଯ୍ୟାୟ<br>ଭୁବନେଶ୍ୱର | ୧. ଅନୁ କକ୍ର (ସ୍ତ୍ରୀ)<br>୨. ପାଖି କକ୍ର (ଝିଅ) |

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OFFICE OF THE
**MUNICIPAL COUNCIL, SUNDARGARH**
No. 4804/ Date: 17.10.2019

**QUOTATION CALL NOTICE**

Sealed quotations are invited from the intending Dealers / Suppliers for supplying of the Sanitary Materials for the year 2019-20. The list of materials with the specification and conditions etc. can be clarified from the Municipal Office, Sundargarh during office hours on the working days. The cost to be quoted includes cost, all taxes and transportation upto this office. The quotation must be accompanied with copy of an authorized dealer certificate.

The sealed quotations will be received 12.00 PM on Dt.28.10.2019 and will be opened at 4.00 PM on the same day in Municipal office in presence of the quotationer or their authorized representatives.

The authority reserves the right to accept or reject any or all quotations without assigning any reason thereof.

| Sl. No. | Description of Goods | Qnty. | Rate | Total |
|---|---|---|---|---|
| 1. | Malerial Oil | Per Ltr. | | |
| 2. | Phenyle | Per Ltr. | | |
| 3. | Bleaching Powder | Per Bag | | |

Sd./- Executive Officer, Sundargarh Municipality

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**P.H. DIVISION, BHANJANAGAR, AT- CHATRAPUR**
Phone: 06811-263909, Fax: 06811-263950
E-mail: eephchpr@gmail.com
No.: C-249

**NATIONAL COMPETITIVE BIDDING THROUGH e-Procurement**

Bid Identification No. 18/03/SPH©/2019-20 Dt.16.10.2019

| | | |
|---|---|---|
| 1 | Name of the Work | 08 (Eight) Nos. of Works |
| 2 | Estimate Cost | 7.26 Lakh to 40.27 Lakhs |
| 3 | Date & time of availability of bid document in the portal | From 11.00 A.M. of 22.10.2019 to 5.00 P.M. of 02.11.2019 |
| 4 | Last date/time of receipt of bid in the portal | 5.00 P.M. of 02.11.2019 |
| 5 | Date and time of opening of bids | 11.00 A.M. on dated 04.11.2019 |
| 6 | Name and address of the Officer Inviting the Bid | Executive Engineer, P.H. Division, Bhanjanagar at Chatrapur |

Further details can be seen from the e-Procurement portal https://www.tenderorissa.gov.in.

Sd./- Executive Engineer
P.H. Division, Bhanjanagar at Chatrapur
13013/11/0008/1920

Annexure - 1
STANDARD BIDDING DOCUMENT
**ODISHA STATE CIVIL SUPPLIES CORPORATION LTD.**
**OFFICE OF THE DISTRICT MANAGER, GANJAM, CHATRAPUR**
**OFFICE QUOTATION / TENDER CALL NOTICE**

Sealed quotations / tenders are invited from interested reputed Travel Agencies/Tour Operators or private individuals for providing 2 (Two) Nos. of Petrol driven vehicles (BS - IV Compliant) preferably Tiago/Bolt/Celerio which shall conform to the terms and conditions of (Annexure - II) for offical use in the Office of the **CSO-cum-District Manager, Ganjam OSCSC Ltd.** on monthly rent basis.

1. The vehicle must be in Road Worthy Condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Pollution Certificate (Minimum BS IV compliant), Fitness Certificate, valid Contract Carriage Permit, proof of uptodate tax payment etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the CSO-cum-District Manager, **Ganjam, OSCSC Ltd.** and submitted alongwith the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of minimum 17 (Seventeen) kms per litre.
7. The details of the make and year of manufacture of the vehicle, registration no., mileage (Kms. covered per litre) and name of the driver with Driving Licence No. and period of validity should be specifically provided in the general bid information to be furnished with the quotation/tender.
8. The quotation completed in all respect should reach the undersigned on or before **30.10.2019 by 2 P.M.** and shall be opened on the same day at **4 P.M.** in presence of the bidders or their authorized representatives.
9. The application form of quotation/tender containing General Bid Information & Terms and Conditions for hiring of vehicles etc. will be available in the Office of the **CSO-cum-District Manager, Ganjam, OSCSC Ltd.** on payment of Rs.100/- from **19.10.19 to 22.10.19**.

Sd./- District Manager
O.S.C.S.C. Ltd., Ganjam, Chatrapur

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ**
OFFICE OF THE COLLECTOR & DISTRICT MAGISTRATE, NAYAGARH
At/Po/Ps/Dist : Nayagarh, State-Odisha, Pin- 752069,
E-mail ID : dsonayagarh@gmail.com
Tender Call Notice No. 269/Sports, Dated : 16.10.2019

**TENDER CALL NOTICE**

Sealed Tenders are invited by the District Sports Office, Nayagarh from reputed firms/intending Regd. Firms/Supplier/ Co-Operative/DIC Regd. Units/Authorized suppliers as per tender specification for "Supply of Sports Goods" branded Dress Material & Shoes Materials with Socks for the use of inmates of Sports Hostel, Nayagarh during the year, 2019-20. Date of submission of Tender on or before 14.11.2019 by 5:00PM through Regd. Post / Speed Post only and it will be opened on 15.11.2019 at 11:00 AM. The bid document is available in the district portal **(www.nayagarh.nic.in)** and can be downloaded of sale of bid documents or may contact to District Sports Office, Nayagarh.

Sd./- Addl. District Magistrate, Nayagarh

**OFFICE OF THE DEAN & PRINCIPAL BHIMA BHOI MEDICAL COLLEGE & HOSPITAL, BALANGIR**
At/Po/Dist : Bolangir, Pin - 767001 (Odisha)
Email : gmchospitalbalangir@gmail.com
No. 2064/ Date : 16.10.2019

**TENDER CALL NOTICE**

No. E-414: Administrative Officer, Bhima Bhoi Medical College & Hospital, Balangir-767001, Odisha invites sealed bids in the prescribed Proforma from the Registered and reputed Manufacturers, Authorized Distributors/ Dealers/ Stockist / EPM Rate Contract holders for "Supply of Chemicals, Reagents, Diagnostic kits. Antibiotic Discs, Glass wares & Plastic wares etc." for Bhima Bhoi Medical College & Hospital, Balangir. The bid document containing the detailed information, terms and conditions, etc. can be downloaded from the following websites : www.dmetodisha.gov.in, www.balangir.nic.in & www.gmcbalangir.infocreatives.com Superintendent, BB MCH, Balangir reserves the right to accept / reject / cancel any or all the bids in full or part without assigning any reason thereof.

Sd./- Administrative Officer-cum-Member Convenor
Bhima Bhoi Medical College Hospital, Balangir
10141/11/0007/1920

## ସଂକ୍ଷେପରେ

### ବାଦ୍ ପଡ଼ିଲେ ମାରକ୍ରାମ

ରାଞ୍ଚି,୧୭।୧୦- ଭାରତ ବିପକ୍ଷ ଅନ୍ତିମ ଟେଷ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକାକୁ ଗୁରୁବାର ଏକ ଶକ୍ତ ଝଟକା ଲାଗିଛି। ଆହତ ସମସ୍ୟା ଯୋଗୁ ଦଳୀୟ ଓପନର ଏଡେନ ମାରକ୍ରାମ ୧୯ ତାରିଖଠାରୁ ଆରମ୍ଭ ହେବାକୁ ଥିବା ରାଞ୍ଚି ଟେଷ୍ଟରୁ ବାଦ୍ ପଡ଼ିଛନ୍ତି। ଓପନିଂ ବ୍ୟାଟ୍ସମ୍ୟାନଙ୍କ ରିଷ୍ଟରେ ପୁଣେ ଟେଷ୍ଟରେ ଆଘାତ ଲାଗିଥିଲା। ତାଙ୍କ ପୂର୍ବରୁ ସ୍ପିନର କେଶଭ ମହାରାଜା ସମାନ କାରଣରୁ ବାଦ୍ ପଡ଼ିଛନ୍ତି। ଦଳରେ ଅତିରିକ୍ତ ଖେଳାଳି ଭାବେ ହେନରିଚ କ୍ଲାସେନ ଓ ଜୁବିର ହମାଜା ରହିଛନ୍ତି। କିନ୍ତୁ ଉଭୟ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ। ଏଭଳି ସ୍ଥିତିରେ ତେମ୍ବା ବାଭୁମାଙ୍କୁ ଓପନିଂ କରିବାକୁ ପଡ଼ିପାରେ। ସେ କେବଳ ଥରେ ଓପନର ଭାବେ ବ୍ୟାଟିଂ କରିଛନ୍ତି। ସଂଯୋଗବଶତଃ ସେ ଭାରତରେ ହିଁ ଓପନର ଭାବେ ୩୮ ରନ୍ କରିଥିଲେ। ସିଟି ସ୍କାନରୁ ମାରକ୍ରାମଙ୍କ ଆହତ ସମସ୍ୟା ଗୁରୁତର ଥିବା ଜଣାପଡ଼ିଛି। ଏଥିଯୋଗୁ ମେଡିକାଲ ଟିମ୍ ତାଙ୍କୁ ଦଳରୁ ବାଦ୍ ଦେଇଛି।

### ପ୍ରମୋଦଙ୍କ ବିଜୟ ଜାରି

ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି): ଡେନମାର୍କର କୋପେନହାଗେନଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରମୋଦ ଭଗତଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସେ ବୁଲଗେରିଆର ଡିମିଟାର ପାଭଲୋଭଙ୍କୁ ୨୧-୧୬, ୨୧-୧୧ ପଏଣ୍ଟରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

### ମହିଳା ସପୋର୍ଟ ଷ୍ଟାଫ ନିଯୁକ୍ତିରେ ଆରସିବି ପ୍ରଥମ ଦଳ

ବେଙ୍ଗାଲୁରୁ,୧୭।୧୦- ଆଇପିଏଲ ଫ୍ରାଞ୍ଚାଇଜ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମସାଜ ଥେରାପିଷ୍ଟ ନବନିତା ଗୌତମଙ୍କୁ ନିଯୁକ୍ତ କରିଛି। ଆଇପିଏଲ ଇତିହାସରେ ମହିଳା ଷ୍ଟାଫଙ୍କୁ ନିଯୁକ୍ତ କରିବାରେ ଆରସିବି ପ୍ରଥମ ଦଳ। ନବନିତା ମୁଖ୍ୟ ଥେରାପିଷ୍ଟ ଇଭାନ ସ୍ପିଚଲି ଓ କଣ୍ଡିଶନସିଂ କୋଚ୍ ଶଙ୍କର ବାସୁଙ୍କ ସହ କାର୍ଯ୍ୟ କରିବେ। ଖେଳାଳିଙ୍କୁ ପ୍ରସ୍ତୁତ, ପ୍ରେରଣା ସହ ସମସ୍ତ ପର୍ଯ୍ୟବେକ୍ଷଣ କରିବା ତାଙ୍କ ଦାୟିତ୍ୱ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ ଗୁରୁବାର କୁହାଯାଇଛି।

### ଆହତ ବକ୍ସର ପାଟ୍ରିକ ଡେ'ଙ୍କ ମୃତ୍ୟୁ

ସିକାଗୋ,୧୭।୧୦(ଏପି)- ୪ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ ପରେ ବକ୍ସର ପାଟ୍ରିକ ଡେ' ଶେଷରେ ହାରି ଯାଇଛନ୍ତି। ନର୍ଥୱେଷ୍ଟର୍ନ ମେମୋରିଆଲ ମେଡିକାଲରେ ୨୭ ବର୍ଷୀୟ ଡେ'ଙ୍କ ମୃତ୍ୟୁ ହୋଇଛି। ତାଙ୍କ ପ୍ରମୋଟର ଲୌ ଡିବେଲା ଏ ନେଇ ସୂଚନା ଦେଇଛନ୍ତି। ମୃତ୍ୟୁବେଳକୁ ତାଙ୍କ ନିକଟରେ ପରିବାରବର୍ଗ, ନିକଟସ୍ଥ ବନ୍ଧୁ, ମେଣ୍ଟରଙ୍କ ସମେତ ତାଙ୍କ ବକ୍ସିଂ ଦଳର ସଦସ୍ୟ ଓ ଟ୍ରେନର ଜୋଏ ହିଗିନ୍ସ ଥିଲେ। ଶନିବାର ୱିନଟ୍ରଷ୍ଟ ଏରିନାଠାରେ ଚାର୍ଲସ କନୱେଲଙ୍କ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏଥିଯୋଗୁ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା।

“ଆଗାମୀ ଗୁରୁତ୍ୱପୂର୍ଣ୍ଣ ଭାରତ ଟୁର୍ ଲାଗି ଆମ ପେସ୍ ବୋଲରମାନଙ୍କ ଫିଟ୍‌ନେସ୍ ଦଳ ପାଇଁ ଚିନ୍ତାର କାରଣ ହୋଇଛି।
–ମିନ୍‌ହାଜୁଲ ଆବେଦିନ୍, ବାଂଲାଦେଶ କ୍ରିକେଟ ମୁଖ୍ୟ ଚୟନକର୍ତ୍ତା



“ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଦଳ ମନୋନୟନ ପୂର୍ବରୁ ମୁଁ ଏମ୍‌ସି ମେରିକମ୍‌ଙ୍କ ସହିତ ଏକ ଟ୍ରାଏଲ୍ ବାଉଟ୍ ଚାହେଁ।
–ନିଖାତ ଜରିନ୍, ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ବକ୍ସର



# ରାଞ୍ଚିରେ ଭାରତୀୟ ଦଳର ଅଭ୍ୟାସ

## ତୃତୀୟ ଟେଷ୍ଟ: ନେଟ୍ସରୁ ଦୂରେଇ ରହିଲେ ବିରାଟ କୋହଲି ଓ ରୋହିତ ଶର୍ମା

ରାଞ୍ଚି, ୧୭।୧୦ (ପି.ଟି.)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ଶନିବାର ଖେଳାଯିବ। ଏଥିପାଇଁ ହୋଇଥିବା ଅତିରିକ୍ତ ଅଭ୍ୟାସ ସେସନରୁ ଅଧିନାୟକ ବିରାଟ କୋହଲି ଏବଂ ଓପନର ରୋହିତ ଶର୍ମା ଓହରିଯାଇଥିଲେ। କିନ୍ତୁ ସ୍ପିନର କୁଲଦୀପ ଯାଦବ ବ୍ୟାଟିଂ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦୁଇଟି ଟେଷ୍ଟ ଖେଳି ନ ଥିବା କୁଲଦୀପ ନେଟ ସେସନର ସମ୍ପୂର୍ଣ୍ଣ ଉପଯୋଗ କରିଥିଲେ। ସେ କେତୋଟି ଚମତ୍କାର କଭର ଡ୍ରାଇଭ୍ ସଟ୍ ଖେଳିଥିଲେ। ଅପରାହ୍ନ ଅଭ୍ୟାସ ସେସନରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ ଥିଲେ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରା, ମୟଙ୍କ ଅଗ୍ରୱାଲ ଏବଂ ଇଶାନ୍ତ ଶର୍ମା। ପୂର୍ବରୁ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଏବଂ ବୋଲିଂ କୋଚ୍ ଭରତ ଅରୁଣ ପିଚ୍ ଉପରେ ନଜର ପକାଇଥିଲେ। ପିଚ୍ ଶୁଷ୍କ ଥିବାରୁ ଏହା ସ୍ପିନରଙ୍କୁ ସୁହାଇବ ବୋଲି ଉଭୟଙ୍କର ହୃଦ୍‌ବୋଧ ହୋଇଥିଲା। ପିଚ୍‌କୁ ଦେଖିବାପରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁ'ପ୍ଲେସି କହିଥିଲେ, ଏହି ଟେଷ୍ଟ ମ୍ୟାଚରେ ରିଭର୍ସ ସୁଇଙ୍ଗ ଏବଂ ସ୍ପିନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତର ପ୍ରମୁଖ ସ୍ପିନ୍ ଯୋଡ଼ି ରବିଚନ୍ଦ୍ରନ ଅଶ୍ୱିନ ଏବଂ ରବୀନ୍ଦ୍ର ଜାଡେଜା ଚଳିତ ସିରିଜରେ ଇତିମଧ୍ୟରେ ୧୪ ଏବଂ ୧୦ ଉଇକେଟ ଅକ୍ତିଆର କରିସାରିଲେଣି। କୁଲ୍‌ଦୀପଙ୍କୁ ସାମିଲ କରାଗଲେ ଦଳରୁ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦେବାକୁ ପଡ଼ିବ। ପେସ ବୋଲରମାନେ ମଧ୍ୟ ଭଲ ବୋଲିଂ କରୁଛନ୍ତି। ମହମ୍ମଦ ସାମି ୪୧ ଷ୍ଟ୍ରାଇକ୍ ରେଟ୍‌ରେ ୮ ଉଇକେଟ ଅକ୍ତିଆର କରିସାରିଛନ୍ତି। ଉମେଶ ଯାଦବ ଉନ୍ନତ ଷ୍ଟ୍ରାଇକ୍‌ରେଟ୍ ୨୧ ସହ ୬ ଉଇକେଟ ଅକ୍ତିଆର କରି ସାରିଛନ୍ତି। ତେବେ ଟିମ୍ ମ୍ୟାନେଜମେଣ୍ଟ ତାଙ୍କ ୱିନିଂ କମ୍ବିନେଶନକୁ ବଜାୟ ରଖୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ବିଶାଖାପାଟଣାଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭାରତର ୫୦୨ ରନ ଜବାବରେ ୪୩୧ ରନ କରିବା ପରେ ଭ୍ରମଣକାରୀ ଦଳକୁ ଏବେ ବଡ଼ ସ୍କୋର କରିବା ଲାଗି ସଂଘର୍ଷ କରୁଛି। ସକାଳ ଅଭ୍ୟାସ ସେସନରେ ଦକ୍ଷିଣ ଆଫ୍ରିକାରର ବ୍ୟାଟ୍ସମ୍ୟାନମାନେ ବ୍ୟାଟିଂ ଉପରେ ବିଶେଷ ଧ୍ୟାନ ଦେଇଥିଲେ। ଅଧିନାୟକ ଡୁ'ପ୍ଲେସି, ଟେମ୍ବା ବାଭୁମା, ଥିଉନିସ୍ ଡି' ବ୍ରୁଇନ୍, କ୍ୱିଣ୍ଟନ ଡି'କକ୍, ସେନୁରାନ୍ ମୁଥୁସ୍ୱାମୀ ନେଟ୍ ବୋଲରମାନଙ୍କ ସାମ୍ନା କରିଥିଲେ। ଭେର୍ନନ ଫିଲାଣ୍ଡର ବୋଲିଂ ଅଭ୍ୟାସ କରିଥିଲେ। କିନ୍ତୁ ନୂଆବଲ୍ ବୋଲରମାନେ ବିଶେଷ କରି ବ୍ୟାଟିଂ ଅଭ୍ୟାସ କରିଥିଲେ। ପୁଣେଠାରେ ଦ୍ୱିତୀୟ ଟେଷ୍ଟରେ ବିଜୟ ହାସଲ ପରେ ୨–୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରି ନେଇଥିବା ଭାରତ କ୍ଲିନ୍ ସୁଇପ୍ ବିଜୟ ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି। ବର୍ତ୍ତମାନ ଭାରତର ପଏଣ୍ଟ ସଂଖ୍ୟା ୨୦୦ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡର ପଏଣ୍ଟ ସଂଖ୍ୟା ମାତ୍ର ୬୦ ରହିଛି।





ନେଟ୍ସ ସେସନରେ ଇଶାନ୍ତ ଶର୍ମା ଓ ଚେତେଶ୍ୱର ପୂଜାରାଙ୍କ ଅଭ୍ୟାସ।

### ୧୬ ଦେଶର କ୍ରିକେଟରଙ୍କ ପ୍ରଶିକ୍ଷଣ ଅନୁଧ୍ୟାନ କଲେ ଦ୍ରାବିଡ

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ୧୬ଟି ରାଜ୍ୟଗୋଷ୍ଠୀ ଦେଶର କ୍ରିକେଟରଙ୍କ ପ୍ରଶିକ୍ଷଣକୁ ଅନୁଧ୍ୟାନ କରିଛନ୍ତି। କେନ୍ଦ୍ର ବୈଦେଶିକ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମିଳିତ ଆନୁକୂଲ୍ୟରେ ଏନ୍‌ସିଏରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି।

୨୦୧୮ ଏପ୍ରିଲ ୧୯ରେ ଲଣ୍ଡନରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଘୋଷଣା କରିଥିଲେ। ଏହି ଘୋଷଣା ଅନୁଯାୟୀ ଏନ୍‌ସିଏରେ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକର ୧୬ ବର୍ଷରୁ କମ୍ ବାଳକ ଓ ବାଳିକା କ୍ରିକେଟରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ବୋତୋସ୍ୱାନା, କାମେରୁନ୍, କେନିଆ, ମୋଜାମ୍ବିକ, ମରିସସ୍, ନାମ୍ବିଆ, ନାଇଜେରିଆ, ରୱାଣ୍ଡା, ଉଗାଣ୍ଡା, ଜାମ୍ବିଆ, ମାଲେସିଆ, ସିଙ୍ଗାପୁର, ଜାମାଇକା, ତ୍ରିନିଦାଦ ଓ ଟବାଗୋ, ଫିଜି ଓ ତାଞ୍ଜାନିଆର ୧୮ ଜଣ ଲେଖାଏ ବାଳକ ଓ ୧୭ ଜଣ ଲେଖାଏ ବାଳିକା ଏହି ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଛନ୍ତି। ଅକ୍ଟୋବର ୧ରୁ ୩୦ ତାରଖ ମଧ୍ୟରେ ଏହି ଶିବିର ଆୟୋଜନ ହୋଇଛି। ଏନ୍‌ସିଏ ମୁଖ୍ୟ ଦ୍ରାବିଡଙ୍କ ତତ୍ତ୍ୱାବଧାନରେ ଦେଶର ଶ୍ରେଷ୍ଠ କୋଚ ଜୁନିୟର କ୍ରିକେଟରଙ୍କୁ କୋଚିଂ ଦେଉଛନ୍ତି। ଟ୍ରେନରମାନେ ମଧ୍ୟ ଏଥିରେ ସହାୟତା ପ୍ରଦାନ କରୁଛନ୍ତି।

## ଡେନ୍‌ମାର୍କ ଓପନ୍‌ରୁ ସିନ୍ଧୁ, ସମୀରଙ୍କ ବିଦାୟ

ଓଡେନ୍ସ, ୧୭।୧୦ (ପି.ଟି.)

ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଡେନ୍‌ମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏହି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୭୫୦ଇଭେଣ୍ଟର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୫ମ ସିଡ୍ ସିନ୍ଧୁ କୋରିଆର ଆନ୍ ସି ୟଙ୍ଗ୍‌ଙ୍କଠାରୁ ୧୪–୨୧, ୧୭–୨୧ରେ ହାରିଯାଇଛନ୍ତି। ଅଗଷ୍ଟରେ ସୁଇଜରଲାଣ୍ଡର ବାସେଲଠାରେ ବିଶ୍ୱ ଚାମ୍ପିୟନଶିପ୍ ଜିତିବା ପରେ ସିନ୍ଧୁ କ୍ରମାଗତ ୩ଟି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ୨୪ ବର୍ଷୀୟା ଏହି ଭାରତୀୟ ଖେଳାଳି ଚାଇନା ଓପନ ଏବଂ କୋରିଆ ଓପନରେ ଯଥାକ୍ରମେ ଦ୍ୱିତୀୟ ଓ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଗୁରୁବାର ଭାରତ ପାଇଁ ଖରାପ ଦିବସ ଥିଲା। ସମୀର ବର୍ମା ଏବଂ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଏବଂ ଚିରାଗ ସେଟ୍ଟି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାଜିତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ସମୀର ଅଲିମ୍ପିକ ଚାମ୍ପିୟନ ତଥା ଚାଇନାର ଚେନ୍ ଲଙ୍ଗ୍‌ଙ୍କଠାରୁ ୧୨–୨୧, ୧୦–୨୧ରେ ପରାସ୍ତ ହୋଇଥିବା ବେଳେ ଥାଇଲାଣ୍ଡ ଓପନ ଚାମ୍ପିୟନ ସାତ୍ୱିକ ଏବଂ ଚିରାଗ ୬ଷ୍ଠ ସିଡ୍ ଚାଇନିଜ ଯୋଡ଼ି ହାନ୍ ଚେଙ୍ଗ୍ କାଇ ଏବଂ ଝୋ ହାଓ ଡଙ୍ଗ୍‌ଙ୍କଠାରୁ ୧୬–୨୧, ୧୫–୨୧ରେ ହାରିଯାଇଥିଲେ।




## ବାଂଲାଦେଶ ଦଳରେ ଆରାଫତ, ଅଲ୍ ଅମିନ

**ଭାରତ ବିପକ୍ଷ ଟି୨୦ ସିରିଜ**

ଢାକା, ୧୭।୧୦(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ଆସନ୍ତା ମାସରେ ୩ ମ୍ୟାଚ ବିଶିଷ୍ଟ ଟି୨୦ କ୍ରିକେଟ ସିରିଜ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଗୁରୁବାର ୧୫ ଜଣିଆ ବାଂଲାଦେଶ ଦଳ ଘୋଷିତ ହୋଇଛି। ଦଳକୁ ବାମହାତୀ ସ୍ପିନର ଆରାଫତ ସନି ଏବଂ ପେସର ଅଲ୍–ଅମିନ ହୋସେନ ଡାକରା ପାଇଛନ୍ତି। ଓପନର ତାମିମ୍ ଇକବାଲ ମଧ୍ୟ ଦଳକୁ ଫେରିଛନ୍ତି। ଜିମ୍ବାୱେ, ଆଫଗାନିସ୍ତାନ ଓ ବାଂଲାଦେଶକୁ ନେଇ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜରେ ସେ ଖେଳିପାରି ନ ଥିଲେ। ଭାରତ ଗସ୍ତରେ ଆସୁଥିବା ବାଂଲାଦେଶ ଟି୨୦ ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୩ରେ ଦିଲ୍ଲୀର ଫିରୋଜଶାହ କୋଟଲା ଗ୍ରାଉଣ୍ଡରେ ଖେଳିବ। ପରବର୍ତ୍ତୀ ୨ଟି ଗେମ୍ ଯଥାକ୍ରମେ ରାଜକୋଟ ଓ ନାଗପୁରରେ ନଭେମ୍ବର ୭ ଓ ୧୦ ତାରିଖରେ ଅନୁଷ୍ଠିତ ହେବ।

ଉଭୟ ସନି ଓ ହୋସେନ ଦୀର୍ଘଦିନଧରି ବାଂଲାଦେଶ ଦଳରୁ ଦୂରରେ ରହିଥିଲେ। ଶେଷଥର ସେମାନେ ୨୦୧୬ରେ ଦଳ ପକ୍ଷରୁ ଟି୨୦ରେ ପ୍ରତିନିଧିତ୍ୱ କରିଥିଲେ। ୧୦ଟି ଟି୨୦ରୁ ୧୨ଟି ଉଇକେଟ ନେଇଥିବା ୩୩ ବର୍ଷୀୟ ସନି ୨୦୧୬ ଆଇସିସି ଟି୨୦ ବିଶ୍ୱକପ ଅବସରରେ ବେନିୟମ ବୋଲିଂ ଆକ୍ସନ ଯୋଗୁ ସସପେଣ୍ଡ ହୋଇଥିଲେ। ଏହା ବ୍ୟତୀତ ପାରିବାରିକ ବିବାଦରେ ସମ୍ପୃକ୍ତି କାରଣରୁ ସେ ୨୦୧୭ରେ ଗିରଫ ହୋଇ ୨ ମାସ ଜେଲ୍ ଦଣ୍ଡ ମଧ୍ୟ ଭୋଗିଥିଲେ। ହୋସେନ ୨୦୧୬ ଆଇସିସି ଟି୨୦ ବିଶ୍ୱକପ ପରଠାରୁ ଆଉ ବାଂଲାଦେଶ ପକ୍ଷରୁ ଖେଳିପାରି ନାହାନ୍ତି। ''ଭାରତ ଏକ ଶକ୍ତିଶାଳୀ ଦଳ। ଏହା ବିପକ୍ଷ ମ୍ୟାଚ ପାଇଁ ଦଳରେ ଜଣେ ଅଭିଜ୍ଞ ସ୍ପିନରଙ୍କ ଆବଶ୍ୟକ ଥିବାରୁ ଆମେ ସନିଙ୍କୁ ସାମିଲ କରିଛୁ। ସେହିପରି ଅନ୍ୟ ଫାଷ୍ଟ ବୋଲରମାନେ ଆହତ ଥିବାରୁ ଅଲ୍–ଅମିନଙ୍କୁ ସୁଯୋଗ ଦିଆ ଯାଇଛି'' ବୋଲି ଚୟନ କମିଟି ମୁଖ୍ୟ ମିନ୍‌ହାଜୁଲ ଆବେଦିନ ପ୍ରକାଶ କରିଛନ୍ତି। ଚୟନକର୍ତ୍ତାମାନେ ସବିର ରହମନ, ନଜମୁଲ ହୋସେନ ଶାନ୍ତୋ, ରୁବେଲ ହୋସେନ ଓ ତାଜିଉଲ ଇସଲାମଙ୍କୁ ଦଳରୁ ବାଦ୍ ଦେଇଛନ୍ତି। ଏମାନେ ଘରୋଇ ପରିବେଶରେ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିଥିଲେ।

**ବାଂଲାଦେଶ ଦଳ:** ଶାକିବ ଅଲ ହାସନ(ଅଧିନାୟକ), ତାମିମ ଇକବାଲ, ଲିଟନ ଦାସ, ସୌମ୍ୟ ସରକାର, ନଇମ୍ ସେଖ୍, ମୁସଫିକର ରହିମ, ମହମ୍ମଦ ରିୟାଦ, ଅଫିଫ ହୋସେନ, ମୁଦାସେକ୍ ହୋସେନ, ଅମିନୁଲ ଇସଲାମ ବିପ୍ଲୋବ, ଆରାଫତ ସନି, ମହମ୍ମଦ ସୈଫୁଦ୍ଦିନ, ଅଲ୍ ଅମିନ ହୋସେନ, ମୁସ୍ତାଫିଜୁର ରହମନ, ଶାଫୁଉଲ ଇଲାମ।



ଅଲ୍–ଅମିନ ହୋସେନ




ଆରାଫତ ସନି

# ଦିଲ୍ଲୀ–ବେଙ୍ଗଲ ଫାଇନାଲ



ବେଙ୍ଗଲ ୱାରିୟର୍ସ ଓ ୟୁ ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ପ୍ରୋ କବାଡ଼ି ଲିଗ୍**

ଅହମ୍ମଦାବାଦ, ୧୭।୧୦ (ପି.ଟି.)

ଦବଙ୍ଗ ଦିଲ୍ଲୀ ଓ ବେଙ୍ଗଲ ୱାରିୟର୍ସ ମଧ୍ୟରେ ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ସିଜନ–୭'ର ଫାଇନାଲ ମ୍ୟାଚ୍ ଖେଳାଯିବ। ବୁଧବାର ଖେଳାଯାଇଥିବା ଦୁଇଟି ଯାକ ସେମିଫାଇନାଲରେ ଦିଲ୍ଲୀ ଓ ବେଙ୍ଗଲ ଯଥାକ୍ରମେ ବେଙ୍ଗାଲୁରୁ ବୁଲ୍ସ ଓ ୟୁ ମୁମ୍ବାକୁ ପରାସ୍ତ କରି ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପ୍ରଥମ ସେମିଫାଇନାଲରେ ନବୀନ କୁମାର (୧୫ ପଏଣ୍ଟ)ଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଦିଲ୍ଲୀ ୪୪–୩୮ ପଏଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ବୁଲ୍ସକୁ ମାତ୍ ଦେଇଥିଲା। ଅପରପକ୍ଷରେ କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ସେମିଫାଇନାଲରେ ୱାରିୟର୍ସ ୩୭–୩୫ ପଏଣ୍ଟରେ ୟୁ ମୁମ୍ବାକୁ ମାତ୍ ଦେଇଛି। ଏଥିସହ ପିକେଏଲ୍ ଇତିହାସରେ ଉଭୟ ଦିଲ୍ଲୀ ଓ ବେଙ୍ଗଲ ପ୍ରଥମଥର ଲାଗି ଫାଇନାଲକୁ ଯୋଗ୍ୟତା ହାସଲ କରିଛି। ଶନିବାର ଫାଇନାଲ ମ୍ୟାଚ୍ ଖେଳାଯିବ।

### ସେହ୍ୱାଗଙ୍କ ସ୍କୁଲରେ ପୁଲୱାମା ଶହୀଦଙ୍କ ପୁଅ

ନୂଆଦିଲ୍ଲୀ,୧୭।୧୦

ଗତ ଫେବୃୟାରୀରେ ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପୁଅ କ୍ରିକେଟ ଟ୍ରେନିଂ ନେଉଥିବାବେଳର କିଛି ଫଟୋ ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗ ଟୁଇଟ୍ କରିଛନ୍ତି। ଏହାର କ୍ୟାପଶନରେ ସେ ଲେଖିଛନ୍ତି, ହିରୋଙ୍କ ପରିବାରକୁ ସାହାଯ୍ୟ କରିବାର ଅଧିକାର ମିଳିଥିବାରୁ ଭାଗ୍ୟବାନ ମନେ କରୁଛି। ପୁଲୱାମା ଶହୀଦ ରାମ ଭକିଲଙ୍କ ପୁଅ ବ୍ୟାଟ୍ସମ୍ୟାନ ଅର୍ପିତ ସିଂ ବ୍ୟାଟିଂ କରୁଥିବାବେଳେ ବିଜୟ ସୋରେଙ୍ଗଙ୍କ ପୁଅ ରାହୁଲ ସୋରେଙ୍ଗ ବୋଲିଂ କରୁଛନ୍ତି। ଏମାନଙ୍କ ଖୁସିଠାରୁ ଖୁବ୍ କମ ବଡ଼ କାର୍ଯ୍ୟ ଅଛି। ସେହ୍ୱାଗଙ୍କ ଏହି ଟୁଇଟ୍‌କୁ ବହୁ ସଂଖ୍ୟାରେ ପ୍ରଶଂସକ ପସନ୍ଦ କରୁଛନ୍ତି। କିଛି ପ୍ରଶଂସକ ଏହାକୁ ରିଟୁଇଟ୍ କରି ଲେଖିଛନ୍ତି, ଯବାନମାନେ ଆମ ପାଇଁ ଜୀବନ ଦେଉଛନ୍ତି। ସେମାନଙ୍କ ପ୍ରତି ଆମର ମଧ୍ୟ ଦାୟିତ୍ୱ ରହୁଛି। ଉଲ୍ଲେଖଥାଉ କି, ଫେବୃୟାରୀ ୧୪ ତାରିଖରେ କଶ୍ମୀରର ପୁଲୱାମା ଆକ୍ରମଣରେ ୪୦ ସିଆରପିଏଫ ଯବାନ ଶହୀନ ହୋଇଥିଲେ।

# ଜାତୀୟ ଜୁନିୟର ଖୋଖୋ ପାଇଁ ଓଡ଼ିଶା ଦଳ




ଜାତୀୟ ଜୁନିୟର ଖୋଖୋ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)

ଗୁଜରାଟର ସୁରଟଠାରେ ଜାତୀୟ ଜୁନିୟର ଖୋଖୋର ୩୯ତମ ସଂସ୍କରଣଚଳିତମାସ ୧୯ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ଦଳ ଗୁରୁବାର ସୁରଟ ଯାତ୍ରା କରିଛି।

**ବାଳିକା ଦଳ:** ପୁଷ୍ପା ମାରାଣ୍ଡି, ସବ୍‌ନମ୍ ଖାତୁନ, ଆଶା ମାରାଣ୍ଡି, ପ୍ରତିମା ଦେ, ରୂପାଲି ପ୍ରଧାନ, ଅନନ୍ୟା ପ୍ରଧାନ, ଶିବାନୀ ଗମାଙ୍ଗୋ, ଶୁଭଶ୍ରୀ ସିଂ, ରଞ୍ଜିତା ବାରିକ, ଅର୍ଚ୍ଚନା ମାଝୀ, କାଦମ୍ବିନୀ ମାଝୀ, ମୋନିକା ନାୟକ।
**କୋଚ୍:** ମଳୟ ରଞ୍ଜନ ବେହେରା,
**ମ୍ୟାନେଜର:** କୁନ୍‌ମୁନ୍ ବେହେରା।

**ବାଳକ ଦଳ:** ଦିବ୍ୟରଞ୍ଜନ ସିଂ, ଦୀପକ ସିଂ, ସଞ୍ଜୟ ମଣ୍ଡଳ, ବଳଭଦ୍ର ମୁର୍ମୁ, ଅର୍ଜୁନ ସିଂ, କରନ ମାରାଣ୍ଡି, ଜଗନ୍ନାଥ ମାଝୀ, ସଞ୍ଜିତ ଚାଟମ୍ବା, ପୃଥ୍ୱୀରାଜ ବାରିକ, ପି. ଦୀଲେଶ୍ ରେଡ୍ଡୀ, ପାବନୀ ଶବର, ଶାନ୍ତନୁ ସାମନ୍ତରାୟ।
**କୋଚ୍:** ଗୋବିନ୍ଦ ବେହେରା।



"ପାକିସ୍ତାନ ସହିତ ଦ୍ୱିପାକ୍ଷିକ କ୍ରିକେଟ ସମ୍ପର୍କ ପୁନଃସ୍ଥାପନ ପାଇଁ ଦୁଇ ଦେଶର ପ୍ରଧାନମନ୍ତ୍ରୀଙ୍କ ଅନୁମୋଦନ ଆବଶ୍ୟକ ।
-ସୌରଭ ଗାଙ୍ଗୁଲି, ବିସିସିଆଇର ଭାବି ସଭାପତି



"ଭାରତର ବର୍ତ୍ତମାନ ପେସ୍ ଆକ୍ରମଣକୁ ଲକ୍ଷ୍ୟ କଲେ ଅଶୀ ଓ ନବେ ଦଶକରେ ୱେଷ୍ଟଇଣ୍ଡିଜର ଦୁର୍ଦ୍ଧର୍ଷ ବୋଲିଂ କଥା ମନେ ପଡ଼ିଯାଉଛି ।
-ବ୍ରାଏନ ଲାରା, ୱେଷ୍ଟଇଣ୍ଡିଜର ମହାନ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଅଷ୍ଟ୍ରେଲିଆ ଟୁର୍: ମାଲିଙ୍ଗାଙ୍କ ପ୍ରତ୍ୟାବର୍ତ୍ତନ



କଲମ୍ବୋ, ୧୭।୧୦: ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଲାଗି ଗୁରୁବାର ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଦଳକୁ ବରିଷ୍ଠ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ପ୍ରତ୍ୟାବର୍ତ୍ତନ କରିଥିବାବେଳେ ତାଙ୍କୁ ୧୬ ଜଣିଆ ଦଳର ନେତୃତ୍ୱ ମଧ ପ୍ରଦାନ କରାଯାଇଛି। ନିକଟରେ ଶ୍ରୀଲଙ୍କାର ବହୁପ୍ରତୀକ୍ଷିତ ପାକିସ୍ତାନ ଗସ୍ତରୁ ମାଲିଙ୍ଗା ସୁରକ୍ଷାଜନିତ କାରଣ ଲାଗି ଓହରି ଯାଇଥିଲେ। ସେହିଭଳି ପାକିସ୍ତାନ ଗସ୍ତରୁ ଓହରି ଯାଇଥିବା କୁସଲ ପେରେରା ଓ ନିରୋଶାନ ଡିକ୍‌ୱେଲାଙ୍କୁ ମଧ ଏହି ଦଳରେ ସାମିଲ କରାଯାଇଛି। ଟି୨୦ ସିରିଜର ଓପନିଂ ମ୍ୟାଚ୍ ଅକ୍ଟୋବର ୨୭ରେ ଆଡିଲେଡ୍ ଓଭାଲରେ ଖେଳାଯିବ। ଏହାପରେ ଅକ୍ଟୋବର ୩୦ ଓ ନଭେମ୍ବର ୧ରେ ୨ୟ ଓ ୩ୟ ଟି୨୦ ଯଥାକ୍ରମେ ବ୍ରିସବେନ ଓ ମେଲବୋର୍ନରେ ଅନୁଷ୍ଠିତ ହେବ।

**ଶ୍ରୀଲଙ୍କା ଦଳ:** ଲସିଥ୍ ମାଲିଙ୍ଗା (ଅଧିନାୟକ), କୁସଲ ପେରେରା, କୁସଲ ମେଣ୍ଡିସ, ଦନୁଷ୍କା ଗୁଣଥିଲକ, ଅଭିଷ୍କା ଫର୍ନାଣ୍ଡୋ, ନିରୋଶାନ ଡିକ୍‌ୱେଲା, ଦସୁନ ଶନକା, ଶେହାନ ଜୟସୁରିୟା, ଭାନୁକା ରାଜପାକ୍‌ସେ, ଓଶାଡା ଫର୍ନାଣ୍ଡୋ, ୱାନିନ୍ଦୁ ହସରଙ୍ଗା, ଲକ୍ଷଣ ସନ୍ଦାକନ, ନୁୱାନ ପ୍ରଦୀପ, ଲାହିରୁ କୁମାର, ଇସୁରୁ ଉଦାନା ଓ କସୁନ ରଜିଥା।

# ବେଲଜିୟମ ଟୁର୍‌ରୁ ଫାଇଦା ମିଳିଛି: ରିଡ୍

ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)

୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଭାରତୀୟ ହକି ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କ୍ୟାମ୍ପ ଆରମ୍ଭ ହୋଇ ଯାଇଛି। ଭାରତୀୟ ମହିଳା ଓ ପୁରୁଷ ଦଳ ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବେ। ପୁରୁଷ ହକି ଦଳର ପ୍ରତିଦ୍ୱନ୍ଦ୍ୱୀ ହେଉଛି ନିମ୍ନ ର୍‍ୟାଙ୍କ୍‌ପ୍ରାପ୍ତ ରୁଷିଆ। ଭାରତ ଏବେ ଏଫଆଇଏଚ୍ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ଉଭୟ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦଳ ଅଲିମ୍ପିକ୍ସ ଟିକେଟ ହାସଲ ଲକ୍ଷ୍ୟରେ ରହିଛି। ଭାରତୀୟ ଦଳର ପ୍ରଦର୍ଶନରେ ସ୍ଥିରତା ଆସିଛି ଏବଂ କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତି ଠିକ୍ ପଥରେ ଚାଲିଛି ବୋଲି କହିଛନ୍ତି କୋଚ୍ ଗ୍ରାହାମ ରିଡ୍। ଭାରତୀୟ ଦଳ ୨୦୧୯ ଜୁନ୍‌ରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ, ଅଗଷ୍ଟରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସ ୨୦୨୦ ଟେଷ୍ଟ ଇଭେଣ୍ଟରେ ବିଜୟୀ ହୋଇଥିବାବେଳେ ନିକଟରେ ବେଲଜିୟମ ଗସ୍ତରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଜିତିଛି। ଏହି ସିରିଜରେ ବେଲଜିୟମ ଓ ସ୍ପେନକୁ ହରାଇଛି ଭାରତ।

ସମ୍ମାନଜନକ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ଦଳ ଘୋଷଣା ହେବାର ଗୋଟିଏ ଦିନ ପୂର୍ବରୁ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକଟ କରିଛନ୍ତି ରିଡ୍। ଯେଉଁ ଲକ୍ଷ୍ୟ ନେଇ ଦଳ ବେଲ୍‌ଜିୟମ ଗସ୍ତ କରିଥିଲା ତାହା



ଖେଳାଳିଙ୍କ ସହ ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍।

- ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପୂର୍ବରୁ ପ୍ରଦର୍ଶନରେ ସ୍ଥିରତା ଆସିଛି
- ମୋମେଣ୍ଟମ ବଜାୟ ଉପରେ ଫୋକସ୍

ସଫଳ ହୋଇଛି। ଏବେ ଖେଳାଳିମାନେ କେବଳ ମୋମେଣ୍ଟମ ବଜାୟ ରଖିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। "ବେଲଜିୟମ ଟୁର୍‌ରେ ଆମେ ବିଭିନ୍ନ ରଣନୀତିରେ ଖେଳି ସଫଳ ହୋଇଛୁ। ଯେଉଁ କେତୋଟି ବିଭାଗ ଉପରେ କାମ କରିବାର ଅଛି ତାହାକୁ ଆମେ ଆଗାମୀ ୨ ସପ୍ତାହ ମଧ୍ୟରେ କ୍ୟାମ୍ପରେ ସମାଧାନ କରିବୁ। ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଆମେ ପାଖାପାଖି ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛୁ। ଦଳ ଭଲ ଖେଳୁଥିବାବେଳେ ସେମାନଙ୍କ ଭୂମିକା କ'ଣ ତାହାକୁ ପିଲାମାନେ ଭଲଭାବେ ବୁଝିଛନ୍ତି। ବିଶେଷ କରି ବେଲଜିୟମ ଗସ୍ତରେ ଆମକୁ ଅନେକ ଫାଇଦା ମିଳିଛି। କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତି ଶିବିରରେ ଆମେ ବେଲଜିୟମ ଟୁର୍‌ର ଅନୁଶୀଳନ କରୁଛୁ। ଏବେ ଆମକୁ କେବଳ ଠିକ୍ ପଥରେ କାମ କରିବାର ଅଛି" ବୋଲି ରିଡ୍ କହିଛନ୍ତି। ଭାରତୀୟ ଦଳ ବେଲଜିୟମ ଟୁର୍‌ରେ ଶତପ୍ରତିଶତ ରେକର୍ଡ ବଜାୟ ରଖିଥିଲା। ପ୍ରଦର୍ଶନରେ ସ୍ଥିରତା ଯୋଗୁ ତାହା ସମ୍ଭବ ହୋଇଥିଲା ବୋଲି ଅନୁଭବ କରୁଛନ୍ତି ରିଡ୍। ଏପରିକି ଗତ ବିଶ୍ୱକପ ଅପେକ୍ଷା ଭାରତୀୟ ଦଳର ରନିଂ, ପ୍ରଚେଷ୍ଟା, ପ୍ରଗାଢ଼ତା, ସ୍ପିଡ ଆଦି ବହୁ ଉପରେ ରହିଛି ବୋଲି ସେ ଜୋର୍‌ଦେଇ କହିଛନ୍ତି।

ଦୀର୍ଘଦିନ ଧରି ଆହତ ସମସ୍ୟାରେ ଥିବା ଖେଳାଳି ବେଲଜିୟମ ଟୁର୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦକ୍ଷ ଖେଳାଳିମାନେ ଦଳକୁ ଫେରିବା ଭଲ କଥା। ପ୍ରତ୍ୟାବର୍ତ୍ତନରେ ସେମାନେ ବେଲଜିୟମ ଏବଂ ସ୍ପେନ୍ ପରି ଦଳ ବିପକ୍ଷରେ ଖେଳି ସ୍ଥିରତା ବଜାୟ ରଖିବା ମଧ ବଡ଼ କଥା। ମୁଁ ସେମାନଙ୍କ ପ୍ରଦର୍ଶନକୁ ନିକଟରୁ ଦେଖିବା ସୁଯୋଗ ପାଇଲି। ଏବେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପାଇଁ ୧୮ ଜଣିଆ ଦଳ ଚୟନ କରିବା ସମୟ ଆସି ଯାଇଛି ବୋଲି ୨୦୧୯ ଏପ୍ରିଲରେ ଭାରତୀୟ ହକି ଦଳର ମୁଖ୍ୟ କୋଚ୍‌ଦାୟିତ୍ୱ ଗ୍ରହଣ କରିଥିବା ରିଡ୍ ପ୍ରକାଶ କରିଛନ୍ତି। କ୍ୱାଲିଫାୟର୍ସରେ ପ୍ରତିଦ୍ୱନ୍ଦ୍ୱୀ ରୁଷିଆ ଦଳକୁ ବେଶ୍ ଗୁରୁତ୍ୱ ଦେଉଛନ୍ତି ରିଡ୍। ଏହି ଦଳ ସୁଯୋଗର ସଦ୍‌ବ୍ୟବହାର ଅପେକ୍ଷାରେ ଥାଏ। ବଲ୍‌କୁ ନିଜ ପାଖରେ ରଖିବା, ପାସ୍ ଦେବାରେ ଏହି ଦଳର ଖେଳାଳିମାନେ ଦକ୍ଷ। ସେମାନଙ୍କ ନିକଟରୁ ବଲ୍ ଛଡ଼ାଇ ଆଣିବା ସହଜ ହୋଇ ନ ଥାଏ। ତେଣୁ ଆମର ପ୍ରତି ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ଦେଇ ପାରିଲେ ଯାଇ ଆମେ ରୁଷିଆକୁ ଅଟକାଇ ପାରିବୁ। ପ୍ରତିଦ୍ୱନ୍ଦ୍ୱୀ କିଏ ତାହା ଦେଖିବା ଅପେକ୍ଷା ସବୁବେଳେ ନିଜର ଶ୍ରେଷ୍ଠତ୍ୱକୁ ଦେଖାଇବା ଆବଶ୍ୟକ ହୋଇଥାଏ। ରୁଷିଆ ବିପକ୍ଷରେ କୋହଳ ମନୋଭାବର ପ୍ରଶ୍ନ ଉଠୁନାହିଁ। ଆମେ ପେସାଦାର ଭାବେ ପ୍ରତିପକ୍ଷ ଦଳକୁ ସମ୍ମାନ ଦେଇ ଆଗାମୀ ମ୍ୟାଚ ଦୁଇଟି ଖେଳିବୁ ବୋଲି ରିଡ୍ କହିଛନ୍ତି।

## ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି

### ଭାରତୀୟ ଦଳ ଘୋଷଣା ଆଜି

ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ମ୍ୟାଚ ପାଇଁ ଶୁକ୍ରବାର ଭାରତୀୟ ଦଳ(ମହିଳା, ପୁରୁଷ) ଘୋଷଣା କରାଯିବ। ଭାରତୀୟ ପୁରୁଷ ଦଳ ରୁଷିଆକୁ ଭେଟିବାକୁ ଯାଉଥିବାବେଳେ ମହିଳା ଦଳ ଆମେରିକା ବିପକ୍ଷରେ ମୁକାବିଲା କରିବ। ଉଭୟ ଭାରତୀୟ ମହିଳା ଓ ପୁରୁଷ ଦଳର କ୍ୟାମ୍ପ କଳିଙ୍ଗ ଷ୍ଟାଡିୟମରେ ଚାଲିଛି। ପୁରୁଷ ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ଏବଂ ମହିଳା ଦଳର ମୁଖ୍ୟ କୋଚ୍ ଜୋର୍ଡ ମାରିଜନେଙ୍କ ଉପରେ ୧୮ ଜଣିଆ ଦଳ ମନୋନୟନ କରିବାର ଗୁରୁଦାୟିତ୍ୱ। କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିବା ଖେଳାଳିଙ୍କ ମଧ୍ୟରେ ପୁରୁଷ ଦଳରେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ଏବଂ ମହିଳା ଦଳରେ ଦୀପ୍ ଗ୍ରେସ୍ ଏକ୍କା, ଲିଲିମା ମିଞ୍ଜ ଓ ନମିତା ଟପ୍ପୋ ରହିଛନ୍ତି। ନିକଟ ଅତୀତର ପ୍ରଦର୍ଶନ ଭିତ୍ତିରେ ୫ ଜଣ ଯାକ ଖେଳାଳି ଦଳରେ ସ୍ଥାନ ବଜାୟ ରଖିବା ଆଶା କରାଯାଉଛି।

# ବିଡ୍ ଦାଖଲ କଲା ଭାରତ

## ୨୦୨୩ ହକି ବିଶ୍ୱକପ୍ ଆୟୋଜନ

ଲାଉସେନ,୧୭।୧୦(ପି.ଟି.)

୨୦୨୩ରେ ଆୟୋଜନ ହେବାକୁଥିବା ହକି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ଆୟୋଜନ କରିବାକୁ ଭାରତ ଦାବି ଉପସ୍ଥାପନା କରିଛି। ଭାରତ ସମେତ ୩ଟି ଦେଶ ଏ ନେଇ ବିଡ୍ ଦାଖଲ କରିଛନ୍ତି ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସୂଚନା ଦେଇଛି। ପୂର୍ବରୁ ଭାରତ ୩ଥର ହକି ବିଶ୍ୱକପ୍ ବେଶ୍ ସଫଳତାର ସହ ଆୟୋଜନ କରିଛି। ପୁଣିଥରେ ଭାରତ ୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ମଧ୍ୟରେ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଛି।

ବିଡ୍ ଦାଖଲ କରିଥିବା ଅନ୍ୟ ଦୁଇ ଦେଶ ହେଲେ ବେଲଜିୟମ ଓ ମାଲେସିଆ। ଭାରତ ସମେତ ଏହି ଦୁଇ ଦେଶ ବିଡିଂ ଡୋଜିୟର ବା ଦସ୍ତାବିଜ୍ ଏଫ୍‌ଆଇଏଚ୍ ନିକଟକୁ ପଠାଇଛି। ତେବେ ଏହି ବିଶ୍ୱକପ୍‌କୁ ୨୦୨୨ ଜୁଲାଇ ୧ରୁ ୧୭ ତାରିଖ ମଧ୍ୟରେ ଆୟୋଜନ କରିବାକୁ ଅଗ୍ରାଧିକାର ଦେଇଛନ୍ତି।

ଅନ୍ୟପଟେ ମହିଳା ବିଶ୍ୱକପ୍ ଆୟୋଜନ ପାଇଁ ୫ଟି ଦେଶ ବିଡ୍ ଦାଖଲ କରିଛନ୍ତି। ଜର୍ମାନୀ, ସ୍ପେନ ଓ ନେଦରଲାଣ୍ଡ୍ସ ଏହି ମେଗା ଇଭେଣ୍ଟକୁ ୨୦୨୨ ଜୁଲାଇ ୧ରୁ ୧୭ ତାରିଖରେ ମଧ୍ୟରେ ଆୟୋଜନ କରିବାକୁ ଇଚ୍ଛା ଜାହିର କରିଛନ୍ତି। ସେହିପରି ମାଲେସିଆ ଓ ନ୍ୟୁଜିଲାଣ୍ଡ ଏହି ଟୁର୍ନାମେଣ୍ଟ ୨୦୨୩ ଜାନୁୟାରୀ ୧୩ରୁ ୨୯ ତାରିଖ ମଧ ଆୟୋଜନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବିଶ୍ୱକପ୍ ଆୟୋଜନ କରିବାକୁ ବହୁ ଦେଶ ଓ ଫେଡେରେଶନ ଇଚ୍ଛା ପ୍ରକାଶ କରିବା ଖୁସିର କଥା ଓ ଏହା ଦ୍ୱାରା ହକିର ଆହୁରି ପ୍ରଚାର ଓ ପ୍ରସାର ହେବ ବୋଲି ଏଫ୍‌ଆଇଏଚ୍ ସିଇଓ ଥିଏରି ୱେଲ କହିଛନ୍ତି।

ଏଫ୍‌ଆଇଏଚ୍ ଟାକ୍ସ ଫୋର୍ସ ଏ ସଂକ୍ରାନ୍ତରେ ନଭେମ୍ବର ୬ ତାରିଖରେ ବୈଠକ ବସିବ ଓ ବିଡ୍ ଦାଖଲ କରିଥିବା ଦେଶଗୁଡ଼ିକର ଦସ୍ତାବିଜର ପରୀକ୍ଷା କରିବ। ଏହାପରେ କାର୍ଯ୍ୟନିର୍ବାହୀ ବୋର୍ଡ (ଇବି) ଅନୁମୋଦନ ପାଇଁ ଏହାକୁ ପଠାଯିବ। ନଭେମ୍ବର ୮ ତାରିଖରେ ଏଠାରେ ଏକ ବୈଠକରେ ବସି ଇବି ପୁରୁଷ ଓ ମହିଳା ବିଶ୍ୱକପ୍ ଆୟୋଜନ ସଂକ୍ରାନ୍ତରେ ଅନ୍ତିମ ନିଷ୍ପତ୍ତି ନେବ।

# ବିଜୟ ହଜାରେ ଟ୍ରଫି: କ୍ୱାର୍ଟର ଫାଇନାଲରେ ପୁଡୁଚେରୀ

ଡେରାଡୁନ,୧୭।୧୦(ପି.ଟି.)

ବିଜୟ ହଜାରେ ଟ୍ରଫିରେ ପୁଡୁଚେରୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ପୁଡୁଚେରୀ ୫ ଉଇକେଟରେ ଆସାମକୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛି। ଟସ୍ ଜିତି ପୁଡୁଚେରୀ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଆସାମ ୩୭.୧ ଓଭରରେ ୧୧୫ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଓପନର ପଲ୍ଲବ କୁମାର ଦାସ ୨୭, ଅଧିନାୟକ ଶିବଶଙ୍କର ରଏ ୨୪, ସ୍ୱରୂପମ ପୁରୁକାୟସ୍ଥ ୧୪, ଗୋକୁଳ ଶର୍ମା ୧୯ ରନ କରିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ପୁଡୁଚେରୀ ତରଫରୁ ଅଶିଷ୍ଠ ରାଜୀବ ସର୍ବାଧିକ ୪, ସୁରେଶ କୁମାର ଓ ସାଗର ଉଡେଶୀ ଦୁଇଟି ଲେଖାଏ, ଫାବିଦ ଅହମ୍ମଦ ଓ ସାଗର ତ୍ରିବେଦୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଜବାବରେ ପୁଡୁଚେରୀ ବ୍ୟାଟିଂ ଆରମ୍ଭ କରି ୨୨ ଓଭରରେ ୫ ଉଇକେଟ ହରାଇ ୧୧୬ ରନ କରି ବିଜୟୀ ହୋଇଛି। ପାରସ ଡୋଗ୍ରା ୪୪ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ କାର୍ତ୍ତିକ ୧୫, ବିନୟ କୁମାର ୧୭, ଏସ୍. କାର୍ତ୍ତିକ ୧୦ ରନକରି ଆଉଟ ହୋଇଥିଲେ। ସୁରେଶ କୁମାର ୧୪ ଓ ଭି. ମାରିମୁଥୁ ୫ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଆସାମ ତରଫରୁ ପ୍ରୀତମ ଦାସ ୨, ଅରୂପ ଦାସ, ଆବୁ ନେଚିମ, ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ମନେ ପଡ଼ନ୍ତି
ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ଂ ରମା ବେବର୍ତ୍ତା
(ମଞ୍ଚେଶ୍ୱର ,ଭୁବନେଶ୍ୱର)
ତିରୋଧାନ- ୦୮-୧୦-୨୦୧୯
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ଶଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକ ସନ୍ତପ୍ତ : ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବନ୍ଧୁ ଓ ପରିବାର ବର୍ଗ।
ଧ-୬୩୭୫

# ଓଡ଼ିଶାରେ ଗ୍ରାଣ୍ଡମାଷ୍ଟର କୋଚିଂ କ୍ୟାମ୍ପ

- କୋଚିଂ ଦେବେ ଚିଲି ଗ୍ରାଣ୍ଡମାଷ୍ଟର ରୋଡ୍ରିଗୋ ଭାସ୍କେଜ ସ୍କୋର୍ଡର
- ତିନି ପର୍ଯ୍ୟାୟରେ କୋଚ୍ ଓ ଖେଳାଳିଙ୍କୁ କୋଚିଂ ଦିଆଯିବ

ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟର ଖେଳାଳି ଓ କୋଚ୍‌ଙ୍କ ପାଇଁ ଏକ କୋଚିଂ କ୍ୟାମ୍ପ ଚଳିତମାସ ୧୮ରୁ ୨୫ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ। କ୍ୟାମ୍ପରେ କୋଚିଂ ଦେବାପାଇଁ ଚିଲି ଗ୍ରାଣ୍ଡମାଷ୍ଟର ରୋଡ୍ରିଗୋ ଭାସ୍କେଜ ସ୍କୋର୍ଡର ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରୋଡ୍ରିଗୋ ୭ ଥର ଚେସ୍ ଅଲିମ୍ପିଆଡ୍‌ରେ ଅଂଶଗ୍ରହଣ କରିଛନ୍ତି ଏବଂ ୫ ଥର ଚିଲିକୁ ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ବିଶେଷ କୋଚିଂ ଷ୍ଟାଇଲ୍ ଯୋଗୁ ଚେସ୍ ମହଲରେ ତାଙ୍କର ବହୁତ ସମ୍ମାନ ରହିଛି। ଗ୍ରାଣ୍ଡମାଷ୍ଟର ରୋଡ୍ରିଗୋ ନିକଟରେ ଭାରତରେ ୩ଟି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ସେ ଉଦୟପୁରରେ ଲେକ୍ ସିଟି ଓପନର ର୍‍ୟାପିଡ୍ ଓ ବ୍ଲିଜ୍‌ରେ ଚାମ୍ପିୟନ ହୋଇଥିବାବେଳେ ଗୁଜରାଟ ଓପନ ଗ୍ରାଣ୍ଡମାଷ୍ଟର ଚେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଗୁଆହାଟୀ ଓପନରେ ସେ ଚାମ୍ପିୟନ ହୋଇଥିଲେ। କାର୍ଯ୍ୟସୂଚୀ ଅନୁସାରେ ରୋଡ୍ରିଗୋ ଓଡ଼ିଶା କୋଚ୍‌ମାନଙ୍କୁ ୧୮ ଓ ୧୯ ତାରିଖରେ ସକାଳ ୧୦ଟାରୁ ୧ଟା ଏବଂ ଅପରାହ୍ନ ୩ଟାରୁ ୬ଟା ପର୍ଯ୍ୟନ୍ତ କୋଚିଂ ଦେବେ। ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ସେ ୧୫୦୦ରୁ ଊର୍ଦ୍ଧ୍ୱ ରେଟିଂ ଖେଳାଳିଙ୍କୁ ଏବଂ ୨୩ରୁ ୨୫ ପର୍ଯ୍ୟନ୍ତ ୧୫୦୦ରୁ କମ୍ ରେଟିଂ ପ୍ରାପ୍ତ ଖେଳାଳିଙ୍କୁ କୋଚିଂ ଦେବେ।



ରୋଡ୍ରିଗୋ ଭାସ୍କେଜ ସ୍କୋର୍ଡର

# ପ୍ରତିଭା ଅନ୍ୱେଷଣ, ଦୌଡ଼କୁଦ ଉଦ୍‌ଯାପିତ



ପଦକ ଓ ପ୍ରମାଣପତ୍ର ସହ କିସ୍ ଦଳ।

ଭୁବନେଶ୍ୱର, ୧୭।୧୦(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ଏବଂ ଦୌଡ଼କୁଦ ପ୍ରତିଯୋଗିତା ଗୁରୁବାର ଶେଷ ହୋଇଛି। ୩ ଦିନଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିସ୍ ଦଳ ଓଭରଅଲ୍ ଚାମ୍ପିୟନ ହୋଇଛି। ସୈନିକ ସ୍କୁଲ, ୟୁନିଟ-୯ ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗଡ଼, ନୟାଗଡ଼ର ଖେଳାଳିମାନେ ମଧ ଏଥିରେ ଭଲ ପ୍ରଦର୍ଶନ କରିଛନ୍ତି।

# କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ନୂଆଦିଲ୍ଲୀ, ୧୭।୧୦

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର କ୍ୱାର୍ଟର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଘରୋଇ କର୍ଣ୍ଣାଟକ ଓ ପୁଡୁଚେରୀ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅକ୍ଟୋବର ୨୦ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ସେହିଦିନ ଦିଲ୍ଲୀ ଓ ଗୁଜରାଟ ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ବେଙ୍ଗାଲୁରୁସ୍ଥିତ ଜଷ୍ଟ କ୍ରିକେଟ୍ ଏକାଡେମୀ ଅନୁଷ୍ଠିତ ହେବ। ଅକ୍ଟୋବର ୨୧ରେ ପଞ୍ଜାବ ଓ ତାମିଲନାଡୁ ଏବଂ ଛତିଶଗଡ଼ ଓ ମୁମ୍ବାଇ ମଧ୍ୟରେ ଯଥାକ୍ରମେ ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ଯଥାକ୍ରମେ ଆଲୁର ଓ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୨୩ରେ ଦୁଇଟିଯାକ ସେମିଫାଇନାଲ ଏବଂ ଅକ୍ଟୋବର ୨୫ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ମଧ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ଓଡ଼ିଶା ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ମଧ କ୍ୱାର୍ଟର ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ୩ଟି ଲେଖାଏ ବିଜୟ, ପରାଜୟ ଓ ବିନା ଫଳାଫଳ ସହ ୧୮ ପଏଣ୍ଟ ପାଇଥିଲା।

# ସୋଏବ ମଲିକ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଖେଳିବେ

ଜୋହାନ୍ସବର୍ଗ, ୧୭।୧୦(ଏଏଫ୍‌ପି)

ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍ ଏମ୍‌ଜାନ୍ସି ସୁପର ଲିଗ୍ ଟି୨୦ ଟୁର୍ନାମେଣ୍ଟରେ ପାକିସ୍ତାନ ଅଲରାଉଣ୍ଡର ସୋଏବ ମଲିକ ଯୋଗ ଦେବେ। ସେ ଜୋହାନ୍ସବର୍ଗ ସହରର ଜୋଜି ଷ୍ଟାର୍ସ ତରଫରୁ ଲିଗ୍ ପର୍ଯ୍ୟାୟରେ ଖେଳିବେ। ଲିଗ୍‌ର ୧୦ଟି ମ୍ୟାଚ୍ ଖେଳିବା ପରେ ୱେଷ୍ଟଇଣ୍ଡିଜ୍ ତାରକା କ୍ରିସ୍ ଗେଲ ବିଦାୟ ନେବେ। ତାଙ୍କ ସ୍ଥାନରେ ମଲିକ ଦଳରେ ଯୋଗ ଦେବେ। ଗତ ସଂସ୍କରଣରେ ଜୋଜି ଷ୍ଟାର୍ସ ଟାଇଟଲ ହାସଲ କରିଥିଲା। ଏଥର ଏହି ଲିଗ୍ ନଭେମ୍ବର ୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ରେ ଶେଷ ହେବ। ଉଲ୍ଲେଖଥାଉ କି, ୩୭ ବର୍ଷୀୟ ମଲିକ ପାକିସ୍ତାନ ତରଫରୁ ପ୍ରତିନିଧିତ୍ୱ କରି ୩୫ଟି ଟେଷ୍ଟ ଓ ୨୮୭ଟି ଦିନିକିଆ ଓ ୧୧୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

ଜନ୍ମଦିନ ଶୁଭେଚ୍ଛା



ଅନିକେତ ସେଠୀ (ସୁନାବାବା)
ଜଗନ୍ନାଥ ନଗର, ରୋଡ ନଂ-୮, ଭୁବନେଶ୍ୱର
ଆଜି ତୋର ଏହି ପବିତ୍ର ଜନ୍ମ ଦିବସରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପଦ ପଙ୍କଜରେ କୋଟି କୋଟି ପ୍ରାର୍ଥନା, ତୋତେ ଯଶସ୍ୱୀ, ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ। ତୋ ଚଲାପଥ କୁସୁମିତ ହେଉ ଏବଂ ତୋର ଜୀବନ ସୁଖରେ ଭରିଯାଉ।
ଶୁଭେଚ୍ଛା ସହ
ଦୁଇଜଣ ଜେଜେମା', ବଡବାବା, ବଡମାମା, ବାବା, ମାମା, ଭାଇ, ଅଜା, ଆଇ, ମାମୁ, ମାଇଁ ବନ୍ଧୁ ଓ ପରିବାରବର୍ଗ।
ଧ-୧୪୮୧୨

CLASSIFIED DISPLAY






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୧୮ / ୨୦୧୯ Sambalpur, Friday, October 18 / 2019

# ସଂରକ୍ଷିତ ଜଙ୍ଗଲରେ ହାତୀ ଶାବକ ମୃତ

**ନୂଆଗାଁ, ୧୭।୧୦ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବୀରମିତ୍ରପୁର ବନାଞ୍ଚଳ ଅନ୍ତର୍ଗତ ହାତୀବାରୀ ଧୁମାଗୁଡା ନିକଟସ୍ଥ ରାଣୀବଗିଚା ସଂରକ୍ଷିତ ଜଙ୍ଗଲରେ ଗୁରୁବାର ଏକ ହାତୀ ଶାବକର ମୃତ୍ୟୁ ଘଟିଛି। ଖବରପାଇ ବନବିଭାଗ କର୍ମଚାରୀ ହାତୀ ଶାବକର ମୃତଦେହ ଜବତ କରିଛନ୍ତି। ବ୍ୟବଚ୍ଛେଦ ପରେ ହାତୀ ଶାବକକୁ ପୋତାଯିବ ବୋଲି ବନାଞ୍ଚଳ ଅଧିକାରୀ ଆର.କେ. ଦାଶ ପ୍ରକାଶ କରିଛନ୍ତି। ଧୁମାଗୁଡା ନିକଟସ୍ଥ ଜଙ୍ଗଲରେ ୪ଟି ବଣୁଆ ହାତୀ ଦୀର୍ଘ ମାସ ହେବ ରହିଥିଲେ। ସେହି ୪ ହାତୀ ସହିତ ଶାବକ ହାତୀ ଘୁରି ବୁଲୁଥିଲା। ହେଲେ ହାତୀ-ହାତୀ ଲଢ଼େଇ ଯୋଗୁ ଶାବକ ମୃତ୍ୟୁ ଘଟିଥାଇ ପାରେ ବୋଲି ଦାଶ ପ୍ରକାଶ କରିଛନ୍ତି। ସକାଳେ ଖବରପାଇ ବନାଞ୍ଚଳ ଅଧିକାରୀ ଆର.କେ. ଦାଶଙ୍କ ସହ ପାନପୋଷ ଏସିଏଫ୍ (ଅତିରିକ୍ତ ବନସଂରକ୍ଷକ) ପ୍ରତାପ କତପାରି, ବୀରମିତ୍ରପୁର ଫରେଷ୍ଟର ମଧୁସୂଦନ ପଟ୍ଟନାୟକ, ହାତୀବାରି ଫରେଷ୍ଟର ବିଜୟ କାହ୍ଲାର, ରେଞ୍ଜର ନୂତନ କୁମାର ହେମ୍ବ୍ରମ ପ୍ରମୁଖ ଘଟଣା ସ୍ଥଳକୁ ଯାଇଥିଲେ। ହାତୀ ଶାବକର ମୃତ୍ୟୁ ଘଟଣାରେ ରାଉରକେଲା ବନଖଣ୍ଡ ଅଧିକାରୀ (ଡି.ଏଫ୍.ଓ.) କେତେଜଣ ବନକର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବନାଞ୍ଚଳ ଅଧିକାରୀ ଆର.କେ. ଦାଶଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



ବନକର୍ମଚାରୀମାନେ ହାତୀ ଶାବକର ମୃତଦେହ ନିରୀକ୍ଷଣ କରୁଛନ୍ତି।

# ପାଠ୍‌ପଢ଼ାର ବାଟ ଛେକିଛେ ଗରିବୀ | ସରକାରୀ ସାହାଯ୍ୟ ଆଶ୍ରେ ଦିବ୍ୟାଙ୍ଗ ଛାତ୍ର

**ଲାଠୋର, ୧୭।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଁଚେତ୍ ସଦର କଲୋନିପଡ଼ାର ଶଶି ପୁଟେଲଙ୍କର ପୁଓ ଓମକାର ପୁଟେଲ(୧୦)। ସେ ଜନ୍‌ମୁ ଅଁଧ୍ ଆଏ। ହେଲେ ପାଠ୍‌ପଢ଼ାରେ ତାକର ବଡ଼ଭାରି ରୁଚି ରହିଛେ। ଇଅଡ଼େ ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ପୁଓକେ ପାଠ୍‌ପଢ଼ାବାର ଲାଗି ଟଁକା ପଏସାର ଅଭାବ ରହିଛେ। ଏନ୍‌ତାଥି ଓମକାର ଗାଁ ସ୍କୁଲରେ ପଢୁଛନ୍। ହେଲେ ଗାଁ ସ୍କୁଲରେ ତାକର ଭବିଷତ୍‌କେ ନେଇ ପରିବାର ଲୋକ୍ ଚିନ୍ତାରେ ରହିଛନ୍। ସୂଚନା ଅନ୍‌ସାରେ ଲାଠୋର କଲୋନିପଡ଼ାର ଶଶି ପୁଟେଲଙ୍କର ପରିବାର କହେଲେ ମାଏକିନା ଗୋପପୁରୀ, ଝି' ଦୀପାଞ୍ଜଳି ଆର ୩ ପୁଓ ଓମକାର, ଡିଲେଶ୍ୱର, ନରେଶଙ୍କୁ ନେଇ ସଁସାର। ଶଶି ବଛରକ ୬ ମାସ ଚାଷ୍‌ବାସ ଆର ବାକି ୬ ମାସ ଦାଦନ୍ ଯାଇ କୁଟୁମ୍ବ ପୁଷୁଛନ୍। ପୁଓ ଓମକାର ଜନ୍‌ମୁ ଅଁଧ୍ ହେଇଥିଲେ ବି ଶଶି ତାହାକୁ ଭିନେ ଭିନେ ଡାକ୍‌ତରଖାନାରେ ଚିକିଛା କରେଇ ନିରାଶ ହେଇଛନ୍। ମାସିକ ୭ ଶହ ଟଁକା ଦିବ୍ୟାଙ୍ଗ ଭତା ଆର ୧୦ କେ.ଜି. ଚାଉଲକେ ଛାଡ଼ିଦେଲେ ଓମକାର ବାକି କେହେନ୍‌ସି ସରକାରୀ ସୁବିଧା ନାଇଁ ପାଏବାର। ଇ ଗରିବ୍ ପରିବାର ଅଭାବ ଅନାଟନରୁ ଆଏଜ୍‌ତକ ଭଲ ଘରଖଁଡ଼େ ନାଇଁ କରିପାରି। ଏନ୍‌ତାଥି ଇ ଗରିବ ପରିବାର ଗୁଟେ ମାଏଟ୍ ଖପର ଘରେ ଆଶ୍ରେ ନେଇଛନ୍। ଇଆଡ଼େ ଓମକାରର ପାଠ୍‌ପଢ଼ାରେ ରୁଚି ରହିଥିଲେ ବି ଅଭାବ ଅନାଟନ ଲାଗି ପରିବାର ଲୋକ୍ ତାହାକୁ କେହେନ୍‌ସି ଗୁଟେ ଭଲ ସ୍କୁଲରେ ଦାଖଲ କରି ନାଇଁପାରବାର। ଓମକାର ଏହେଦେ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପଢୁଛନ୍। ତାକର ପାଠ୍‌ପଢ଼ବାର ଇଛାକେ ଦେଖି ପରିବାର ଲୋକ୍ ପୁଓକେ କେନ୍‌ଠାନେ, କେନ୍‌ଥେଇ ପଢ଼ାବେ ତାର ବାଟ ନାଇଁପାଏବାର। ଜିଲା ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ଓମକାରକେ କେହେନ୍‌ସି ସରକାରୀ ଅନ୍ଧ, ମୁକ ବଧିର ସ୍କୁଲରେ ପଢ଼ାବାର ବେବସ୍ତା କରବାକେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛେ।



ନିଜର ଦଦ୍‌ରା କୁରିଆ ଆଘେ ଦିବ୍ୟାଙ୍ଗ ଛାତ୍ର ଓମକାର।

# ପୋଖରୀରେ ବୁଡି ରାଜମିସ୍ତ୍ରିଙ୍କ ମୃତ୍ୟୁ

**ସୋର,୧୭।୧୦(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମୁଳିସିଂ ଗ୍ରାମର ଜଣେ ରାଜମିସ୍ତ୍ରି ଗୁରୁବାର ଅପରାହ୍ନରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ରାଜେନ୍ଦ୍ର ସ(୪୦)। ସେ ଅପରାହ୍ନରେ ଘର ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପୋଖରୀରୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ଖବରପାଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର

## ଯବାନଙ୍କ ବିରୋଧରେ ମାମଲା ରୁଜୁ

**ଲହୁଣୀପଡ଼ା, ୧୭।୧୦(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଗଦାପାଲି ଗ୍ରାମରେ ଜଣେ ଆଦିବାସୀ ନାବାଳିକା (୧୭)ଙ୍କୁ ଜଣେ ଯବାନ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଏନେଇ ଗୁରୁବାର ଥାନାରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଯବାନ ଜଣକ ଚାକିରୀ କରିଥିବା ଜମ୍ମୁକୁ ଚାଲିଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବାରକୋଟ ଥାନା ଅନ୍ତର୍ଗତ ମସିନ୍ତା ଗ୍ରାମର ବୀରେନ୍ଦ୍ର ମାସାଡ଼ ଜମ୍ମୁରେ ଯବାନ ଭାବେ କାର୍ଯ୍ୟ କରନ୍ତି। ନାବାଳିକା ଜଣକ ମସିନ୍ତା ଗ୍ରାମରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ବିବାହ କାର୍ଯ୍ୟରେ ଯୋଗଦେବାକୁ ୨ବର୍ଷ ପୂର୍ବେ ଯାଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଏହା ପରେ ବୀରେନ୍ଦ୍ର ନାବାଳିକାଙ୍କୁ ଚାକିରି କରାଇଦେବେ କହି ତାଙ୍କର ସମସ୍ତ ସାର୍ଟିଫିକେଟ ନେଇ ରାଉରକେଲାକୁ ଡାକିଥିଲେ। ସେଠାରେ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ଏକାଧିକବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ନାବାଳିକା ତାଙ୍କୁ ବିବାହ ପାଇଁ କହିବାରୁ ବୀରେନ୍ଦ୍ର ତାଙ୍କୁ ଧମକ ଚମକ ଦେଇ ଜମ୍ମୁକୁ ଚାଲିଯାଇଥିଲେ । ଏହାକୁ ନେଇ ନାବାଳିକା ପରିବାର ଲୋକେ ଗୁରୁବାର ଲହୁଣୀପଡା ଥାନାରେ ଏତଲା ଦେଇଥିବା ଜଣାପଡିଛି।

# ଶାବଳରେ ପିଟି ଯୁବକଙ୍କୁ ହତ୍ୟା

## ରାତି ସାରା ରାସ୍ତାରେ ପଡି ରହିଲା ମୃତଦେହ

**ଲହୁଣିପଡ଼ା, ୧୭।୧୦(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଅନ୍ତର୍ଗତ ରୋଲାଡିହି ଗ୍ରାମରେ ବୁଧବାର ଅପରାହ୍ନରେ ଡ଼ବର ମୁଣ୍ଡା (୪୫) ନାମକ ଜଣେ ଯୁବକଙ୍କୁ ଶାବଳରେ ପିଟିପିଟି ହତ୍ୟା କରାଯାଇଛି। ଗୁରୁବାର ସକାଳେ ଏହି ଘଟଣା ଜଣାପଡିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ନରସିଂହ ମୁଣ୍ଡା ଫେରାର୍ ହୋଇଯାଇଛନ୍ତି। ରୋଲାଡିହି ଗ୍ରାମର ଡ଼ବର ନିଜ ଘରକୁ ଫେରୁଥିବାବେଳେ ସେହି ଗ୍ରାମର ନରସିଂହଙ୍କ ସହିତ କୌଣସି କଥାକୁ ନେଇ ବଚସା ହୋଇଥିଲା। ନରସିଂହ ରାଗିଯାଇ ଶାବଳରେ ଡ଼ବରଙ୍କୁ ନିସ୍ଥୁକ ପିଟି ଥିଲେ। ଡ଼ବର ଲହୁଲୁହାଣ ହୋଇ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତି ତମାମ ମୃତଦେହ ଘଟଣାସ୍ଥଳରେ ପଡ଼ିରହିଥିଲା। ଏ ସମ୍ପର୍କରେ ଗୁରୁବାର ସକାଳେ କେ.ବଲାଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଲହୁଣିପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।




## ଭିଜିଲାନ୍ସ ମାମଲାର ରାୟ ପ୍ରକାଶ

# ପୋଲିସ ଏଏସ୍‌ଆଇ, ଗ୍ରାମରକ୍ଷୀଙ୍କୁ ୨ ବର୍ଷ ଜେଲ, ଜରିମାନା

**ଭବାନୀପାଟଣା,୧୭।୧୦(ଡି.ଏନ.ଏ.)**

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଭିଜିଲାନ୍ସ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଧାନ କୁମାର ଚାନ୍ଦ ଉକ୍ତ ଘଟଣାରେ ପୋଲିସ ଏଏସ୍‌ଆଇ ଓ ଗ୍ରାମରକ୍ଷୀଙ୍କୁ ୨ ବର୍ଷ ଲେଖାଏଁ ଜେଲ ଓ ଜରିମାନା ଦଣ୍ଡରେ କୋର୍ଟ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଲୁହାଗାଁର ଭୈରବ ଜଗତ୍‌ଙ୍କୁ ଗତ ୧୧।୦୬।୨୦୧୭ ତାରିଖରେ ଧର୍ମଗଡ ଥାନା ଏଏସ୍‌ଆଇ ଶିବ ନାରାୟଣ ଦୀପ ଓ ଗ୍ରାମରକ୍ଷୀ ଉମା ଜଗତ୍ ଏକ ଗଣ୍ଡଗୋଳ ଘଟଣାରେ ଗିରଫ କରିଥିଲେ। ତାଙ୍କୁ କୋର୍ଟକୁ ନ ପଠାଇବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଦୀପ୍ ଏବଂ ଜଗତ୍ ଉକ୍ତ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ ଏହି ମାମଲାର ତଦନ୍ତ କରି କୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଗୁରୁବାର ଏହି ମାମଲାର ଶୁଣାଣି କରି ଭବାନୀପାଟଣା ସ୍ୱତନ୍ତ୍ର ଜଜ୍ ଚାନ୍ଦ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏଏସ୍‌ଆଇ ଦୀପଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାମରକ୍ଷୀ ଜଗତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ଲାଞ୍ଚ ନେବା ପାଇଁ ପ୍ରବର୍ତ୍ତାଇ ଥିବା ଓ ଗ୍ରହଣ କରିବା ଅଭିଯୋଗରେ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପ୍ରସିକ୍ୟୁଟର (ଭିଜିଲାନ୍ସ) ଆଶୁତୋଷ ମିଶ୍ର ପରିଚାଳନା କରୁଥିଲେ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ ।
- ମହାତ୍ମାଗାନ୍ଧୀ



## ସଂକ୍ଷେପରେ

### ଲାଦରପାଲିରେ ଗଜଲକ୍ଷ୍ମୀ ପୂଜା

ଜାମଟିକ୍ରା, ୧୭।୧୦ (ଡି.ଏନ.ଏ): ଅତାବିରା ଏନଏସି ଅନ୍ତର୍ଗତ ଲାଦରପାଲିରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଯାଇଛି। ପୂଜା କମିଟି ସଭାପତି ସନ୍ତୋଷ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜା ଚାଲିଥିଲା। ଘଣ୍ଟା, ଶଙ୍ଖ, ହୁଳହୁଳିରେ ପୂଜା ମଣ୍ଡପପ୍ରକମ୍ପିତ ହୋଇ ଉଠିଥିଲା । ପଣ୍ଡିତ ପ୍ରଦୀପ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପ୍ରତାପ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ ଚାରୁଲତା ମହାନ୍ତି ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପ୍ରତ୍ୟେକ ଦିନ ୧୦୮ ଆଳତି ପାଇଁ ମାନସିକଧାରୀଙ୍କ ଭିଡ ଜମିଥିଲା । ନିକଟସ୍ଥ କାଣ୍ଡପାଲି, ରେଙ୍ଗାଲିପାଲି, ଭୁର୍ଷିପାଲି, ଶାନ୍ତିପଡା ଗ୍ରାମର ଭକ୍ତମାନେ ଜୁଗାରଯାତ୍ରା କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ, କୃଷ୍ଣଗୁରୁ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ଚାରି ଦିନ ଧରି ଏହି ପୂଜା ଚାଲିଥିଲା । ବୁଧବାର ମାଁ ଗଜଲକ୍ଷ୍ମୀଙ୍କ ଭସାଣି ଯାତ୍ରା ଶେଷ ହୋଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

ଜାମଟିକ୍ରା, ୧୭।୧୦ (ଡି.ଏନ.ଏ): ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଗାଁର ମହିଳାମାନେ ନିକଟସ୍ଥ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରିବା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ଦିଲୀପ ରଥ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଭୁବନ ପଧାନ ଓ ତାଙ୍କ ସ୍ତ୍ରୀ ଶିଷ୍ଟାବତୀ ପଧାନ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା । ପୂର୍ଣ୍ଣାହୁତି ଦିନ ଗୁଡ଼ିପାଲି ଓ ଲହଣ୍ଡା ଗ୍ରାମର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ । ଶୁଶିଲ ଠାଠା, ମନବୋଧ ଠାଠା, ଦିଲୀପ ମହାକୁର, ସତ୍ୟବାନ ପଲେଇ, ବସନ୍ତ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

### ପରିବହନ ସଚିବଙ୍କୁ ଦାବିପତ୍ର ପ୍ରଦାନ

ଭେଡ଼େନ, ୧୭।୧୦(ଡ଼ି.ଏନ.ଏ): ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ ସଚେତନତା ଜରୁରୀ ଅଟେ । ଏଥିପାଇଁ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ନେତୃତ୍ୱରେ ସ୍କୁଲ ଓ କଲେଜ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏହାସହ ବିଭିନ୍ନ ଥାନା ଓ ଫାଣ୍ଡି ଅଞ୍ଚଳରେ ମଧ ଯାତ୍ରୀମାନଙ୍କୁ ସଚେତନ କରାଯାଉଛି। ଏହି କ୍ରମରେ ଗୁରୁବାର ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ଭୁବନେଶ୍ୱର ସ୍ଥିତ ପରିବହନ ବିଭାଗର ସଚିବ ଜି. ଶ୍ରୀନିବାସ ରାଓଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତାଲିମ ନେଇଥିବା ଯୁବତୀଯୁବକ ମାନଙ୍କୁ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରେ ନିୟୋଜିତ କରାଯିବା, ସ୍ୱେଚ୍ଛାସେବୀ ଭାବେ କାମ କରୁଥିବା ବେକାର ଯୁବତୀଯୁବକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ଆଦି ଦାବି ନେଇ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

■ ଧାରଣାରେ ବସିଥିଲେ ଚିନିକଳ କର୍ମଚାରୀ

# ଉଠାଇ ନେଲା ପୋଲିସ

ବରଗଡ଼ ଅଫିସ/ବିଜେପୁର,୧୭।୧୦

ବରଗଡ଼ ଜିଲା ବିଜେପୁର ବ୍ଲକ ଜାରିଂ ନିକଟ ମାମା ଛକରେ ବିଭନ୍ନ ଦାବି ନେଇ ଧାରଣାରେ ବସିଥିବା ତୋରା ସମବାୟ ଚିନିକଳ କର୍ମଚାରୀଙ୍କୁ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପୋଲିସ ଉଠାଇ ନେଇଥିଲା। ସେମାନଙ୍କୁ ସୋହେଲା ଥାନାରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରଖି ପରେ ପୁଣି ପୋଲିସ ଛାଡ଼ି ଦେଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ କାର୍ଯ୍ୟକ୍ରମ ଚାଲିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା କରି ପୋଲିସ ଚିନିକଳ କର୍ମଚାରୀଙ୍କୁ ସେଠାରୁ ଉଠାଇ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।



ପୋଲିସ ଉଠାଇ ନେବା ପରେ ସୋହେଲା ଥାନାରେ ଚିନିକଳ କର୍ମଚାରୀବୃନ୍ଦ ।

ତୋରା ସମବାୟ ଚିନିକଳ କର୍ମଚାରୀମାନେ ଦୀର୍ଘ ୨୫ମାସ ହେଲା ଦରମା ପାଇ ନାହାନ୍ତି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦରମା ପ୍ରଦାନରେ ଏଭଳି ଅବହେଳା ପ୍ରତିବାଦରେ ଦୀର୍ଘ ୭୩ ଦିନ ଧରି ଧାରଣାରେ ବସିବା ପରେ ସୋହେଲା ଇଚ୍ଛାପାଲିରେ କାଳିଆ ଯୋଜନାକୁ ନେଇ ହୋଇଥିବା ସମାବେଶକୁ ଆସି ମୁଖ୍ୟମନ୍ତ୍ରୀ ଉକ୍ତ ଚିନିକଳ ପାଇଁ ୧୧କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହାର କିଛି ସୁଫଳ ମିଳି ନ ଥିବା ଚିନିକଳ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ଗତ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଚିନିକଳ କର୍ମଚାରୀମାନେ ବରଗଡ଼ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ । ସେହିପରି ବୁଧବାରଠାରୁ ବିଜେପୁର ବ୍ଲକ ଜାରିଂ ନିକଟ ମାମା ଛକରେ ଧାରଣା ଦେଇଥିଲେ। ତେବେ ସେହି ରାସ୍ତାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ଥିବାରୁ ତାଙ୍କୁ ଚିନିକଳ ସମସ୍ୟା ଅବଗତ କରିବା ଆଶା ନେଇ ଗୁରୁବାର କର୍ମଚାରୀମାନେ ଜାରିଂ ମାମା ଛକରେ ଧାରଣାରେ ବସିଥିଲେ। ମାତ୍ର ବିଜେପୁର ବ୍ଲକ ଲାଉମୁଣ୍ଡାରୁ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ପ୍ରଚାର ଆରମ୍ଭ ହେବା ପରେ ପୋଲିସ ମାମା ଛକକୁ ପହଞ୍ଚି ସେଠାରେ ଧାରଣା ଦେଇଥିବା ଚିନିକଳ କର୍ମଚାରୀଙ୍କୁ ସୋହେଲା ଥାନାକୁ ଉଠାଇ ନେଇଥିଲା ।

■ ଧାନ ଫସଲରେ ରୋଗପୋକ

# କ୍ଷୟକ୍ଷତି ଆକଳନ କଲା କୃଷି, ରାଜସ୍ୱ ବିଭାଗ

ଅତାବିରା, ୧୭।୧୦ (ଡି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ପାଚିଲା ଧାନରେ ମାଟିଆ ଗୁଣ୍ଡି ପୋକ ଯୋଗୁ ଧାନ ଫସଲ ବ୍ୟାପକ କ୍ଷତି ହୋଇଛି । ଭେଡେନ ବ୍ଲକ ଦେଶଭଟିଲି ଦେଶଭଟିଲି ଗ୍ରାମର ସନ୍ତୋଷ ଭୋଏଙ୍କ ୨ଏକର ପାଚିଲା ହୀରା ଧାନରେ ଚକଡା ପୋକ ଲାଗିଥିବାରୁ ଗୁରୁବାର ଶ୍ରମିକମାନଙ୍କୁ ଲଗାଇ ଧାନ ଅମଳ ଆରମ୍ଭ କରିଛନ୍ତି । ଚାଷୀ ସନ୍ତୋଷ ଭୋଏଙ୍କ ୨ଏକର ଧାନ ଫସଲର ଶତକଡା ୫୦ ଭାଗରୁ ଅଧିକ ଚକଡା ପୋକ ଯୋଗୁ ନଷ୍ଟ ହୋଇ ଯାଇଥିବାରୁ ସେ ହତାଶ ହୋଇ ପଡିଛନ୍ତି। ବିଭିନ୍ନ କୀଟନାଶକ କମ୍ପାନୀର ଔଷଧ ପ୍ରୟୋଗ କରିଥିଲେ ମଧ କାମକୁ ଆସି ନ ଥିବାରୁ ପରିପକ୍ୱ ଅବସ୍ଥାକୁ ଆସି ନ ଥିବା ଧାନକୁ ବାଧ ହୋଇ ଅମଳ କରୁଥିବା ସନ୍ତୋଷ କହିଛନ୍ତି। ଏଭଳି ଅନେକ ଚାଷୀଙ୍କ ଜମିରେ ରୋଗପୋକ ଉପଦ୍ରବ ଦେଖାଦେଇଛି । ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗୁରୁବାର ଭେଡେନ ବ୍ଲକ ସହକାରୀ କୃଷି ଅଧିକାରୀ ଆନନ୍ଦ ଭୋଇଙ୍କ ନିର୍ଦ୍ଦେଶରେ ମହିଳା କୃଷି ଗ୍ରାମ୍ୟ ସେବକ ସଂଯୁକ୍ତା ଡନସନା, କୃଷକ ସାଥି ଶେଷଦେବ ଦନ୍ତା, ଦେଶଭଟିଲି ରାଜସ୍ୱ ନିରୀକ୍ଷକ ଆର୍. ଲୁହା, ଅଶୋକ ପୋଢ଼ ପ୍ରମୁଖ ଦେଶଭଟିଲି ଗ୍ରାମକୁ ଆସି କ୍ଷୟକ୍ଷତି ଆକଳନ କରିଥିଲେ। ଏ ନେଇ ଭେଡେନ ସହକାରୀ କୃଷି ଅଧିକାରୀ ଆନନ୍ଦ ଭୋଇଙ୍କୁ ପଚରାଯିବାରୁ କ୍ଷୟକ୍ଷତି ଆକଳନ କରିବା ପାଇଁ ଆମ ଷ୍ଟାଫ ଯିବେ ବୋଲି କହିଥିଲେ । ଭେଡେନ ତହସିଲଦାର ସୀମା ସବିତା କୁଲୁଙ୍କୁ ପଚରାଯିବାରୁ କୃଷି ବିଭାଗ ଅଧିକାରୀଙ୍କ ଜଏଣ୍ଟ କ୍ଷୟକ୍ଷତି ଆକଳନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ମହିଳା ଭିଏଡବ୍ଲ୍ୟୁ ଓ ଅନ୍ୟମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି ।

# ପଲଶାଗୋରାରେ ମୁରାସୁର ରାଜ ଶେଷ

କନ୍ଧମାଳ,୧୭।୧୦(ଡି.ଏନ.ଏ)

ବୌଦ୍ଧ ଜିଲା ପଲଶାଗୋରାରେ ଗୁରୁବାର ବିଳମ୍ବିତ ରାତିରେ ମହାପରାକ୍ରମୀ ମୁରାସୁରଙ୍କ ରାଜୁତି ଶେଷ ହୋଇଛି । ସନ୍ଧ୍ୟାରେ ମୁରାସୁରଙ୍କ ନଗର ପରିକ୍ରମା ହୋଇଥିଲା । ନଗର ପରିକ୍ରମା ପରେ ଶେଷ ନୃସିଂହକୁ ହତ୍ୟା କରିବା ପାଇଁ ମୁରାସୁର ମଞ୍ଚରୁ ବଦ୍ରିକା ଆଶ୍ରମରେ ନିଆଁ ଲଗାଇବାକୁ ସୈନ୍ୟମାନଙ୍କୁ ଆଦେଶ ଦେଇଥିଲେ । ବଦ୍ରିକା ଆଶ୍ରମରେ ନିଆଁ ଲଗାଇବା ପରେ ଶେଷ ନୃସିଂହଙ୍କ ସହ ଯୁଦ୍ଧରେ ମୁରାସୁରଙ୍କ ଯୋଦ୍ଧା କଣ୍ଠ, ବିକଣ୍ଠ, ବଜ୍ରବାହୁ, ବୀରବାହୁ ପରାଜିତ ହୋଇ ନିହତ ହୋଇଥିଲେ। ଯୋଦ୍ଧାଗଣ ନିହତ ହେବା ପରେ ନିଜେ ମୁରାସୁର ଯୁଦ୍ଧକୁ ଓହ୍ଲାଇଥିଲେ। ଶେଷ ନୃସିଂହଙ୍କ ସହ ମୁରାସୁରଙ୍କ ଘମାଘୋଟ ଯୁଦ୍ଧ ହୋଇଥିଲା। ଏହି ଯୁଦ୍ଧରେ ପରାଜିତ ହୋଇ ମୁରାସର ନିହତ ହୋଇଥିଲେ। ମଞ୍ଚରେ ହୃଷିକେଶ ଭୋଇଙ୍କ ଶେଷ ଦୃଶ୍ୟ କରୁଣ ଥିଲା । ମୁକ୍ତମଞ୍ଚର ଏହି ନାଟକରେ ମୁରାସୁରଙ୍କ ମୃତ୍ୟୁ ପରେ ୫ ଦିନ ଧରି ଚାଲିଥିବା ରାଜୁତି ଶେଷ ହୋଇ ଅଞ୍ଚଳରେ ଶାନ୍ତି ବିରାଜମାନ କରିଛି ।



ମୁରାସୁର ରାଜ କାର୍ଯ୍ୟକ୍ରମର ଏକ ଦୃଶ୍ୟ ।

■ ପ୍ରଧାନଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ପ୍ରତିବାଦରେ ଶିକ୍ଷକ ସଂଘର ବିକ୍ଷୋଭ

ବିଜେପୁର, ୧୭।୧୦ (ଡି.ଏନ.ଏ)

ବିଜେପୁର ଥାନା ଅନ୍ତର୍ଗତ ବରକାନୀ ୟୁଜିଏମଇ ସ୍କୁଲର ପ୍ରଧାନଶିକ୍ଷକ ଉଦୟ ନାଥ ସାହୁଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବାର ଦୁଇ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଶିକ୍ଷକମାନେ ବିଇଓ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କୁ ସାକ୍ଷାତ କରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତଦନ୍ତକାରୀ ପୋଲିସ ଏଏସଆଇ ଗଙ୍ଗାରାମ ନାୟକ ଦିନେ ଦୁଇ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ପୋଲିସର ସୂଚନାମତେ, ବରକାନୀ ଏମ୍ଇ ସ୍କୁଲର ରୋଷେଇ ଶାଳ ମାଟି ଚୂଲାକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ସୋମବାର ସ୍କୁଲ ଖୋଲିବା ପରେ ପ୍ରଧାନଶିକ୍ଷକ ଏ ନେଇ ସ୍କୁଲ ପରିଚାଳନା କମିଟିକୁ ଖବର ଦେଇଥିଲେ। ଖବର ପାଇ ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହ କିଛି ଲୋକ ସ୍କୁଲରେ ରୁଣ୍ଡ ହୋଇଥିଲେ । ପ୍ରଧାନଶିକ୍ଷକ ଉଦୟ ନାଥ ସାହୁ ଚୁଲାଭଙ୍ଗା ଘଟଣା ନେଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମୟରେ ଗ୍ରାମବାସୀଙ୍କ ମଧ୍ୟରୁ ଜୟ କୁମାର ପୁଟେଲ କୌଣସି କାରଣରୁ ରାଗି ଯାଇ ପ୍ରଧାନଶିକ୍ଷକଙ୍କ ସହିତ ବଚସା କରିଥିଲେ । ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ହସ୍ତକ୍ଷେପ ପରେ ଘଟଣା ଶାନ୍ତ ହୋଇଥିଲା । ବିଦ୍ୟାଳୟ ଛୁଟି ପରେ ପ୍ରଧାନଶିକ୍ଷକ ସାହୁ ବାଇକ ଯୋଗେ ନିଜ ଗ୍ରାମ ମହବେର୍ଣ୍ଣାକୁ ଫେରୁଥିଲେ। ବରକାନୀ-ମହବେର୍ଣ୍ଣାର ନିଛାଟିଆ ରାସ୍ତାରେ ଜୟ ଠେଙ୍ଗାରେ ପ୍ରଧାନଶିକ୍ଷକ ସାହୁଙ୍କୁ ମରଣାତ୍ମକ ଆକ୍ରମଣ କରିଥିଲେ। ଉକ୍ତ ବାଟଦେଇ କିଛି ଲୋକ ଆସିଯିବାରୁ ଜୟ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ବାଟୋଇମାନେ ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ପରେ ପ୍ରଧାନଶିକ୍ଷକ ବିଜେପୁର ଥାନାରେ ଲିଖିତ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୧୯୨/୧୯) ରୁଜୁ କରି ତଦନ୍ତ କରୁଛି ।

# ୨୧ରୁ ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

କନ୍ଧମାଳ,୧୭।୧୦(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ସଦର ଟାଉନହଲରେ ଭାଜପା ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି କନ୍ଧମାଳରେ ହେବାକୁ ଥିବା ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରାର ଆୟୋଜନକୁ ନେଇ ଦଳୀୟ ଆଲୋଚନା ହୋଇଥିଲା । ୨୧ତାରିଖ ସକାଳ ୧୦ଟା ସମୟରୁ ଏହି ଜନସମ୍ପର୍କ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଆରମ୍ଭ ହେବ । ଏହିପଦଯାତ୍ରା ସମୟରେ ସମସ୍ତ ଗାଁ ବୁଲି ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ ପୂର୍ବକ ଅଞ୍ଚଳର ସମସ୍ୟା ଅନୁଧ୍ୟାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗ ସୂଚନା ଦେଇଥିଲେ। ବୈଠକରେ ଜିଲା ଭାଜପା ସାଧାରଣ ସମ୍ପାଦକ ଚିତ୍ତ ରଞ୍ଜନ ପାତ୍ର, ଜିଲା ଉପ ସଭାପତି ବିନାୟକ କ୍ଷେତି, ମଣ୍ଡଳ ସଭାପତି ଅନୀଲ କୁମାର ପ୍ରଧାନ, ପିନାକ ରଣା, ଯୁବ ନେତା ଅଟଳ ପ୍ରଧାନ, ଠାକୁର ନାଏକ, ଗୋଲକ ନାଏକ, ଦାମୋଦର ବେହେରା, ଆଦିବାସୀ ନେତା ଡମ୍ବରୁଧର କଅଁରଙ୍କ ସମେତ ଅନ୍ୟ ଭାଜପା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଶାଳାସିଦ୍ଧି ତାଲିମ ଶିବିର

ପାଇକମାଳ, ୧୭।୧୦ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକସ୍ତରୀୟ ଶାଳାସିଦ୍ଧି ତାଲିମ ଶିବିର ଏସଏସଡି ହାଇସ୍କୁଲ ନୃସିଂହନାଥଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଓ ଚୂଡାମଣି ବାରିକ ସଭାପତିତ୍ୱ କରିଥିଲେ । ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ୧୨୭ଜଣ ପ୍ରଧାନଶିକ୍ଷକ ତାଲିମ ଗ୍ରହଣ କରିଥିଲେ। ପାଇକମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ଚାରୁଚରଣ ମହାନ୍ତି, ନୃସିଂହନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାୟକ ଶିବିରାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ୨୦୧୯-୨୦ ଶିକ୍ଷାବର୍ଷର ଛାତ୍ରୀଛାତ୍ର ସଂଖ୍ୟା ସମେତ ୨୦୧୮-୧୯ର ବିଦ୍ୟାଳୟ ଡାଟା ୱେବସାଇଟରେ ଅପଲୋଡ କରାଯିବା ପାଇଁ ତାଲିମ ଦାତାମାନେ ପରାମର୍ଶ ଦେଇଥିଲେ। ଏବିଇଓ ସୁରେନ୍ଦ୍ର ପୁରୋହିତ, କୁବେର ରଣା ମଞ୍ଚାସୀନ ଥିବାବେଳେ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।





ଶାଳାସିଦ୍ଧି ତାଲିମ ଶିବିରରେ ମଞ୍ଚାସୀନ ଅତିଥି ଓ ଶିବିରାର୍ଥୀ ।

# ମଉଲିକ ସୁବିଧାରୁ ବଁଚିତ୍ ରାଧାପଡ଼ାବାସୀ

ଅତାବିରା, ୧୭।୧୦(ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଗାଁଗଁଲିନୁ ସହରତକ୍ ବାସ କରୁଥିବାର ଗରିବ୍‌ଦୁଖିକର ଲାଗି ଅବାସ ଯୋଜନାରେ ଘର, ଭୂମିହୀନମାନଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ, ବୁଢ଼ାବୁଢ଼ିକୁ ଭତା, ସମକର ଲାଗି ନିରମଲ ପିଇଲା ପାଏନ୍‌ର ବେବସ୍ତା କରୁଛନ୍। ହେଲେ ଦୁଖର କଥା ଆଏଜ୍ ବି ଆମର ରାଏଜେ ଏନ୍ତା କେତେ ଗାଁଗଁଡ଼ା, ପଡ଼ା ଅଛେ ଯେନ୍ଠାନେ ଲୋକ୍ ବଛର ବଛର ହେଲା ମଉଲିକ ସୁବିଧାରୁ ବଁଚିତ୍ ହେଇ ରହିଛନ୍। ଏନ୍ତାଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ଅତାବିରା ଆର ଭେଡ଼େନ ବ୍ଲକର ସୀମାନାରେ ଥିବାର ରାଧାପଡ଼ାରେ।

ସୂଚନା ଅନ୍‌ସାରେ ଅତାବିରା ବ୍ଲକ କୁଲତାଗୁକୁରା ପଁଚେତ୍ ଅଧୀନରେ ରହିଛେ ରାଧାପଡ଼ା। ପଡ଼ାରେ ପାଖାପାଖି ୨୦ ପରିବାରର ୮୦ ଝନ୍ ରହୁଥିଲାବେଲେ ବଡ଼ଭାଗି ଲୋକ୍ ଆଦିବାସୀ ସମାଜର। ଇ ପରିବାରମାନେ ନିହାତି ଗରିବ୍ ହେଇଥିଲାବେଲେ ଆଏଜ୍‌କେ ପାଖାପାଖି ୫୦ ବଛର ହେଲା ସରକାରୀ ଜମିରେ କୁରିଆଟେ ଲେଖେଁ କରି କୁଟୁମ୍‌ବସିଆ ରହି ଆସୁଛନ୍। ପଡ଼ାର ହାତ୍‌ଗନ୍ତି ଘରକେତେକେ ଛାଡ଼ିଦେଲେ ବାକି କୁଲିମଜୁରି କରି ନିଜର କୁଟୁମ୍ ପୁଷୁଛନ୍। ସେନ୍ତା ପଡ଼ାକେ ରାସ୍ତାଘାଟ ଥିଲେ ବି ପଡ଼ାବାସୀ ଶିକ୍ଷା, ସୁଆସ୍ତିଅ, ବିଦ୍ୟୁତ୍, ନିରମଲ ପିଇଲା ପାଏନ୍ ଲେଖେଁ ମଉଲିକ୍ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ପଡ଼ାରେ ଅଙ୍ଗନୱାଡି କେନ୍ଦ୍ର ନାଇଁଥିବାର ଲାଗି ପଡ଼ାର ଛୁଆମାନେ, ଗରଭବତୀ ମହିଳାମାନେ ପୁଷ୍ଟିକର ଖାଏଦ୍ ଆର ଉନିଆ ସବୁ ସୁବିଧାରୁ ବଁଚିତ୍ ହେଉଛନ୍। ସେନ୍ତା ପଡ଼ାରେ ପିଇଲା ପାଏନ୍‌ର ସୁବିଧା ନାଇଁଥିଲାବେଲେ ପଡ଼ାବାସୀ ଖରାଦିନେ ବଡ଼ଭାରି ସମସିଆର ସାମନା କରୁଛନ୍। ପଡ଼ାର ବଡ଼ଭାଗି ପରିବାର ଭୂମିହୀନ ହେଇଥିଲେ ବି ସରକାରୀ ଯୋଜନାରେ ଘରଡ଼ିହ, ଆବାସ ଯୋଜନାରେ ଘର ପାଏବାରୁ ବଁଚିତ୍ ହେଇ ରହିଥିବାର ପଡ଼ାର ଶିଶୁ ଜାନୀ, କୃପା ଜାନୀ, ପର୍ଶୁ ଜାନୀ, ଟଙ୍କ ଜାନୀ, ମଙ୍ଗଲୁ ଖରସେଲ, ରିପୁ ମାଝି, ସୁଶିଲା ଜାନୀ, ବିଦେଶୀ ଗହୀର ପରମୁଖ ଅଭିଯୋଗ କରିଛନ୍। ସରକାରଙ୍କର ବିଜୁ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଏବାରୁ ପଡ଼ାର ବଡ଼ଭାଗୀ ଲୋକ୍ ବଁଚିତ୍ ହେଇଥିଲାବେଲେ ସ୍ୱଚ୍ଛ ଭାରତ ମିଶନ ବାଟବନା ହେଇଛେ। ସେନ୍ତା ପଡ଼ାର ଅନେକ ବୁଢ଼ାବୁଢ଼ି ଭତା ପାଏବାରୁ ବଁଚିତ୍ ଥିବାର ଜନାଯାଇଛେ। ପଡ଼ାବାସୀକର ସମସିଆ ବାବ୍‌ଦେ ପଡ଼ାର ଝନେ ବୁରୁଧ ମଙ୍ଗଲୁ ଖରସେଲଙ୍କୁ ପଚରାଲାରୁ ଆମେ ଇଠାନେ ୫୦ ବଛର ହେଲା ରହିଆସୁଛୁଁ। ହେଲେ ସରକାରୀ ଯୋଜନାରେ ଘରଡିହ, ପକାଘର, ପିଇଲାପାଏନ୍, ବିଦ୍ୟୁତ୍ ଲେଖେଁ ସେବାରୁ ବଁଚିତ୍ ହେଇ ରହିଛୁଁ। ମୋତେ ଆଏଜ୍‌କେ ୭୦ ବଛର ହେଲାନ, ହେଲେ ଭତା ନୁହେ ମିଲେ ବଲି ସେ କହିଥିଲେ। ଇ ବାବ୍‌ଦେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଲାରୁ ଘଟନାର ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ବରଗଡ଼ ଜିଲା ରାଧାପଡାବାସୀ।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ
ସର୍ବଦା ଉଦ୍ୟମଶୀଳ ହେବା ଉଚିତ୍।
- ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବିଜେଡ଼ିକୁ ସମାଜବାଦୀ ପାର୍ଟିର ସମର୍ଥନ ଘୋଷଣା

ବରଗଡ଼ ଅଫିସ୍,୧୭।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ବିଜେଡ଼ି ପ୍ରାର୍ଥିନୀ ରୀତା ସାହୁଙ୍କୁ ସମର୍ଥନ କରିବା ପାଇଁ ଗୁରୁବାର ସମାଜବାଦୀ ପାର୍ଟି ଘୋଷଣା କରିଛି । ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏ ନେଇ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି ଯେ, ବରପାଲିରେ ଗୁରୁବାର ଏକ ଦଳୀୟ ବୈଠକ ବସିଥିଲା । ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନଡ଼ିଏ ସରକାର ଯୋଗୁ ବର୍ତ୍ତମାନ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଦୃଷ୍ଟିରୁ ବିଜେପୁର ଉପନିର୍ବାଚନରେ ଭାଜପାକୁ ପରାଜିତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନୋନୀତ ବିଜେଡ଼ି ପ୍ରାର୍ଥିନୀ ରୀତାଙ୍କୁ ସମର୍ଥନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ପୂଜାରୀ, କୁବେରଲାଲ ଯାଦବ, ଶ୍ରୀରାମ ସାହୁ, ସନ୍ତୋଷ ପୂଜାରୀ, ସୁରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଏହି ବିବୃତିରେ ସୂଚନା ଦିଆଯାଇଛି ।

### ଏସ୍‌ଏଚ୍‌ଜି ସଚେତନତା ଶିବିର

ମନମୁଣ୍ଡା, ୧୭।୧୦ (ଡି.ଏନ.ଏ)

ମନମୁଣ୍ଡା ରାଜୀବଗାନ୍ଧୀ ସେବା ସଦନରେ ସ୍ୱୟଂ ସହାୟକ ଗୋଷ୍ଠୀ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ଶ୍ରୋରର ସଂଯୋଜକ ନରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନାବାର୍ଡର ଡିଡିଏମ ତାପସ ଶଙ୍କର ରାଉତ ମୁଖ୍ୟ ଅତିଥି, ଏଫଆଇସି ସୋମନାଥ ପୁରୋହିତ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ମନମୁଣ୍ଡା ଶାଖା ପରିଚାଳକ ପାଣ୍ଡବ ବଗର୍ତ୍ତି, ଏନଓ୍ୱାଇକେର ଆଶିଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ, ବ୍ୟାଙ୍କ ଋଣ, ବ୍ୟାଙ୍କ ଲିଙ୍କେଜ୍, ମାର୍କେଟିଂ ଉପରେ ବୁଝାଇଥିଲେ । ଏସଆଇଆରଡି ପ୍ରଶିକ୍ଷକ ଦତ୍ତାତ୍ରୟ ଗୁରୁ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ୫୫ଜଣ ମହିଳା ଯୋଗ ଦେଇଥିଲେ । ଶେଷରେ ବାସୁଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜେପୁର ବ୍ଲକ ଚାରପାଲିରେ ଚିଅର ଗର୍ଲମାନେ ନୃତ୍ୟ ପରିବେଷଣ କରି ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ।



ବିଜେପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ପ୍ରଚାର ଚାଲିଛି ।

# ପ୍ରଚାର ମାହୋଲ ସରଗରମ

ବରଗଡ଼ ଅଫିସ୍/ବିଜେପୁର/ଗାଇସିଲେଟ୍, ୧୭।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ପ୍ରଚାର ଅବଧି ସରି ଆସୁଛି। ନିର୍ବାଚନ କଟକଣା ଅନୁଯାୟୀ ପ୍ରଚାର ପାଇଁ ଆଉ ଦୁଇ ଦିନ ବାକି ରହିଛି । ଅନ୍ୟପଟେ ୩ ଦିନ ପରେ ଅର୍ଥାତ୍ ଆସନ୍ତା ୨୧ତାରିଖରେ ମତଦାନ ଗ୍ରହଣ କରାଯିବ। ଏଥିପାଇଁ ଉକ୍ତ ନିର୍ବାଚନ ମଣ୍ଡଳୀରେ ପ୍ରଚାର କାର୍ଯ୍ୟକ୍ରମ ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପୁର, ବରପାଲିରେ ରୋଡ୍ ଶୋ ମାଧ୍ୟମରେ ଦଳୀୟ ପ୍ରାର୍ଥିନୀ ରୀତାଙ୍କ ପ୍ରଚାର କରିଥିବାବେଳେ

**ବିଜେପୁର**

ଅନ୍ୟ ଦଳୀୟ ନେତୃବୃନ୍ଦ ମଧ୍ୟ ପ୍ରଚାରରେ ମାତିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ ସମୟରେ ବିଜେପୁର ବ୍ଲକ ଚାରପାଲିରେ ଚିୟର ଗର୍ଲମାନେ ନୃତ୍ୟ ପରିବେଷଣ କରିବା ନିର୍ବାଚନୀ ପ୍ରଚାରର ଭିନ୍ନ ଆକର୍ଷଣ ରହିଥିଲା। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ନାଉରୀ ନାଏକ, ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ପ୍ରମୁଖ ଭାଜପା ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପ୍ରଚାର କରୁଛନ୍ତି । ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଡ଼ତିଆଙ୍କ ପ୍ରଚାର ପାଇଁ ଆସିବାର କାର୍ଯ୍ୟକ୍ରମ ରହିଛି। ସେହିପରି କଂଗ୍ରେସ ପକ୍ଷରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବିଧାୟକ ନରସିଂହ ମିଶ୍ର, ସନ୍ତୋଷ ସିଂ ସାଲୁଜା, ସୁର ରାଉତରାୟ, ତାରାପ୍ରସାଦ ବାହିନୀପତି, ପ୍ରଦୀପ ମାଝି, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ପ୍ରଦୀପ ଦେବତା, ସତ୍ୟଭୂଷଣ ସାହୁଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ବିଜେପୁରରେ ଡେରା ପକାଇ ଦଳୀୟ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ପାଇଁ ପ୍ରଚାର ଚଳାଇଛନ୍ତି ।




ବିଜେପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ପ୍ରଚାର ସଭା କରାଯାଉଛି ।

ଜିଲାସ୍ତରୀୟ ଶିଶୁ ଉତ୍ସବ ହୌସଲା

# ଶିଶୁ ପ୍ରତିଭାର ପରିପ୍ରକାଶ ଲକ୍ଷ୍ୟ

ବୌଦ୍ଧ,୧୭।୧୦(ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ବୀରନରସିଂହପୁର ରାମକୃଷ୍ଣ ବାଳାଶ୍ରମରେ ଜିଲାସ୍ତରୀୟ ଆନ୍ତଃ ଶିଶୁଯତ୍ନ ଅନୁଷ୍ଠାନ ଶିଶୁ ଉତ୍ସବ ହୌସଲା-୨୦୧୯ ଗୁରୁବାର ଜିଲା ଶିଶୁସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଛି। ଏହି ମହୋତ୍ସବର ଉଦଯାପପୀ ସଭାରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ସାକ୍ଷୀଗୋପାଳ ପ୍ରଧାନ, ବିରନରସିଂହପୁର ସରପଞ୍ଚ ସୁବର୍ଣ୍ଣ ମଲ୍ଲିକ, ରାମକୃଷ୍ଣ ବାଳାଶ୍ରମର ସଭାପତି ପୂର୍ଣ୍ଣଚନ୍ଦ୍ର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଜିଲାପାଳ ମିଶ୍ର ଏପରି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର, ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କର ପ୍ରତିଭାର ପରିପ୍ରକାଶ, ବିକାଶ ତଥା ଚିହ୍ନଟୀକରଣ କରି ଜିଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଅଂଶଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିପାରିବେ ବୋଲି ପ୍ରକାଶ କରିଥିଲେ । ଅନ୍ୟ ଅତିଥିମାନେ ଶିଶୁମାନଙ୍କ ପାଇଁ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରିବାକୁ ଏହା ଉପଯୁକ୍ତ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବରେ ଚିତ୍ରାଙ୍କନ, ବକ୍ତୃତା, ଗୀତ, ନୃତ୍ୟ, ଚେସ, ଲମ୍ଫଡିଆଁ, ଉଚ୍ଚଡିଆଁ, ୧୦୦ ମିଟର ଦୌଡ, ୪୦୦ ମିଟର ରିଲେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ରାମକୃଷ୍ଣ ବାଳାଶ୍ରମ ଓ ହାରଭେଷ୍ଟ ବ୍ଲେସିଂ ହୋମ ଶିଶୁଯତ୍ନ ଅନୁଷ୍ଠାନର ମୋଟ ୮୫ଶିଶୁ ଅଂଶଗ୍ରହଣ କରିଥିଲେ। । ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସଂଯୋଜନା କରିଥିବା ବେଳେ ୟୁନିଟ୍‌ର ସୁରକ୍ଷା ଅଧିକାରୀ ସମରସେନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ୟୁନିଟ୍‌ର ସହଦେବ ନାୟକ, ବସନ୍ତ ଦିଶାରି, ଚିତ୍ରସେନ ସାହୁ, ଧନଞ୍ଜୟ ଖମାରୀ ଏବଂ ଶିଶୁଯତ୍ନ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆସନ୍ତା ୩୦ ଓ ୩୧ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଶଂଗ୍ରହଣ କରିବେ ।




ଶିଶୁ ଉତ୍ସବରେ ଜଣେ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଯୁବ ଛାତ୍ର ଜନତା ଦଳ

ବୌଦ୍ଧ,୧୭।୧୦(ସ୍ୱ.ପ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବୁଧବାର ବୌଦ୍ଧ ଜିଲାରେ ଦୁଇଶହ ଶଯ୍ୟା ବିଶିଷ୍ଟ ନୂତନ ଚିକିତ୍ସାଳୟ ନିର୍ମାଣ ପାଇଁ ଘୋଷଣା କରିବା ପରେ ଗୁରୁବାର ବୌଦ୍ଧ ଯୁବ ଛାତ୍ର ଜନତା ଦଳ ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛି । ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବୌଦ୍ଧ ଜିଲାବାସୀ ଏହାଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁ ସୁବିଧା ପାଇପାରିବେ ବୋଲି କୁହାଯାଇଛି । ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଟିଏ ଛାତ ତଳେ ସମସ୍ତ ସୁବିଧା ମିଳିବା ସହ ରୋଗୀଙ୍କ ସମ୍ପର୍କୀୟ ମାନଙ୍କ ପାଇଁ ବିଶ୍ରାମାଗାର, ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷର ଅନୁଦାନ, ରକ୍ତଦାନ ପ୍ରୋତ୍ସାହନ ପାଇଁ ୧୦ ଲକ୍ଷ ଅନୁଦାନ, ନୂତନ ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡି ବ୍ୟବସ୍ଥା ଓ କିଡ୍‌ନୀ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ବ୍ୟବସ୍ଥା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି । ଜିଲା ଯୁବ ଛାତ୍ର ବିଜେଡି ସଭାପତି ସଂଗ୍ରାମ କେଶରୀ ଦାସ, ଆଶୁତୋଷ ମହାପାତ୍ର, ମାନସ ବଗର୍ତ୍ତୀ, ମନୋଜ ସାହୁ, ଧର୍ମେନ୍ଦ୍ର ମେହେର, ସତ୍ୟନାରାୟଣ ପ୍ରଧାନ ଓ ମାନସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ମାରକପତ୍ର

ମନମୁଣ୍ଡା, ୧୭।୧୦ (ଡି.ଏନ.ଏ)

ମନମୁଣ୍ଡା ଥାନା ଅଞ୍ଚଳର ଜଣେ ଦଳିତ ନାବାଳିକାଙ୍କୁ ଅପହରଣ, ବଳାତ୍କାର ଓ ଦେଢ଼ଲକ୍ଷ ଟଙ୍କାରେ ରାଜ୍ୟ ବାହାରେ ବିକ୍ରି ଭଳି ସମ୍ବେଦନଶୀଳ ଘଟଣାର ଅଭିଯୁକ୍ତମାନଙ୍କୁ ଆଗାମୀ ୧୫ ଦିନ ମଧ୍ୟରେ ଗିରଫ କରିବାକୁ ଦାବି ହୋଇଛି। ଏହି ପ୍ରସଙ୍ଗରେ ପୀଡିତାଙ୍କ ବାପା ବନ୍ଧୁବାନ୍ଧବଙ୍କ ସହ ଗୁରୁବାର ମନମୁଣ୍ଡା ଥାନାକୁ ଆସି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନ ହେଲେ ସେ ଥାନା ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ସୂଚନା ଅନୁସାରେ, ଉକ୍ତ ନାବାଳିକା (୧୪) ଜଣେ ନବମ ଶ୍ରେଣୀ ଛାତ୍ରୀ। ସେ ଗତ ମେ ୩୦ ତାରିଖରେ ନିଖୋଜ ହୋଇଥିବା ନେଇ ଜୁନ ୧୧ ତାରିଖରେ ଥାନାରେ ଏତଲା ଦେଇଥିଲା। ଏତଲା ଦେବାର ଦୀର୍ଘଦିନ ପରେ ମଧ୍ୟ ନାବାଳିକାଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଓ ସେଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ସୁରାକ ପାଇ ନାବାଳିକାଙ୍କ ବାପା ପୋଲିସକୁ ଜଣାଇଥିଲେ । ଏହାସତ୍ତ୍ୱେ ମନମୁଣ୍ଡା ଥାନା ପୋଲିସ ପଦକ୍ଷେପ ନେଇ ନ ଥିଲା। ଫଳରେ ପୀଡିତାଙ୍କ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲା। ଏସପିଙ୍କ ନିର୍ଦ୍ଦେଶ ମତେ ମନମୁଣ୍ଡା ଆଇଆଇସି ଗୋପୀନାଥ ପ୍ରଧାନ ଏକ ଟିମ ଗଠନ କରି ନାବାଳିକାଙ୍କୁ ପ୍ରୟାଗତୀର୍ଥ ଆହ୍ଲାବାଦରୁ ଉଦ୍ଧାର କରିଥିଲେ । ଉଦ୍ଧାର ହେବା ପରେ ନିଖୋଜ ନୁହେଁ ବରଂ ପ୍ରେମ ଜାଲରେ ଫସାଇ ଅପହରଣ ଓ ବଳାତ୍କାର ପରେ ଦେଢ଼ ଲକ୍ଷ ଟଙ୍କାରେ ରାଜସ୍ଥାନର ଦିଲୀପ ସିଂଙ୍କୁ ବିକ୍ରୟ କରାଯାଇଥିଲା ବୋଲି ନାବାଳିକାଠାରୁ ଜାଣିବାକୁ ମିଳିଥିଲା। ଏହି ଘଟଣାରେ ମନମୁଣ୍ଡା ଥାନା ଅଞ୍ଚଳର ଦୁଇଜଣ ସମ୍ପୃକ୍ତ ଥିବା ଜଣାପଡିଥିଲା। ଅଗଷ୍ଟ ୧୦ ତାରିଖରେ ଅଦାଲତରେ ନାବାଳିକାଙ୍କ ବୟାନ ରେକର୍ଡ ମଧ୍ୟ କରାଯାଇଛି । ଏହାର ଦୁଇ ମାସ ବିତି ଯାଇଥିଲେ ମଧ୍ୟ ମନମୁଣ୍ଡା ପୋଲିସ ଆଜି ପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛି । ଅଭିଯୁକ୍ତମାନେ ଖୋଲାଖୋଲି ବୁଲୁଥିବା ବେଳେ ପୋଲିସ ସେମାନଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ନାବାଳିକାଙ୍କ ବାପା ସ୍ମାରକପତ୍ରରେ ପ୍ରଶ୍ନ କରିଛନ୍ତି। ଜଣେ ଅଭିଯୁକ୍ତଙ୍କ ବାପା ଗ୍ରାମରକ୍ଷୀ ଥିବାରୁ ପୋଲିସ ସୁରକ୍ଷା ଦେଇ ଗିରଫ କରୁ ନ ଥିବା ବରିଷ୍ଠ ଭାଜପା ନେତା ଓକିଲ ବଳଦେବ ବେଦବାକ, ସାମାଜିକ କର୍ମୀ ସୁରେଶ ପାତ୍ର, ହୃଷିକେଶ ପଣ୍ଡା, ଦୁର୍ଯ୍ୟୋଧନ କୁମ୍ଭାର, ରବୀନ୍ଦ୍ର ବାଘ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଆଇଆଇସି ପ୍ରଧାନଙ୍କୁ ପଚାରିବାରୁ କହିଲେ, ସ୍ମାରକପତ୍ରରେ ଉଲ୍ଲେଖ ଥିବା ଅନେକ ତଥ୍ୟ ମିଥ୍ୟା ଅଟେ । ତେବେ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି । ସେମାନେ ଫେରାର ଥିବାରୁ ଧରି ହେଉନାହିଁ । ଏହି ମାମଲାରେ ଯାହାଙ୍କ ବିରୁଦ୍ଧରେ ଉପଯୁକ୍ତ ପ୍ରମାଣ ମିଳିବ କାହାକୁ ଛଡାଯିବ ନାହିଁ ବୋଲି ଆଇଆଇସି କହିଥିଲେ ।

# ଦୁର୍ନୀତି ତଦନ୍ତ ଦାବି, ୨୨ ଦିନରେ ତାଲାବନ୍ଦ ଆନ୍ଦୋଳନ

ବୌଦ୍ଧ,୧୭।୧୦(ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ମଥୁରା ପଞ୍ଚାୟତରେ ବିଭିନ୍ନ ଦୁର୍ନୀତିର ତଦନ୍ତ ଦାବିରେ ନାଏବ ସରପଞ୍ଚ ଓ କିଛି ୱାର୍ଡ ସଭ୍ୟ ଗତ ୨୫ ତାରିଖରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି । ଏହି ଧାରଣା ଗୁରୁବାର ୨୨ ଦିନରେ ପହଞ୍ଚିଛି। ତେବେ ହରଭଙ୍ଗା ବିଡିଓ ସେଠାକୁ ଯାଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବିଡିଓ କୁଆଡେ ଉଭୟ ଗୋଷ୍ଠୀ ମଧ୍ୟରେ ବୁଝାମଣା ପ୍ରସ୍ତାବ ଦେଇଥିଲେ। ମାତ୍ର ଆନ୍ଦୋଳନକାରୀମାନେ ଏହାକୁ ପ୍ରତ୍ୟାଖାନ କରିବା ସହ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ସ୍ୱତନ୍ତ୍ର ଅଡିଟ କରିବାକୁ ଆନ୍ଦୋଳନକାରୀମାନେ ଅଡି ବସିଥିଲେ। ଫଳରେ ବିଡିଓଙ୍କ ଆଲୋଚନା ବିଫଳ ହୋଇଥିଲା । ଏ ନେଇ ହରଭଙ୍ଗା ବିଡିଓ ରବୀନ୍ଦ୍ର କୁମାର ଶତପଥୀଙ୍କ ମତାମତ ମିଳିପାରିନାହିଁ ।

# ତହସିଲଦାରଙ୍କୁ ଆଇନଜୀବୀଙ୍କ ଦୁର୍ବ୍ୟବହାର

ଜୁନାଗଡ,୧୭।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ବୁଧବାର ଭାରତ ଭୂଷଣ ପଣ୍ଡା ନାମକ ଜଣେ ଆଇନଜୀବୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ତହସିଲଦାର ଲୁହା ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଆଇନଜୀବୀ ପଣ୍ଡା ଜୁନାଗଡ ତହସିଲ ଭିତରକୁ ପଶି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ସହ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଚେତାବନୀ ଦେବା ଭଳି ବ୍ୟବହାର କରିଥିଲେ। ପରେ ତହସିଲଦାରଙ୍କ କକ୍ଷକୁ ଯାଇ ବଡ ପାଟିରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ

**ଥାନାରେ ଅଭିଯୋଗ**

ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାପରେ ତହସିଲଦାର ଲୁହା ଜୁନାଗଡ ଥାନାକୁ ଯାଇ ଆଇଆଇସି ପ୍ରଭାତ କୁମାର ସେଠୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ସମୟରେ ଏଏସ୍‌ପି ଗୋପୀନାଥ ମଣିପାତ୍ର ଓ ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଏହି ଘଟଣା ପରେ ଜୁନାଗଡ ଆଇନଜୀବୀ ସଂଘର ସଭାପତି ସୁଧାଂଶୁ ବରାଡ, ପୂର୍ବତନ ସଭାପତି ଅଶୋକ ପାତ୍ର ଦୁର୍ବ୍ୟବହାର କରିଥିବା ଆଇନଜୀବୀ ପଣ୍ଡାଙ୍କୁ ଧରି ତହସିଲଦାର ଲୁହାଙ୍କୁ ଭେଟିଥିଲେ। ପରେ ଏହି ଘଟଣା ବୁଝାମଣା ହୋଇଥିବା ଜଣାପଡିଛି।

# ଫାର୍ମାସିଷ୍ଟଙ୍କ ଭରସାରେ ଚାଲିଛି ଡାକ୍ତରଖାନା

ପଲମ,୧୭।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ଅସୁବିଧା ଭୋଗୁଛନ୍ତି । ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଡାକ୍ତର ନ ଥିବା ଯୋଗୁ ଅନେକ ସ୍ଥାନରେ ଫର୍ମାସିଷ୍ଟଙ୍କ ଭରସାରେ ରୋଗୀ ସେବା ଚାଲୁଛି । ଏଠାରେ ଫର୍ମାସିଷ୍ଟ ଶୁଭେନ୍ଦୁ ନାଏକ ନିଯୁକ୍ତ ହୋଇଛନ୍ତି । ଆବଶ୍ୟକ ଡାକ୍ତର, କର୍ମଚାରୀ ଏବଂ ଭିତ୍ତିଭୂମୀ ଅଭାବରୁ

**ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**




ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁର୍ବେଦିକ ଆୟୁଷ ଡାକ୍ତର ରାଜେଶ କୁମାର ସାହୁଙ୍କୁ ନିୟୋଜିତ କରାଯାଇଥିଲେ ମଧ୍ୟ ସେ ରୀତିମତ ଭାବେ କାର୍ଯ୍ୟ କରୁନାହାନ୍ତି। ସେ ଆଲୋପ୍ୟାଥିକ ଔଷଧ ଉପରେ ତାଙ୍କର ଜ୍ଞାନ ନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଲମ, ଟର୍କଲା, ଗିଗିନା, ମୁଡିଙ୍ଗ, ଯୋରାଡବରା, ହାତିଖୋଜ ପଞ୍ଚାୟତ ରୋଗୀମାନେ ନିର୍ଭର କରିଥାନ୍ତି। ଡାକ୍ତର ନ ଥିବା ଯୋଗୁ ନିରାଶ ହୋଇ ଘରକୁ ଫେରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଚାରିପଟେ ପାଚେରୀ ନ ଥିବା ଯୋଗୁ ଗାଈଗୋରୁ, ଛେଳିମେଣ୍ଢା ପଶି ପରିବେଶ ନଷ୍ଟ କରୁଛନ୍ତି । ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନତ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆୟୁଶ ଡାକ୍ତରଙ୍କ ବାବଦରେ ଅନେକ ଥର ଚେତାବନୀ ଦେଇ ଦରମା ବନ୍ଦ କରାଯାଇଥିଲେ ମଧ୍ୟ ସେ ଅବହେଳାରେ କରୁଛନ୍ତି। କମ୍ ଦିନ ମଧ୍ୟରେ ନୂତନ ଡାକ୍ତରଙ୍କୁ ପଲମ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଆୟୁଷ ଡାକ୍ତର ରାଜେଶ କୁମାର ସାହୁଙ୍କୁ ପଚାରିବାରୁ ମୁଁ ଆୟୁର୍ବେଦିକ ଡାକ୍ତର। ମୋର ପୋଷ୍ଟିଂ ଉତ୍‌କେଲା, ମାତ୍ର ମୋତେ ଡେପୁଟେଶନରେ ପଲମ ପଠାଯାଇଛି। ମୋର ଏଲୋପ୍ୟାଥିକ ଔଷଧ ଉପରେ ଜ୍ଞାନ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଥରେ ମାତ୍ର ଆୟୁର୍ବେଦିକ ଔଷଧ ଆସିଥିଲା। ଏବେ ଆୟୁର୍ବେଦିକ ଔଷଧ ନାହିଁ। ସେଥିପାଇଁ ମୁଁ ପଲମରେ ରହିବା ପାଇଁ ଇଚ୍ଛା ନାହିଁ। ସ୍ୱାସ୍ଥ୍ୟ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି କହିଛନ୍ତି ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କରନାହିଁ।
-ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ



### ବ୍ଲକ ସଂକୀର୍ତ୍ତନ ସଂଘ ଗଠିତ

ଡୁଙ୍ଗୁରିପାଲି, ୧୭।୧୦(ଡି.ଏନ.ଏ.): ଡୁଙ୍ଗୁରପାଲି ବ୍ଲକ ସହଲା ହାଇସ୍କୁଲ ପଡିଆରେ ବ୍ଲକର ୧୬ଟି ଗ୍ରାମର ୧୯ଟି ଆଞ୍ଚଳିକ ଉଦଣ୍ଡ ସଂକୀର୍ତ୍ତନ ଦଳକୁ ନେଇ ଏକ ସଂଘ ଗଠିତ ହୋଇଛି। ଉକ୍ତ ବୈଠକରେ ନୀଳମଣି ବେହେରା ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ଉଦଣ୍ଡ ସଂକୀର୍ତ୍ତନ ସଂଘ ସଭାପତି ନନ୍ଦକିଶୋର ସାହୁ ଅତିଥିଭାବେ ଯୋଗଦେଇ ନାମଯଜ୍ଞଗୁଡିକରେ ଉଦଣ୍ଡ ସଂକୀର୍ତ୍ତନ୍ୟ କିପରି ଭକ୍ତିଭାବ ଉପରେ ପରିବେଶିତ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ସଂକୀର୍ତ୍ତନ ଦଳଗୁଡିକ ନିଜ ନିଜ ଭିତରେ ସହେଯାଗ ରକ୍ଷା କରିବା ପାଇଁ କୁହାଯାଇଥିଲା। ପରେ ସଂକୀର୍ତ୍ତନ୍ୟ ଦଳମାନଙ୍କ ମଧ୍ୟରେ ଏକ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ବ୍ରଜକିଶୋର ସିଂ ବରିହା, ଉପସଭାପତି ଶ୍ରବଣ ମେହେର, ସମ୍ପାଦକ ଦିଲୀପ ଭୁଏ, ଯୁଗ୍ମ ସମ୍ପାଦକ ଭାବେ ନବୀନ କିଶୋର ଭୋଇଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ନୀଳମଣି ବେହେରା, ସୁଦର୍ଶନ ବାରିକ, ମକରଧ୍ୱଜ ବାରିକ, ଦୁର୍ଗା ଚାଆଁର, ସୁବାସ ଚନ୍ଦ୍ର ସେଠୀ, ରଙ୍କ ବୁଡେକ, ଗୋପବନ୍ଧୁ ପଧାନଙ୍କୁ ରଖାଯାଇଛି। ଶେଷରେ ଶ୍ରବଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ସଙ୍ଗା ଚଢ଼ାଉ, ୨ ଗିରଫ

**ବଲାଙ୍ଗୀର ଅଫିସ,୧୭।୧୦:** ବଲାଙ୍ଗୀର ଟାଉନ୍ ଥାନା ପୋଲିସ ସଙ୍ଗା ଆଡ୍ଡା ଉପରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଠିକାଦାରପଡାର ସଂଗ୍ରାମ କେଶରୀ ରଣା ଓ କପିଳ ଓରଫ୍ ଉମାଶଙ୍କର ସ୍ୱାଇଁ। ଏମାନଙ୍କ ଠାରୁ ୪୪୭୦ ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ୍ କରାଯାଇଛି।

### ସମ୍ପନ୍ନ ହେଲା ଜଳନ୍ଧର ରାଜ୍ କାର୍ଯ୍ୟକ୍ରମ

ବିନିକା,୧୭।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଗାଁ ଯାତ୍ରା ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ଚାଲିଥିବା ଜଳନ୍ଧର ରାଜ୍ ଜଳନ୍ଧର ବଧ ସହ ସମାପ୍ତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଏମପି ପ୍ରତିନିଧି ବିଶ୍ୱମ୍ଭର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ପଣ୍ଡା, ସଭ୍ୟା ସୌଦାମିନୀ ଜାଲ ଓ ରୋହିଣୀ ଡାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।



ପାତ୍ରମନ୍ତ୍ରୀ, ଅତିଥିଙ୍କ ସହ ରାଜ ଦରବାରରେ ମହାରାଜ ଜଳନ୍ଧର।

---

ସମବାୟ ସମିତି ସଭାପତିଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚନ ଦାବି

# ଏସ୍‌ପିଙ୍କୁ ଭେଟିଲେ ପରିବାରବର୍ଗ, ଗ୍ରାମବାସୀ

**ସୋନପୁର,୧୭।୧୦(ନି.ପ୍ର.)**



ପ୍ରଦୀପଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପରିବାରବର୍ଗ ଓ ଅଞ୍ଚଳବାସୀ ଏସ୍‌ପିଙ୍କୁ ଭେଟିବାକୁ ଆସିଛନ୍ତି ।

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଖଣ୍ଡହତା ସେବା ସମବାୟ ସମିତି ସଭାପତି ପ୍ରଦୀପ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାକୁ ୨୮ଦିନ ବିତିଲାଣି। ପ୍ରଦୀପଙ୍କ ଭାଇ ଅଜିତଙ୍କ ଲିଖିତ ଅଭିଯୋଗକ୍ରମେ ସୁବଳୟା ପୋଲିସ ଏକ ହତ୍ୟା ଘଟଣା ରୁଜୁ କରିଛି । କିନ୍ତୁ ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଗୁରୁବାର ପ୍ରଦୀପଙ୍କ ସ୍ତ୍ରୀ ଜୟଶ୍ରୀ ଦେହୁରୀ, ପରିବାର ବର୍ଗ ଓ ଗ୍ରାମବାସୀ ଏସ୍‌ପି ଦେବୀପ୍ରସାଦ ଦାଶଙ୍କୁ ଭେଟିଥିଲେ। ପ୍ରଦୀପଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ଜଣେ କ୍ରସର ମାଲିକ ଓ ଔଷଧ ଦୋକାନୀଙ୍କ ସମେତ ମୋଟ ୮ ଜଣ ସମ୍ପୃକ୍ତ ଥିବା ଜୟଶ୍ରୀ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ହତ୍ୟାକରୀଙ୍କୁ ଶୀଘ୍ର ଗିରଫ କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହି ମାମଲାର ଅନୁସନ୍ଧାନ ଜାରି ରହିଛି, ଠିକଣା ସମୟରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଦାଶ ପ୍ରତିଶ୍ରୁତି ଦେଇଥିଲେ ।

ପ୍ରକାଶ ଯେ, ଗତ ୧୯ ତାରିଖ ରାତି ପ୍ରାୟ ୯ଟାରୁ ୧୦ଟା ମଧ୍ୟରେ ପ୍ରଦୀପ ଖଣ୍ଡହତାସ୍ଥିତ ନିଜ ଔଷଧ ଦୋକାନ ବନ୍ଦ କରି ପ୍ରାୟ ୫ କିଲୋମିଟର ଦୂରରେ ଥିବା ନିଜ ଘର ପୁଇପାଣିକୁ ଫେରୁଥିଲେ। ହେଲେ ଦୀର୍ଘ ସମୟ ଧରି ପ୍ରଦୀପ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ । ଘରଠାରୁ ପ୍ରାୟ ଅଧା କିଲୋମିଟର ଦୂର ରାସ୍ତାର ବୁଢୁଲିଖମନଠାରେ ତାଙ୍କର ବାଇକ ସହିତ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ । ତାଙ୍କ କାନ, ନାକ ଓ ଆଖିରୁ ରକ୍ତ ବାହାରିବା ସହିତ ଦେହରେ ଅନେକ ସ୍ଥାନରେ ଦାଗ ଚିହ୍ନ ରହିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହତ୍ୟାର ରହସ୍ୟ ଜଣା ନପଡିବା ଯୋଗୁଁ ଲୋକେ ଅନିଶ୍ଚିତତାରେ ଅଛନ୍ତି । ପୂର୍ବରୁ ଅଞ୍ଚଳବାସୀ ଖଣ୍ଡହତାରେ ବନ୍ଦ ପାଳନ କରିଥିଲେ। ମାତ୍ର ତଦନ୍ତରେ ସନ୍ତୁଷ୍ଟ ନ ହୋଇ ଗୁରୁବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ପାଇଁ ସେମାନେ ଦାବି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଦୀପ ସ୍ଥାନୀୟ ସେବା ସମବାୟ ସମିତିର ସଭାପତି, କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ଓ ପଞ୍ଚାୟତ ବିଜେଡିର ଯୁବ ସଭାପତି ଥିଲେ। ତାଙ୍କ ଭାଉଜ ଓ ସ୍ତ୍ରୀ ଥରେ ଲେଖାଏଁ ସରପଞ୍ଚ ନିର୍ବାଚିତ ହୋଇଥିଲେ। ଏପରିକି ତାଙ୍କ ସ୍ତ୍ରୀ ଜୟଶ୍ରୀ ଦେହେରୀ ଥରେ ବୀରମହାରାଜପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ମଧ୍ୟ ଥିଲେ। ପ୍ରଦୀପ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟ ଥିଲେ ବୋଲି ଜଣାପଡିଛି ।

---



ବାଲିଘାଟରେ ଚଢାଉ କରାଯାଉଛି।

## ବାଲିଘାଟ ଉପରେ ଚଢାଉ ୮ ଟ୍ରାକ୍ଟରରୁ ୫୫ ହଜାର ଜରିମାନା ଆଦାୟ

**ବିନିକା,୧୭।୧୦(ଡି.ଏନ୍.ଏ.)**

ବିନିକା ତହସିଲ ସିନ୍ଦୁରପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ମଣିଗାଁ ଝରାପଡା ମହାନଦୀ ବାଲିଘାଟରେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ଆତର୍କିତ ଚଢାଉ କରାଯାଇଥିଲା । ୮ଟି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଗାଡିଗୁଡିକୁ ଅଟକ ରଖା ଯାଇଥିଲା । ସମ୍ପୃକ୍ତ ଟ୍ରାକ୍ଟର ମାଲିକ ମାନଙ୍କଠାରୁ ଜରିମାନା ବାବଦରେ ମୋଟ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହି ଚଢାଉରେ ବିନିକା ଅତିରିକ୍ତ ତହସିଲଦାର ରାକେଶ ଅଗ୍ରୱାଲ, ସିନ୍ଦୁରପୁର ଆର୍‌ଆଇ ବିବେକ ତ୍ରିପାଠୀଙ୍କ ସହିତ ବିନିକା ପୋଲିସ୍ ସାମିଲ ହୋଇଥିଲା ।

---

ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

## ମାନବରୂପେ ମର୍ତ୍ତ୍ୟରେ ବିଷ୍ଣୁ ବଲ୍ଲଭଙ୍କ ଜନ୍ମ



ଲକ୍ଷ୍ମୀ ମଣ୍ଡପ ତୋରଣ ।

**ଅମରପାଲି, ୧୭।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ଗୁରୁବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ହେଉଥିବା ମୁରାସୁର ରାଜ କାର୍ଯ୍ୟକ୍ରମ ମଜା ନେଇଥିଲେ ଦର୍ଶକ। ମୁରାସୁର ଭୂମିକାରେ ଗୋପାଳ ପଣ୍ଡାଙ୍କ ନିଖୁଣ ଅଭିନୟ ମୁକ୍ତାକାଶ ରଙ୍ଗମଞ୍ଚରେ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖୁଛି। ନାଟ୍ୟଭିକ୍ରମରେ ଗୁରୁବାର ରାତ୍ରିରେ ମୁରାସୁର ନିକଟରେ ନାରଦଙ୍କ ପ୍ରବେଶ ହୋଇଛି। ମର୍ତ୍ତ୍ୟମଣ୍ଡଳରେ ମାନବ ରୂପରେ ବିଷ୍ଣୁ ବଲ୍ଲଭ ବ୍ରାହ୍ମଣ ଘରେ ମୁରଦାରୁଣ ରୂପରେ ଭଗବାନଙ୍କ ଜନ୍ମ ହୋଇଛନ୍ତି ବୋଲି ସେ ମୁରାସୁରଙ୍କୁ କହିଛନ୍ତି । ଏହା ଶୁଣିବା ପରେ ମୁରାସୁର ବ୍ୟସ୍ତ ବିବ୍ରତ ହୋଇପଡିଛି । ବିଷ୍ଣୁଙ୍କ ସହିତ ଦ୍ରୋହି ନହେବା ପାଇଁ ମୁରାସୁରଙ୍କୁ ନାରଦ ପରାମର୍ଶ ଦେଇଛନ୍ତି। ରାଜ ଦରବାରରେ ଅନୁଷ୍ଠିତ ସଭାରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ରାଜ ଅତିଥି ଭାବେ ଯୋଗଦେଇଥିଲେ ଏସପି ଦେବୀପ୍ରସାଦ ଦାସ। ଉପସ୍ଥିତ ଅତିଥି ମଞ୍ଚରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ମୁରାସୁର ରାଜ ସମେତ ଲକ୍ଷ୍ମୀ ମଣ୍ଡପରେ ଶ୍ରଦ୍ଧାଳୁ ରଙ୍ଗୀନ ଆଲୋକ ତୋରଣ ଓ ସୁଉଚ୍ଚ ମେଢ଼ ଦେଖିବା ସହିତ ମୀନାବଜାରରେ ଦର୍ଶକଙ୍କ ଗହଳି ଲାଗି ରହିଥିଲା । ମୁରାସୁର ରାଜ ପରେ ଦର୍ଶକ ଅପେରାର ମଜା ମଧ୍ୟ ନେଇଥିଲେ।

---

## ଗାଡିଚାଳନା ପ୍ରମାଣପତ୍ର ପାଇଁ ସ୍ୱତନ୍ତ୍ର ଶିବିର

**ଅମରପାଲି, ୧୭।୧୦(ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ସରକାରୀ ବାଳକ ହାଇସ୍କୁଲଠାରେ ଗାଡିଚାଳନା ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଶିବିର ହେବାର ସ୍ଥିର ହୋଇଛି। ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୦ତାରିଖରେ ଉକ୍ତ ଶିବିର ହେବାର ସ୍ଥିରୀକୃତ ହୋଇଛି। ଆବେଦନ କରିଥିବା ଗାଡି ଚାଳକଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ଉଦ୍ଦେଶ୍ୟରେ ଏଠାରେ ସ୍ୱତନ୍ତ୍ର ପରୀକ୍ଷା ଶିବିର ଆୟୋଜିତ ହେବ । ସୂଚନାଯୋଗ୍ୟ, ନୂତନ ଟ୍ରାଫିକ ନିୟମ ଯୋଗୁ ଡାଇଭିଂ ଲାଇସେନ୍ସ ନ ଥିବା ଗାଡି ଚାଳକମାନେ ଜିଲା ଆରଟିଓ ଅଫିସରେ ବେଶ ଭିଡ ଜମାଇଥିଲେ । ତେଣୁ ସରକାର ପ୍ରତି ବ୍ଲକରେ ଏହି ଶିବିର ହେବ ବୋଲି ଘୋଷଣା କରିଥିଲେ। ବୀରମହାରାଜପୁର ଅଞ୍ଚଳରେ ମଧ୍ୟ ସହସ୍ରାଧିକ ଗାଡି ଚାଳକ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ବୀରମହାରାଜପୁର ଅଞ୍ଚଳର ଡ୍ରାଇଭିଂ ଲାଇସେନ୍ସ ନଥିବା ଗାଡି ଚାଳକମାନେ ଏହାର ସୁଯୋଗ ନେବାକୁ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

---

ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ସେମିରେ ଇଲେଭେନ ଷ୍ଟାର ସୋନପୁର

**ଅମରପାଲି, ୧୭।୧୦ (ଡି.ଏନ.ଏ.)**



ସେମିଫାଇନାଲରେ ପ୍ରବେଶ କରିଥିବା ଇଲେଭେନ ଷ୍ଟାର ସୋନପୁର ଦଳ।

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲି ଖେଳ ପଡିଆରେ ହେଉଥିବା ୧୦ମ ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ଗୁରୁବାର ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଏମଏନସିସି ଉଫୁଲା ଓ ବିଏମସିସି ପଣ୍ଡିଆପାଲି ମଧ୍ୟରେ ହୋଇଥିଲା। ଉଫୁଲା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ରତନଙ୍କ ୩୧ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୬ଉଇକେଟ ହରାଇ ୧୧୫ ରନ କରିଥିଲା । ଜବାବରେ ପଣ୍ଡିଆପାଲି ଦଳ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୟଙ୍ଗଷ୍ଟାର ବୀରମହାରାଜପୁର ଓ ଇଲେଭେନଷ୍ଟାର ସୋନପୁର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୪ ରନ କରିଥିଲା। ଯବାବରେ ସୋନପୁର ଦଳ ୬.୨ ଓଭରରେ ୩ ଉଇକେଟ ହରାଇ ୬୫ ରନ କରି ବିଜୟୀ ହୋଇଥିଲା। ଦଳର ଆକାଶ ସାହୁ ୨୦ ରନ କରିଥିଲେ। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଉଫୁଲା ଓ ଦ୍ୱିତୀୟ ମ୍ୟାଚର ବିଜେତା ସୋନପୁର ମଧ୍ୟରେ ହୋଇଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯ ୦ ରନ କରିଥିବା ବେଳେ ସୋନପୁର ଦଳ ଆବଶ୍ୟକ ୯୧ ରନକୁ ୯ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ସିଲୁ ୩୫ ରନ କରିଥିଲେ। ମ୍ୟାଚଗୁଡିକରେ ପ୍ରଫୁଲ୍ଲ ବେହେରା ଓ ଲକ୍ଷ୍ମଣ ଅମ୍ପାୟାର, ସୁନୀଲ ପ୍ରଧାନ ଓ ସୁବ୍ରତ ବେହେରା ସ୍କୋରିଂ ଏବଂ ଦୁଃଖୁ ପ୍ରଧାନ ଓ ସିକୁନ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ ।

---



ସୁବର୍ଣ୍ଣପୁର ହରଗୌରୀ ଯାତ୍ରାରେ ଗୁରୁବାର ଷୋଡଶ ଉପଚାର ପୂଜା ସହ ରୁଦ୍ରାଭିଷେକ କରାଯାଉଛି ।

---

କଟାପାଲି ହତ୍ୟା ଘଟଣା: ଜେଲଗଲେ ଅଭିଯୁକ୍ତ

## ବାଳ ସ୍ୱଧାର ଗୃହକୁ ଗଲେ ନାବାଳକ ଅଭିଯୁକ୍ତ

**ଖପ୍ରାଖୋଲ, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କଟାପାଲି ଗାଁରେ ବୁଧବାର ସକାଳେ ଜମିଜମା ବିବାଦକୁ କେନ୍ଦ୍ର କରି ନିତ୍ୟାନନ୍ଦ ପୁଟେଲ (୩୬)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଥାନାରେ ଅଭିଯୁକ୍ତ ବାପପୁଅ ଆତ୍ମସମର୍ପଣ କରିଥିଲେ। ଗୁରୁବାର ମୁଖ୍ୟ ଅଭିଯୁକ୍ତ କ୍ଷମାନିଧି ପୁଟେଲ(୪୦)ଙ୍କୁ ପାଟଣାଗଡ ଏସ୍‌ଡିଜିଏମ କୋର୍ଟରେ ହାଜର ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟତମ ନାବାଳକ ଅଭିଯୁକ୍ତଙ୍କୁ ବଲାଙ୍ଗୀର କିଶୋର ନ୍ୟାୟ ପରିଷଦରେ ହାଜର ପରେ ରାଉରକେଲା ବାଳସ୍ୱଧାର ଗୃହକୁ ପଠାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

---

ପିଏମ୍‌ଏୱାଇ କାର୍ଯ୍ୟକାରିତା

## ସୁବର୍ଣ୍ଣପୁର ଜିଲାର ୩ ବ୍ଲକ ରାଜ୍ୟସ୍ତରରେ ପୁରସ୍କୃତ

**ସୋନପୁର,୧୭।୧୦(ନି.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ଗ୍ରାମୀଣ ସଫଳ କାର୍ଯ୍ୟକାରିତାରେ ସୁବର୍ଣ୍ଣପୁର ଜିଲା ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଜିଲାର ୬ଟି ବ୍ଲକରୁ ସୋନପୁର, ତରଭା ଓ ଉଲୁଣ୍ଡା ବ୍ଲକ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପିଏମଏୱାଇ ଗ୍ରାମୀଣ ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ ଏବଂ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ କିସ୍ତିର ମଜୁରୀ ପ୍ରଦାନ କରିଥିବାରୁ ୧ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇବେ। ରାଜ୍ୟର ମୋଟ ୩୧୪ ବ୍ଲକ ମଧ୍ୟରୁ ମାତ୍ର ୧୫ଟି ବ୍ଲକ ଏହି ସଫଳତା ପାଇଥିବା ବେଳେ ସୁବର୍ଣ୍ଣପୁର ଜିଲାର ୩ ବ୍ଲକ ପୁରସ୍କୃତ ହେବା ଜିଲା ପ୍ରଶାସନ ପାଇଁ ବଡ ସଫଳତା ବୋଲି କୁହାଯାଉଛି। କାରଣ ଜିଲାରେ ପିଡି ଡିଆରଡିଏ, ଏପିଡି ପ୍ରଶାସକ ଓ ନିର୍ବାହୀ ଯନ୍ତ୍ରୀ ପଦବୀ ୭ ମାସ ହେଲା ଖାଲି ପଡିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଭାରପ୍ରାପ୍ତ ପିଡି ଡିଆରଡିଏ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରକାଶ ଯେ, ଗ୍ରାମାଞ୍ଚଳରେ ନଡା ଛପର ଘରେ ବାସ କରୁଥିବା ଆର୍ଥିକ ଅନଗ୍ରସର ଲୋକଙ୍କ ସକାଶେ ଏହି ଯୋଜନାରେ ବାସଗୃହ ଯୋଗାଇ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷରେ ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକକୁ ରେକର୍ଡ ୧୮ହଜାର ୩୦୦ଟି ବାସଗୃହ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅକ୍ଟୋବର ୧୦ ସୁଦ୍ଧା ବ୍ଲକମାନଙ୍କୁ ଆବଣ୍ଟିତ ହୋଇଥିବା ଆବାସ ଗୃହର ହିତାଧିକାରୀ ଚୟନ, ପ୍ରଥମ କିସ୍ତିର ୨୦ହଜାର ଟଙ୍କା ଲେଖାଏଁ ଅନୁଦାନ ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ କିସ୍ତିର ମଜୁରି ପ୍ରଦାନ ଶତ ପ୍ରତିଶତ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋନପୁର ବ୍ଲକ ପାଇଁ ଧାର୍ଯ୍ୟ ୨୨୧୭ ଗୃହ, ତରଭା ବ୍ଲକର ୩୦୩୩ ଓ ଉଲୁଣ୍ଡାରେ ୨୧୭୦ ଗୃହର ପ୍ରଥମ କିସ୍ତିର ଅନୁଦାନ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରି ଏହି ପୁରସ୍କାର ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ସୋନପୁର ବ୍ଲକର ବିଡିଓ ରବିନ୍ଦ୍ର କୁମାର ପଟେଲ, ତରଭା ବିଡିଓ ନିହାର ରଞ୍ଜନ ମହାନନ୍ଦ, ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ ଓ ଡିଆରଡିଏ ଏପିଡି(ଗ୍ରାମୀଣ ଆବାସ) ଆଲୋକ ରଶ୍ମି ମିଶ୍ରଙ୍କୁ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି ।

---

ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

## ୧୯୫ ଏସ୍‌ଏଚ୍‌ଜିଙ୍କୁ ୨.୭୯କୋଟି ଋଣ ପ୍ରଦାନ

**ତରଭା, ୧୭।୧୦(ଡିଏନଏ)**




ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳାରେ ମଞ୍ଚାସୀନ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପରିସରରେ ଓଡିଶା ଜୀବିକା ମିଶନ ଏବଂ ସୋନପୁର ମିଶନ ଶକ୍ତିଙ୍କ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏସ୍‌ଏଚ୍‌ଜି ମହିଳାମାନେ ସଶକ୍ତିକରଣ ହେଲେ ପାରିବାରିକ ଅର୍ଥନୈତିକ ସ୍ଥିତି ସୁଧରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ନିହାର ରଞ୍ଜନ କହଁର ଯୋଗଦେଇ ସମନ୍ୱୟ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନାବାର୍ଡ ଡିଡିଏମ ତାପସ ରଞ୍ଜନ ରାଉତ୍, ଆରସେଟି ଡାଇରେକ୍ଟର ରବି କୁମାର ରାୟ, ସିଡିପିଓ ସବିତା ଦୋରା, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ମିଶନ ଶକ୍ତି ଡିପିସି କାର୍ତ୍ତୀକ ଚନ୍ଦ୍ର ନାୟକ, ସୋନପୁର ଡିପିଏମ ଓଏଲଏମ ଯୁବରାଜ ସାହୁ, ଏସବିଆଇ ତରଭା ଶାଖା ବିଏମ ପଞ୍ଚମଲାଲ ବୁଡେକ, ୟୁନିୟନ ବ୍ୟାଙ୍କ ତରଭା ଶାଖା ବିଏମ ସୁନୀଲ କୁମାର, ୟୁଜିବି କମସରା କିଶୋର ବିଏମ ପୁରୋହିତ, ୟୁଜିବି ଚାରଭଟା ବିଏମ ଜୀବନଜ୍ୟୋତି ସେଠୀ, ଏଫଓ ଏସବିଆଇ ତରଭା ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଏସଏଚ୍‌ଜିର ଉନ୍ନତି ଏବଂ ବ୍ୟାଙ୍କ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ । ତରଭା ଜୀବିକା ମିଶନର ବିପିଏମ ମନୋଜ କୁମାର ବାଗ ସହଯୋଗ କରିଥିଲେ । ତରଭା ଷ୍ଟେଟ ବ୍ୟାଙ୍କ ତରଫରୁ ୬୫ ଏସ୍‌ଏଚଜିକୁ ଏକ କୋଟି ତିନି ଲକ୍ଷ, ୟୁନିୟନ ବ୍ୟାଙ୍କ ତରଫରୁ ୮୦ ଏସ୍‌ଏଚଜିକୁ ଏକ କୋଟି ୧୪ ଲକ୍ଷ ଟଙ୍କା, ଚାରଭଟା, ମେଣ୍ଡା ଓ କମସରା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ୪୨ ଏସଏଚଜିକୁ ୫୩ ଲକ୍ଷ ୧୭ ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ସୋନପୁର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୮ ଏସଏଚଜିକୁ ୯ଲକ୍ଷ ୬୦ ହଜାର ଟଙ୍କା ଋଣ ପ୍ରଦାନ କରାଗଲା । ଏହି ଯୋଜନାରେ ମୋଟ ୧୯୫ ଏସଏଜିକୁ ୨ କୋଟି ୭୯ଲକ୍ଷ ୬୭ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୮ ଅକ୍ଟୋବର, ୨୦୧୯



ସନ୍ତୋଷ ପ୍ରୟାସରେ ଥାଏ, ପ୍ରାପ୍ତିରେ ନୁହେଁ, ପୂର୍ଣ୍ଣ ପ୍ରୟାସରେ ହିଁ ସଂପୂର୍ଣ୍ଣ ବିଜୟ ମିଳେ।

- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦୁଇଦିନ ସରକାରୀ କାର୍ଯ୍ୟାଳୟ ବନ୍ଦ, ଲୋକେ ହଇରାଣ

**ଗୁଡଭେଲା,୧୭।୧୦(ଡି.ଏନ.ଏ.):** ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବଲାଙ୍ଗୀର ଓକଲ ସଂଘ ଆହ୍ୱାନକ୍ରମେ ତୁଷୁରା ବାର ଆସୋସିଏଶନ ପକ୍ଷରୁ ବୁଧବାର ଓ ଗୁରୁବାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ତୁଷୁରା ତହସିଲ, ଏନଏସି କାର୍ଯ୍ୟାଳୟ, ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କ, ଟ୍ରେଜରି କାର୍ଯ୍ୟାଳୟ ବନ୍ଦ ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁଇଦିନ କାଳ ସହରରେ ଓକିଲମାନେ ପିକେଟିଂ କରିଥିଲେ। ଓକିଲ ସଂଘ ସଭାପତି ଆର୍ତ୍ତତ୍ରାଣ ପୁରୋହିତ, ରୁପେଶ ସାହୁ, ସୁମିତ ମିଶ୍ର, ଦୈତାରୀ ଆଚାର୍ଯ୍ୟ, ବିଜୟ ପଧାନ, ସରୋଜ ପଟ୍ଟନାୟକ, ଭକ୍ତରାମ କଏଣ୍ଡା, ଶିବ ବାଗ, ଦିବ୍ୟସିଂ ମେହେର ପ୍ରମୁଖ ଏଥିରେ ସାମିଲ ଥିଲେ।

### ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ଗୁଡଭେଲା,୧୭।୧୦(ଡି.ଏନ.ଏ.):** ତିନିଦଫା ଦାବି ନେଇ ବଲାଙ୍ଗୀର ଜିଲା ତୁଷୁରା ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବିପତ୍ର ତହସିଲଦାର ଚନ୍ଦ୍ରମଣୀ ନାଗଙ୍କଉ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ କରାଯାଇଛି। ତେଣୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥାକୁ କଡାକଡି କରାଯାଉ। ନିକଟରେ ଗଜପତି ଜିଲା ଚନ୍ଦ୍ରଗିରି ଧରିତ୍ରୀ ଖବରଦାତା ଶ୍ରୀହରି ପ୍ରଧାନଙ୍କୁ ଆକ୍ରମଣ କରିଥିବା ମାଷ୍ଟରଙ୍କୁ ଗିରଫ କରିବା, ପ୍ରଧାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ, ତୁଷୁରା ସାମ୍ବାଦିକ ସଂଘ ପାଇଁ ସହର ଭିତରେ ଜମି ପ୍ରଦାନ ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସଂଘ ସଭାପତି ମନୋଜ ଜୈନ, ଉପସଭାପତି ସଙ୍ଗୀତ ଜୈନ, ବିନୋଦ ସୁନା, ଦୈତାରି ଆଚାର୍ଯ୍ୟ, ରାଜେଶ ବଗର୍ତ୍ତା, ଶରସ ପ୍ରଧାନ, ମନୀଷ ଅଗ୍ରୱାଲ, ପଞ୍ଚାନନ ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

### ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ସାଧାରଣ ସମ୍ପାଦକ ମନୋନୀତ

**ଲାଠୋର,୧୭।୧୦ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ଗ୍ରାମର ଧିମାନ ଶ୍ୟାମଳ ସୁନା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡିଶା ରାଜ୍ୟ ଶାଖାର ରାଜ୍ୟ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି। ସୂଚନା ଅନୁଯାୟୀ, ଧୀମାନ ଏକାଡେମୀ ପକ୍ଷରୁ ବାବା ସାହେବ ଡ.ଆମ୍ବେଦକର ରାଷ୍ଟ୍ରୀୟ ଫିଲୋସିପ ୨୦୧୮ ରେ ସମ୍ମାନିତ ହୋଇଥିଲେ। ସେ ବର୍ତ୍ତମାନ ବଲାଙ୍ଗୀର ଜିଲା ବଡମାଲ ଗୋରାବାରୁଦ କାରଖାନାରେ କାର୍ଯ୍ୟରତ ଅଛନ୍ତି। ଆମ୍ବେଦକରଙ୍କ ବିଚାର ଧାରା ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ସମ୍ବିଧାନ ବିଷୟରେ ଆଲୋଚନା ଏବଂ ଦଳିତ ଆଦିବାସୀ ଓ ପଛୁଆ ବର୍ଗଙ୍କୁ ନେଇ ସଚେତନ ସୃଷ୍ଟି କରିବାରେ ତାଙ୍କର ଯୋଗଦାନ ରହିଛି।

### ସଙ୍ଗା ଚଢ଼ାଉ, ୨ ଗିରଫ

**ବଲାଙ୍ଗୀର ଅଫିସ,୧୭।୧୦:** ବଲାଙ୍ଗୀର ଟାଉନ୍ ଥାନା ପୋଲିସ ସଙ୍ଗା ଆଡ୍ଡା ଉପରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଠିକାଦାରପଡାର ସଂଗ୍ରାମ କେଶରୀ ରଣା ଓ କପିଳ ଓରଫ୍ ଉମାଶଙ୍କର ସ୍ୱାଇଁ। ଏମାନଙ୍କ ଠାରୁ ୪୪୭୦ ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ୍ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୫୫୭/୧୯) ରୁଜୁ କରାଯାଇଛି।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ବି ସରକାରୀ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ,୧୭।୧୦**

ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିରେ ଜିଲା ଓକିଲ ସଂଘ ପକ୍ଷରୁ ବୁଧବାର ଓ ଗୁରୁବାର ଦୁଇଦିନିଆ ସରକାରୀ ଅଫିସ ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଗୁରୁବାର ଆନ୍ଦୋଳନର ଦ୍ୱିତୀୟ ଦିନ ମଧ୍ୟ ସମସ୍ତ ସରକାରୀ ଅଫିସ ବନ୍ଦ ରହିଥିଲା । ଏହି ଦୁଇ ଦିନ ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ ଓ ବୀମା ପ୍ରତିଷ୍ଠାନ ବନ୍ଦ ହେବା ଯୋଗୁଁ ସମସ୍ତ ପ୍ରଶାସନିକ ଓ ଅର୍ଥନୈତିକ କାର୍ଯ୍ୟ ବ୍ୟାହତ ହୋଇପଡିଥିଲା । ଓକିଲ ସଂଘ ସଦସ୍ୟମାନେ ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ । ପରେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଓକିଲମାନଙ୍କ ଆନ୍ଦୋଳନ ଯୋଗୁଁ ଜିଲା ଦୌରାଜଜ୍‌ଙ୍କ ସମେତ ଅନ୍ୟ ବିଚାରପତିମାନେ କୋର୍ଟ ଭିତରକୁ ପ୍ରବେଶ କରି ନ ପାରି ସେଠାରୁ ଫେରିଯାଇଥିଲେ । ଜିଲା ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଏବଂ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନର ଦ୍ୱିତୀୟ ଦିନରେ ମଧ୍ୟ ଜିଲାର ବିଭିନ୍ନ ସାମାଜିକ ଓ



ଜିଲା ଓକିଲ ସଂଘ ପକ୍ଷରୁ ଦ୍ୱିତୀୟ ଦିନରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକର୍ତ୍ତା, ପ୍ରତିନିଧି ଓ ସଦସ୍ୟ ଯୋଗଦାନ କରିଥିଲେ । ଓକିଲ ସଂଘର ଶତାଧିକ ସଭ୍ୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ମାସର ତୃତୀୟ ବୁଧବାର ଓ ଗୁରୁବାର ଦୁଇଦିନିଆ ସରକାରୀ ଅଫିସ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଓକିଲ ସଂଘ ପକ୍ଷରୁ କୁହାଯାଇଛି। କିଛି ଦିନ ତଳେ ଓଡ଼ିଶା ହାଇକୋର୍ଟର ପୂର୍ଣ୍ଣ ଖଣ୍ଡପୀଠ ଓକିଲ ମାନଙ୍କ ଏହି ଆନ୍ଦୋଳନ ଉପରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓକିଲ ସଂଘର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଓଡ଼ିଶା ହାଇକୋର୍ଟର ଏଭଳି ଚକ୍ରାନ୍ତରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ଆଦୌ ପ୍ରଭାବିତ ହେବନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଦୀର୍ଘ ଏକ ବର୍ଷ ଧରି ଓକିଲ ମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସମସ୍ତ କୋର୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ବେଳେ ଦାବିପୂରଣ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ହାଇକୋର୍ଟ ଅଦାଲତ ଅବମାନନା ମାମଲା ରୁଜୁ କରିବା ଓକିଲ ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି କୁହାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ଭାଜପା ନେତା ପୀତାମ୍ବର ଖମାରୀ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, ଉପସଭାପତି ଉମାକାନ୍ତ ସାହୁ, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ବିଜେଡି ନେତା ଭଗବାନ ବଗର୍ତ୍ତୀ, ମହେନ୍ଦ୍ର ବାଗ, ଜିଲା କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସୁଧୀର ପଣ୍ଡା, ବଲାଙ୍ଗୀର ଆକ୍ସନ କମିଟି ଆବାହକ ଗୋପାଲଜୀ ପାଣିଗ୍ରାହୀ, ବଲାଙ୍ଗୀର ୟୁଥ ଆକ୍ସନ କମିଟି ସଭାପତି ବିନୋଦ କାଲସାଏ, ସଂଯୋଜକ ରିଲୁ ରଥ, ଜନମୋର୍ଚ୍ଚାର ବାସୁଦେବ ରଥ, କୋସଲବାଦୀ ନେତା ମନୋରଞ୍ଜନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଖଣ୍ଡାୟତ ସମାଜର ଅଶୋକ ରାଉତ, ବଲାଙ୍ଗୀର ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଜିଲା ଓକିଲ ସଂଘ ଉପସଭାପତି ବାସୁଦେବ ବାରିକ, ବରିଷ୍ଠ ସଭ୍ୟ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ, ଶୁଭ୍ରାଂଶୁ ଶେଖର ମିଶ୍ର, ନନ୍ଦ କୁମାର ଚାନ୍ଦ, ସୁରେଶ ପାଠୀ, ଅରବିନ୍ଦ ପୂଜାରୀ, ସରୋଜ ଗୁପ୍ତା, ଭାବାନୀ ଶତପଥୀ, ଶଙ୍କର ମିଶ୍ର, ସୁରେନ୍ଦ୍ର ମିଶ୍ର, ଅସିତ ଷଡଙ୍ଗୀ, ରଘୁ ନନ୍ଦନ ସିଂ, ସଞ୍ଜୟ ପଟେଲ, ଦେବାଶିଷ ବିଶ୍ୱାଲ, ସୁବାସ ନନ୍ଦ, ଦୀନେଶ ନାଗ, ରାଜେନ୍ଦ୍ର ମିଶ୍ର, ସମୀର ମିଶ୍ର, ରଞ୍ଜିତ ପାଢ଼ୀ, ଦୟାନିଧି ଶତପଥୀ, ଜଗଦୀଶ ପ୍ରଧାନ, ଆନନ୍ଦ ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, କରୁଣାକର ଷଡଙ୍ଗୀ ଉଦ୍‌ବୋଧନ ଦେଇଥିଲେ ।

## ରାଜ୍ୟସ୍ତରୀୟ ଭଲିବଲ, କବାଡି ଚାମ୍ପିୟନ୍‌ଶିପ ପାଇଁ ଖେଳାଳି ଚୟନ

**ବଲାଙ୍ଗୀର ଅଫିସ,୧୭।୧୦**

ନଭେମ୍ବର ଦ୍ୱିତୀୟ ସପ୍ତାହରେ ଓଡିଶା ରାଜ୍ୟ ଭଲିବଲ ସଂଘ ପକ୍ଷରୁ ଭୁବନେଶ୍ୱର କିଟ୍‌ଠାରେ ଭଲିବଲ ଚାମ୍ପିୟନଶିପ ଓ ରାଜ୍ୟ କବାଡି ସଂଘ ପକ୍ଷରୁ ଝାରସୁଗୁଡାଠାରେ କବାଡି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଓ ହଲଦୀସ୍ଥିତ ଇଲେଭେନ ବ୍ରଦର୍ସ୍ ଫୁଟବଲ ସଂଘ ମିଳିତ ଆନୁକୂଲ୍ୟରେ ଚଳିତ ମାସ ଅକ୍ଟୋବର ୨୪ ଓ ୨୫ ତାରିଖରେ ହଲଦୀ ଖେଳ ପଡିଆଠାରେ ଅନୁଷ୍ଠିତ ହେବ । କବାଡି ପ୍ରତିଯୋଗିତା ଓ ଚୟନ ୨୪ ତାରିଖ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ଓ ଭଲିବଲ ପ୍ରତିଯୋଗିତ ଓ ଚୟନ ଅପରାହ୍ଣ ୩ ଟାରୁ ଆରମ୍ଭ ହେବ । ଏହି ପ୍ରତିଯୋଗିତା ଓ ଚୟନ ଶିବିରକୁ ଇଲେଭେନ ବ୍ରଦ୍‌ସ ହଲଦୀ ଏବଂ ଜିଲା ପ୍ରତିନିଧି ପଦ୍ମଚରଣ ଦାସଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି । ପ୍ରତିଯୋଗିତା ଓ ଚୟନ ଶିବିରରେ ଭାଗ ନେବା ପାଇଁ ଇଚ୍ଛୁକ କ୍ଲବ, କଲେଜ ଓ ବିଭିନ୍ନ ଅନୁଷ୍ଠାନର ଖେଳାଳିମାନେ ନିଜର ଆଧାର କାର୍ଡ, ପ୍ରମାଣ ପତ୍ର ସହ ଭାଗ ନେଇ ପାରିବେ ।

## ଦୁଇଦିନ ବନ୍ଦ ରହିଲା ସରକାରୀ କାର୍ଯ୍ୟାଳୟ

**ଖପ୍ରାଖୋଲ, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନର ଦାବିରେ ଦୁଇଦିନିଆ ସରକାରୀ କାର୍ଯ୍ୟାଳୟ ବନ୍ଦ ଡାକରା ପ୍ରଭାବ ଖପ୍ରାଖୋଲଠାରେ ଦେଖିବାକୁ ମିଳିଥିଲା। ବନ୍ଦ ପ୍ରଭାବରେ ବ୍ଲକ, ତହସିଲ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ବୁଧବାର ଓ ଗୁରୁବାର ଦୁଇଦିନ ବନ୍ଦ ରହିଥିଲା। ଫଳରେ ଲୋକେ ସରକାରୀ ସେବାରୁ ବଞ୍ଚିତ ରହିଥିଲେ। ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ଉମାକାନ୍ତ ଦାଶ, ବ୍ୟାସଦେବ ଭୋଇ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ।

ଷଷ୍ଠ ଦିନରେ ମା’ ଗଜଲକ୍ଷ୍ମୀଙ୍କ ପୂଜା

## ଝଲସୁଛି ମଣ୍ଡପ, ଆଳତି ମୁଖ୍ୟ ଆକର୍ଷଣ



ମଣ୍ଡପରେ ବିରାଜିତା ମା’ ଗଜଲକ୍ଷ୍ମୀ ।

**ସଇଁତଲା, ୧୭।୧୦ (ଡି.ଏନ.ଏ.)**

ସଇଁତଲା ବ୍ଲକ ଛକରେ ଚାଲିଥିବା ମା’ ଗଜଲକ୍ଷ୍ମୀଙ୍କ ପୂଜା ଷଷ୍ଠ ଦିନରେ ପହଞ୍ଚିଛି। ରବିବାର ଶତାଧିକ ମହିଳା ଓ ପୁରୁଷ ପୂର୍ଣ୍ଣ କଳସ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ ପରେ ପୂଜା ଆରମ୍ଭ ହୋଇଥିଲା । ଚଳିତ ବର୍ଷ କର୍ତ୍ତାଭାବେ ସୁରେନ୍ଦ୍ର ସିଂ ଭୋଇ, ମୋନିକା ସିଂ ଭୋଇ ଏବଂ ତପନ ଦାସ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜା କାର୍ଯ୍ୟରେ ମାନସ ମିଶ୍ର, ନରେନ୍ଦ୍ର ମିଶ୍ର, ସୁରେନ୍ଦ୍ର ମିଶ୍ର ସହଯୋଗ କରୁଛନ୍ତି। ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି କରୁଥିବା ପୂଜନୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସକାଳେ ମା’ଙ୍କ ନିକଟରେ ଅନ୍ନଭୋଗ ଲାଗିହେବା ପରେ ଭକ୍ତଙ୍କ ପାଇଁ ମାଗଣାରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ରାମଜୀ ଘଣ୍ଟବାଦ୍ୟ ପାର୍ଟୀର ସଦସ୍ୟମାନେ ଘଣ୍ଟବାଦ୍ୟ ପରିବେଷଣ ହେଉଥିବାରୁ ମା’ଙ୍କ ଆଳତୀ ଅଧିକ ଆକର୍ଷଣୀୟ ହେଉଛି ।

ବୃଦ୍ଧା କାକୀ, ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

**କଣ୍ଟାବାଞ୍ଜି, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଖଗସା ଗାଁରେ ଜଣେ ବ୍ୟକ୍ତି ତାଙ୍କ ବୃଦ୍ଧା କାକୀ ଓ କକାପୁଅ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥଇବା ଅଭିଯୋଗ ହୋଇଛି। ଗତ ୧୪ ତାରିଖ ରାତିରେ ଏହି ଘଟଣା ଘଟିଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି କଣ୍ଟାବାଞ୍ଜି ଥାନାରେ ୧୫ ତାରିଖ ବିଧିବଦ୍ଧ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଦେଇ ଚୁପ୍ ହୋଇ ବସିଛି । ଘଟଣା ଘଟିବାର ଦୁଇଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗୁରୁବାର ଅଭିଯୋଗକାରୀ ପୁଣି ଥରେ କଣ୍ଟାବାଞ୍ଜି ଥାନାକୁ ଆସି ମାମଲା ସମ୍ପର୍କରେ ପଚାରି ବୁଝିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଜାଣିବା ପରେ ଗୁରୁବାର ବଲାଙ୍ଗୀର ଆସି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ଦିନ ରାତି ୧୨ଟା ବେଳେ ଖଗସା ଗାଁର ତୁଲାରାମ ହାତୀ ମଦ ପିଇ କକାପୁଅ ଭାଇ ପଦ୍ମଲୋଚନ ହାତୀ (୪୫) ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲା । ପରିବାର ଲୋକେ ବାରଣ କରିବାରୁ ପଦ୍ମଲୋଚନଙ୍କୁ ଏକ ଠେଙ୍ଗାରେ ସେ ଆକ୍ରମଣ କରିଥିଲେ। ଏହାଦେଖି ପଦ୍ମଲୋଚନଙ୍କ ମା’ ହାରାବାତୀ ହାତୀ(୭୦) ପଦାକୁ ଆସି କାହିଁକି ମାରପିଟ କରୁଛ ବୋଲି କହିବାରୁ ତାଙ୍କୁ ମଧ୍ୟ ଠେଙ୍ଗାରେ ପିଟି ଦେବାରୁ ତାଙ୍କର ମଧ୍ୟ ମୁଣ୍ଡ ଫାଟି ଯାଇଥିଲା । ଉଭୟେ ଗୁରୁତର ଆହତ ହୋଇଥିଲେ । ମାରପିଟ୍ ସମୟରେ ପଦ୍ମଲୋଚନଙ୍କ ସ୍ତ୍ରୀ ବି ମାଡ ଖାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା (ନଂ.୨୨୮/୧୯) ରୁଜୁ କରାଯାଇଥିଲା। ମାତ୍ର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ଆଜି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।



ଆକ୍ରମଣରେ ଆହତ ମା-ପୁଅ ।

### ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୋବାଇଲ ଚୋର ସକ୍ରିୟ

**ବଲାଙ୍ଗୀର ଅଫିସ,୧୭।୧୦**

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ ପରିସରରେ ମୋବାଇଲ ଚୋର ସକ୍ରିୟ ଥିବା ଜଣାପଡିଛି । ସିସିଟିଭିରେ ଜଣେ ଯୁବକ ମୋବାଇଲ ଚୋରି କରୁଥିବା ଭିଡିଓ ଭାଇରାଲ ହେବା ପରେ ଚହଳ ସୃଷ୍ଟି ହୋଇଛି । ପ୍ରତ୍ୟହ ଏଠାରୁ ରୋଗୀ ପରିଜନଙ୍କ ମୋବାଇଲ ଚୋରି ଘଟଣା ଲୋକଲୋଚନକୁ ଆସୁଛି। ହସପିଟାଲ ପରିସରସ୍ଥ ପୋଲିସ ବିଟ୍ ହାଉସରେ ରାତିରେ ପୋଲିସ ରହୁନଥିବା ଓ ସୁରକ୍ଷା କର୍ମୀ ଅବହେଳା କରୁଥିବାରୁ ଏଠାରେ ଚୋର ମାତିଥିବା ଚର୍ଚ୍ଚାର ବିଷୟ ହୋଇଛି।

ଗୋଳାବାରୁଦ କାରଖାନା କର୍ମଚାରୀଙ୍କୁ ମିଳିନି ଦଶହରା ବୋନସ

## କଳାବ୍ୟାଜ ପିନ୍ଧି କଲେ ପ୍ରତିବାଦ

**ସଇଁତଲା, ୧୭।୧୦ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଦ୍ୱାରା ପରିଚାଳିତ ବଲାଙ୍ଗୀର ଜିଲା ସଇଁତଲା ବଡମାଲସ୍ଥିତ ଗୋଳାବାରୁଦ କାରଖାନାର କର୍ମଚାରୀଙ୍କୁ ଚଳିତ ଦଶହରା ବୋନସ ଟଙ୍କା ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନାହିଁ। ପ୍ରମୁଖ ଶ୍ରମିକ ସଂଗଠନମାନେ ମିଳିତ ଭାବେ ଗୁରୁବାର କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ଦଶହରା ପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଦେଶର ୪୧ଗୋଟି ଗୋଳାବାରୁଦ କାରଖାନାର ଗ୍ରୁପ ସି ଏବଂ ଗ୍ରୁପ ଡ଼ି କର୍ମଚାରୀମାନଙ୍କୁ ବୋନସ ଟଙ୍କା ମିଳିଥାଏ । କିନ୍ତୁ ଚଳିତ ବର୍ଷ ଅଦ୍ୟାବଧି ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ହୋଇ ନ ଥିବାରୁ କର୍ମଚାରୀମାନେ ବୋନସ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ତିନି ପ୍ରମୁଖ ଶ୍ରମିକ ମହାସଂଘ ଡାକରାରେ ଗୋଳାବାରୁଦ କାରଖାନାର ମଜଦୁର ସଂଘ ସଭାପତି ପଞ୍ଚୁ ପଟେଲ, ସମ୍ପାଦକ ସତ୍ୟପ୍ରେମ ମାଝୀ, ବିରଞ୍ଚି ମହାନନ୍ଦ, କାର୍ଯ୍ୟ ସମିତି ସମ୍ପାଦକ ଜୟ ସିଂ ନାଏକ, ବିପିଏମଏସ ସଭାପତି ଭରତ ମାଝୀ, ସମ୍ପାଦକ ହରିହର ସିଂ, କର୍ମଚାରୀ ୟୁନିୟନ ସଭାପତି କେଦାର ବାରିକ, ସମ୍ପାଦକ ସଞ୍ଜୀବ ବଗର୍ତ୍ତୀଙ୍କ ସମେତ ଅନ୍ୟ ସଦସ୍ୟମାନେ କାରଖାନା ଗେଟ ନଂ.-୨, ଆଡମିନଷ୍ଟ୍ରେଟିଭ ଅଫିସ ଓ ଟାଉନ ମେଣ୍ଟେନାନ୍ସ ଅଫିସରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କଳାବ୍ୟାଜ ପରିଧାନ କରାଇଥିଲେ । ପରେ ଇମେଲ ଜରିଆରେ ପ୍ରଧାନମନ୍ତ୍ରୀ, ରକ୍ଷାମନ୍ତ୍ରୀ ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋନସ ଟଙ୍କା ପ୍ରଦାନ କରିବା ପାଇଁ ପତ୍ର ପଠାଇଥିଲେ ।

## ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ଲୋଇସିଂହା,୧୭।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭଦ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଗୁରବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ସ୍ଥିତ ୱାଲ୍ଡଭିଜନ ଏଡିପି ଶାଖା ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଗ୍ରାମର ୩୯ଜଣ ଶିଶୁ ଓ ତାଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ । ସଂସ୍ଥା ସିଡିଏଫ ଦେବସହାୟାମ ବ୍ୟାରାପ୍ପା ଅଧ୍ୟକ୍ଷତା କରି ଶିଶୁଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପ୍ରତି ଅଭିଭାବକମାନେ ଶିଶୁର ବିଭିନ୍ନ ଦିଗପ୍ରତି ଯତ୍ନବାନ ନେବାକୁ ପରାମର୍ଶ ଦେଇଥିଲେ। ବିଶେଷକରି ମା’ମାନେ ଅଧିକ ସଚେତନ ହେଲେ ଶିଶୁଙ୍କ ଉଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ, ଜନପ୍ରତିନିଧି ଓ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।




ଶିକ୍ଷା, ସ୍ୱାସ୍ଥ୍ୟ ସଚେତନତା କର୍ମଶାଳାରେ ମଞ୍ଚାସୀନ ଅତିଥି।

ଚିକିତ୍ସା କରାଇ ପାରୁ ନ ଥିଲେ ଦୁଇ ଅସହାୟ ପରିବାର

## ସହାୟତାର ହାତ ବଢ଼ାଇଲା ପ୍ରଶାସନ

**ଲୋଇସିଂହା, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଏବଂ ନଅଗାଁ(କ) ଗ୍ରାମର ଦୁଇ ଅସହାୟ ପରିବାରକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏଥିସହ ବଲାଙ୍ଗୀର ଭୀମ ଭୋଇମେଡିକାଲ କଲେଜ ହସ୍‌ପିଟାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଭରସୁଜା ଗ୍ରାମର ଇନ୍ଦ୍ରଜିତ ଭୋଇ ପକ୍ଷାଘାତ ଓ ତାଙ୍କ ସ୍ତ୍ରୀ ସ୍ତନ କର୍କଟ ରୋଗରେ ପୀଡିତ ହୋଇଛନ୍ତି। ଅର୍ଥାଭାବରୁ ସେମାନଙ୍କ ଉଚ୍ଚତର ଚିକିତ୍ସା ହୋଇପାରୁ ନ ଥିଲା । ଏ ନେଇ ଖବର ପାଇବା ପରେ ସମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀ ଓ ବଲାଙ୍ଗୀର ଜିଲାପାଳଙ୍କୁ ଟୁଇଟ କରି ସେମାନଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିବେଦନ କରିଥିଲେ । ସେହିପରି ନଅଗାଁ(କ) ଗ୍ରାମର ସୁନାକଢି ମେହେରଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି । ସେ ଶିକୁଳିରେ ବନ୍ଧା ଜୀବନ ବିତାଉଛନ୍ତି। ସ୍ଥାନୀୟ ସମାଜିକ କର୍ମୀ ବିଜୟ ଅଗ୍ରୱାଲଙ୍କ ସୂଚନା କ୍ରମେ ସମାଜିକକର୍ମୀ ଦିବସ ସାହୁ ଅନୁରୂପ ଭବେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟିକୁ ଆଣିଥିଲେ । ଏହାକ ଜିଲାପାଳ ଅରିନ୍ଦମ ଡାକୁଆ ତତ୍ପରତା ସହ ନେଇ ଆଗଲପୁର ବିଡିଓ ସୁଦର୍ଶନ ସାଏଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବିଡିଓ ସାଏ ଉଭୟ ପରିବାର ନିକଟକୁ ଯାଇ ରେଡକ୍ରସରୁ ୧୫ ହଜାର ଲେଖାଏଁ ଆର୍ଥିକ ସହାୟତା ଚେକ ଜରିଆରେ ପ୍ରଦାନ କରିଥିଲେ ।



ପ୍ରଶାସନ ପକ୍ଷରୁ ଇନ୍ଦ୍ରଜିତ ଭୋଇଙ୍କୁ ମିଳିଥିବା ସହାୟତା ଚେକ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ମାରୱାଡି ଯୁବାମଞ୍ଚର ବୈଠକ

**ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)** ଭବାନୀପାଟଣା ସହରସ୍ଥିତ ଅଗ୍ରସେନ ଭବନରେ ମାରୱାଡି ଯୁବାମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯୁବା ମଞ୍ଚ ସଭାପତି ତରୁଣ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ଯୁବାମଞ୍ଚ ସଭାପତି ଅମିତ ଅଗ୍ରୱାଲ, ରାଜ୍ୟ ଯୁବାମଞ୍ଚ ସଭାପତି ମନିଷ ଅଗ୍ରୱାଲ, ଭବାନୀପାଟଣା ଜାଗୃତି ଶାଖାର ସଭାନେତ୍ରୀ ତଶ୍ମୀ ଅଗ୍ରୱାଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ ମଞ୍ଚର ବିସ୍ତାର, ଯୁବ ବିକାଶ, ସ୍ୱଚ୍ଛ ଭାରତ, ଅଙ୍ଗଦାନ ଉପରେ ଆଲୋଚନା ହୋଇଥିଲା। ସମ୍ପାଦକ ରାକେଶ ଶର୍ମା ପ୍ରାରମ୍ଭିକ ସୂଚନା ଓ ସୁମନ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ। ଉପସଭାପତି ଯୋଗେଶ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଯୁବାମଞ୍ଚ ସହସମ୍ପାଦକ ଅର୍ଜୁନ ବର୍ମା, କୋଷାଧ୍ୟକ୍ଷ ସୌରଭ ଗୁପ୍ତା, ଅମନ ଅଗ୍ରୱାଲ, ବିଭୁତି ଅଗ୍ରୱାଲ, ଜାଗୃତି ଶାଖାର ସମ୍ପାଦିକା ରାକ୍ଷୀ ଅଗ୍ରୱାଲ, କୋଷାଧ୍ୟକ୍ଷ ବବିତା ଅଗ୍ରୱାଲ ଗୁଞ୍ଜନ ଶର୍ମା, ଶିଖା ଅଗ୍ରୱାଲ, ରାକ୍ଷୀ ଶର୍ମା, ଶ୍ୱେତା ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ଦିନ ଧାର୍ଯ୍ୟ

**ରିଷିଡା,୧୭।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଗୋଚ୍ଛାଡେଙ୍ଗେନ ପଞ୍ଚାୟତ ସିକେଲକୂପାଠାରେ ଗିରିଗୋବର୍ଦ୍ଧନ ପୂଜା ହେବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଆସନ୍ତା ୨୭ରୁ ୨୯ ତାରିଖ ୩ଦିନ ବ୍ୟାପି ଏଡି ପୂଜା ଚାଲିବ। ଉକ୍ତ ପୂଜାରେ ଅଷ୍ଟ ପ୍ରହର ନାମଯଜ୍ଞ ଆୟୋଜନ କରାଯିବ ବୋଲି ଗିରିଗୋବର୍ଦ୍ଧନ ପୂଜା କମିଟି ଜଣାଇଛନ୍ତି ।

### ଦୁଇଦିନ ସରକାରୀ କାର୍ଯ୍ୟାଳୟ ବନ୍ଦ, ଲୋକେ ହଇରାଣ

**ଗୁଡଭେଲା,୧୭।୧୦(ଡି.ଏନ.ଏ.):** ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବଲାଙ୍ଗୀର ଓକିଲ ସଂଘ ଆହ୍ୱାନକ୍ରମେ ତୁଷୁରା ବାର ଆସୋସିଏଶନ ପକ୍ଷରୁ ବୁଧବାର ଓ ଗୁରୁବାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ତୁଷୁରା ତହସିଲ, ଏନଏସି କାର୍ଯ୍ୟାଳୟ, ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କ, ଟ୍ରେଜରି କାର୍ଯ୍ୟାଳୟ ବନ୍ଦ ରହିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୁଇଦିନ କାଳ ସହରରେ ଓକିଲମାନେ ପିକେଟିଂ କରିଥିଲେ। ଓକିଲ ସଂଘ ସଭାପତି ଆର୍ତ୍ତତ୍ରାଣ ପୁରୋହିତ, ରୁପେଶ ସାହୁ, ସୁମିତ ମିଶ୍ର, ଦୈତାରୀ ଆଚାର୍ଯ୍ୟ, ବିଜୟ ପଧାନ, ସରୋଜ ପଟ୍ଟନାୟକ, ଭକ୍ତରାମ କଏଣ୍ଡା, ଶିବ ବାଗ, ଦିବ୍ୟସିଂ ମେହେର ପ୍ରମୁଖ ଏଥିରେ ସାମିଲ ଥିଲେ ।

### ସଟ୍ଟା ଚଢ଼ାଉ, ୨ ଗିରଫ

**ବଲାଙ୍ଗୀର ଅଫିସ,୧୭।୧୦:** ବଲାଙ୍ଗୀର ଟାଉନ୍ ଥାନା ପୋଲିସ ସଟ୍ଟା ଆଡ୍ଡା ଉପରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଲାଙ୍ଗୀର ଠିକାଦାରପଡାର ସଂଗ୍ରାମ କେଶରୀ ରଣା ଓ କପିଳ ଓରଫ୍ ଉମାଶଙ୍କର ସ୍ୱାଇଁ । ଏମାନଙ୍କ ଠାରୁ ୪୪୭୦ ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ୍ କରାଯାଇଛି । ଏନେଇ ଥାନାରେ ଏକ ମାମଲା (ନଂ.୫୫୭/୧୯) ରୁଜୁ କରାଯାଇଛି ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।



କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀମାନେ ।

ନ୍ୟାଶନାଲ କଲେଜରେ ଆତ୍ମସୁରକ୍ଷା ତାଲିମ

# ଆତ୍ମସୁରକ୍ଷା କୌଶଳ ଆତ୍ମବିଶ୍ୱାସ ବଢ଼ାଇଥାଏ

**ନୂଆପଡା ଅଫିସ,୧୭।୧୦**

ସଭ୍ୟତା ଯେତିକି ଆଗକୁ ଯାଉଛି ଆମକୁ ତାହା ସହ ତାଳ ଦେଇ ଚାଲିବାକୁ ପଡିବ । ଏଥିରେ ମଧ୍ୟ ନିଜକୁ ସବୁବେଳେ ଦକ୍ଷ ରଖିବାକୁ ପଡିବ । ଆତ୍ମ ସୁରକ୍ଷା କୌଶଳ କେବଳ ଯେ ବିଦ୍ୟାଗ୍ରହଣ ଭିତରେ ସୀମିତ ନ ରହି ଏଥିରେ ଆତ୍ମ ସୁରକ୍ଷା କୌଶଳ ଶିଖିବା ଆବଶ୍ୟକତା ରହିଛି । ଏହା ଆମରି ଭିତରେ ଗଭୀର ଆତ୍ମ ବିଶ୍ୱାସକୁ ଜନ୍ମ ଦେଇଥାଏ ବୋଲି ସ୍ଥାନୀୟ ନ୍ୟାଶନାଲ କଲେଜରେ ଆୟୋଜିତ ଆତ୍ମସୁରକ୍ଷା ତାଲିମର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଛନ୍ତି। କଲେଜ ଅଧ୍ୟକ୍ଷ ତଥା ନୋଡାଲ ଅଧିକାରୀ ସମରେନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିବା ବେଳେ ହିନ୍ଦୀ ବିଭାଗ ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ନାୟକ, ଅର୍ଥନୀତି ବିଭାଗ ଦୁର୍ଲ୍ଲଭ ଚରଣ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କାର୍ଯ୍ୟକ୍ରମ ସଂଯୋଜକ ପ୍ରକାଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କଲେଜର ଶତାଧିକ ଛାତ୍ରୀ ବିଭିନ୍ନ କୌଶଳ ତାଲିମ ନେଉଛନ୍ତି। ଏହି କାର୍ଯ୍ୟକ୍ରମର ଉପକାରୀତା ଏବଂ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ମାଷ୍ଟର ଟ୍ରେନର ସରସ୍ୱତୀ ଶବର, ଧନେଶ୍ୱରୀ କେଉଟ, ଫୁଲେଶ୍ୱରୀ ସାହୁ ପ୍ରମୁଖ ତାଲିମ ପ୍ରଦାନ କରୁଛନ୍ତି। ଏହି ଶିବିର ୧୨ ଦିନ ଧରି ଚାଲିବ ଜଣାପଡ଼ିଛି। କାର୍ଯ୍ୟକ୍ରମରେ ପ୍ରକାଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଭବାନୀପାଟଣା ସହର ପାଇଁ ବାଇପାସ୍ ରାସ୍ତା ନିର୍ମାଣ ଦାବି

**ଭବାନୀପାଟଣା,୧୭।୧୦(ଡି.ଏନ.ଏ.)**

ଦୀର୍ଘ ଦିନ ହେବ ଭବାନୀପାଟଣା ସହର ବାଇପାସ ରାସ୍ତା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇ ଆସୁଛି। କିନ୍ତୁ ବାର ବାର ବାଇପାସ ରାସ୍ତା ପାଇଁ ସର୍ଭେ ହୋଇ ଆସୁଥିଲେ ମଧ୍ୟ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ବର୍ତ୍ତମାନ ଭବାନୀପାଟଣା ସହର ଜିଲା ସଦର ମହକୁମା ହେତୁ ପ୍ରତିଦିନ ହଜାର ହଜାର ଲୋକ ସହିତ ବହୁ ସଂଖ୍ୟାରେ ଲଘୁ ଓ ଭାରି ଯାନବାହନ ମଧ୍ୟ ସହର ଭିତରେ ଚଳପ୍ରଚଳ ହୋଇ ଆସୁଛି। ଫଳରେ ସହର ଭିତରେ ଛୋଟବଡ଼ ଅନେକ ଦୁର୍ଘଟଣା ଘଟି ଚାଲିଛି।

ଏପରିକି ଦୁର୍ଘଟଣାରେ ମୃତ୍ୟୁ ମୁଖରେ ମଧ୍ୟ ଅନେକ ସମ୍ମୁଖିନ ହେଲେଣି। ଏ ବିଷୟରେ ଜିଲା ପ୍ରଶାସନ ଉଦ୍ୟମ କରି ଯଥାଶୀଘ୍ର ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବା ପାଇଁ ଦାବି ହେଉଛି। ସହର ଭିତରେ ଟ୍ରାଫିକ ବ୍ୟବସ୍ଥା ମଧ୍ୟ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହି କାରଣକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇ ଆସୁଛି। ସାଧାରଣ ଜନତା ମଧ୍ୟ ଏହି ବିଷୟରେ ଆଲୋଚନା କରି ସରକାରକୁ ସମାଲୋଚନା କରି ଆସୁଛନ୍ତି। ଏହି ବାଇପାସ ରାସ୍ତା ଯଥା ଶୀଘ୍ର ନିର୍ମାଣ ହେଲେ ସହର ଭିତରେ ଘଟି ଚାଲିଥିବା ଦୁର୍ଘଟଣା ସହିତରେ ଧନଜୀବନ ସୁରକ୍ଷିତ ହୁଅନ୍ତା। ବାଇପାସ ରାସ୍ତା ନିର୍ମାଣ ପାଇଁ ଅନେକ ସମୟରେ ଧାରଣା ଆନ୍ଦୋଳନ ହେଉଥିଲେ ହେଁ ସରକାର ଏଥିପ୍ରତି ଉଦାସିନତା ଦେଖାଉ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବାଇପାସ ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଛି।

ଗୋଳାବାରୁଦ କାରଖାନା କର୍ମଚାରୀଙ୍କୁ ମିଳିନି ଦଶହରା ବୋନସ

# କଳାବ୍ୟାଜ୍ ପିନ୍ଧି କଲେ ପ୍ରତିବାଦ

**ସଇଁତଲା, ୧୭।୧୦ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗ ଦ୍ୱାରା ପରିଚାଳିତ ବଲାଙ୍ଗୀର ଜିଲା ସଇଁତଲା ବଡମାଲସ୍ଥିତ ଗୋଳାବାରୁଦ କାରଖାନାର କର୍ମଚାରୀଙ୍କୁ ଚଳିତ ଦଶହରା ବୋନସ ଟଙ୍କା ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନାହିଁ। ପ୍ରମୁଖ ଶ୍ରମିକ ସଂଗଠନମାନେ ମିଳିତ ଭାବେ ଗୁରୁବାର କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ପ୍ରତ୍ୟେକ ଦଶହରା ପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଦେଶର ୪୧ଗୋଟି ଗୋଳାବାରୁଦ କାରଖାନାର ଗ୍ରୁପ ସି ଏବଂ ଗ୍ରୁପ ଡ଼ି କର୍ମଚାରୀମାନଙ୍କୁ ବୋନସ ଟଙ୍କା ମିଳିଥାଏ । କିନ୍ତୁ ଚଳିତ ବର୍ଷ ଅଦ୍ୟାବଧି ସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ହୋଇ ନ ଥିବାରୁ କର୍ମଚାରୀମାନେ ବୋନସ ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ତିନି ପ୍ରମୁଖ ଶ୍ରମିକ ମହାସଂଘ ଡାକରାରେ ଗୋଳାବାରୁଦ କାରଖାନାର ମଜଦୁର ସଂଘ ସଭାପତି ପଞ୍ଚୁ ପଟେଲ, ସମ୍ପାଦକ ସତ୍ୟପ୍ରେମ ମାଝୀ, ବିରଞ୍ଚି ମହାନନ୍ଦ, କାର୍ଯ୍ୟ ସମିତି ସମ୍ପାଦକ ଜୟ ସିଂ ନାଏକ, ବିପିଏମଏସ ସଭାପତି ଭରତ ମାଝୀ, ସମ୍ପାଦକ ହରିହର ସିଂ, କର୍ମଚାରୀ ୟୁନିୟନ ସଭାପତି କେଦାର ବାରିକ, ସମ୍ପାଦକ ସଞ୍ଜୀବ ବର୍ଗର୍ତ୍ତୀଙ୍କ ସମେତ ଅନ୍ୟ ସଦସ୍ୟମାନେ କାରଖାନା ଗେଟ ନଂ.-୨, ଆଡମିନଷ୍ଟ୍ରେଟିଭ ଅଫିସ ଓ ଟାଉନ ମେଣ୍ଟେନାନ୍ସ ଅଫିସରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କଳାବ୍ୟାଜ ପରିଧାନ କରାଇଥିଲେ । ପରେ ଇମେଲ ଜରିଆରେ ପ୍ରଧାନମନ୍ତ୍ରୀ, ରକ୍ଷାମନ୍ତ୍ରୀ ଅର୍ଥ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୋନସ ଟଙ୍କା ପ୍ରଦାନ କରିବା ପାଇଁ ପତ୍ର ପଠାଇଥିଲେ ।

### ଦୁଇଦିନ ବନ୍ଦ ରହିଲା ସରକାରୀ କାର୍ଯ୍ୟାଳୟ

**ଖପ୍ରାଖୋଲ, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ ସ୍ଥାପନର ଦାବିରେ ଦୁଇଦିନିଆ ସରକାରୀ କାର୍ଯ୍ୟାଳୟ ବନ୍ଦ ଡାକରା ପ୍ରଭାବ ଖପ୍ରାଖୋଲଠାରେ ଦେଖିବାକୁ ମିଳିଥିଲା। ବନ୍ଦ ପ୍ରଭାବରେ ବ୍ଲକ, ତହସିଲ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ବୁଧବାର ଓ ଗୁରୁବାର ଦୁଇଦିନ ବନ୍ଦ ରହିଥିଲା। ଫଳରେ ଲୋକେ ସରକାରୀ ସେବାରୁ ବଞ୍ଚିତ ରହିଥିଲେ। ଆଇନଜୀବୀ ଦେବକାନ୍ତ ପାଣିଗ୍ରାହୀ, ଉମାକାନ୍ତ ଦାଶ, ବ୍ୟାସଦେବ ଭୋଇ ପ୍ରମୁଖ ବନ୍ଦର ନେତୃତ୍ୱ ନେଇଥିଲେ।

# ସ୍ୱାସ୍ଥ୍ୟ ସୂଚନା ଦେବା କ୍ଷେତ୍ରରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଆଗୁଆ

**ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)**

କଳାହାଣ୍ଡି ମଡେଲ ସବୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଅନୁପାଳନ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୬ ତାରିଖ ନିର୍ଦ୍ଦେଶ ଦେଇଛନ୍ତି। ଏହା ଜଣାପଡିବା ପରେ ଜିଲାରେ ଖୁସିର ଲହରି ପରିଲକ୍ଷିତ ହେଉଛି। ପ୍ରକାଶ ଯେ, ସ୍ୱାସ୍ଥ୍ୟ ସୂଚନା ଦେବା କ୍ଷେତ୍ରରେ କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ ଏକ ୭୫ ଦଫା କାର୍ଯ୍ୟ ତାଲିକା ପ୍ରସ୍ତୁତ କରିଛନ୍ତି। ଏହି ତାଲିକାରେ କି କି ସୁବିଧା ମେଡିକାଲରେ ମିଳୁଛି, ରୋଗୀମାନେ କିଭଳି ସଚେତନ ହେବେ, କେଉଁ କ୍ଷେତ୍ରରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ହେବ ସେ ସମ୍ପର୍କରେ ବିଶଦ ଭାବେ ଦର୍ଶାଯାଇଛି। ଏପରିକି ମା'ମାନେ କ'ଣ କ'ଣ ନିହାତି ଜାଣିବା ଉଚିତ୍, ଅପପୁଷ୍ଟି କିଭଳି ରୋକାଯାଇ ପାରିବ, ଜିଙ୍କ ବଟିକାର ଉପଯୋଗିତା, ମ୍ୟାଲେରିଆ ଲକ୍ଷଣ ଓ ପ୍ରତିକାର ଆଦି ସମ୍ପର୍କରେ ଦର୍ଶାଯାଇଛି।

### ରାଜ୍ୟସ୍ତରୀୟ ଭଲିବଲ, କବାଡ଼ି ଚାମ୍ପିୟନ୍‌ଶିପ ପାଇଁ ଖେଳାଳି ଚୟନ

**ବଲାଙ୍ଗୀର ଅଫିସ,୧୭।୧୦**

ନଭେମ୍ବର ଦ୍ୱିତୀୟ ସପ୍ତାହରେ ଓଡିଶା ରାଜ୍ୟ ଭଲିବଲ ସଂଘ ପକ୍ଷରୁ ଭୁବନେଶ୍ୱର କିଟ୍‌ଠାରେ ଭଲିବଲ ଚାମ୍ପିୟନଶିପ ଓ ରାଜ୍ୟ କବାଡି ସଂଘ ପକ୍ଷରୁ ଝାରସୁଗୁଡାଠାରେ କବାଡି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଓ ହଲଦୀସ୍ଥିତ ଇଲେଭେନ ବ୍ରର୍ଦସ୍ ଫୁଟବଲ ସଂଘ ମିଳିତ ଆନୁକୂଲ୍ୟରେ ଚଳିତ ମାସ ଅକ୍ଟୋବର ୨୪ ଓ ୨୫ ତାରିଖରେ ହଲଦୀ ଖେଳ ପଡିଆଠାରେ ଅନୁଷ୍ଠିତ ହେବ । କବାଡି ପ୍ରତିଯୋଗିତା ଓ ଚୟନ ୨୪ ତାରିଖ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହେବ ଓ ଭଲିବଲ ପ୍ରତିଯୋଗିତ ଓ ଚୟନ ଅପରାହ୍ଣ ୩ ଟାରୁ ଆରମ୍ଭ ହେବ । ଏହି ପ୍ରତିଯୋଗିତା ଓ ଚୟନ ଶିବିରକୁ ଇଲେଭେନ ବ୍ରଦ୍‌ସ ହଲଦୀ ଏବଂ ଜିଲା ପ୍ରତିନିଧି ପଦ୍ମଚରଣ ଦାସଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି । ପ୍ରତିଯୋଗିତା ଓ ଚୟନ ଶିବିରରେ ଭାଗ ନେବା ପାଇଁ ଇଚ୍ଛୁକ କ୍ଲବ, କଲେଜ ଓ ବିଭିନ୍ନ ଅନୁଷ୍ଠାନର ଖେଳାଳିମାନେ ନିଜର ଆଧାର କାର୍ଡ, ପ୍ରମାଣ ପତ୍ର ସହ ଭାଗ ନେଇ ପାରିବେ ।

ବୃଦ୍ଧା କାକୀ, ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

**କଣ୍ଟାବାଞ୍ଜି, ୧୭।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଖଗସା ଗାଁରେ ଜଣେ ବ୍ୟକ୍ତି ତାଙ୍କ ବୃଦ୍ଧା କାକି ଓ କକାପୁଅ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥଇବା ଅଭିଯୋଗ ହୋଇଛି। ଗତ ୧୪ ତାରିଖ ରାତିରେ ଏହି ଘଟଣା ଘଟିଛି । ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି କଣ୍ଟାବାଞ୍ଜି ଥାନାରେ ୧୫ ତାରିଖ ବିଧିବଦ୍ଧ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଦେଇ ଚୁପ୍ ହୋଇ ବସିଛି । ଘଟଣା ଘଟିବାର ଦୁଇଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗୁରୁବାର ଅଭିଯୋଗକାରୀ ପୁଣି ଥରେ କଣ୍ଟାବାଞ୍ଜି ଥାନାକୁ ଆସି ମାମଲା ସମ୍ପର୍କରେ ପଚାରି ବୁଝିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଜାଣିବା ପରେ ଗୁରୁବାର ବଲାଙ୍ଗୀର ଆସି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ଦିନ ରାତି ୧୨ଟା ବେଳେ ଖଗସା ଗାଁର ତୁଳାରାମ ହାତୀ ମଦ ପିଇ କକାପୁଅ ଭାଇ ପଦ୍ମଲୋଚନ ହାତୀ (୪୫) ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲା । ପରିବାର ଲୋକେ ବାରଣ କରିବାରୁ ପଦ୍ମଲୋଚନଙ୍କୁ ଏକ ଠେଙ୍ଗାରେ ସେ ଆକ୍ରମଣ କରିଥିଲେ। ଏହାଦେଖି ପଦ୍ମଲୋଚନଙ୍କ ମା' ହାରାବାତୀ ହାତୀ(୭୦) ପଦାକୁ ଆସି କାହିଁକି ମାରପିଟ କରୁଛ ବୋଲି କହିବାରୁ ତାଙ୍କୁ ମଧ୍ୟ ଠେଙ୍ଗାରେ ପିଟି ଦେବାରୁ ତାଙ୍କର ମଧ୍ୟ ମୁଣ୍ଡ ଫାଟି ଯାଇଥିଲା । ଉଭୟେ ଗୁରୁତର ଆହତ ହୋଇଥିଲେ । ମାରପିଟ୍ ସମୟରେ ପଦ୍ମଲୋଚନଙ୍କ ସ୍ତ୍ରୀ ବି ମାଡ ଖାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା (ନଂ.୨୨୮/୧୯) ରୁଜୁ କରାଯାଇଥିଲା । ମାତ୍ର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ଆଜି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି।



ଆକ୍ରମଣରେ ଆହତ ମା-ପୁଅ ।

# କଳାହାଣ୍ଡିରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପଦକ୍ଷେପକୁ ସ୍ୱାଗତ

**ଭବାନୀପାଟଣା,୧୭।୧୦(ଡି.ଏନ.ଏ.)**

ସ୍ଥାନୀୟ ଆତ୍ମ ବିକାଶ କେନ୍ଦ୍ରରେ ଗତ ୧୬ ତାରିଖ ସନ୍ଧ୍ୟାରେ ସିଟିଜନ ଫୋରମ ପକ୍ଷରୁ ଆହୁତ ଏକ ବୈଠକରେ କଳାହାଣ୍ଡି ଓକିଲ ସଂଘ, ଶିକ୍ଷା ବିକାଶ ପରିଷଦ, ବରିଷ୍ଠ ନାଗରିକ ସଂଘ ଓ କଳାହାଣ୍ଡି ବଣିକ ସଂଘ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କଳାହାଣ୍ଡିରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ପ୍ରସ୍ତାବ ଗଣମାଧ୍ୟମରେ ପ୍ରକାଶିତ ହୋଇଥିବାରୁ ବୈଠକରେ ସଦସ୍ୟମାନେ ସନ୍ତୋଷ ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ଦିନରେ ଏହି ମର୍ମରେ ଏକ ଶୋଭାଯାତ୍ରା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମଗ୍ର ଜିଲାରେ ପଞ୍ଚାୟତସ୍ତରରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ସିଟିଜନ ଫୋରମ ଉପସଭାପତି ସୁବାଷ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ଅଧ୍ୟାପକ ସୀମାଞ୍ଚଳ ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସିଟିଜନ ଫୋରମର ଉପସଭାପତି ଦିନବନ୍ଧୁ ମୁଣ୍ଡ, ଶିକ୍ଷା ବିକାଶ ପରିଷଦ ଉପସଭାପତି ଜଗନ୍ନାଥ ମୁଣ୍ଡ, ସମ୍ପାଦକ କୃଷ୍ଣାବତାର ଦେଓ, କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଜୟ ହୋତା, ଅଶୋକ ମିଶ୍ର, ପ୍ରାଧ୍ୟାପକ ସୋମନ ରଥ, ହରିଶଙ୍କର ପଟ୍ଟନାୟକ, ସଞ୍ଜୀବ ନାୟକ, ପ୍ରଫେସର ରଜନୀ ବେହେରା ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।



ସିଟିଜନ ଫୋରମର ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଏବଂ ଅନ୍ୟମାନେ ।

ତାଲିମପ୍ରାପ୍ତ ଶିକ୍ଷକଙ୍କ ନିଯୁକ୍ତି ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୧୭।୧୦(ଡି.ଏନ.ଏ.)**

ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଶିକ୍ଷକ ହେଉଛନ୍ତି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଶିକ୍ଷା ହେଉଛି ସାମାଜିକ ବିକାଶର ମେରୁଦଣ୍ଡ ଏବଂ ପ୍ରାଥମିକ ଶିକ୍ଷା ଏହାର ଭିତ୍ତିଭୂମି। କିନ୍ତୁ ପରିତାପର ବିଷୟ ରାଜ୍ୟର ପ୍ରାଥମିକ ସ୍କୁଲଗୁଡିକରେ ଲକ୍ଷାଧିକ ଶିକ୍ଷକ ପଦବୀ ଖାଲି ପଡିଛି। ଏହି ଖାଲି ପଦବୀରେ ଆବେଦନର ସୁଯୋଗ ଦେବାକୁ ଦାବି କରିଛନ୍ତି ସିଟି ଓ ଡିଏଲ୍‌ଇଡି ତାଲିମପ୍ରାପ୍ତ ଶିକ୍ଷକ ଛାତ୍ରୀଛାତ୍ର ସଂଘ। ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳ ଗତ ୧୬ ତାରିଖରେ କଳାହାଣ୍ଡି ଜିଲା ଧର୍ମଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ବିଧାନ ସଭା ଅଧିବେଶନ ସମୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ବିବୃତି ଅନୁଯାୟୀ ରାଜ୍ୟରେ ୩୫ ହଜାରରୁ ଅଧିକ ପ୍ରାଥମିକ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ୬୦ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି। ହାଇକୋର୍ଟଙ୍କ ରାୟ ଅନୁଯାୟୀ ଏହି ପଦବୀରେ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ବୟସ ସୀମା ୩୨ ବର୍ଷ ରଖାଯାଇଛି। ୨୦୧୫-୧୭ ଓ ୨୦୧୬-୧୮ ଶିକ୍ଷା ବର୍ଷରେ ଶିକ୍ଷକତା ତାଲିମପ୍ରାପ୍ତ ଛାତ୍ରୀଛାତ୍ର ତଥା ୨୦୧୭-୧୮ ଶିକ୍ଷା ବର୍ଷରେ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ବୟସ ଏବେ ୩୨ ବର୍ଷ ପାଖାପାଖି ରହିଛି। ଯଦି ରାଜ୍ୟ ସରକାର ଏବେ ନୂତନ ନିୁକ୍ତି ପ୍ରକ୍ରିୟା ଆରମ୍ଭ କରି ବିଜ୍ଞପ୍ତି ପ୍ରକାଶ ନ କରନ୍ତି ତା ହେଲେ ବୟସାଧିକ୍ୟ କାରଣରୁ ଏମାନେ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେବେ। ଏହି ଛାତ୍ରୀଛାତ୍ରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଶାୟୀ ଶିକ୍ଷା ସହାୟତା ସଂଘ ପକ୍ଷରୁ ତୁରନ୍ତ ବିଚାର କରିବାକୁ ଦାବି କରାଯାଇଛି। ସଂଘ ସଭାପତି ଢଗମାଳିଆ ନାଏକ, ସମ୍ପାଦକ ଖିରସିନ୍ଧୁ ପୁଟେଲ, ଦେବାଶିଷ ନାଏକ, ଚନ୍ଦନ ମଙ୍ଗରାଜ, ରାମେଶ୍ୱର ମାଝି, ନକୁଳ ମିଶ୍ର, ଜଗମୋହନ ମାଝି, ନିଳମଣି ପ୍ରଧାନ ପ୍ରମୁଖ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

**ତରଭା, ୧୭।୧୦(ଡିଏନଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପରିସରରେ ଓଡିଶା ଜୀବିକା ମିଶନ ଏବଂ ସୋନପୁର ମିଶନ ଶକ୍ତିଙ୍କ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମେଳାରେ ତରଭା ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ମଲ୍ଲିକ ଅଧକ୍ଷତା କରିଥିଲେ। ଏସ୍‌ଏଚ୍‌ଜି ମହିଳାମାନେ ସଶକ୍ତିକରଣ ହେଲେ ପାରିବାରିକ ଅର୍ଥନୈତିକ ସ୍ଥିତି ସୁଧରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ନିହାର ରଞ୍ଜନ କହଁର ଯୋଗଦେଇ ସମନ୍ୱୟ ମେଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ନାବାର୍ଡ ଡିଡିଏମ ତାପସ ରଞ୍ଜନ ରାଉତ୍, ଆରସେଟି ଡାଇରେକ୍ଟର ରବି କୁମାର ରାୟ, ସିଡିପିଓ ସବିତା ଦୋରା, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ମିଶନ ଶକ୍ତି ଡିପିସି କାର୍ତ୍ତୀକ ଚନ୍ଦ୍ର ନାୟକ, ସୋନପୁର ଡିପିଏମ ଓଏଲଏମ ଯୁବରାଜ ସାହୁ, ଏସବିଆଇ ତରଭା ଶାଖା ବିଏମ ପଞ୍ଚମଲାଲ ବୁଡେକ, ୟୁନିୟନ ବ୍ୟାଙ୍କ ତରଭା ଶାଖା ବିଏମ ସୁନୀଲ କୁମାର, ୟୁଜିବି କମସରା କିଶୋର ବିଏମ ପୁରୋହିତ, ୟୁଜିବି ଚାରଭଟା ବିଏମ ଜୀବନଜ୍ୟୋତି ସେଠୀ, ଏଫଓ ଏସବିଆଇ ତରଭା ହିମାଂଶୁ ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଏସଏଚ୍‌ଜିର ଉନ୍ନତି ଏବଂ ବ୍ୟାଙ୍କ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ । ତରଭା ଜୀବିକା ମିଶନର ବିପିଏମ ମନୋଜ କୁମାର ବାଗ ସହଯୋଗ କରିଥିଲେ । ତରଭା ଷ୍ଟେଟ ବ୍ୟାଙ୍କ ତରଫରୁ ୬୫ ଏସ୍‌ଏଚଜିକୁ ଏକ କୋଟି ତିନି ଲକ୍ଷ, ୟୁନିୟନ ବ୍ୟାଙ୍କ ତରଫରୁ ୮୦ ଏସ୍‌ଏଚଜିକୁ ଏକ କୋଟି ୧୪ ଲକ୍ଷ ଟଙ୍କା, ଚାରଭଟା, ମେଣ୍ଡା ଓ କମସରା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ତରଫରୁ ୪୨ ଏସଏଚଜିକୁ ୫୩ ଲକ୍ଷ ୧୭ ହଜାର ଟଙ୍କାର ଋଣ ପ୍ରାଦାନ କରାଯାଇଥିଲା। ସୋନପୁର ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ୮ ଏସଏଚଜିକୁ ୯ଲକ୍ଷ ୬୦ ହଜାର ଟଙ୍କା ଋଣ ପ୍ରଦାନ କରାଗଲା । ଏହି ଯୋଜନାରେ ମୋଟ ୧୯୫ ଏସଏଜିକୁ ୨ କୋଟି ୭୯ଲକ୍ଷ ୬୭ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା ।

### ବାଲିଘାଟ ଉପରେ ଚଢାଉ

**ବିନିକା,୧୭।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ତହସିଲ ସିନ୍ଦୁରପୁର ରାଜସ୍ୱ ସର୍କଲ ଅନ୍ତର୍ଗତ ମଣିଗାଁ ଝରାପଡା ମହାନଦୀ ବାଲିଘାଟରେ ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ଆତର୍କିତ ଚଢାଉ କରାଯାଇଥିଲା। ୮ଟି ଟ୍ରାକ୍ଟରରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ଗାଡିଗୁଡିକୁ ଅଟକ ରଖା ଯାଇଥିଲା । ସମ୍ପୃକ୍ତ ଟ୍ରାକ୍ଟର ମାଲିକ ମାନଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା ।

## ଜିଲାସ୍ତରୀୟ ପୁସ୍ତକମେଳାର ତୃତୀୟ ସନ୍ଧ୍ୟା

# ଶିଶୁ ବିକାଶରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଲାଙ୍ଗୀର ଅଫିସ, ୧୭।୧୦**

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ପ୍ରଥମ ଜିଲାସ୍ତରୀୟ ପୁସ୍ତକମେଳାର ତୃତୀୟ ଦିନ ଗୁରୁବାର ସନ୍ଧ୍ୟାରେ ଶିଶୁ ବିକାଶରେ ସାହିତ୍ୟର ଭୂମିକା ଶୀର୍ଷକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ସନାତନ ଠାକୁର ଓ କବିୟତ୍ରୀ ଡା ଜ୍ୟୋତି ସାହୁ ଯୋଗଦାନ କରିଥିଲେ । ବରେଣ୍ୟ ବକ୍ତାଭାବେ ଶିଶୁକବି ଡ ରମେଶ ପତ୍ରୀ ଓ ଯୁଗଳ କିଶୋର ଷଡଙ୍ଗୀ ଯୋଗଦେଇ




ତୃତୀୟ ଦିନ ଜିଲାସ୍ତରୀୟ ପୁସ୍ତକ ମେଳାରେ ଉପସ୍ଥିତ ଅତିଥି, ବକ୍ତା ଓ ଆୟୋଜକ ।

ଶିଶୁ ବିକାଶରେ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିଶୁ ଭିତରେ ସାହିତ୍ୟ ଓ ସୃଜନର ଧାରାକୁ ଉଜାଗର କରିବାରେ ସାହିତ୍ୟ ବିଶେଷକରି ଶିଶୁ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥି ବକ୍ତାମାନେ କହିଥିଲେ। ଶିଶୁର କୋମଳ ଅଭିବ୍ୟକ୍ତିରେ ସରଳ, ସୁନ୍ଦର ଭାଷା ଓ ସାହିତ୍ୟ ଭରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ଅତିଥି ବକ୍ତାମାନେ କହିଥିଲେ । ପ୍ରଥମେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥି ସ୍ୱାଗତ ବକ୍ତବ୍ୟ ଓ ଶେଷରେ ଧନ୍ୟବାଦ୍ ଦେଇଥିଲେ। ସଭା ପରେ କଳା ସଙ୍ଗଠକ ଗୋପାଳ ପ୍ରଧାନଙ୍କ ସଂଯୋଜନାକ୍ରମେ ଓମ୍‌ଭ୍ୟାଲି ସ୍କୁଲ ଓ ମହୀମୁଣ୍ଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ସହଲା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସଂକୀର୍ତ୍ତନ ଦଳର ସଦସ୍ୟମାନେ।

# ବ୍ଲକ ସଂକୀର୍ତ୍ତନ ସଂଘ ଗଠିତ

**ଡୁଙ୍ଗୁରିପାଲି, ୧୭।୧୦(ଡି.ଏନ.ଏ.)**

ଡୁଙ୍ଗୁରପାଲି ବ୍ଲକ ସହଲା ହାଇସ୍କୁଲ ପଡିଆରେ ବ୍ଲକର ୧୬ଟି ଗ୍ରାମର ୧୯ଟି ଆଞ୍ଚଳିକ ଉଦଣ୍ଡ ସଂକୀର୍ତ୍ତନ ଦଳକୁ ନେଇ ଏକ ସଂଘ ଗଠିତ ହୋଇଛି । ଉକ୍ତ ବୈଠକରେ ନୀଳମଣି ବେହେରା ସଭାପତିତ୍ୱ କରିଥିଲେ। ସୁବର୍ଣ୍ଣପୁର ଉଦଣ୍ଡ ସଂକୀର୍ତ୍ତନ ସଂଘ ସଭାପତି ନନ୍ଦକିଶୋର ସାହୁ ଅତିଥିଭାବେ ଯୋଗଦେଇ ନାମଯଜ୍ଞଗୁଡିକରେ ଉଦଣ୍ଡ ସଂକୀର୍ତ୍ତନ୍ୟ କିପରି ଭକ୍ତିଭାବ ଉପରେ ପରିବେଶିତ ହେବ ତାହା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ସଂକୀର୍ତ୍ତନ ଦଳଗୁଡିକ ନିଜ ନିଜ ଭିତରେ ସହେଯାଗ ରକ୍ଷା କରିବା ପାଇଁ କୁହାଯାଇଥିଲା। ପରେ ସଂକୀର୍ତ୍ତନ୍ୟ ଦଳମାନଙ୍କ ମଧ୍ୟରେ ଏକ ନୂତନ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ବ୍ରଜକିଶୋର ସିଂ ବରିହା, ଉପସଭାପତି ଶ୍ରବଣ ମେହେର, ସମ୍ପାଦକ ଦିଲୀପ ଭୁଏ, ଯୁଗ୍ମ ସମ୍ପାଦକ ଭାବେ ନବୀନ କିଶୋର ଭୋଇଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ ନୀଳମଣି ବେହେରା, ସୁଦର୍ଶନ ବାରିକ, ମକରଧ୍ୱଜ ବାରିକ, ଦୁର୍ଗା ଚାଆଁର, ସୁବାସ ଚନ୍ଦ୍ର ସେଠୀ, ରଙ୍କ ବୁଡେକ, ଗୋପବନ୍ଧୁ ପଧାନଙ୍କୁ ରଖାଯାଇଛି।

# ଦୁର୍ଗା ମନ୍ଦିର ମଣ୍ଡପରେ ସ୍ମୃତି ସମ୍ମାନ ସମାରୋହ

**ବଲାଙ୍ଗୀର ଅଫିସ, ୧୭।୧୦**

ବଲାଙ୍ଗୀର ସହର ଶ୍ରୀଦୁର୍ଗା ମନ୍ଦିର ପୂଜା କମିଟି ଆନୁକୂଲ୍ୟରେ ପୂଜା, ସେବା ଓ କଳା ସଂସ୍କୃତି କ୍ଷେତ୍ରରେ ଉତ୍କର୍ଷ ସାଧନ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଛି। ରାଧାରାଣୀପଡାରେ ୫୦ ବର୍ଷ ଧରି ଦେବୀ ଦୁର୍ଗାଙ୍କ ପୂଜାରେ ସହଯୋଗ ଓ ନିଷ୍ଠାପର କାର୍ଯ୍ୟ କରିଥିବା ଯୋଗୁଁ ବସନ୍ତ ବରାଇ ସ୍ମୃତି ସମ୍ମାନରେ ଜୟକୃଷ୍ଣ ଷଡ଼ଙ୍ଗୀଙ୍କୁ ସମ୍ମାନିତ କରାଯାଇଛି। ଅତିଥିଭାବେ ଆଡଭୋକେଟ୍ ଅମରେନ୍ଦ୍ର ମିଶ୍ର ଯୋଗଦେଇ ସମ୍ମାନିତ କରିଥିଲେ । ଦୁର୍ଗାମନ୍ଦିର ପୂଜା କମିଟିର ପୂର୍ବତନ ସଭାପତି ପ୍ରୀତମ ବକ୍ସି, ରାମଜୀ ନାଟକ ପାର୍ଟିର ଗୁରୁ ତଥା ଗୀତିନାଟ୍ୟ ନିର୍ଦ୍ଦେଶକ ମାଷ୍ଟର ବାଳମୁକୁନ୍ଦ ବେହେରା, ମଞ୍ଚ କଳାକାର ଓ ନିର୍ଦ୍ଦେଶକ ଅଧ୍ୟାପକ ପ୍ରଶାନ୍ତ ଖମାରୀ, ବରିଷ୍ଠ କଳାକାର ତଥା ମୃଣୟ ମୂର୍ତ୍ତି ଶିଳ୍ପୀ ରବୀନ୍ଦ୍ର ନାଏକଙ୍କୁ ସ୍ମୃତି ସମ୍ମାନରେ ଅତିଥି ମିଶ୍ର ସମ୍ମାନିତ କରିଥିଲେ । ଏହି ସମ୍ମାନ ସମାରୋହରେ ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ ।



କୃତୀ କଳାକାରଙ୍କୁ ସମ୍ମାନିତ କରାଯାଉଛି ।

## ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସେମିରେ ଇଲେଭେନ ଷ୍ଟାର ସୋନପୁର

**ଅମରପାଲି, ୧୭।୧୦ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆପାଲି ଖେଳ ପଡିଆରେ ହେଉଥିବା ୧୦ମ ଶହୀଦ ବିଭୀଷଣ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ଗୁରୁବାର ତିନୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଏମଏନସିସି ଉପୁଲା ଓ ବିଏମସିସି ପଣ୍ଡିଆପାଲି ମଧରେ ହୋଇଥିଲା। ଉପୁଲା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ରତନଙ୍କ ୩୧ରନ ସହାୟତାରେ ନିର୍ଦ୍ଧାରିତ ୧୦ ଓଭରରେ ୬ଉଇକେଟ ହରାଇ ୧୧୫ ରନ କରିଥିଲା । ଜବାବରେ ପଣ୍ଡିଆପାଲି ଦଳ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରିପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୟଙ୍ଗଷ୍ଟାର ବୀରମହାରାଜପୁର ଓ ଇଲେଭେନଷ୍ଟାର ସୋନପୁର ମଧରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୬୪ ରନ କରିଥିଲା।



ସେମିଫାଇନାଲରେ ପ୍ରବେଶ କରିଥିବା ଇଲେଭେନ ଷ୍ଟାର ସୋନପୁର ଦଳ।

ଯବାବରେ ସୋନପୁର ଦଳ ୬.୨ ଓଭରରେ ୩ ଉଇକେଟ ହରାଇ ୬୫ ରନ କରି ବିଜୟୀ ହୋଇଥିଲା। ଦଳର ଆକାଶ ସାହୁ ୨୦ ରନ କରିଥିଲେ। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଉପୁଲା ଓ ଦ୍ୱିତୀୟ ମ୍ୟାଚର ବିଜେତା ସୋନପୁର ମଧରେ ହୋଇଥିଲା। ଉପୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯ ୦ ରନ କରିଥିବା ବେଳେ ସୋନପୁର ଦଳ ଆବଶ୍ୟକ ୯୧ ରନକୁ ୯ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ସିଲୁ ୩୫ ରନ କରିଥିଲେ। ମ୍ୟାଚଗୁଡିକରେ ପ୍ରଫୁଲ୍ଲ ବେହେରା ଓ ଲକ୍ଷ୍ମଣ ଅମ୍ପାୟାର, ସୁନୀଲ ପ୍ରଧାନ ଓ ସୁବ୍ରତ ବେହେରା ସ୍କୋରିଂ ଏବଂ ଦୁଃଖୁ ପ୍ରଧାନ ଓ ସିକୁନ ବେହେରା ଧାରା ବିବରଣୀ ପ୍ରଦାନ କରିଥିଲେ ।

### ଗାଡିଚାଳନା ପ୍ରମାଣପତ୍ର ପାଇଁ ସ୍ୱତନ୍ତ୍ର ଶିବିର

**ଅମରପାଲି, ୧୭।୧୦(ଡି.ଏନ.ଏ)**

ବୀରମହାରାଜପୁରସ୍ଥିତ ସରକାରୀ ବାଳକ ହାଇସ୍କୁଲଠାରେ ଗାଡିଚାଳନା ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ଶିବିର ହେବାର ସ୍ଥିର ହୋଇଛି। ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୦ତାରିଖରେ ଉକ୍ତ ଶିବିର ହେବାର ସ୍ଥିରୀକୃତ ହୋଇଛି। ଆବେଦନ କରିଥିବା ଗାଡି ଚାଳକଙ୍କୁ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ଉଦ୍ଦେଶ୍ୟରେ ଏଠାରେ ସ୍ୱତନ୍ତ୍ର ପରୀକ୍ଷା ଶିବିର ଆୟୋଜିତ ହେବ । ସୂଚନାଯୋଗ୍ୟ, ନୂତନ ଟ୍ରାଫିକ ନିୟମ ଯୋଗୁ ଡାଇଭିଂ ଲାଇସେନ୍ସ ନ ଥିବା ଗାଡି ଚାଳକମାନେ ଜିଲା ଆରଟିଓ ଅଫିସରେ ବେଶ ଭିଡ ଜମାଇଥିଲେ । ତେଣୁ ସରକାର ପ୍ରତି ବ୍ଲକରେ ଏହି ଶିବିର ହେବ ବୋଲି ଘୋଷଣା କରିଥିଲେ। ବୀରମହାରାଜପୁର ଅଞ୍ଚଳରେ ମଧ ସହସ୍ରାଧିକ ଗାଡି ଚାଳକ ମଧ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ବୀରମହାରାଜପୁର ଅଞ୍ଚଳର ଡ୍ରାଇଭିଂ ଲାଇସେନ୍ସ ନଥିବା ଗାଡି ଚାଳକମାନେ ଏହାର ସୁଯୋଗ ନେବାକୁ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜାରେ ମୁରାସୁର ରାଜ

**ଅମରପାଲି, ୧୭।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜାର ଗୁରୁବାର ଥିଲା ପଞ୍ଚମ ଦିବସ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ହେଉଥିବା ମୁରାସୁର ରାଜ କାର୍ଯ୍ୟକ୍ରମ ମଜା ନେଇଥିଲେ ଦର୍ଶକ। ମୁରାସୁର ଭୂମିକାରେ ଗୋପାଳ ପଣ୍ଡାଙ୍କ ନିଖୁଣ ଅଭିନୟ ମୁକ୍ତାକାଶ ରଙ୍ଗମଞ୍ଚରେ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖୁଛି। ନାଟ୍ୟଭିକ୍ରମରେ ଗୁରୁବାର ରାତ୍ରିରେ ମୁରାସୁର ନିକଟରେ ନାରଦଙ୍କ ପ୍ରବେଶ ହୋଇଛି। ମର୍ତ୍ତମଣ୍ଡଳରେ ମାନବ ରୂପରେ ବିଷ୍ଣୁ ବଲ୍ଲଭ ବ୍ରାହ୍ମଣ ଘରେ ମୁରଦାରୁଣ ରୂପରେ ଭଗବାନଙ୍କ ଜନ୍ମ ହୋଇଛନ୍ତି ବୋଲି ସେ ମୁରାସୁରଙ୍କୁ କହିଛନ୍ତି । ଏହା ଶୁଣିବା ପରେ ମୁରାସୁର ବ୍ୟସ୍ତ ବିବ୍ରତ ହୋଇପଡିଛି। ବିଷ୍ଣୁଙ୍କ ସହିତ ଦ୍ରୋହି ନହେବା ପାଇଁ ମୁରାସୁରଙ୍କୁ ନାରଦ ପରାମର୍ଶ ଦେଇଛନ୍ତି। ରାଜ ଦରବାରରେ ଅନୁଷ୍ଠିତ ସଭାରେ ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଲବ କୁମାର ସାହୁଙ୍କ ଅଧକ୍ଷତା କରିଥିଲେ। ଅନୁଷ୍ଠିତ ସଭାରେ ରାଜ ଅତିଥି ଭାବେ ଯୋଗଦେଇଥିଲେ ଏସପି ଦେବୀପ୍ରସାଦ ଦାସ। ଉପସ୍ଥିତ ଅତିଥି ମଞ୍ଚରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କଟାପାଲି ହତ୍ୟା ଘଟଣା: ଜେଲଗଲେ ଅଭିଯୁକ୍ତ

### ବାଳ ସ୍ୱଧାର ଗୃହକୁ ଗଲେ ନାବାଳକ ଅଭିଯୁକ୍ତ

**ଖପ୍ରାଖୋଲ, ୧୭।୧୦(ଡି.ଏନ.ଏ.):** ଖପ୍ରାଖୋଲ ଥାନା କଟାପାଲି ଗାଁରେ ବୁଧବାର ସକାଳେ ଜମିଜମା ବିବାଦକୁ କେନ୍ଦ୍ର କରି ନିତ୍ୟାନନ୍ଦ ପୁଟେଲ (୩୬)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଥାନାରେ ଅଭିଯୁକ୍ତ ବାପପୁଅ ଆତ୍ମସମର୍ପଣ କରିଥିଲେ । ଗୁରୁବାର ମୁଖ୍ୟ ଅଭିଯୁକ୍ତ କ୍ଷମାନିଧି ପୁଟେଲ(୪୦)ଙ୍କୁ ପାଟଣାଗଡ ଏସଡିଜିଏମ କୋର୍ଟରେ ହାଜିର କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ କ୍ଷମାନିଧିଙ୍କ ନାବାଳକ ପୁଅଙ୍କୁ ବଲାଙ୍ଗୀର କିଶୋର ନ୍ୟାୟ ପରିଷଦରେ ହାଜିର କଲା ପରେ ରାଉରକେଲା ବାଳସ୍ୱଧାର ଗୃହକୁ ପଠାଯାଇଥିବା ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ପ୍ରକାଶ କରିଛନ୍ତି।

## ପିଏମ୍‌ଏୱାଇ କାର୍ଯ୍ୟକାରିତା

# ସୁବର୍ଣ୍ଣପୁର ଜିଲାର ୩ ବ୍ଲକ ରାଜ୍ୟସ୍ତରରେ ପୁରସ୍କୃତ

**ସୋନପୁର,୧୭।୧୦(ନି.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ଗ୍ରାମୀଣ ସଫଳ କାର୍ଯ୍ୟକାରିତାରେ ସୁବର୍ଣ୍ଣପୁର ଜିଲା ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି । ଜିଲାର ୬ଟି ବ୍ଲକରୁ ସୋନପୁର, ତରଭା ଓ ଉଲୁଣ୍ଡା ବ୍ଲକ ୨୦୧୯-୨୦ ଆର୍ଥିକ ବର୍ଷରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧରେ ପିଏମଏୱାଇ ଗ୍ରାମୀଣ ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ ଏବଂ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ କିସ୍ତିର ମଜୁରୀ ପ୍ରଦାନ କରିଥିବାରୁ ୧ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇବେ। ରାଜ୍ୟର ମୋଟ ୩୧୪ ବ୍ଲକ ମଧ୍ୟରୁ ମାତ୍ର ୧୫ଟି ବ୍ଲକ ଏହି ସଫଳତା ପାଇଥିବା ବେଳେ ସୁବର୍ଣ୍ଣପୁର ଜିଲାର ୩ ବ୍ଲକ ପୁରସ୍କୃତ ହେବା ଜିଲା ପ୍ରଶାସନ ପାଇଁ ବଡ ସଫଳତା ବୋଲି କୁହାଯାଉଛି। କାରଣ ଜିଲାରେ ପିଡି ଡିଆରଡିଏ, ଏପିଡି ପ୍ରଶାସକ ଓ ନିର୍ବାହୀ ଯନ୍ତ୍ରୀ ପଦବୀ ୭ ମାସ ହେଲା ଖାଲି ପଡିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଭାରପ୍ରାପ୍ତ ପିଡି ଡିଆରଡିଏ ଭାବେ କାର୍ଯ୍ୟ କରୁଛନ୍ତି। ପ୍ରକାଶ ଯେ, ଗ୍ରାମାଞ୍ଚଳରେ ନଡା ଛପର ଘରେ ବାସ କରୁଥିବା ଆର୍ଥିକ ଅନଗ୍ରସର ଲୋକଙ୍କ ସକାଶେ ଏହି ଯୋଜନାରେ ବାସଗୃହ ଯୋଗାଇ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷରେ ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକକୁ ରେକର୍ଡ ୧୮ହଜାର ୩୦୦ଟି ବାସଗୃହ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଅକ୍ଟୋବର ୧୦ ସୁଦ୍ଧା ବ୍ଲକମାନଙ୍କୁ ଆବଣ୍ଟିତ ହୋଇଥିବା ଆବାସ ଗୃହର ହିତାଧିକାରୀ ଚୟନ, ପ୍ରଥମ କିସ୍ତିର ୨୦ହଜାର ଟଙ୍କା ଲେଖାଏଁ ଅନୁଦାନ ଏବଂ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରଥମ କିସ୍ତିର ମଜୁରି ପ୍ରଦାନ ଶତ ପ୍ରତିଶତ କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋନପୁର ବ୍ଲକ ପାଇଁ ଧାର୍ଯ୍ୟ ୨୨୧୭ ଗୃହ, ତରଭା ବ୍ଲକର ୩୦୩୩ ଓ ଉଲୁଣ୍ଡାରେ ୨୧୭୦ ଗୃହର ପ୍ରଥମ କିସ୍ତିର ଅନୁଦାନ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଦାନ କରି ଏହି ପୁରସ୍କାର ରାଶି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଫଳତା ପାଇଁ ସୋନପୁର ବ୍ଲକର ବିଡିଓ ରବିନ୍ଦ୍ର କୁମାର ପଟେଲ, ତରଭା ବିଡିଓ ନିହାର ରଞ୍ଜନ ମହାନନ୍ଦ, ଉଲୁଣ୍ଡା ବିଡିଓ ନୀଳାମ୍ବର ମହାନନ୍ଦ ଓ ଡିଆରଡିଏ ଏପିଡି(ଗ୍ରାମୀଣ ଆବାସ) ଆଲୋକ ରଶ୍ମି ମିଶ୍ରଙ୍କୁ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ଓ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି ।

## ପୋଲିସର ହସ୍ତକ୍ଷେପ

# ଘରକୁ ଫେରିଲେ ବୃଦ୍ଧା କୌଶଲ୍ୟା

**ଲୋଇସିଂହା,୧୭।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଡୁଙ୍ଗରିପାଲି ଗାଁର ଅସହାୟ ବୃଦ୍ଧା କୌଶଲ୍ୟା ମହାରଣା । ଅକ୍ଷମତା ଯୋଗୁ ତାଙ୍କ ଝିଅ ତାଙ୍କୁ ଘରୁ ତଡି ଦେଇଥିଲେ । ଗତ କିଛି ଦିନ ହେଲା ସେ ଲୋଇସିଂହା ରେଳ ଷ୍ଟେଶନରେ ଅସହାୟ ଅବସ୍ଥାରେ ରହିଥିଲେ। ତାଙ୍କୁ କେତେଜଣ ସ୍ୱେଚ୍ଛାସେବୀ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ବୁଧବାର ଲୋଇସିଂହା ପୋଲିସର ହସ୍ତକ୍ଷେପ ପରେ ବୃଦ୍ଧାଙ୍କୁ ତାଙ୍କ ଝିଅ ଘରକୁ ଫେରାଇ ନେଇଛନ୍ତି।

ସୂଚନାଯୋଗ୍ୟ, ଲୋଇସିଂହା ଥାନା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରିପାଲି ଗାଁ । ଗାଁର ବିଧବା ବୃଦ୍ଧା କୌଶଲ୍ୟା ମହାରଣା । ୧୦ ବର୍ଷ ତଳେ ସେ ସ୍ୱାମୀକୁ ହରାଇଥିଲେ। ଘରେ ବିବାହିତା ୨ ଝିଅ। ବଡ ଝିଅ ଜ୍ୱାଇଁଙ୍କ ୫ ସନ୍ତାନ ମଧ୍ୟରୁ ଦୁଇ ସନ୍ତାନଙ୍କ ମୃତ୍ୟୁ ପରେ ଗତ ମାର୍ଗଶିର ମାସରୁ ଡୁଙ୍ଗରିପାଲିରେ ଆସି ରହୁଛନ୍ତି। ସାନ ଝିଅ ଟିଟିଲାଗଡ଼ ଅଞ୍ଚଳରେ ବିବାହ କରିଥିଲେ।



ଲୋଇସିଂହା ଡାକ୍ତରଖାନାରେ ଚିକିତ୍ସିତ ବୃଦ୍ଧା କୌଶଲ୍ୟା।(ଫାଇଲ ଫଟୋ)

ସେ ମଧ୍ୟ କୌଣସି କାରଣକୁ ନେଇ ୧୦ ବର୍ଷ ହେଲା ଡୁଙ୍ଗରିପାଲିରେ ରହୁଛନ୍ତି। ହେଲେ ବୃଦ୍ଧା କୌଶଲ୍ୟା ବୟସାଧିକ ଯୋଗୁ କାମଧନ୍ଦା କରିପାରୁ ନାହାନ୍ତି। ଏପରି କି ତାଙ୍କ ଦେହ, ହାତ ଗୋଡ ଥରୁଛି । ଏଭଳି ପରିସ୍ଥିତିରେ ବୃଦ୍ଧା ମା' ଝିଅଙ୍କ ପାଇଁ ବୋଝ ପାଲଟିଛନ୍ତି। ଆଷାଢ ମାସରେ ତାଙ୍କୁ ଘରୁ ତଡି ଦେଇଥିଲେ। ପରେ ସେ ସମ୍ବଲପୁର ଅଞ୍ଚଳକୁ ଚାଲି ଆସିଥିଲେ। କିଛି ଦିନରହଣି ପରେ ପୁଣି ଘରକୁ ଫେରିଥିଲେ। ହେଲେ ୧୦ ଦିନ ତଳେ ସାନଝିଅ ତାଙ୍କୁ ମାଡ ମାରିଥିଲେ । ଏଥିରେ ବୃଦ୍ଧା ଜଣକ ଭୟଭିତ ହୋଇ ଘର ଛାଡି ଚାଲି ଆସିଥିଲେ । ପରେ ସେ ଲୋଇସିଂହା ରେଳଷ୍ଟେଶନରେ ଆଶ୍ରୟ ନେଇଥିଲେ। ହେଲେ ଖାଦ୍ୟପେୟ ଅଭାବରୁ ସେ ଅସୁସ୍ଥ ହୋଇ ପଡିଥିଲେ। ଖବର ପାଇ ଲୋଇସିଂହା ମାହେଶ୍ୱର ସଂଗଠନର ସଭାପତି ଦେବାଶିଷ ବିଶୋଇ ଓ ତାଙ୍କ ସାଥୀ ବୃଦ୍ଧାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଘଟଣା ସକ୍ରାନ୍ତରେ ସେ ସ୍ୱେଚ୍ଛାସେବୀ ବିଶୋଇଙ୍କୁ ଜଣାଇ ତାଙ୍କୁ ବୃଦ୍ଧା ଶ୍ରମରେ ଛାଡିବାକୁ ନେହୁରା ହୋଇଥିଲେ। ବୁଧବାର ଘଟଣା ସଂକ୍ରାନ୍ତରେ ଲୋଇସିଂହା ଆଇଆଇସି ଲଳିତା ଲାକ୍ରା ଜାଣି ବୃଦ୍ଧାଙ୍କ ଦୁଇ ଝିଅଙ୍କୁ ଥାନାକୁ ଡାକି ତାଗିଦ କରିଥିଲେ । ଲୋଇସିଂହା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨ଝିଅ ବୃଦ୍ଧା ମା'ଙ୍କୁ ଘରକୁ ଫେରାଇ ନେବାକୁ ରାଜି ହୋଇଥିଲେ । ପରବର୍ତ୍ତୀ ସମୟରେ ଝିଅମାନଙ୍କ ପ୍ରତି ବୃଦ୍ଧା କୌଣସି ଅଭିଯୋଗ ଆଣନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାହେଶ୍ୱରୀ ସଂଗଠନର ସଭାପତି ବିଶୋଇ କହିଛନ୍ତି।

## ହସ୍ପିଟାଲ ପରିଦର୍ଶନ କଲେ ଜିଲାପାଳ

# ଭଙ୍ଗାଗଲା ବେଆଇନ ପାହାଚ

**ବଲାଙ୍ଗୀର ଅଫିସ,୧୭।୧୦**

ରାଜ୍ୟ ସରକାରଙ୍କ ତରଫରୁ ମୋ ସରକାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯିବା ପରେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ନିୟମିତ ଭାବେ ସଦର ମହକୁମାରେ ଥିବା ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି। ଏହିକ୍ରମରେ ଗୁରୁବାର ଜିଲାପାଳ ଡାକୁଆ ହସପିଟାଲର ବିଭିନ୍ନ ୱାର୍ଡ ବୁଲିବା ସହ ସଫେଇ ଓ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ । ଏହି ଅବସରରେ ଆଉଟ୍‌ଡୋର ଓ ଇନ୍‌ଡୋର ରୋଗୀଙ୍କ ସହ ଆଲୋଚନା କରିଥିଲେ । କିଭଳି ଭାବେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳୁଛି ସେନେଇ ଲୋକଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଥିଲା । ଏହା ସହିତ ଡାକ୍ତରଖାନାର ବିଭିନ୍ନ ୱାର୍ଡରେ ସଫେଇ କିଭଳି ଚାଲିଛି ବୁଲି ଦେଖିଥିଲେ । କେତେକ ସ୍ଥାନରେ ପାଣି ଯୋଗାଣ ଠିକ୍ କରି ହୋଇପାରୁ ନ ଥିବା ଜାଣିବା ପରେ ସେଠାକୁ ପାଇପ ମିସ୍ତ୍ରୀ ଆଣି ସଜାଡିବାକୁ ନିର୍ଦ୍ଦେଶ ଦେଇଥିଲେ । ହସପିଟାଲ ନିକଟରେ ଥିବା ଏକ ମେଡିକାଲ ଷ୍ଟୋର ବେଆଇନ୍ ଭାବେ ଜବରଦଖଲ କରି ପାହାଚ ନିର୍ମାଣ କରିଥିବା ଜଣାପଡିବା ପରେ ଏହାକୁ ଜେସିଭି ସହାୟତାରେ ଭଙ୍ଗା ଯାଇଥିଲା । ମୋ ସରକାର କାର୍ଯ୍ୟକ୍ରମରେ ଲୋକେ କିଭଳି ସ୍ୱାସ୍ଥ୍ୟସେବା ପାଉଛନ୍ତି ଏନେଇ ରୀତିମତ ଧ୍ୟାନ ଦେବାକୁ କୁହାଯାଇଥିବାରୁ ଜିଲାପାଳ ଡାକୁଆ ନିୟମିତ ଡାକ୍ତରଖାନା ଆସି ବିଭିନ୍ନ କାମ ତଦାରଖ କରୁଥିବା ଦେଖାଯାଉଛି। ଏହାଦ୍ୱାରା ହସପିଟାଲ କର୍ତ୍ତୃପକ୍ଷ ମଧ ତତ୍ପରତା ପ୍ରକାଶ କରୁଥିବା ଦେଖାଯାଉଛି। କିଛି ଲୋକ ପୂର୍ବାପେକ୍ଷା ସ୍ୱାସ୍ଥ୍ୟସେବା ପ୍ରଦାନରେ ଉନ୍ନତି ଘଟୁଥିବା କହିଛନ୍ତି ।




ଭୀମଭୋଇ ମେଡିକାଲ କଲେଜ ହସପିଟାଲ ନିକଟରେ ଉଚ୍ଛେଦ କାର୍ଯ୍ୟ କରାଯାଉଛି ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### କର୍କଟା ଏମ୍ଆଇପିରେ ହାତୀପଲ, ଶାବକର ମୃତ୍ୟୁ ସନ୍ଦେହ

ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)- କଳାହାଣ୍ଡି ଉତ୍ତର ବନଖଣ୍ଡ ଭବାନୀପାଟଣା ରେଞ୍ଜ ଥୁଆପଦର ଗୁଣ୍ଡି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର କର୍କଟା ଡ୍ୟାମରେ ହାତୀପଲ ଆସି ଫସିଥିବା ଜଣାପଡିଛି। ଏହି ପଲରେ ପ୍ରାୟ ୧୫ଟି ହାତୀ ଥିବା ବେଳେ ଗୋଟିଏ ଶିଶୁ ଶାବକ ନିକଟରେ ୩ଟି ହାତୀ ଥିବା ବେଳେ ନିକଟସ୍ଥ ଜଙ୍ଗଲରେ ୧୨ଟି ହାତୀ ଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ବନ ବିଭାଗ ପକ୍ଷରୁ ରବରବୋଟରେ କର୍କଟା ଡ୍ୟାମରେ ଯାଇ ବନ କର୍ମଚାରୀମାନେ ଅନୁଧ୍ୟାନ କରିଥିଲେ। ଆସନ୍ତାକାଲି ଡ୍ରୋନ କ୍ୟାମେରା ଯୋଗେ ଗତିବିଧି ଉପେ ନଜର ରଖାଯିବ ବୋଲି ରେଞ୍ଜର ପ୍ରସନ୍ନ କୁମାର ମିଶ୍ର ପ୍ରକାଶ କରିଛନ୍ତି। ତଦନ୍ତ ପରେ ହାତୀ ଶାବକର ମୃତ୍ୟୁ ହୋଇଛି ନା ନାହିଁ ଜଣାପଡିବ ବୋଲି ମିଶ୍ର କହିଥିଲେ।



### କୁମାରୋତ୍ସବ ଉଦ୍‌ଯାପିତ

ରିଷିଡ଼ା,୧୭।୧୦ (ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବଡଡୁଙ୍ଗୁରୀଗୁଡାଠାରେ ଚାଲିଥିବା କୁମାରୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉତ୍ସବରେ ଗଣେଶ ଓ କାର୍ତ୍ତିକଙ୍କ ମୃଣ୍ମୟ ମୂର୍ତ୍ତିଙ୍କୁ ପୂଜା କରାଯାଇଛି। ବିଭିନ୍ନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉଦଯାପନୀ ଦିନ ହିଁ ବିସର୍ଜନ କରାଯାଇଥିଲା ।

### ଗଜଲକ୍ଷ୍ମୀ ପୂଜାରେ ବିମୋହିତ ଦର୍ଶକ

ରିଷିଡା,୧୭।୧୦(ଡି.ଏନ.ଏ.)- କଳାହାଣ୍ଡି ଜିଲା ଟେରେସିଂହାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜା ସମାପନ ହୋଇଛି । ବିଭିନ୍ନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧରେ ଦଣ୍ଡନୃତ୍ୟ ଓ ଅର୍କେଷ୍ଟ୍ରା ଦର୍ଶକମାନେ ବିମୋହିତ ହୋଇଥିଲେ। ଏଠାରେ ଅର୍କେଷ୍ଟ୍ରାରେ ବିଶେଷ କରି ଯୁବକମାନେ ଅଧିକ ସମାଗମ ହୋଇଥିଲେ ।

### ପଣସପୁର ଗାଁରେ ପହଞ୍ଚିନି ବିକାଶ

# ଡିବିରି ଆଲୁଅ ଭରସାରେ ରାତି ବିତେ

ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)

**ଗୋଲାମୁଣ୍ଡା ବ୍ଲକ**
- ମାଓବାଦି ଭୟରେ ନେତା, ସରକାରୀ ବାବୁଙ୍କ ପାଦ ପଡିନି
- ଗାଁର ଶିଶୁ ପୁଷ୍ଟିକର ଖାଦ୍ୟ, ପ୍ରାକ୍ ଶିକ୍ଷାରୁ ବଞ୍ଚିତ

କେବିକେ ଯୋଜନାଠାରୁ ଆରମ୍ଭ କରି ପଶ୍ଚିମ ଓଡିଶା ବିକାଶ ପରିଷଦ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ପର୍ଯ୍ୟାପ୍ତ ପାଣ୍ଠି ଥିଲେ ମଧ୍ୟ ସରକାରୀ ନାଲିଫିତା ତଳେ ରହିଯାଉଛି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ପଞ୍ଚାୟତ ପଣସପୁର ଗାଁର ବିକାଶର ମାନଚିତ୍ର। ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ପଞ୍ଚାୟତ ପଣସପୁର ଗାଁରେ ଥିବା ୨୦୦ରୁ ଅଧିକ ଆଦିବାସୀ ଅଧ୍ୟୁଷିତ ଗାଁ ମାଓବାଦୀ ପ୍ରବଣ ଘଞ୍ଚ ଜଙ୍ଗଲରେ ପ୍ରଶାସନର ଅଢୁଆଳରେ ରହିଛି । ଏହି ଆଦିବାସୀ ଅଧ୍ୟୁଷିତ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ତଥା ସାଧାରଣ ବଣ୍ଟନ ବ୍ୟବସ୍ଥା ଏମାନଙ୍କ ପାଇଁ ସାତ ସପନ ପାଲଟିଛି । ଗରିବଙ୍କ ରହିବା ପାଇଁ ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାଶ ଯୋଜନା, ମୋ କୁଡିଆ, ବିଜୁ ପକ୍କା ଘର ଏପରି ବିଭିନ୍ନ ଯୋଜନାରେ ମାଗଣା ଘର ତିଆରି କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଏହି ଗାଁରେ ବହୁ ବର୍ଷ ତଳେ ମାତ୍ର ୪ଟି ଇନ୍ଦିରା ଅବାସ ଘର ହୋଇଥିଲା। ଏଠାରେ ସ୍କୁଲ ଗୃହ ଅଛି, ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିବା ସହ ସ୍କୁଲ ଗୃହ ଚାରିପଟେ ଅନାବନା ଗଛ ଲତା ମାଡି ବସିଛି । ଗାଁକୁ ଗମନାଗମନ କହିଲେ ସାଧାରଣ ପାଦଚଲା ରାସ୍ତା ଛଡା ପ୍ରଶସ୍ତ ରାସ୍ତା ଏମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ବିଜୁଳି ଆଲୁଅ ନ ଥିବା ଯୋଗୁ ସନ୍ଧ୍ୟା ହେଲେ ଶୂନଶାନ ହୋଇପଡେ ଚଳଚଞ୍ଚଳନ ଏହି ଗାଁ। ଡିବିରି ଆଲୁଅ ଭରସାରେ ସେମାନଙ୍କ ରାତି ବିତିଥାଏ। ବହୁବାର ରାଜନେତାଙ୍କଠାରୁ ଜିଲା ପ୍ରଶାସନ ପାଖରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଯୋଗୁ ଗ୍ରାମବାସୀ ଉଦ୍‌ବେଗ ପ୍ରକଶ କରିଛନ୍ତି । ଗାଁକୁ ରସ୍ତା ନ ଥିବାରୁ କୌଣସି ସ୍ୱାସ୍ଥ୍ୟକର୍ମୀ ଯାଉ ନ ଥିବାରୁ ଦେଶୀ ଚେରମୂଳି ଚିକିତ୍ସା ଓ ଗୁଣିଗାରେଡି ଉପଚାର ଏମାନଙ୍କ ପାଇଁ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଆଜି ବି ଏହି ଗାଁର ଲୋକେ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଦିଆଯାଉଥିବା ଚାଉଳ, କିରୋସିନ, ଗହମ ଓ ଭଡା ଆଣିବାକୁ ୪ ରୁ ୫ କି.ମି. ରେଙ୍ଗସାପାଲି ଗାଁକୁ ଜଙ୍ଗଲର ପାଦଚାଲା ରାସ୍ତାରେ ଯାଇଥାନ୍ତି । ପଣସପୁର ଗାଁର ଲୋକଙ୍କ କହିବା ଅନୁସାରେ ମାଓବାଦୀ ପ୍ରବଣ ଅଞ୍ଚଳରେ ବସବାସ କରୁଥିବାରୁ ଏଠାକୁ କୌଣସି ସରକାରୀ କର୍ମଚାରୀ ଆସନ୍ତି ନାହିଁ । ଏପରିକି ଜରୁରୀ ସ୍ୱାସ୍ଥ୍ୟା ସେବା ପାଇଁ କୌଣସି କ୍ୱାକ୍ ଡାକିଲେ ମଧ୍ୟ ଭୟରେ ଆସନ୍ତି ନାହିଁ । ଅତି ଜରୁରୀ ପରିସ୍ଥିତିରେ ଲୋକେ ରୋଗୀ, ଗର୍ଭବତୀ ଓ ପ୍ରସୂତିଙ୍କୁ ଖଟିଆରେ ବୋହି ଜଙ୍ଗଲ ରାସ୍ତାରେ ୪ ରୁ ୫ କି.ମି. ପାର କରି ରେଙ୍ଗାଲପାଲିକୁ ଯାଇ ଅନ୍ୟ ବ୍ୟବସ୍ଥା କରିଥାନ୍ତି । ଗାଁରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ଏ ଗାଁର ଶିଶୁ ପୁଷ୍ଟିକର ଖାଦ୍ୟ ତଥା ପ୍ରାରମ୍ଭିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଭୋଟ ସମୟରେ ରାଜନେତାମାନେ ଆସି ଗାଁର ବିକାଶ ପାଇଁ ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇଥାନ୍ତି । ନିର୍ବାଚନ ପରେ ଏହି ଗାଁକୁ ଭୁଲିଯାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ ସ୍ୱର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚିପାରୁନାହିଁ । ଫଳରେ ଭାଗ୍ୟକୁ ଆଦରି ପଡିରହିଛନ୍ତି। ପଣସପୁର ଗାଁ ଲୋକେ ସରକାରଙ୍କ ବିକାଶଧାରାକୁ ଅପେକ୍ଷା କରି ରହିଛନ୍ତି। ସରକାର ତୁରନ୍ତ ଗାଁକୁ ରାସ୍ତା ତଥା ବିଜୁଳି ଆଲୁଅ ବ୍ୟବସ୍ଥା କରିବା ସହିତ ମୌଳିକ ସୁବିଧା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।




ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ପକ୍ଷରୁ ତାଲିମ ଦିଆଯାଉଛି।

## ବେଲଖଣ୍ଡି ବନ୍ୟା ସ୍ଥଳଠାରେ ତାଲିମ ଶିବିର

ତୁଣ୍ଡଲା,୧୭।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି କଦମ୍ବପଡା ଛକଠାରେ ଥିବା ବନ୍ୟା ସ୍ଥଳଠାରେ ଏନ୍‌ଡିଆର୍‌ଏଫ୍ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ପକ୍ଷରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଏନଡିଆରଏଫର ତୃତୀୟ ବାହିନୀ କଟକ ମଣ୍ଡୁଳିରୁ ଆସି ଏଠି ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଟିମ କମାଣ୍ଡର ଦେବେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ସବଇନ୍ସପେକ୍ଟର ବିଷ୍ଣୁ ପ୍ରସାଦ ବେହେରା ଓ କର୍ମଚାରୀ ବଳରାମ ସିଂ, ସୁଦର୍ଶନ ସାହୁ, ନିଶାଦ ଭିଏ, ରାଜ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ। ବନ୍ୟା, ବାତ୍ୟା, ଭୂମିକମ୍ପ, ବଜ୍ରପାତ, ସାପ କାମୁଡାରୁ କିପରି ନିଜକୁ ବଞ୍ଚେଇ ପାରିବେ ସେ ବିଷୟରେ ସୁନ୍ଦର ଭାବରେ ଉଦାହରଣ ମାଧ୍ୟମରେ ତାଲିମ ଦିଆଯାଇଥିଲା। ଉକ୍ତ ତାଲିମରେ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶ, ଅଧାପକ ସଦାନନ୍ଦ ଶତପଥି, ଦୁର୍ଯ୍ୟୋଧନ ବିଶୋଇ ଓ ସମସ୍ତ ଛାତ୍ରୀଛାତ୍ର ଏବଂ ବେଲଖଣ୍ଡି ଗ୍ରାମପଞ୍ଚାୟତ ସରପଞ୍ଚ ଝସନେତ୍ରୀ ଭୋଇ ଓ ଅଞ୍ଚଳର କିଛି ଜନସାଧାରଣ ଉପସ୍ଥିତ ରହିଥିଲେ। ଏସବୁ ବିପଦରୁ ନିଜକୁ ବଞ୍ଚେଇ ସାରିବା ପରେ ତାର ପ୍ରାଥମିକ ଉପଚାର ବିଷୟରେ ମଧ ତାଲିମ ଦିଆଯାଇଥିଲା ।

### ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ଅଁଳାଭଟା ପଞ୍ଚାୟତ ଗୃହରେ ତାଲା

ଭବାନୀପାଟଣା,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଅଁଳାଭଟା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟର ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ତାଲା ପକାଇ ଦେଇଥିବା ଜଣାଯାଇଛି । ଅଭିଯୋଗ ମୁତାବକ, ୨୦୧-୧୯ ଏମ୍‌ଜିଏନ୍‌ଆରଇଜିଏସ୍ ଅନ୍ତର୍ଗତ ଚାଟିଗୁଡା ଓ ଅଁଳାଭଟାଠାରେ ଖେଳ ପଡିଆ ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା । ଏହି କାମକୁ ସମ୍ପୂର୍ଣ୍ଣ ନ କରି ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । ଏହି ଦୁଇଟି କାମରେ ଟ୍ରାକ୍ଟର ଯୋଗେ ମାଟି ବୁହା ହୋଇଥିବା ନେଇ କଳାହାଣ୍ଡି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲୋକେ ଲିଖିତ ଅଭିଯୋଗ କରିଥିଲେ। ଅନୁସନ୍ଧାନ ପାଇଁ ସ୍ଥାନୀୟ ଏପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ସେ ଅଭିଯୋଗ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢିଥିଲା । ଅଧିକାରୀମାନଙ୍କ ମିଳିତ ସମ୍ପୃକ୍ତ ରହିଛି ବୋଲି ଅଭିଯୋଗ କରି ଲୋକେ ସୋମବାର ଅଁଳାଭଟା ପଞ୍ଚାୟତରେ ତାଲା ପକାଇଥିଲେ । ଏ ସଂକ୍ରାନ୍ତରେ ଏପିଓ କିମ୍ବା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମତମତ ନିଆଯାଇ ପାରି ନାହିଁ । ଜିଆରଏସ୍‌ଙ୍କୁ ପଚାରିବାରୁ ଅଭିଯୋଗ ଅମୂଳକ ଓ ଭିତ୍ତିହିନ ବୋଲି କହିଥିଲେ । ଅନ୍ୟପଟରେ କୌଣସି ସୂଚନା ନ ଦେଇ ଗ୍ରାମ ସଭାକୁ ଭଣ୍ଡୁର କରିବା ସହିତ ପଞ୍ଚାୟତରେ ତାଲା ପକାଇବା ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ସରପଞ୍ଚ ଓ ସମର୍ଥକମାନେ ବିଡିଓଙ୍କ ପାଖରେ ଉଚିତ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାପଡିଛି ।

### କେସିଙ୍ଗାରେ ୩୯ତମ ଗଜଲକ୍ଷ୍ମୀ ପୂଜା

# ମୁଖ୍ୟ ଆକର୍ଷଣ ଡିଜିଟାଲ ଲାଇଟ, ମୀନାବଜାର

କେସିଙ୍ଗା,୧୭।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୩୯ତମ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହେଉଛି। ଏହି ଉପଲକ୍ଷେ କେସିଙ୍ଗା ବଲାଙ୍ଗୀର ଛକ ନିକଟସ୍ଥ ଅମ୍ବାଜୀ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ଯାଏ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ୮ ଦିନ ଧରି ଚାଲୁଥିବାରୁ ଆସନ୍ତା ରବିବାର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି । ସୁସଜ୍ଜିତ ତୋରଣ ଓ ସୁନ୍ଦର ମେଢ଼ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି । ଏହି ଉତ୍ସବରେ ମୁଖ୍ୟ ପୂଜକ ଭାବେ ଉମାକାନ୍ତ ଦାଶ ଓ ତପନ କୁମାର ଦାଶ ପୂଜା ସମ୍ପାଦନ କରୁଛନ୍ତି । ଏହି ପୂଜାରେ ନଳିନୀ ପଟ୍ଟନାୟକ ଓ ଶ୍ରଦ୍ଧାଞ୍ଜଳି ଦାଶ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏହି ୮ ଦିନ ଭିତରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । ସକାଳେ ଓ ସନ୍ଧ୍ୟାରେ ମା' ଲକ୍ଷ୍ମୀଙ୍କ ନୀତି ନିୟମ ଅନୁସାରେ ପୂଜା ଅର୍ଚ୍ଚନା କରାଯିବା ସହିତ ସନ୍ଧ୍ୟା ଆଳତି କରାଯାଉଛି । ପୂଜା କମିଟି ସଭାପତି ସୁରେଶ ରାଓ, ସମ୍ପାଦକ ଶିଲୁ ପରିଡା, ପ୍ରଦ୍ୟୁମ୍ନ ରାୟ, ଅଭୟ ଦାଶ, ଅଜୟ ଜେନା ପ୍ରମୁଖ ଲକ୍ଷ୍ମୀ ପୂଜାର କମିଟି ସଦସ୍ୟମାନଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ଭାବେ ୩୯ତମ ପୂଜା ପାଳିତ ହେଉଛି । ପୂଜା ମଣ୍ଡପ ପରିସର ମଧରେ ଜାତୀୟ ରାଜପଥ ୨୬୦ଠାରୁ ଡିଜିଟାଲ ଲାଇଟ ସଂଯୋଗରେ ସନ୍ଧ୍ୟାରେ ପୂଜା ମଣ୍ଡପ ଝଲସି ଉଠୁଛି। ଏହିପରି ମିନାବଜାରରେ ଶ୍ରଦ୍ଧାଳୁମାନେ ବୁଲି ବୁଲି ବିଭିନ୍ନ ପ୍ରକାର ଜିନିଷ ପତ୍ର କିଣିଥାନ୍ତି । ପ୍ରତ୍ୟେକ ଦିନ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଲୋକଙ୍କୁ ମାଗଣାରେ ମା'ଙ୍କ ଅନ୍ନଭୋଗ ପ୍ରଦାନ କରାଯାଉଛି। ସେହିପରି କେସିଙ୍ଗା ବ୍ଲକ କଶୃପଡା, ମଶାଣିବନ୍ଧ, ପରଲସିଙ୍ଗା ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି ।



କେସିଙ୍ଗା ସହରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପାଳିତ ହେଉଥିବା ଗଜଲକ୍ଷ୍ମୀ ଓ ତୋରଣ ।



ଯୁବକମାନେ ହାତରେ ପ୍ଲାକାର୍ଡ ଧରି ସଚେତନ କରୁଛନ୍ତି।

## ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

କୋକସରା,୧୭।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତଠାରେ ଗୁରୁବାର ଚାଳକମାନଙ୍କୁ ସଚେତନତା ପାଇଁ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋକସରା ବିଜୁ ଯୁବବାହିନି, ବ୍ଲକ ସଂଯୋଜକ ରୋହିତ କୁମାର ଗୋପାଳଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉଡୋଲାଠାରେ ଯୁବକମାନେ ହାତରେ ପ୍ଲାକାର୍ଡ ଧରି ଏକ ରାଲିରେ ବାହାରି ସଚେତନତା କରିଥିଲେ। ଏହା ବ୍ୟତୀତ ବ୍ଲକର ଅନ୍ୟାନ୍ୟ ପଞ୍ଚାୟତରେ ମଧ ରକ୍ଷକ କାର୍ଯ୍ୟକ୍ରମ ହୋଇଯାଇଛି।

# ଅନ୍ତର୍ଜାତୀୟ ଧଳାବାଡ଼ି ଦିବସ ପାଳିତ

ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)

ଓଡିଶା ବିକଳାଙ୍ଗ ମଞ୍ଚ କଳାହାଣ୍ଡି ଶାଖା ଓ ଡିଷ୍ଟ୍ରିକ୍ ଡିସାବୁଲ୍ ଫେଡ଼େରେଶନ୍ କଳାହାଣ୍ଡି ମିଳିତ ଉଦ୍ୟମରେ ମଙ୍ଗଳବାର ସ୍ଥାନୀୟ ଅମଲା ଭବନଠାରେ ଅନ୍ତର୍ଜାତୀୟ ଧଳାବାଡି ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ଅମଲା ଭବନରେ ପହଞ୍ଚିଥିଲା । ଏହି ଅବସରରେ ଦିବ୍ୟାଙ୍ଗ ସଶକ୍ତିକରଣ ସାଙ୍ଗଠାନିକ ସୁଦୃଢ଼ିକରଣ କର୍ମଶାଳା ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଗତି ଯୁବକ ସଂଘ ଭଦ୍ରକର ବାପୁଜୀ ପଣ୍ଡା, ଡିଡିଆରସିର ଅଧିକାରୀ ସୁବାଶିଷ ମହାନ୍ତି, ବିଡିଆରସିର ଏଡିଲୋଜୀ ବାଦଲ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଓଡିଶା ବିକଳାଙ୍ଗ ମଞ୍ଚ ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ। ଏଥିରେ ଓଡିଶା ବିକଳାଙ୍ଗ ମଞ୍ଚର ତୃଣମୂଳସ୍ତରରୁ କିଭଳି ଭାବେ ମିଶନ୍ କ୍ଷମତା ସହାୟତା ଭାବରେ କିଭଳି ସୁଦୃଢ଼ିକରଣ ହୋଇପାରିବ, ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ରୋଜଗାର କିପରି ମିଳିବ ସେ ସମ୍ପର୍କରେ ଆଲୋଚନା କରି ସମସ୍ତଙ୍କୁ ସପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ମୋଟ ୭୨ ଜଣ ଭିନ୍ନକ୍ଷମ ଭାଇଭଉଣୀ ଯୋଗଦେଇଥିଲେ। ଏହି ଅବସରରେ ୧୧ଜଣ ଦୃଷ୍ଟିହିନମାନଙ୍କୁ ଧଳାବାଡି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମର ଆୟୋଜନ ମୁଖ୍ୟ ଭୂମିକା ହେମନ୍ତ ତାଣ୍ଡି ଗ୍ରହଣ କରିଥିଲେ। ଗାୟତ୍ରୀ ନାଏକ, ମଞ୍ଜୁଲତା ସାହୁ, ଘନଶ୍ୟାମ ମହାନନ୍ଦ, ଡୋଳାମଣି ପ୍ରଧାନ ସହଯୋଗ କରିଥିଲେ। ଜାମିନୀ ବାଗ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଚଣ୍ଡି ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତହସିଲଦାରଙ୍କୁ ଆଇନଜୀବୀଙ୍କ ଦୁର୍ବ୍ୟବହାର

କୁନାଗଡ,୧୭।୧୦ (ଡି.ଏନ.ଏ.)

**ଥାନାରେ ଅଭିଯୋଗ**

କଳାହାଣ୍ଡି ଜିଲା ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ବୁଧବାର ଭାରତ ଭୁଷଣ ପଣ୍ଡା ନାମକ ଜଣେ ଆଇନଜୀବୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ତହସିଲଦାର ଲୁହା ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଆଇନଜୀବୀ ପଣ୍ଡା ଜୁନାଗଡ ତହସିଲ ଭିତରକୁ ପଶି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବା ସହ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଚେତାବନୀ ଦେବା ଭଳି ବ୍ୟବହାର କରିଥିଲେ। ପରେ ତହସିଲଦାରଙ୍କ କକ୍ଷକୁ ଯାଇ ବଡ ପାଟିରେ ତାଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାପରେ ତହସିଲଦାର ଲୁହା ଜୁନାଗଡ ଥାନାକୁ ଯାଇ ଆଇଆଇସି ପ୍ରଭାତ କୁମାର ସେଠୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହି ସମୟରେ ଏଏସ୍‌ପି ଗୋପୀନାଥ ମଣିପାତ୍ର ଓ ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା ମଧ ଉପସ୍ଥିତ ଥିଲେ। ଏହି ଘଟଣା ପରେ ଜୁନାଗଡ ଆଇନଜୀବୀ ସଂଘର ସଭାପତି ସୁଧାଂଶୁ ବରାଡ, ପୂର୍ବତନ ସଭାପତି ଅଶୋକ ପାତ୍ର ଦୁର୍ବ୍ୟବହାର କରିଥିବା ଆଇନଜୀବୀ ପଣ୍ଡାଙ୍କୁ ଧରି ତହସିଲଦାର ଲୁହାଙ୍କୁ ଭେଟିଥିଲେ। ପରେ ଏହି ଘଟଣା ବୁଝାମଣା ହୋଇଥିବା ଜଣାପଡିଛି।

### ଡାକ୍ତର ଅଭାବରୁ ରୋଗୀ ହନ୍ତସନ୍ତ

# ଫର୍ମାସିଷ୍ଟଙ୍କ ଭରସାରେ ଚାଲିଛି ଡାକ୍ତରଖାନା

ପଲମ,୧୭।୧୦ (ଡି.ଏନ.ଏ.)

**ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**




ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ଅସୁବିଧା ଭୋଗୁଛନ୍ତି । ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଡାକ୍ତର ନ ଥିବା ଯୋଗୁ ଅନେକ ସ୍ଥାନରେ ଫର୍ମାସିଷ୍ଟଙ୍କ ଭରସାରେ ରୋଗୀ ସେବା ଚାଲୁଛି । ଏଠାରେ ଫର୍ମାସିଷ୍ଟ ଶୁଭେନ୍ଦୁ ନାଏକ ନିଯୁକ୍ତ ହୋଇଛନ୍ତି । ଆବଶ୍ୟକ ଡାକ୍ତର, କର୍ମଚାରୀ ଏବଂ ଭିତ୍ତିଭୂମୀ ଅଭାବରୁ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁର୍ବେଦିକ ଆୟୁଷ ଡାକ୍ତର ରାଜେଶ କୁମାର ସାହୁଙ୍କୁ ନିୟୋଜିତ କରାଯାଇଥିଲେ ମଧ ସେ ରୀତିମତ ଭାବେ କାର୍ଯ୍ୟ କରୁନାହାନ୍ତି। ସେ ଆଲୋପ୍ୟାଥିକ ଔଷଧ ଉପରେ ତାଙ୍କର ଜ୍ଞାନ ନାହିଁ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପଲମ, ଟର୍କଲା, ଗିଗିନା, ମୁଡିଙ୍ଗ, ଯୋରାଡବରା, ହାତିଖୋଜ ପଞ୍ଚାୟତ ରୋଗୀମାନେ ନିର୍ଭର କରିଥାନ୍ତି। ଡାକ୍ତର ନ ଥିବା ଯୋଗୁ ନିରାଶ ହୋଇ ଘରକୁ ଫେରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଚାରିପଟେ ପାଚେରୀ ନ ଥିବା ଯୋଗୁ ଗାଈଗୋରୁ, ଛେଳିମେଣ୍ଢା ପଶି ପରିବେଶ ନଷ୍ଟ କରୁଛନ୍ତି । ନର୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନତ କୁମାର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆୟୁଶ ଡାକ୍ତରଙ୍କ ବାବଦରେ ଅନେକ ଥର ଚେତାବନୀ ଦେଇ ଦରମା ବନ୍ଦ କରାଯାଇଥିଲେ ମଧ ସେ ଅବହେଳାରେ କରୁଛନ୍ତି। କମ୍ ଦିନ ମଧରେ ନୂତନ ଡାକ୍ତରଙ୍କୁ ପଲମ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ ଆୟୁଷ ଡାକ୍ତର ରାଜେଶ କୁମାର ସାହୁଙ୍କୁ ପଚାରିବାରୁ ମୁଁ ଆୟୁର୍ବେଦିକ ଡାକ୍ତର। ମୋର ପୋଷ୍ଟିଂ ଉତ୍‌କେଲା, ମାତ୍ର ମୋତେ ଡେପୁଟେଶନରେ ପଲମ ପଠାଯାଇଛି। ମୋର ଏଲୋପ୍ୟାଥିକ ଔଷଧ ଉପରେ ଜ୍ଞାନ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଥରେ ମାତ୍ର ଆୟୁର୍ବେଦିକ ଔଷଧ ଆସିଥିଲା। ଏବେ ଆୟୁର୍ବେଦିକ ଔଷଧ ନାହିଁ। ସେଥିପାଇଁ ମୁଁ ପଲମରେ ରହିବା ପାଇଁ ଇଚ୍ଛା ନାହିଁ। ସ୍ୱାସ୍ଥ୍ୟ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି କହିଛନ୍ତି ।

# କଲାମ ଜୟନ୍ତୀ, ଆସ୍କର ବାର୍ଷିକ ଉତ୍ସବ

ଭବାନୀପାଟଣା,୧୭।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ୍ କଲାମଙ୍କ ଜୟନ୍ତୀ ଉତ୍ସବ ଓ ଆସ୍କର ବାର୍ଷିକ ଉତ୍ସବ ସ୍ଥାନୀୟ ବଚ୍‌ପନ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଡ. କଲାମ୍ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ଭେଷଜ ବିଶେଷଜ୍ଞ ଡ. ଦୀନବନ୍ଧୁ ସାହୁ, ଥୁଆମୂଳ ରାମପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆସ୍କ ପକ୍ଷରୁ ଏକ ମନୋଜ୍ଞ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। କବି ବିଶ୍ୱରଞ୍ଜନ ପଣ୍ଡା ଓ କବିୟତ୍ରୀ ପ୍ରୀତିମୟୀ ରଥଙ୍କ ସଂଯୋଜନାରେ ଆୟୋଜିତ କବିତାପାଠରେ ଜିଲାର ବହୁ ବରିଷ୍ଠ ଓ କନିଷ୍ଠ କବିମାନେ ସେମାନଙ୍କ ସ୍ୱରଚୀତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପୂର୍ବତନ ରାଷ୍ଟ୍ରପତି ଡ. କଲାମଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଜିଲାର ପ୍ରସିଦ୍ଧ ବର୍ଷୀୟାନ ଲୋକକବି ସ୍ୱର୍ଗୀୟ ଜିତେନ୍ଦ୍ର ପାତ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରିଥିଲେ। ଫାଉଣ୍ଡେଶନ୍ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଡ. କଲାମଙ୍କ ଜନ୍ମଦିବର ଅବସରରେ ତାଙ୍କ ସ୍ମୃତିଚାରଣ କରିବା ସହ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଡ. ସାହୁ ଓ ମୁଖ୍ୟବକ୍ତା ମୁଣ୍ଡଛିନା ଡ. କଲାମଙ୍କ ଅବିସ୍ମରଣୀୟ ଜୀବନୀ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଟ୍ରଷ୍ଟ ଅଧ୍ୟକ୍ଷ ସାହୁଷଙ୍କ ସହ ଉପାଧ୍ୟକ୍ଷ ସ୍ୱାଧୀନ ପାତ୍ର, ସମ୍ପାଦକ ମୁକୁନ୍ଦ ରେଡି, ସହସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଏବଂ ଆସ୍କର ଆବାହକ ଲଳିତ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫାଉଣ୍ଡେଶନ ସଦସ୍ୟ ଭୃକୁଟି ଗଉଡ, ଧନଞ୍ଜୟ ସାହୁ ସହଯୋଗ କରିଥିଲେ।



କଲାମ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ମୃତ

**ସିନାପାଲି,୧୭।୧୦ (ଡି.ଏନ.ଏ.)**- ନୂଆପଡ଼ା ଜିଲା ସିନାପାଲି ଅନ୍ତର୍ଗତ ଚଟିଆଗୁଡ଼ାଠାରେ ବିଦ୍ୟୁତ ଆଘାତରେ ଏକ ମାଙ୍କଡ଼ର ମୃତ୍ୟୁ ଘଟିଛି । ପ୍ରାପ୍ତ ଖବର ଅନୁସାରେ ଚଟିଆଗୁଡାସ୍ଥିତ ଉଦନ୍ତୀ ନଦୀ କୂଳରେ ଝରିଆ ନାମକ ଜଙ୍ଗଲ ପରିବେଷ୍ଟିତ ଏକ ଦେବୀ ପୀଠ ରହିଛି। ଏଠାରେ ଅନେକ ପ୍ରକାର ବୃକ୍ଷ ସବୁ ଥିବା ବେଳେ ଏକ ଝରଣା ବହି ଚାଲିଛି । ଏଣୁ ବିଭିନ୍ନ ଜୀବଜନ୍ତୁ ଏଠି ବାସ କରିବା ସହିତ ବହୁ ମାତ୍ରାରେ ମାଙ୍କଡ ରହୁଛନ୍ତି। ଅନେକ ସମୟରେ ଏହି ମାଙ୍କଡ ସବୁ ଗାଁ ମୁହା ହୋଇ ବାଡିବଗିଚାର ଫଳମୂଳ ଖାଇବା ସହିତ ଜମିବାଡି ଚାଷ ମଧ ନଷ୍ଟ କରିଦେଉଛନ୍ତି । ଗୁରୁବାର ପୂର୍ବାହ୍ନରେ ଦଳେ ମାଙ୍କଡ ଚଟିଆଗୁଡା ଗାଁ ଭିତରକୁ ପଶି ଆସିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ମାଙ୍କଡ ମୃତ୍ୟୁ ଘଟିଛି। ଖବର ପାଇ ସିନାପାଲି ବନବିଭାଗ ପକ୍ଷରୁ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଏକ ଦଳ ପହଞ୍ଚି ମାଙ୍କଡକୁ ଉଦ୍ଧାର କରିବା ସହିତ ଭିଏଏସ୍ ବିଭୁ ଦଳ ଶବ ବ୍ୟବଚ୍ଛେଦ କରିବା ପରେ ପୋତି ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ଉକ୍ତ ମାଙ୍କଡସବୁ ନିକଟସ୍ଥ ସାଗୁନଭାଡି, ଚଟିଆଗୁଡା, ପଲସାପଡା, ଯୁଗେନପଦର ଗ୍ରାମର ଲୋକଙ୍କ ଅନେକ ଫସଲ ନଷ୍ଟ କରିବା ସହିତ ଘରଛାତଗୁଡିକୁ ମଧ ନଷ୍ଟ କରୁଥିବା ବାରମ୍ବାର ଅଭିଯୋଗ ହେଉଛ। ମାଙ୍କଡ ଶବ ନିକଟରେ ପ୍ରାୟ ଦୁଇଶହରୁ ଅଧିକ ମାଙ୍କଡ ଦୀର୍ଘ ସମୟ ଧରି ଘେରି ରହିଥିଲେ। ଫଳରେ ମାଙ୍କଡ ଶବ ଆଣିବାକୁ ବନବିଭାଗକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲ।



### ଅସହାୟ ରୋଗୀଙ୍କୁ ସହାୟତା କଲେ ବ୍ଲକ ଅଧକ୍ଷ

**ଲାଞ୍ଜିଗଡ଼,୧୭।୧୦ (ଡି.ଏନ.ଏ.)**- ଜଣେ ଗରିବ, ଅସହାୟ ରୋଗୀଙ୍କୁ ଚିକିତ୍ସା ପାଇଁ ସାହାଯ୍ୟର ହାତ ବଢାଇଛନ୍ତି ଲାଞ୍ଜିଗଡ ବ୍ଲକ ଅଧକ୍ଷ ଇଂ ଫକୀର ମୋହନ ମାଝି । ସୂଚନାନୁଯାୟୀ, ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରର କାହ୍ନା ଭୋଇ ଦୀର୍ଘ ଦିନ ହେଲା ପୀଡିତ ଥିଲେ। କିନ୍ତୁ ଅର୍ଥାଭାବ ଯୋଗୁ ତାଙ୍କର ଚିକିତ୍ସା କରିବା ସମ୍ଭବ ହୋଇପାରୁ ନ ଥିଲା । ଏହି ଖବର ପାଇ ଲାଞ୍ଜିଗଡ ବ୍ଲକ ଅଧକ୍ଷ ମାଝି ନିଜ ଉଦ୍ୟମରେ ଆମ୍ବୁଲାନ୍ସ ଡକାଇ ଚିକିତ୍ସା ବ୍ୟବସ୍ଥା କରାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କୁଲି ମଜୁରି କରି ଚଳୁଥିବା କାହ୍ନା ରୋଗଗ୍ରସ୍ତ ହେବା ପରେ ଅର୍ଥାଭାବ ଯୋଗୁ ତାଙ୍କ ଚିକିତ୍ସାରେ ବାଧା ସାଜିଥିଲା। ବ୍ଲକ ଅଧକ୍ଷ ଠିକ ସମୟରେ ତାଙ୍କୁ ସହାୟତାର ହାତ ବଢାଇ ନିଜ ସାମାଜିକ ଦାୟିତ୍ୱ ନିର୍ବାହ କରିଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଉନ୍ନୟନ କାମର ଜନଶୁଣାଣି କଲା ପ୍ରଶାସନ

# ବ୍ୟାପକ ଅନିୟମିତତା ଧରାପଡ଼ିଲା

**ନୂଆପଡା ଅଫିସ/ବୋଡେନ, ୧୭।୧୦ (ଡି.ଏନ.ଏ.)**



ଜନଶୁଣାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ସାମାଜିକ ସୁରକ୍ଷା ଯୋଜନା
- କାର୍ଯ୍ୟକ୍ରମ ପାଇଁ ସୂଚନା ଅଭାବ

ନୂଆପଡ଼ାଜିଲାବୋଡେନବ୍ଲକପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ସାମାଜିକ ସୁରକ୍ଷା ଯୋଜନା ଉପରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ଘଟଣା ପଦାକୁ ଆସିଥିବାବେଳେ ଏହା ଉପରେ ସୁଧାର ଆଣିବାକୁ ତାଗିଦ କରାଯାଇଛି ଏବଂ କାର୍ଯ୍ୟାନୁଷ୍ଠାନ ସକାଶେ ସୁପାରିଶ କରାଯାଇଛି।

ସ୍ଥାନୀୟ ବୋଡେନ ବ୍ଲକ କ୍ୟାମ୍ପସରେ ବିଡିଓ ଧରଣୀଧର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲାପାଳ ତରଣୀସେନ ନାଏକ, ଏବିଡିଓ ମନୋଜ ମହାନ୍ତି, ଜିଲା ସାମାଜିକ ସମୀକ୍ଷା ଅଧିକାରୀ ମିଳନ କୁମାର ପତି ପ୍ରମୁଖ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଦିନରେ ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ସାମାଜିକ ସମୀକ୍ଷା କରାଯାଇଥିଲା। ବର୍ତ୍ତମାନ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଛି। ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ପଷ୍ଟ ବାରି ହୋଇପଡିଥିଲା। ବ୍ଲକର ୧୫ଟି ଗ୍ରାମପଞ୍ଚାୟତରେ ଏହି ସବୁ ଯୋଜନା ଉପରେ ଗୋଟି ଗୋଟି କରି ଦେଖାଯାଇଥିଲା। ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ କାଗଜାତ ଯାଞ୍ଚ ପରେ ବ୍ଲକରେ ୩୦ଜଣଙ୍କ ନାଁରେ ମୃତ୍ୟୁ ପରେ ବାର୍ଦ୍ଧକ୍ୟ ଭତ୍ତା ଉଠାଣ କରାଯାଇ ହଡପ କରାଯାଇଛି। ଏହା ଉପରେ ଉପଜିଲାପାଳ ତୁରନ୍ତ ଭରଣା କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତ। ଅନ୍ନପୂର୍ଣ୍ଣା ଯୋଜନାରେ କରଙ୍ଗାମାଲ ଗ୍ରାମପଞ୍ଚାୟତରେ ୩ଜଣ ହିତାଧିକାରୀ ଚାଉଳ ପାଇନାହାନ୍ତି। କିନ୍ତୁ ସେମାନଙ୍କ ନାଁରେ ଚାଉଳ ଉଠାଣ ହୋଇଥିବା କାଗଜାତରୁ ସ୍ପଷ୍ଟ ହୋଇଛି । ସେହିଭଳି କେତେଗୋଟି ଗ୍ରାମପଞ୍ଚାୟତରେ କାମ କରି ନ ଥିବା ବ୍ୟକ୍ତିଙ୍କ ନାଁରେ ମଧ୍ୟ ପେମେଣ୍ଟ କରାଯାଇଥିବା ଘଟଣା ପଦାକୁ ଆସିଛି। ଉଲ୍ଲେଖଯୋଗ୍ୟ ଯେ, ନିୟମାନୁଯାୟୀ ଜନଶୁଣାଣି କାର୍ଯ୍ୟକ୍ରମ ଲାଗି କୌଣସି ଠିକାଦାର କିମ୍ବା ରାଜନୀତି ବ୍ୟକ୍ତିବିଶେଷଙ୍କୁ ସଦସ୍ୟ ରଖାଯିବା କଥା ନୁହେଁ । ହେଲେ ଜଣେ ତଥାକଥିତ ଠିକାଦାରଙ୍କୁ ଏଥିରେ ସାମିଲ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହିଭଳି ଜନଶୁଣାଣି କାର୍ଯ୍ୟକ୍ରମରେ ଯେପରି ଅଧିକରୁ ଅଧିକ ସଂଖ୍ୟକ ଲୋକ ଯୋଗଦେବେ ସେଥିସକାଶେ ବ୍ୟାପକ ପ୍ରଚାର ପ୍ରସାର କରିବା କଥା। ହେଲେ ଏହା କରାଯାଇ ନ ଥିବାରୁ ବହୁ କମ ଲୋକ ଏଥିରେ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଦୋଷୀଙ୍କ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ କରାଯିବା କଥା। ହେଲେ ନାଁକୁ ମାତ୍ର ଭରଣା ନିର୍ଦ୍ଦେଶ କରାଯାଇ ଛାଡି ଦିଆଯାଇଥିବାରୁ ବୁଦ୍ଧିଜୀବୀମହଲରେ ଆଲୋଚ୍ୟର ବିଷୟ ହୋଇଛି । ସୂଚନାଯୋଗ୍ୟ ଯେ, ଆଗକୁ ନଭେମ୍ବର ୧୫ରେ ସିନାପାଲି, ୨୦ରେ ଖଡିଆଳ, ୨୩ରେ ନୂଆପଡା ଏବଂ ୨୬ ତାରିଖରେ କୋମନା ବ୍ଲକରେ ଏହି କାର୍ଯ୍ୟକ୍ରମ ରହିଥିବା ଜିଲା ସାମାଜିକ ସୁରକ୍ଷା ବିଭାଗ ସୂତ୍ରରୁ ପ୍ରକାଶ।

# ସିଆର୍‌ପିଏଫ୍‌ର ଜନସଚେତନତା କାର୍ଯ୍ୟକ୍ରମ

**ସେରଗଡ,୧୭।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ମୋହନଗିରି ଓ ମ. ରାମପୁରଠାରେ ସିଆପିଏଫ୍ ୬୪ ବାଟାଲିଅନ ପକ୍ଷରୁ ଗୁରୁବାର ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, କେସିଙ୍ଗା କଳାକାର ମାନଙ୍କଦ୍ୱାରା ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ସମାଜର ଯୁବପିଢ଼ି ହିଂସାର ମାର୍ଗ ଛାଡି ସମାଜର ମୁଖ୍ୟସ୍ରୋତକୁ କିଭଳି ଅହିଂସା ମାର୍ଗରେ ରହି ଜୀବନଯାପନ କରିପାରିବେ ସେ ନେଇ ଏକ ନାଟକ 'ପରିଚୟ' ପରିବେଷଣ କରାଯାଇଥିଲା । ଏଥିରେ ସ୍ଥାନୀୟ ବିଡିଓ, ସରପଞ୍ଚ, ଚେୟାରମ୍ୟାନ, ଜିଲା ପରିଷଦ-୨ ସମ୍ମାନିତ ଅତିଥି ଭାବେ ଅପସ୍ଥିତଥିଲେ । ଏହି କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ କମାଣ୍ଡେଣ୍ଟ ବିପ୍ଳବ ସରକାର, ଡିଷ୍ଟ୍ରିକ୍ଟ କମାଣ୍ଡେଣ୍ଟ ସୂର୍ଯ୍ୟକାନ୍ତ ମିଶ୍ର, ଆସିଷ୍ଟାଣ୍ଟ ସଞ୍ଜୀବ କୁମାର ମିନାଙ୍କ ସହିତ ସିଆରପିଏଫ୍‌ର ସମସ୍ତ ଯବାନମାନେ ଯୋଗଦେଇଥିଲେ।




ସିଆର୍‌ପିଏଫ୍‌ର ଜନ ସଚେତନତା କାର୍ଯ୍ୟକ୍ରମ ।

# ଖୁର୍ସେଲଗୁଡାଠାରେ ମା' ବସ୍ତ୍ରେନ ମାଉଁଳିଙ୍କ ବାର୍ଷିକ ଦଶହରା

**କୋକସରା,୧୭।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ଖୁର୍ସେଲଗୁଡାଠାରେ ମା' ବସ୍ତ୍ରେନ ମାଉଁଳିଙ୍କ ବାର୍ଷିକ ଦଶହରା ମଙ୍ଗଳବାର ପାଳିତ ହୋଇଯାଇଛି। ରୀତିନୀତ ଅନୁସାରେ ଦେବୀଙ୍କ ପୂଜକ ହକୁମୀ ପୂଝାରୀ ପୂଜାପାଠ କରିଥିବା ବେଳେ ଜହ୍ନିଓଷା କମିଟି କୁମାରୀ ଝିଅମାନେ ଗ୍ରାମ୍ୟ ଦେବୀଙ୍କ ବନ୍ଦନା କରିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରେକର୍ଡ ଡ୍ୟାନ୍ସ କାର୍ଯ୍ୟକ୍ରମ କମିଟି ଦ୍ୱାରା କରାଯାଇଥିଲା । ଟେମରା ଗୌରୀ ଦଳପତି ମଞ୍ଚ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଟେମରା ପଞ୍ଚାୟତ ସମିତିସଭ୍ୟ ରାଜେନ୍ଦ୍ର ନାଏକ ଯୋଗଦେଇ ଗ୍ରାମଞ୍ଚଳରେ ହେଉଥିବା ପର୍ବପର୍ବାଣି ଆମ ପରମ୍ପାରାକୁ ବଜାୟ ରଖିଥିବା ବେଳେ ଗ୍ରାମଞ୍ଚଳରେ ଲୁକାୟିତ ପ୍ରତିଭାମାନଙ୍କୁ ଆଗକୁ ଆଣିବା ପାଇଁ ଲୋକକଳା ଏକ ମଧ୍ୟମ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ସନପୋଡାଗୁଡା ସରପଞ୍ଚ ସନମତୀ ପୂଝାରୀ, ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟ ମୁଖ୍ୟକିରାଣୀ ଯୁଗଲ କିଶୋର ହଂସ, ବିଜେଡି ଆଦିବାସୀ ବ୍ଲକ ସଭାପତି ହେମନ୍ତ ମାଝି, ଭାରତୁ ନାଏକ, ଯଦୁମଣୀ ବାଗ, ନାଏବ ସରପଞ୍ଚ କେଶରୀ ପୂଝାରୀ, ଶ୍ୟାମସୁନ୍ଦର ପାଳି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରେକର୍ଡଡ୍ୟାନ୍ସରେ ୨୨ଟି ଗ୍ରୁପ ପ୍ରତିଯୋଗିତା ଭାଗ ନେଇଥିଲେ। ମା' ଠାକୁରାଣୀ ଡ୍ୟାନ୍ସ ଗ୍ରୁପ୍ କିଗୁଡା ପ୍ରଥମ, ମିସ ପୂଜା ଡ୍ୟାନ୍ସ ଗ୍ରୁପ୍ ବଙ୍ଗୋମୁଣ୍ଡା ଦ୍ୱିତୀୟ, ମିସ ଅଲି ଡ୍ୟାନ୍ସ ଗ୍ରୁପ୍ କେସିଙ୍ଗା ତୃତୀୟ ଓ ଏଲ.ଏସ. ଡ୍ୟାନ୍ସ ଗ୍ରୁପ୍ ଲଦୁଗାଁ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଶିକ୍ଷକ ବୈକୁଣ୍ଠ ଜାଲ ଓ ଚନ୍ଦ୍ର ମୋହନ ପୂଝାରୀ ମଞ୍ଚ ପରିଚାଳନା କରିଥିଲେ। ଦଶରା ପୂଜା କମିଟି ସଭାପତି ରାଏମଲ ବେହେରା, ସମ୍ପାଦକ ରୁପଧର ପାଳି, କୋଷାଧ୍ୟକ୍ଷ ଲିଙ୍ଗରାଜ ଲଦୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଦର୍ଶ ଡିଗ୍ରୀ କଲେଜରେ ଆତ୍ମସୁରକ୍ଷା ତାଲିମ ବୈଠକ

**ଖଡିଆଳ,୧୭।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମହାବିଦ୍ୟାଳୟ ଦୁଇ ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଶିକ୍ଷକ ନୀଳିମା ବାରିକ ନାରୀ ଆତ୍ମ ପ୍ରତିରକ୍ଷା ତାଲିମର ଉପାଦେୟତା ଉପରେ ଛାତ୍ରୀଛାତ୍ରମାନଙ୍କୁ ଆଲୋକପାତ କରିଥିଲେ। ବୈଠକରେ ମହାବିଦ୍ୟାଳୟ ଅଧକ୍ଷ ମଧୁସୂଦନ ସାହୁ ଅଧକ୍ଷତା କରିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ ଡ. ବିଜୟ କୁମାର ଦେ, ବାଣିଜ୍ୟ ବିଭାଗ ମୁଖ୍ୟ ସୁଶାନ୍ତ କୁମାର ପଣ୍ଡା, ଅର୍ଥନୀତି ବିଜ୍ଞାନ ମୁଖ୍ୟ ପ୍ରତିସ୍ୱପ୍ନା ପ୍ରଧାନ ନାରୀ ଆତ୍ମ ପ୍ରତିରକ୍ଷା ଉପରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ସେହିପରି ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ରାନୁ କିସ୍କୁ କାର୍ଯ୍ୟକ୍ରମ ସଂଯୋଜକ ବୈଠକ ଆୟୋଜନ କରିଥିଲେ। ଅଧକ୍ଷ ମଧୁସୂଦନ ସାହୁଙ୍କ ପରାମର୍ଶ କ୍ରମେ ୧୭ ତାରିଖରୁ ପ୍ରଶିକ୍ଷକ ନିଲୀମା ବାରିକ ମହାବିଦ୍ୟାଳୟ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ନାରୀମାନଙ୍କୁ ଆତ୍ମ ପ୍ରତିରକ୍ଷା ତାଲିମ ଦେବା ଲାଗି ସରକାରଙ୍କ ଏତାଦୃଶ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରି ସଂଯୋଜକ ରାନୁ କିସ୍କୁ ବୈଠକରେ ଉପସ୍ଥିତ ଥିବା ଅଧକ୍ଷ, ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ରମାନଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦ୍ୱିତୀୟ ଟାଉନ ଫୁଟବଲ ସୁପରଲିଗ୍‌ର ତୃତୀୟ ମ୍ୟାଚ୍

# ଆଇଆର୍‌ବି ନାଇନ୍‌ଥ ବାଟାଲିୟନ୍ ୧-୦ ଗୋଲ୍‌ରେ ବିଜୟୀ

**ଭବାନୀପାଟଣା,୧୭।୧୦ (ଡି.ଏନ.ଏ.)**

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଗୁରୁବାର ସୁପରଲିଗ୍‌ର ତୃତୀୟ ମ୍ୟାଚ୍ ଆଇଆରବି ନାଇନ୍‌ଥ୍ ବାଟାଲିୟନ୍ ବନାମ ଗୁଡମର୍ନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ଆଇଆରବି ନାଇନ୍‌ଥ୍ ବାଟାଲିୟନ୍ ୧ ଗୋଲ ଦେଇଥିବା ବେଳେ ଗୁଡମର୍ନିଂ କ୍ଲବ ଗୋଟିଏ ବି ଗୋଲ ଦେଇପାରି ନ ଥିଲା। ଫଳରେ ମ୍ୟାଚ୍‌ରେ ଆଇଆରବି ନାଇନ୍‌ଥ୍ ବାଟାଲିୟନ ୧-୦ ଗୋଲରେ ବିଜୟୀ ହୋଇଥିଲା।

ମ୍ୟାଚ୍‌ରେ ବିଶିଷ୍ଟ କ୍ରୀଡା ସଙ୍ଗଠକ ସୁରେନ୍ଦ୍ରନାଥ ତ୍ରିପାଠୀ ଅତିଥି ଭାବେ ଯୋଗଦେଇଥିଲେ। ରେଫରୀ ଭାବେ ଜିତେନ୍ଦ୍ର ରଥ, ଦେବେନ୍ଦ୍ର ରାଉତ୍, ରଞ୍ଜନ କୁମାର ଦାସ, ଅଶୋକ ବାଗ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମ୍ୟାଚ୍‌ରେ କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠି, ଫୁଟବଲ ସେକ୍ରେଟେରି କାଦର ଖାନ, ଆଥେଲେଟିକ୍ ସେକ୍ରେଟେରି ସମ୍ଭୁ ରାଉତ, ଆଇପିଇ ମହେନ୍ଦ୍ର ପଣ୍ଡା, ଜିଲାର ଫୁଟବଲ ଖେଳାଳି ନଳିନୀ ମୁଣ୍ଡ, ଜଳେଶ୍ୱର ଗଉଡ, କିଶୋର ସାହୁ, ଅର୍ଜୁନ ନାଏକ, ଧିରେନ ପଟ୍ଟନାୟକ, ରାଜିବ ସାହୁ, ସନ୍ତୋଷ ପ୍ରଧାନ, ଭିକାରୀ ଚରଣ ମିଶ୍ର, ଝୁନୁ ପଣ୍ଡା, ଅଶୋକ ପଟ୍ଟନାୟକ, ସନତ୍ କୁମାର ମହାପାତ୍ର ଓ ଚକ୍ରଧର ସେଠୀ ସହଯୋଗ କରିଥିଲେ। ୧୮ ତାରିଖରେ ମର୍ନିଂ କ୍ଲବ ବନାମ ଗୋଲଣ୍ଡେନ୍ ଏଫ୍‌ସି ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ରିଡା ସଂସ୍ଥା ସମ୍ପାଦକ ଜଗମୋହନ ପଟ୍ଟନାୟକ ସୂଚନା ଦେଇଛନ୍ତି।




ଫୁଟବଲ ଲିଗ୍‌ର ସୁପରଲିଗ୍‌ର ତୃତୀୟ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳି।

### ବାର୍‌ହା ଉପଦ୍ରବ: ଶତାଧିକ ଏକର ମକା ଫସଲ ନଷ୍ଟ

# ଋଣ ଶୁଝିବା ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ଚାଷୀ

**କୋମନା,୧୭।୧୦ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକର ବିଭିନ୍ନ ଅଞ୍ଚଳରେ ଶହ ଶହ ବାର୍‌ହା ଆସି ହେକ୍ଟର ହେକ୍ଟର ମକା ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ବିଶେଷ କରି ଏହି ବ୍ଲକର ବିଶିବାହାଲ, ମିଛାପାଲି, ବରକୋଟ, ଠୋଙ୍ଗୋ, ବାଟିବାହାଲ, ଝଗ୍ରାହୀ, ସିଲେଟପାଣୀ ଅଞ୍ଚଳରେ ମକା ଚାଷୀମାନେ ବ୍ୟାଙ୍କ ତଥା ବେସରକାରୀ ସଂସ୍ଥାରୁ ଲକ୍ଷ ଲକ୍ଷ ଟଙ୍କା ଋଣ କରି ଚଳିତବର୍ଷ ମକା ଚାଷ କରିଥିଲେ। ଗତ ତିନି ଚାରି ବର୍ଷ ହେବ ଏ ଅଞ୍ଚଳରେ ବର୍ଷା ଅଭାବ ଯୋଗୁ ଚାଷୀମାନେ ଲଗାତର ମରୁଡିର ଶିକାର ହୋଇଥିଲେ। ଫଳରେ ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇପଡିଥିଲା। ଏଥିଯୋଗୁ ଅଧିକ ଆୟ ଆଶାରେ ଚାଷୀମାନେ ଧାର କରଜ କରି ଉନ୍ନତମାନର ମକା ବିହନ କିଣି ଠିକ ସମୟରେ ମକା ଚାଷ କରିଥିଲେ। ଏ ବର୍ଷ ଠିକ୍‌ଠାକ୍ ବର୍ଷା ହୋଇଥିବାରୁ ଅଞ୍ଚଳରେ ମକା ଫସଲ ବେଶ ଭଲ ହୋଇଥିରୁ ଭଲ ଆମଦାନୀ ହେବ ବୋଲି ଚାଷୀ ଆଶା ରଖିଥିଲେ। କିନ୍ତୁ ବର୍ତ୍ତମାନ ମକା ଚାଷର ଶେଷ ପର୍ଯ୍ୟାୟରେ ଥିବା ବେଳେ ସୁନାବେଡା ଅଭୟାରଣ୍ୟରୁ ଶହ ଶହ ମାତ୍ରାରେ ବାର୍‌ହା ଆସି ୭୦ ଭାଗ ମକା ଚାଷ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଚାଷୀମାନେ ଭାଙ୍ଗି ପଡିଥିବା ବେଳେ ଦିନକୁ ଦିନ ବହୁ ସଂଖ୍ୟାରେ ବାର୍‌ହା ଆସି ମକା ଚାଷକୁ ନଷ୍ଟ କରି ଦଳି ଚକଟି ଦେଉଛନ୍ତି। ଚାଷୀମାନେ ସମ୍ପୂର୍ଣ୍ଣ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଚାଷୀମାନେ କ୍ଷୟକ୍ଷତି ସମ୍ପର୍କରେ କୋମନା ବନ ବିଭାଗ ରେଞ୍ଜର ଜଗଦିଶ ଦୁରିଆଙ୍କୁ ଫୋନ ମାଧ୍ୟମରେ ଜଣାଇଥିବା ବେଳେ ଲିଖିତ ଅଭିଯୋଗ କଲେ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ।



ବାର୍‌ହା ନଷ୍ଟ କରିଥିବା ମକା ଚାଷ।

### କୀଟ ଚରିଗଲା ପାଚିଲା ଧାନ କ୍ଷେତ, ଚିନ୍ତାରେ ଚାଷୀ

# ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଚିଲା ଧାନ ନଷ୍ଟ

**ସିନାପାଲି,୧୭।୧୦(ଡି.ଏନ.ଏ.)**

ଚଳିତବର୍ଷ ନୂଆପଡ଼ା ଜିଲା ସିନାପାଲି ବ୍ଲକ ବିଭିନ୍ନ ଅଞ୍ଚଳରେ ବର୍ଷାର ଲୁଚକାଳି ଖେଳ ସହିତ ଧାନ ଫସଲରେ ରୋଗପୋକର ଆତଙ୍କ ଦେଖାଦେଇଥିଲା। ବର୍ତ୍ତମାନ ସିନାପାଲି ବ୍ଲକ ମଖାପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ କୋପିଆ, ଯୋଗିବାହାଲ, ସିତଲିଖଲିଆ ଆଦି ଗ୍ରାମରେ ଚାଷୀମାନଙ୍କ ପାଚିଲା ଧାନ ଫସଲକୁ ବିଭିନ୍ନ ପ୍ରକାର କୀଟ ଚରିଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ବର୍ତ୍ତମାନ ଚାଷୀମାନଙ୍କ ଧାନସବୁ ପାଚିବାକୁ ବସିଲାଣି। ଆଉ କିଛି ଦିନ ପରେ ଧାନ ଅମଳ ହେବ ବୋଲି ଚାଷୀମାନେ ଖୁସି ହେଉଥିବା ବେଳେ ମଖାପଦର ଗ୍ରାମଞ୍ଚାୟତ ଅନ୍ତର୍ଗତ କୋପିଆ, ସିତଲି ଖଲିଆ, ଯୋଗିବାହାଲ ଗ୍ରାମର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଚିଲା ଧାନ କ୍ଷେତକୁ ବିଭିନ୍ନ ପ୍ରକାର ପୋକ, କୀଟ ସମ୍ପୂର୍ଣ୍ଣ ଭାବେ ଖାଇ ନଷ୍ଟ କରିଦେଇଛି। ଚାଷୀ ଲବ ମେହେର, ସିଦ୍ଧ ମେହେର, ନକୁଳ ମେହେର, କିର୍ତ୍ତିରାମ ମେହେର, ଗୌରୀ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ବୈଷ୍ଣବ ପଟେଲ, ସୁବାସ ଭୋଇ, ରୁଦ୍ରମାଧବ ମେହେର, ରମାକାନ୍ତ ମେହେର, ସୁନୀଲ ମେହେର, ଉଗ୍ରେସନ ମେହେର, କୁଳ ପଟେଲ, ହରି ମେହେର, ଲକ୍ଷିଧର ପଟେଲଙ୍କ ପ୍ରାୟ ୫୦ ଏକର ଚାଷ ଜମି ବିଭିନ୍ନ ରୋଗ ପୋକ ଦ୍ୱାରା ଆକ୍ରାନ୍ତ ହୋଇଛି। ଚୈତୁରାମ ମେହେର, ବୈଷ୍ଣବ ପଟେଲ, ଦେବରାଜ ମେହେର ଓ ସୁପେତ ମେହେରଙ୍କ ପ୍ରାୟ ୧୦ ଏକର ପାଚିଲା ଧାନରେ ସମ୍ପୂର୍ଣ୍ଣ ଭାବେ କୀଟ ଚରିଯାଇଛି। ଚାଷୀମାନଙ୍କ କହିବା ଅନୁସାରେ ସେମାନେ ଧାର କରଜ କରି ସେମାନଙ୍କ ଚାଷ ଜମିରେ ବିଭିନ୍ନ ପ୍ରକାର କୀଟନାଶକ ଦେଇ ସାରିଛନ୍ତି । ହେଲେ କୌଣସି କାମ ଦେଇନି। ବର୍ତ୍ତମାନ ଚାଷୀମାନଙ୍କ ପାଚିଲା ଧାନ ରୋଗପୋକ ଆକ୍ରମଣରେ ସମୁଳେ ନଷ୍ଟ ହୋଇଯାଇଛି। ଯାହାଦ୍ୱାରା କି ଚାଷୀମାନଙ୍କ ପାଇଁ ବୋଝ ଉପରେ ନଳିତାବିଡା ପରି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଚାଷୀଙ୍କ କ୍ଷୟକ୍ଷତି ନେଇ ସ୍ଥାନୀୟ କୃଷି କର୍ମଚାରୀ ବିଶ୍ୱମ୍ଭର ପ୍ରିୟଙ୍କୁ ପଚାରିବାରୁ ଯେଉଁ ଚାଷୀମାନଙ୍କ ଫସଲ କ୍ଷତି ହୋଇଛି, ଯଦି ସେମାନେ ଶସ୍ୟବୀମା କରିଛନ୍ତି। ସମ୍ପୃକ୍ତ ବୀମା କମ୍ପାନୀ ପକ୍ଷରୁ ବୀମା ସହାୟତା ପାଇବା ପାଇଁ ଜଣାଇ ଦିଆଯିବ। ଏଥିସହ ସରକାରଙ୍କ ପକ୍ଷରୁ କିଛି ସହାୟତା ପାଇଁ ମଧ୍ୟ ଆମେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୦୧୭ର ବୀମା ରାଶି ଅନେକ ଚାଷୀ ପାଇ ନ ଥିବା ବେଳେ ଗତ ୨୦୧୮ର ଇନପୁଟ ସବସିଡି ମଧ୍ୟ ପାଇନାହାନ୍ତି। ଜିଲା ପ୍ରଶାସନ ଓ ଜିଲା କୃଷି ଅଧିକାରୀ ଚାଷୀମାନଙ୍କ ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ପାଚିଲା ଧାନ କ୍ଷେତରେ କୀଟ ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଛି।

**ସିନାପାଲି ବ୍ଲକ**
- ପ୍ରାୟ ୫୦ ଏକର ଚାଷ ଜମିରେ ବିଭିନ୍ନ ରୋଗ ପୋକ



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାକୁ ଥଟ୍ଟା କରନ୍ତି। କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାକୁ ଆଦର କରନ୍ତି। -ମାର୍ଟିନ ଲୁଥର



## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ୨୧ରେ

ବଣାଇ, ୧୭।୧୦(ସ୍ୱ.ପ୍ର.) -ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର କୋଇଡା ବ୍ଲକଠାରେ ଆସନ୍ତା ୨୧ ତାରିଖ ସୋମବାର ସୁନ୍ଦରଗଡ଼ ଜିଲାପାଳ ନିଖିଳ ପୱନ କଲ୍ୟାଣ ପୂର୍ବାହ୍ନ ୧୧ଟାରେ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଏହି କାର୍ଯ୍ୟକ୍ରମରେ ଅଭିଯୋଗକାରୀମାନେ ଉପସ୍ଥିତ ରହି ନିଜର ଆପତ୍ତି ଅଭିଯୋଗ ଜିଲାପାଳଙ୍କୁ ଜଣାଇ ପାରିବେ ବୋଲି ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି।

### ମଦପିଇ ବାଇକ ଚଳାଉଥିବା ଦୁଇ ଯୁବକ କୋର୍ଟ ଚାଲାଣ

ବାଲିଶଙ୍କରା, ୧୭।୧୦ (ଡି.ଏନ.ଏ)- ତଲସରା ଥାନା ତରଫରୁ ଗାଡିମୋଟର ବାଇକକୁ ତଲସରା ଫାଟକରେ ତଦାରଖ କରାଯାଉଥିଲା। ଏହି ସମୟେ ଭୁଜବଳ ତନ୍ତି ଲୁକଙ୍କଡିହ ଗ୍ରାମର ଓ ଟେକଚାନ୍ଦ ପଟେଲ ଗଇଳ ଗ୍ରାମର ପୋଲିସ ହାବୁଡରେ ପଡିଥିଲେ । ଏମାନେ ଦୁହେଁ ମଦପିଇ ବାଇକ ଚଳାଉଥିଲେ । ପୋଲିସ ସନ୍ଦେହ ହେବାରୁ ତାଙ୍କ ମୁହଁରେ ଯନ୍ତ୍ର ଲଗାହେବାରୁ ସେମାନେ ମଦ୍ୟ ପାନ କରିଥିବା ଜଣାପଡିଥିଲା । ତଲସରା ପୋଲିସ ଅଟକରଖି ଏହି ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଆଗକୁ ଏଭଳି ଯାଞ୍ଚ ଚାଲୁ ରହିବ ବୋଲି ଜଣାପଡ଼ିଛି।

# ଛତୁଆର ପୌଷ୍ଟିକତା ନେଇ ସନ୍ଦେହ

**ଦେଶରଞ୍ଜନ ପଟେଲ**
**ଲେଫ୍ରିପଡ଼ା, ୧୭।୧୦(ଡି.ଏନ.ଏ)**

ଆଦିବାସୀ ଅଧ୍ୟୁଷିତ ଲେଫ୍ରିପଡ଼ା ବ୍ଲକ୍‌ରେ ସମନ୍ୱିତ ଶିଶୁ ଏବଂ ମାତୃବିକାଶ କାର୍ଯ୍ୟକ୍ରମ ପ୍ରହସନର ରୂପ ନେଇଛି। ସରକାରଙ୍କ ଆଇସିଡ଼ିଏସ୍ ଯୋଜନା ବାଟବଣା ହୋଇଛି। ବିଶେଷଭାବେ ପିଲାଙ୍କ ପୁଷ୍ଟିକର ଖାଦ୍ୟ, ଔଷଧ ବଣ୍ଟନ, ଖେଳଣା ପ୍ରଦାନ ଆଦି କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହୁଥିବାର ଅଭିଯୋଗ ହେଉଛି। ଲେଫ୍ରିପଡ଼ା ବ୍ଲକ୍‌ରେ କୋମଳମତି ଶିଶୁ, ଗର୍ଭବତୀଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ 'ଛତୁଆ'ର ପୌଷ୍ଟିକତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗର ଅପାରଗତା ଯୋଗୁ କେବଳ ଅଟାଗୁଣ୍ଡରେ ହିଁ ପୁଷ୍ଟିକର 'ଛତୁଆ' ସୀମିତ ରହୁଥିବା କୁହାଯାଉଛି। ଅଧିକାଂଶ ଏହାକୁ ଗୋ-ଖାଦ୍ୟ ଭାବେ ବ୍ୟବହାର କରୁଥିବାର ଗୁରୁତର ଅଭିଯୋଗ ହସ୍ତଗତ ହୋଇଛି। କୋମଳମତି ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପୁଷ୍ଟିକର ଖାଦ୍ୟର ଗୁଣାତ୍ମକମାନ ଯାଞ୍ଚ କରିବା ଦିଗରେ ପ୍ରଶାସନ ବିଫଳ ହୋଇଥିବା ସ୍ଥଳେ ଏକ ନିର୍ଦ୍ଦିଷ୍ଟ ସ୍ୱୟଂସହାୟକ ଗୋଷ୍ଠୀ ହିଁ 'ଛତୁଆ' ଉତ୍ପାଦନ ବେପାର ଚଳାଇଥିବାର ଜଣାପଡ଼ିଛି। ଫଳରେ ଶିଶୁ, କ୍ଷୀରପାନ କରାଉଥିବା ମାଆ, ଭବିଷ୍ୟତରେ ମାଆ ହେବାକୁ ଥିବା କିଶୋରୀ ବାଳିକା ଏବଂ ଗର୍ଭବତୀଙ୍କ ପ୍ରତି ପୁଷ୍ଟିକର ଖାଦ୍ୟ ନାମରେ ଏଭଳି ନିମ୍ନମାନର ଅଟାଗୁଣ୍ଡ ପୁଡ଼ିଆ ଯୋଗାଣକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଯାଞ୍ଚହୀନ ଛତୁଆ ଯେ କେତେବେଳେ ପୁଷ୍ଟିକର ନାମରେ ଜୀବନହାନୀକାର ନ ହେବ କିଏ ବା କହିବ ? ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଆଇ.ସି.ଡ଼ି.ଏସ୍. ଜରିଆରେ ଅନୁପୂରକ ପୁଷ୍ଟିକର ଖାଦ୍ୟ 'ହୋମ-ରାଶନ' ହିସାବରେ ହିତାଧିକାରୀଙ୍କ ଘରକୁ ପହଞ୍ଚାଇବା ଦେବା ପାଇଁ ୨୦୧୧ରୁ କାର୍ଯ୍ୟକାରୀ ହୋଇଥିଲା । ଏହା ଗର୍ଭବତୀ ଓ ସ୍ତନ୍ୟପାନକାରୀ ମାଆ, ୬ ମାସରୁ ୩ ବର୍ଷର ଶିଶୁ , କିଶୋରୀ ବାଳିକା ଏବଂ ବିଶେଷ କରି ପୁଷ୍ଟିହୀନତାର ଶୀକାର ହୋଇଥିବା ଛୁଆ ଯେଉଁମାନେ ନିୟମିତ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରରେ ଉପସ୍ଥିତ ହୋଇ ପାରୁନାହାନ୍ତି। ସେମାନେ ହିତାଧିକାରୀ ଭାବେ ଏହି ସୁବିଧା ପାଇବା କଥା। କିନ୍ତୁ ପ୍ରାୟତଃ ଦେଖିବାକୁ ମିଳୁଛି ଯେ, ଘରମାନଙ୍କୁ କାଁ ଭାଁ 'ହୋମ୍-ରାଶନ' ଯୋଗାଇ ଦିଆଯାଉଛି।

ସରକାରୀ ନିୟମ ମୁତାବକ ଏହି ହୋମ୍‌ରାଶନ ତଥା ଛତୁଆ ପ୍ରତ୍ୟେକ ମାସର ପହିଲା ଏବଂ ୧୫ ତାରିଖରେ ହିତାଧିକାରୀଙ୍କ ପାଖକୁ ପହଞ୍ଚିବାର କଡ଼ା ସରକାରୀ ନିୟମ ରହିଥିଲେ ସୁଦ୍ଧା ବେଖାତିର ଭାବରେ ମନଇଚ୍ଛା ବଣ୍ଟନ କରାଯାଉଛି। ହିତାଧିକାରୀଙ୍କ ଶ୍ରେଣୀ ଅନୁଯାୟୀ ଛତୁଆର ପୁଷ୍ଟିକତାର ମାନ ଧାର୍ଯ୍ୟ ରହିଥିବା ବେଳେ କୌଣସି ଉନ୍ନତ ଯାଞ୍ଚ ତଥା ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ଏଠାରେ ନ ଥିବାରୁ ବାସ୍ତବରେ ତାହା କିଭଳି ରହୁଛି, ତାହା ବି ଜାଣିବା ମୁସ୍କିଲ ହୋଇପଡୁଛି। ସରକାରୀ ନିୟମ ଅନୁସାରେ ୬ମାସ ରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ ୬୧୫ କ୍ୟାଲୋରି ଯୁକ୍ତ ଏବଂ ୧୩.୩୪% ପ୍ରୋଟିନ୍ ରହିବା କଥା । ସେହିଭଳି ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ଙ୍କ ପାଇଁ ୭୭୦ କ୍ୟାଲୋରି ଏବଂ୧୭.୭୯୫ ପ୍ରୋଟିନ୍, ପୁଷ୍ଟିହୀନ ଛୁଆଙ୍କ ପାଇଁ ୯୯୨ କ୍ୟାଲୋରୀ ଏବଂ ୨୦୫ ପ୍ରୋଟିନ୍ ରହିବାର ନିୟମ ରହିଥିବା ସ୍ଥଳେ ତାହା କିଛି ଜଣା ପଡୁନି। ଏଭଳିକି ଛତୁଆର ମାନ ଯାଞ୍ଚ ପାଇଁ ଭୁବନେଶ୍ୱର ପଠାଯାଉଥିବାର ସ୍ଥାନୀୟ କେତେକ ସିଡ଼ିପିଓ ସୂଚନା ଦେଉଥିବା ବେଳେ ଏହି ଯାଞ୍ଚ ରିପୋର୍ଟ ଆସିବା ପୂର୍ବରୁ ହିଁ ଛତୁଆ ବଣ୍ଟନ ହେଉଥିବାରୁ ଏହାର ପୌଷ୍ଟିକତା ଏବଂ ମାନକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ ଯେ,ଛତୁଆ ଉତ୍ପାଦନକୁ ନେଇ ଅନେକ କଡ଼ା ନିୟମ ରହିଛି। ଛତୁଆ ପ୍ରସ୍ତୁତି ହେବାର ୧୦ ଦିନ ମଧ୍ୟରେ ତାହା ଯୋଗାଣ କରିବାର ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ଗୋଦାମରେ ମାସ ମାସ ଧରି ପଡ଼ି ରହୁଛି। ଗହମ, ବୁଟ, ବାଦାମ ଏବଂ ଚିନିର ଆବଶ୍ୟକୀୟ ପରିମାଣର ମିଶ୍ରଣ କରାଯିବାରେ ମଧ୍ୟ ବ୍ୟତିକ୍ରମ ଦେଖା ଯାଉଥିବାରୁ ଅନେକ ଶିଶୁ ଓ ମାଆ ତାହା ନ ଖାଇ ନିଜ ଗୋରୁଗାଈଙ୍କୁ ଖାଇବାକୁ ଦେଉଛନ୍ତି। ଅନେକ ବିକ୍ରୀ କରୁଥିବାର ଉଦାହରଣ ମଧ୍ୟ ରହିଛି। ଛତୁଆ ସମ୍ପର୍କରେ ଅନେକ ମାଆଙ୍କୁ ପଚାରିବାରୁ ଏହା କେବଳ ଅଟାଗୁଣ୍ଡ ଏବଂ ଏଥିରେ କିଛି ସୁସ୍ୱାଦ ନ ଥିବାରୁ ବାଧ୍ୟ ହୋଇ ଗାଈଗୋରୁଙ୍କୁ ଦେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି। ଏଭଳିକି ଅନେକ ପ୍ୟାକେଟରେ ମଇଳା ଓ ମୁଣ୍ଡର ବାଳ ମଧ୍ୟ ବାହାରୁଥିବାର ସେମାନେ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ଛତୁଆ ଉତ୍ପାଦନ ସମୟରେ କାର୍ଯ୍ୟରତ ମହିଳାମାନେ ଉପଯୁକ୍ତ ସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରିବା ସହିତ ହାତକୁ ଠିକ୍ ଭାବେ ଧୋଇବା, ନଖ ଠିକ୍ ଭାବେ କଟା ହୋଇଥିବ,ମୁଣ୍ଡର ବାଳ ଠିକ୍ ଭାବେ ବନ୍ଧା ହୋଇଥିବ ଏବଂ ଆପ୍ରୋନ୍ ପିନ୍ଧି କାର୍ଯ୍ୟ କରିବାର ନିର୍ଦ୍ଦେଶ ରହିଛି। ଏକ ସ୍ୱଚ୍ଛ ପରିବେଶ ମଧ୍ୟରେ ଏହାର ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଏଠାରେ ଅନେକ ସଂସ୍ଥାର ଗ୍ରାଇଣ୍ଡିଂ ବ୍ୟବସ୍ଥା ନ ଥିବାରୁ ସାଧାରଣ ଖୋଲା ଧାନ ଓ ଅଟା ହଲର ମାନଙ୍କରେ ପେଷା କାମ କରାଯାଉଥିବାରୁ ସେଠାରେ ନାନା ପ୍ରକାର ମଇଳା ଏବଂ ଅସ୍ୱାସ୍ଥ୍ୟକର ସାମଗ୍ରୀ ମିଶୁଥିବାର ଦେଖାଯାଏ। ବ୍ଲକ୍ ଓ ଜିଲାସ୍ତରରେ ଏହାର ପ୍ରସ୍ତୁତି, ପ୍ୟାକେଜିଂ, ବଣ୍ଟନ ଓ ବ୍ୟବହାର ପ୍ରତି ଆଦୌ ଯାଞ୍ଚ କରା ଯାଉ ନ ଥିବା ବେଳେ ସିଡ଼ିପିଓ ମାନଙ୍କର ଉଦାସୀନତା ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି। ସରକାରୀ ନିୟମ ମୁତାବକ ଜିଲାପାଳ ୫/୬ ଜଣଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରି ଏସବୁର ଯାଞ୍ଚ କରିବାର ବ୍ୟବସ୍ଥା ରହିଥିଲେ ସୁଦ୍ଧା ତାହା ଏଠାରେ କିଛି ଜଣାପଡୁ ନାହିଁ। ବିଡ଼ିଓ ଏବଂ ସିଡ଼ିପିଓ ପ୍ରତି ମାସରେ ୨/୩ ଥର ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିବା ନିର୍ଦ୍ଦେଶ ରହିଥିଲେ ହେଁ କାହାରିକୁ ଏହି ଗୁରୁତ୍ୱପୂର୍ଣ୍ଣ ଶିଶୁ ଖାଦ୍ୟର ଯାଞ୍ଚ ପାଇଁ ସମୟ ମିଳୁ ନାହିଁ। ଏ ଦିଗରେ ଲେଫ୍ରିପଡା ସିଡିପିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ପର୍କ ହୋଇ ପାରି ନଥିଲା। ଏଣୁ ଏହାର ଉଚିତ ତଦନ୍ତ କରାଯିବା ସହିତ ସରକାରୀ ଗାଇଡ୍ ଲାଇନ୍‌କୁ କଡ଼ାକଡ଼ି ଲାଗୁ କରିବା ନିମିତ ରାଜ୍ୟ ଶିଶୁ ବିକାଶ ମନ୍ତ୍ରଣାଳୟ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଫଟୋ ଷ୍ଟୁଡିଓରୁ କ୍ୟାମେରା ଚୋରି: ଯୁବକ ଅଟକ

**ଲେଫ୍ରିପଡା,୧୭।୧୦(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ଅନ୍ତର୍ଗତ ବେଲଢିପା ଗ୍ରାମର ଭୁବନେଶ୍ୱରୀ ଫଟୋ ଷ୍ଟୁଡିଓରୁ କ୍ୟାମେରା ଏବଂ ଟଙ୍କା ଚୋରି କରିଥିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଛି। ଯୁବକ ଜଣକ ସେହି ବେଲଢିପା ଗ୍ରାମର ବୋଲି ଜଣାପଡିଛି। ବେଲଢିପା ଭୁବନେଶ୍ୱରୀ ଫଟୋ ଷ୍ଟୁଡିଓରେ ଶନିବାର ରାତ୍ରିରେ ଘର ବାଡ ଭାଙ୍ଗି ଦୁଇଟି କ୍ୟାମେରା ଏବଂ ଦୋକାନରେ ଥିବା ଖୁଚୁରା ଆଠଶହ ଟଙ୍କା ଚୋରି ହୋଇଥିବା ନେଇ ରବିବାର ସକାଳେ ଦୋକାନ ଖୋଲିଥିବା ସମୟରେ ଷ୍ଟୁଡିଓ ମାଲିକ ଜାଣିପାରିଥିଲେ। ପରେ ଚୋରି ସମ୍ପର୍କରେ ଷ୍ଟୁଡିଓ ମାଲିକ ମିନୁ ନାଏକ ବେଲଢିପା ଗ୍ରାମର ଲେଫ୍ରିପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ଯୁବକଙ୍କୁ ଅଟକ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଆଉ ଜଣେ ଫେରାର୍ ଅଛନ୍ତି। ଥାନାରେ ଅଟକ ରହିଥିବା ଯୁବକଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ଲେଫ୍ରିପଡା ଥାନା ଓଆଇସି କାଶୀନାଥ ବାରିକ ସୂଚନା ପ୍ରଦାନ କରିଛନ୍ତି। ଏ ନେଇ ଲେଫ୍ରିପଡା ଥାନାରେ ଏକ ମାମଲା (ନଂ.୧୧୬/୨୦୧୯) ରୁଜୁ ହୋଇଛି।

ବୃଦ୍ଧା କାକୀ, ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ

**କଣ୍ଟାବାଞ୍ଜି, ୧୭।୧୦(ଡି.ଏନ.ଏ.)**



ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଖଗସା ଗାଁରେ ଜଣେ ବ୍ୟକ୍ତି ତାଙ୍କ ବୃଦ୍ଧା କାକି ଓ କକାପୁଅ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଥଇବା ଅଭିଯୋଗ ହୋଇଛି। ଗତ ୧୪ ତାରିଖ ରାତିରେ ଏହି ଘଟଣା ଘଟିଛି । ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି କଣ୍ଟାବାଞ୍ଜି ଥାନାରେ ୧୫ ତାରିଖ ବିଧିବଦ୍ଧ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଦେଇ ଚୁପ୍ ହୋଇ ବସିଛି । ଘଟଣା ଘଟିବାର ଦୁଇଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଗୁରୁବାର ଅଭିଯୋଗକାରୀ ପୁଣି ଥରେ କଣ୍ଟାବାଞ୍ଜି ଥାନାକୁ ଆସି ମାମଲା ସମ୍ପର୍କରେ ପଚାରି ବୁଝିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ଜାଣିବା ପରେ ଗୁରୁବାର ବଲାଙ୍ଗୀର ଆସି ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ଦିନ ରାତି ୧୨ଟା ବେଳେ ଖଗସା ଗାଁର ତୁଲାରାମ ହାତୀ ମଦ ପିଇ କକାପୁଅ ଭାଇ ପଦ୍ମଲୋଚନ ହାତୀ (୪୫) ଓ ତାଙ୍କ ପରିବାର ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲା । ପରିବାର ଲୋକେ ବାରଣ କରିବାରୁ ପଦ୍ମଲୋଚନଙ୍କୁ ଏକ ଠେଙ୍ଗାରେ ସେ ଆକ୍ରମଣ କରିଥିଲେ। ଏହାଦେଖି ପଦ୍ମଲୋଚନଙ୍କ ମା' ହାରାବାତୀ ହାତୀ(୭୦) ପଦାକୁ ଆସି କାହିଁକି ମାରପିଟ କରୁଛ ବୋଲି କହିବାରୁ ତାଙ୍କୁ ମଧ ଠେଙ୍ଗାରେ ପିଟି ଦେବାରୁ ତାଙ୍କର ମଧ ମୁଣ୍ଡ ଫାଟି ଯାଇଥିଲା । ଉଭୟେ ଗୁରୁତର ଆହତ ହୋଇଥିଲେ । ମାରପିଟ୍ ସମୟରେ ପଦ୍ମଲୋଚନଙ୍କ ସ୍ତ୍ରୀ ବି ମାଡ ଖାଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ସମ୍ପର୍କରେ କଣ୍ଟାବାଞ୍ଜି ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା (ନଂ.୨୨୮/୧୯) ରୁଜୁ କରାଯାଇଥିଲା । ମାତ୍ର ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ଆଜି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।




ସୁନ୍ଦରଗଡ଼ ଜିଲା ବିଶ୍ରା ବନାଞ୍ଚଳ ଅଧିକାରୀ ଭାବରେ ମାଣିକେଶ୍ୱରୀ ହାଁସଦା ଯୋଗଦାନ କରିଥିବାରୁ ତାଙ୍କୁ ବୁଧବାର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ମନୋଜ କୁମାର ତିଗ୍ଗା ଓ ସମସ୍ତ ବନପାଳ, ବନରକ୍ଷୀ ସମ୍ବର୍ଦ୍ଧନା କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

### ସଙ୍ଗା ଚଢ଼ାଉ, ୨ ଗିରଫ

**ବଲାଙ୍ଗୀର ଅଫିସ,୧୭।୧୦:** ବଲାଙ୍ଗୀର ଟାଉନ୍ ଥାନା ପୋଲିସ ସଙ୍ଗା ଆଡ୍ଡା ଉପରେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବଲାଙ୍ଗୀର ଠିକାଦାରପଡାର ସଂଗ୍ରାମ କେଶରୀ ରଣା ଓ କପିଳ ଓରଫ୍ ଉମାଶଙ୍କର ସ୍ୱାଇଁ। ଏମାନଙ୍କ ଠାରୁ ୪୪୭୦ ଟଙ୍କା ଓ ଏକ ମୋବାଇଲ ଫୋନ୍ ଜବତ୍ କରାଯାଇଛି । ଏନେଇ ଥାନାରେ ଏକ ମାମଲା (ନଂ.୫୫୭/୧୯) ରୁଜୁ କରାଯାଇଛି।

ତେଜୁଛି ଆନ୍ଦୋଳନ: ସିଡିଏମ୍‌ଓଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବି

## ଡାକ୍ତର, କର୍ମଚାରୀଙ୍କ ନୀରବ ଶୋଭାଯାତ୍ରା

**ସୁନ୍ଦରଗଡ, ୧୭।୧୦ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ କୁମାର ପଟେଲଙ୍କ ବିରୋଧରେ ଅନ୍ୟାୟ ଭାବେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର ଦାବି ତେଜୁଛି। ଡାକ୍ତରମାନେ ଗତ ୧୫ରୁ କଳାବ୍ୟାଜ୍ ପିନ୍ଧି ପ୍ରତୀକ ଧର୍ମଘଟ ଚଳାଇଥିବା ବେଳେ ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଏକ ନୀରବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଡାକ୍ତର ଓ ନର୍ସମାନେ ଏହି ଅନ୍ୟାୟ ନିଲମ୍ବନ ଆଦେଶର ପ୍ରତିବାଦ ଓ ଆଦେଶର ତୁରନ୍ତ ପ୍ରତ୍ୟାହାର ଦାବିକରି ହାତରେ ପ୍ଲାକାର୍ଡ ଧରି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ଜିଲା ମୁଖ୍ୟ ଡାକ୍ତରଖାନା କ୍ୟାମ୍ପସ୍ ପରିକ୍ରମା କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ଏହି ମର୍ମରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପକ୍ଷରୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିରେ ଗତ ୧୩ରେ ୫-ଟି ସଚିବ ଭି କାର୍ତ୍ତିକେୟ ପାଣ୍ଡିୟାନଙ୍କ ନେତୃତ୍ୱରେ ଆସିଥିବା ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ ପରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ ପଟେଲଙ୍କୁ ମୋ ସରକାର କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଅବହେଳା ଦର୍ଶାଇ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଅଭିଯୋଗ କିମ୍ବା ଅବହେଳାର କାରଣ ଠିକ ଭାବେ ତଦନ୍ତ କରା ନ ଯିବା କିମ୍ବା କୌଣସି କାରଣ ଦର୍ଶାଅ ନୋଟିସ ଜାରୀ କରା ନ ଯାଇ ଏକତରଫା ଭାବେ ତାଙ୍କ ବିରୁଦ୍ଧରେ ଏଭଳି ନିଷ୍ପତ୍ତି ନିଆଯିବା ଠିକହୋଇ ନ ଥିବା ଡାକ୍ତର ଓ କର୍ମଚାରୀ ମାନଙ୍କ ପକ୍ଷରୁ କୁହାଯାଇଛି। ଏଣୁ ରାଜ୍ୟ ସରକାର ସହୃଦୟର ସହିତ ଏହି ଘଟଣାର ନିରପେକ୍ଷ ଭାବେ ଉପଯୁକ୍ତ ତଦନ୍ତ କରି ଉଚିତ ପଦକ୍ଷେପ ନେବା ସହ ସିଡିଏମ୍‌ଓଙ୍କ ବିରୋଧରେ ହୋଇଥିବା ଏହି ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରି ତାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ଦାବି କରାଯାଇଛି।




ଡାକ୍ତର କର୍ମଚାରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଲିପସପାଲି: ତେଜୁଛି ସବର୍ଣ୍ଣ -ଅସବର୍ଣ୍ଣ ବିବାଦ

**ହେମଗିର, ୧୭।୧୦ (ଡି.ଏନ.ଏ)**

ଦେଶ ଏକ ବିଂଶ ଶତାବ୍ଦିରେ ପାଦ ଥାପିଥିଲେ ମଧ ଦେଶରୁ ଅସ୍ପୃଶ୍ୟତା ତଥା ଛୁଆଁ ଅଛୁଆଁ ଭେଦଭାବ ଯାଇନାହିଁ। ଯାହା ଦ୍ୱାରା ହିଂସା ବଢ଼ିବା ସଙ୍ଗେ ସଙ୍ଗେ ମନୁଷ୍ୟ ମନୁଷ୍ୟ ଭିତରେ ଦୂରତା ବଢ଼ିବାରେ ଲାଗିଛି । ଛୁଆଁ ଅଛୁଆଁ ଭେଦଭାବକୁ ନେଇ ହେମଗିର ବ୍ଲକର ଲିପସପାଲି ଗ୍ରାମରେ ବିବାଦ ଥମିବାର ନା ନେଉନି । ଗତ ଅଗଷ୍ଟ ୨୦ ତାରିଖରେ ସେହି ଗ୍ରାମର ହରିଜନ ଗୋଷ୍ଠୀ ଓ ସବର୍ଣ୍ଣ ଗୋଷ୍ଠୀ ଗାଧୁଆ ତୁଠକୁ କେନ୍ଦ୍ର କରି ହେମଗିର ଥାନାକୁ ପହଞ୍ଚିଥିଲେ । ଗାଁରେ ସବର୍ଣ୍ଣ ଗୋଷ୍ଠୀ କୁଆଡେ ଗାଧୁଆ ତୁଠରେ ହରିଜନ ଗୋଷ୍ଠୀକୁ ଗାଧୋଇ ନ ଦେବା ଥିଲା ଅଭିଯୋଗ । ସେଠାରେ ହେମଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଆଇଆଇସି ଉଭୟ ପକ୍ଷଙ୍କୁ ବୁଝାସୁଝା କରିବା ପରେ ଗ୍ରାମବାସୀ ଚାଲିଯାଇଥିଲେ । ପରେ ଗତ ସେପ୍ଟେମ୍ବର ୧ ତାରିଖରେ ପୁଣି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ହରିଜନ ଗୋଷ୍ଠୀ କାଠ ଆଣୁଥିବା ବେଳେ ସବର୍ଣ୍ଣ ଗୋଷ୍ଠୀ ଆକ୍ରୋଶମୂଳକ ଭାବେ ଜଙ୍ଗଲ ବିଭାଗ ପାଖରେ ତାଙ୍କୁ ଧରାଇ ଦେଇଥିବା ହରିଜନ ଗୋଷ୍ଠୀ ଅଭିଯୋଗ କରିଥିଲେ । ଘଟଣାଟି ବାରମ୍ବାର ଘଟୁଥିବାରୁ ଗତ ୧୩ ସେପ୍ଟେମ୍ବରରେ ସୁନ୍ଦରଗଡ ମଙ୍ଗଳ ଅଧିକାରୀ (ଡିଡବ୍ଲୁଓ) ଲିପସପାଲି ଯାଇ ବୁଝାସୁଝା କରିଥିଲେ। ପୁଣି ୧୪ ସେପ୍ଟେମ୍ବରରେ ନିଜେ ସୁନ୍ଦରଗଡ ଜିଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ସମାଧାନ କରିଥିଲେ। କିନ୍ତୁ ପ୍ରଶାସନର ଅକ୍ଳାନ୍ତ ଉଦ୍ୟମ ଫଳରେ ମଧ ଏହି ଅସ୍ପୃଶ୍ୟତାର ଗନ୍ଧ ସେଠାରୁ ଲିଭି ପାରୁନି । ଯାହା ଗତ ୧୬ରେ ଘଟିଥିବା ମରଣାତ୍ମକ ଆକ୍ରମଣରୁ ଜଣାପଡେ । ସେହି ଗ୍ରାମର ତରଣୀ ପଧାନ (୩୦)ଙ୍କୁ ହରିଜନ ସାହିର ପର୍ଶୁରାମ ସିଂ (୪୦) ଗାଳିଗୁଲଜ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଅଭିଯୋଗ ହୋଇଛି । ଠିକ ସନ୍ଧ୍ୟା ୭ଟାରେ କିରଣ ପଧାନ (୨୨), ଗୋପାଳ ପଧାନ (୩୫), ତରଣୀ ପଧାନ (୩୦), ପର୍ଶୁରାମ ଘରଭିତରେ ପଶି ଆକ୍ରମଣ କରିଥିଲେ । ଆକ୍ରମଣ ସମୟରେ ପର୍ଶୁରାମ ସିଂହ ଦଶ ବର୍ଷର ପୁଅ କାହ୍ନା ସିଂକୁ ମଧ ଆକ୍ରମଣକାରୀ ନଛାଡିବା ସଙ୍ଗେ ଜାତିଆଣ କଥାକୁ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଉଭୟେ ବାପ ପୁଅ ଆହତ ହୋଇଛନ୍ତି । ଏହି ସବର୍ଣ୍ଣ ଅସବର୍ଣ୍ଣ ବିବାଦ ତେଜୁଥିବା ବେଳେ ପ୍ରଶାସନ ସମାଧାନ କରିବା ଦିଗରେ ବିଫଳ ହେବା ସଙ୍ଗେ ସଙ୍ଗେ ହରିଜନ ଶ୍ରେଣୀର ଲୋକଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି । ଏନେଇ ତରଣୀ ପଧାନଙ୍କ ପକ୍ଷରୁ ପର୍ଶୁରାମ ସିଂ ଗାଳିଗୁଲଜ କରିଥିବା କହି ଥାନାରେ ପାଲଟା ଅଭିଯୋଗ ମଧ ହୋଇଛି । ତେଣୁ ଥାନାରେ ପୃଥକ ପୃଥକ ମାମଲାରେ କେସ ନଂ. ୧୪୨/୧୯ ଓ ୧୪୧/୧୯ ରୁଜୁ କରି ପୋଲିସ ତରଣୀ ପଧାନ, ଗୋପାଳ ପଧାନ ଓ ପର୍ଶୁରାମ ସିଂଙ୍କୁ ଗିରଫ କରିଛି । ଏହାର ଅଧିକ ତଦନ୍ତ କରିବା ପାଇଁ ଏସଡିପିଓ କରିବା ପାଇଁ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି ।

ଆକାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ବନ୍ଧବାହାଲ ଚାମ୍ପିୟନ, ଯମୁନା ରନର୍ସଅପ୍

**ବାଲିଶଙ୍କରା, ୧୭।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକର ଭଣ୍ଡାରୀଶଙ୍କରା ଗ୍ରାମର ଆକାଶ ମେମୋରିଆଲ ତରଫରୁ ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟଅତିଥି ଉପେନ୍ଦ୍ର ଚିତା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ସାଂସଦ ପ୍ରତିନିଧି ପର୍ଶୁରାମ ପଟେଲ ଯୋଗଦେଇ ଖେଳ ଦ୍ୱାରା ଭାଇଚାରା ବଜାୟ ରହିବା ସହିତ ଶରୀର ସୁସ୍ଥସବଳ ରହିଥାଏ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ସୁମିତ୍ରା କାୱା, ବୈକୁଣ୍ଠ ତନ୍ତି, ରବିରତ୍ନ ପଟେଲ, ଅନଙ୍ଗ ଦାସ, ଉପେନ୍ଦ୍ର କୁଜୁର, ରଞ୍ଜନ ବେହେରା, ବିଜୟ କାୱା, ବଳଦେବ କାୱା, ଉଗ୍ରେସନ ବେହେରା, ଶଙ୍କର ବାର୍ଲା, ରତ୍ନାକର ଖଡିଆ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଖେଳରେ ଆଖପାଖ ୧୬ଟି ଦଳ ଯୋଗଦେଇଥିଲେ। ବନ୍ଧବାହାଲ, ଜମୁନା, ବାଲିଶଙ୍କରା, ରାଶିପତ୍ରା, ଭଣ୍ଡାରୀଶଙ୍କରା, ବାବୁଡିହ, ତୁମୁଲିଆ, ସବଡେଗା, ମାୟାବାହାଲ ଏପରି ୧୬ଟି ଦଳ ଯୋଗଦେଇଥିବା ବେଳେ ଫାଇନାଲରେ ଜମୁନା ଦଳ ବନାମ ବନ୍ଧବାହାଲ ଦଳ ମଧରେ ସଂଘର୍ଷପୂର୍ଣ୍ଣ ଖେଳ ହୋଇଥିଲା। ଏଥିରେ ବନ୍ଧବାହାଲ ୧ ଗୋଲ କରି ବିଜୟୀ ହୋଇଥିଲା। ଯମୁନା ଦଳ ରନର୍ସଅପ୍ ହୋଇଥିଲା। ବିଜୟୀ ଦଳ ବନ୍ଧବାହାଲକୁ ୩ ହଜାର ଟଙ୍କା ସହ ସିଲ ଅତିଥିମାନେ ପ୍ରଦାନ କରିଥିଲେ । ରନର୍ସଅପ୍ ଦଳ ଜମୁନାକୁ ୨ ହଜାର ଟଙ୍କା ସହ କପ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଷଲ ପିନୁ ବରିହା, ରଙ୍କୁ ମାହାର, କ୍ଷୀତିଶ ଦେହେରୀ। ଉକ୍ତ ଖେଳକୁ ଆକାଶ ମେମୋରିଆଲର ସମସ୍ତ ସଦସ୍ୟ ସହଯୋଗର ହାତ ବଢ଼ାଇଥିଲେ । ଶେଷରେ ରତ୍ନାକର ଖଡିଆ ଧନ୍ୟବାଦ ଅର୍ପଣ କରିଥିଲେ ।



ଆକାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।



ଭଲ ବହି ପଢ଼ି ଭଲ କାମ କଲେ ଖରାପ
ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
-ଆରିଷ୍ଟଟଲ୍

**ସଂକ୍ଷେପରେ**

## ଦେବାଳିଆ ଆର୍ଥିକ ସଙ୍କଟ, ଘରୋଇକରଣକୁ ବିରୋଧ

**୨୧ରେ ବାମପନ୍ଥୀ ଦଳଙ୍କ ବିକ୍ଷୋଭ ପାଇଁ ସଜବାଜ**

ରାଉରକେଲା ଅଫିସ,୧୭।୧୦-କେନ୍ଦ୍ର ଭାଜପା ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଓ ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ ଯୋଗୁ ଦେଶରେ ଏବେ ସଙ୍କଟଜନକ ଅବସ୍ଥା ସୃଷ୍ଟି ହୋଇଛି ବୋଲି ସିପିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ପାର୍ଟି କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ବୁଧବାର ଆୟୋଜିତ ମିଳିତ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଉପସ୍ଥିତ ଦଳୀୟ ନେତାମାନେ କହିଥିଲେ କେନ୍ଦ୍ର ଭାଜପା ସରକାରଙ୍କ ଯୋଗୁ ଦେଶର ପ୍ରତି କ୍ଷେତ୍ରରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। କପଡା ଓ ପରିବହନ ଶିଳ୍ପରେ ଅଚଳାବସ୍ଥା ସୃଷ୍ଟି ହୋଇଛି। କୁଟୀର ଶିଳ୍ପ ଓ ବ୍ୟାଙ୍କ୍ ସେକ୍ଟରରେ ଶିଥିଳତା ଯୋଗୁ ଲକ୍ଷାଧିକ ଯୁବତୀଯୁବକ ବେକାର ହୋଇଛନ୍ତି। ଏମିତି ଅବସ୍ଥାରେ କେନ୍ଦ୍ର ସରକାରଙ୍କ ଦେବାଳିଆ ଅର୍ଥନୀତି ତଥା ମୂଳନୀତି ବିରୋଧରେ ସର୍ବଭାରତୀୟ ଧର୍ମଘଟ ଅନିବାର୍ଯ୍ୟ ବୋଲି ଚେତାବନୀ ଦେଇଛନ୍ତି ସିପିଆଇ ନେତୃମଣ୍ଡଳୀ। ଆସନ୍ତା ୨୧ ତାରିଖରେ ସର୍ବଭାରତୀୟ ଧର୍ମଘଟ ହେବ । ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଦଳ ନିଷ୍ପତ୍ତି ନେଇଛି। ସିପିଆଇ ଓ ସିପିଏମ୍‌ର ମିଳିତ ବୈଠକରେ ପ୍ରମୋଦ ସାମଲ ଅଧକ୍ଷତା କରିଥିଲେ। ସିପିଆଇ ନେତା ସଦାନନ୍ଦ ସାହୁ, ଅରୁଣ ଦାସ, ସନ୍ତୋଷ ଦାସ, ପଞ୍ଚାନନ ସୁନା ପ୍ରମୁଖ ଉପସ୍ଥିତ ଥିବା ବେଳେ ସିପିଆଇ(ଏମ୍) ନେତା ବିମାନ ମାଇତି, ସୁରେନ୍ଦ୍ର ଦାସ ପ୍ରମୁଖ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆନ୍ଦୋଳନକୁ ସଫଳ କରିବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା।

■ ବିକାଶ ଯେଉଁଠି ଅପହଞ୍ଚ

# ଗାଁକୁ ରାସ୍ତା ନାହିଁ, ନଳକୂପ ପାଲଟିଛି ସାତସପନ

ରାଉରକେଲା ଅଫିସ,୧୭।୧୦

ନିର୍ବାଚନ ପରେ ନିର୍ବାଚନ ଆସୁଛି। ପ୍ରତିଶ୍ରୁତି ମିଳୁଛି। ଜନପ୍ରତିନିଧି ବଦଳୁଛନ୍ତି। ହେଲେ ବଦଳୁନି ଜିଲାର ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ନିରିହ ଲୋକଙ୍କ ଅବସ୍ଥା। ସରକାରୀ ଯୋଜନା ଏମାନଙ୍କ ପାଇଁ ଯେମିତି ଆଜି ବି ସାତ ସପନ ହୋଇ ରହିଛି। ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ କୁଚେଇତା ପଞ୍ଚାୟତ ଅନ୍ତର୍ଗତ ଖୁଦିକୁଚା ଗାଁର ଚିତ୍ର ଏମିତି । ବ୍ଲକ ହେଡକ୍ୱାର୍ଟରଠାରୁ ପାଖାପାଖି ୯୦କିମି ଦୂର ଏହି ଗାଁରେ ଆଜି ବି ମୌଳିକ ସୁବିଧା ପହଞ୍ଚିପାରିନି। ସ୍ୱାଧୀନତାର ୭୩ ବର୍ଷ ପରେ ଗାଁକୁ ସବୁ ଦିନିଆ ରାସ୍ତା ନିର୍ମାଣ ହୋଇ ପାରିନି। ବର୍ଷା ଦିନ ଆସିଲେ ଏମାନଙ୍କ ଦୁର୍ଦ୍ଦଶା ଯେମିତି ଦୁଗୁଣିତ ହୋଇପଡେ। ଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ଅପେକ୍ଷା ପରେ ବି ଏହି ସମସ୍ୟାର ସମାଦାନ ହୋଇ ପାରିନି। ଗାଁର ୨୦ ପରିବାର ନିଜେ ଖୋଳିଥିବା କୂପ କିମ୍ବା ଝରଣାରୁ ପାନୀୟ ସଂଗ୍ରହ କରୁଛନ୍ତି। ଏହା ବିଶୁଦ୍ଧ କି ଅଶୁଦ୍ଧ ସେକଥା ଏମାନେ ଜାଣନ୍ତିନି। ପାନୀୟ ଜଳ ଜନିତ ରୋଗବ୍ୟାଧି କହିଲେ କିଛି ବୁଝନ୍ତିନି। ବର୍ଷ ଯାକ ଏହି କୂପ ଉପରେ ନିର୍ଭର କରନ୍ତି ସ୍ଥାନୀୟ ବାସିନ୍ଦା । ଗଣତନ୍ତ୍ରକୁ ସମୃଦ୍ଧ କରିବା ନେଇ ଯେଉଁ ପ୍ରକ୍ରିୟା ରହିଛି ସେଥିରେ ଦୃଢ ବିଶ୍ୱାସୀ ଗ୍ରାମବାସୀ କିନ୍ତୁ ସର୍ବନିମ୍ନ ସୁବିଧା ପାଆନ୍ତିନି। ନିର୍ବାଚନରେ ନେତାଙ୍କୁ ନେହୁରା ହୁଅନ୍ତି ରାସ୍ତା, ପାଣି ସୁବିଧା କରିବାକୁ। ପ୍ରତିଶ୍ରୁତି ମିଳେ। ହେଲେ ତାହା ଆଉ ପାଳନ ହୁଏନି। ଅପାଶୋରା ରହିଯାଏ। ଯୋଜନାର ଛାଇ ମାଡି ନ ଥିବା ଏହି ଗ୍ରାମବାସୀ ଦୀର୍ଘପଥ ଅତିକ୍ରମ କରି ବ୍ଲକ ହେଡକ୍ୱାର୍ଟର ପହଞ୍ଚି ପାରନ୍ତିନି। ନିଜ ଦୁଃଖ କାହାକୁ ଜଣାଇବାକୁ ସୁଯୋଗ ଜୁଟେନି। କେବଳ ନିର୍ବାଚନ ବେଳେ ଯାହା ନେତା, ଅଧିକାରୀଙ୍କ ଭେଟ ମିଳେ। ହେଲେ ଏଥିରୁ କିଛି ଲାଭ ପାଆନ୍ତିନି ଗ୍ରାମବାସୀ। ଏମିତି ଖବର ପାଇବା ପରେ ଜିଲାର ଜଣାଶୁଣା ସମାଜିକ କର୍ମୀ ଶାନ୍ତନୁ କୁସୁମ ଉକ୍ତ ଗାଁ ପରିଦର୍ଶନ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଦୂଷିତ କୂଅ ପାଣି ପିଇ କେମିତି ଦିନ କାଟୁଛନ୍ତି ଏମାନେ ଶୁଣିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନାରୁ କିପରି ଏମାନେ ବଞ୍ଚିତ ସେକଥା ମଧ୍ୟ ଶୁଣିଥିଲେ। ମନଭରି ଦୁଃଖ ବଖାଣିଥିଲେ ଖୁଦିକୁଚା ବାସିନ୍ଦା। ପାଣି ବ୍ୟବସ୍ଥା କରବିାକୁ କହିଥିଲେ। ସମସ୍ୟା ପ୍ରଶାସନ ନିକଟରେ ପହଞ୍ଚାଇବାକୁ ନେହୁରା ହୋଇଥିଲେ। କେବେ ପ୍ରଶାସନ ଏମାନଙ୍କ ଦୁଃଖ ପ୍ରତି ନଜର ଦେବ ସେନେଇ ଶାନ୍ତନୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇ ପାରି ନ ଥିଲେ ବି ଅଧିକାରୀଙ୍କୁ ନିଶ୍ଚିତ ଦୁଃଖ ଜଣାଇବେ ବୋଲି ଗ୍ରାମବାସୀଙ୍କୁ କହି ଫେରିଥିଲେ।



ଖୁଦିକୁଚା ଗାଁର ଏକ ପୁରାତନ କୂଅରୁ ଜଣେ ମହିଳା ପାନୀୟ ଜଳ ସଂଗ୍ରହ କରୁଛନ୍ତି।

■ ବିଶ୍ୱ ଶିକ୍ଷକ ଦିବସ ସମାରୋହ

## ବ୍ୟକ୍ତି ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ଶିକ୍ଷକଙ୍କ ଗୁରୁଦାୟିତ୍ୱ ରହିଛି

ରାଉରକେଲା ଅଫିସ,୧୭। ୧୦

ସାମାଜିକ ସଙ୍ଗଠନ ଅନ୍ୱେଷା ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଏଥିରେ ସଙ୍ଗଠନର ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କଳ୍ପନା ଶତପଥୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସେକ୍ଟର- ୫ ଆଦର୍ଶ ସାହିତ୍ୟ ଘର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଡ. ସୀମାଞ୍ଚଳ ପାଣିଗ୍ରାହୀ ଓ ପ୍ରଫେସର ସରୋଜ ପଟେଲ ଯୋଗ ଦେଇ ଏହି ଦିବସ ପାଳନର ମହତ୍ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ଉଦ୍‌ବୋଧନରେ କହିଥିଲେ, ଜଣେ ଭଲ ଶିକ୍ଷକ କେବଳ ଭଲ ପଢାନ୍ତି ନାହିଁ ବରଂ ବ୍ୟକ୍ତି ପ୍ରତିଭାକୁ ପ୍ରାରମ୍ଭରୁ ପ୍ରସ୍ଫୁଟିତ କରିବାରେ ପ୍ରଯତ୍ନ କରିଥାନ୍ତି। ଆଚରଣ ଓ ଉଚ୍ଚାରଣର ଗାରିମାକୁ କିପରି ବଜାୟ ରଖିବାକୁ ହୁଏ ସେନେଇ ଶିଷ୍ୟକୁ ମାର୍ଗ ଦର୍ଶନ କରାନ୍ତି। ଆତ୍ମ ସାକ୍ଷାତକାର ପାଇବାକୁ ହେଲେ ଗୁରୁ ହିଁ ଶ୍ରେଷ୍ଠ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ଗୁରୁ ତାରିଣୀ ସାହୁ, ପଦ୍ମିନୀ ପଣ୍ଡା, ବିଜୟ ମହାନ୍ତି, ଧନେଶ୍ୱର ସାହୁ, ରାଜକୁମାର ମହାନ୍ତି, ମଞ୍ଜୁବାଳା ପାଢୀ, କାଥଲିନ ଲାକ୍ରା, ସୁଶୀଳା ସ, ରାଜକିଶୋର ଦେବତା, ମମତା ପାଢୀ, ମାଳତୀ ଦେବୀ, ବ୍ରଜେନ୍ଦ୍ର ଦାସ, ଅନିଲ ସିଂଦେଓ, ଜ୍ୟୋତି ଲିଲି ଲୁଗୁନ ଓ ପ୍ରଦୀପ ପ୍ରସାଦ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ପତିତପାବନ ମଣ୍ଡଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦିକା ରଶ୍ମିତା ପଣ୍ଡା ବିବରଣୀ ପାଠ କରିଥିଲେ। ରୀନା ଚକ୍ରବର୍ତ୍ତୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଉପଦେଷ୍ଟା ଚନ୍ଦ୍ରଶେଖର ଶତପଥୀ, ଭବେଶ ସାହୁ, ଆର.କେ. ସିଂ, ପ୍ରତିମା ସିହ୍ନା, ରବର୍ଟ ହାଇଫିଲ. ପ୍ରଶାନ୍ତ ପାତ୍ର ଓ ରଞ୍ଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କମ୍ୟୁନିଷ୍ଟ ପାର୍ଟି ଗଠନର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ

## ବିଭାଜନକାରୀ ଶକ୍ତି ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ

ରାଉରକେଲା ଅଫିସ,୧୭।୧୦

ସିପିଆଇ(ଏମ୍)ପକ୍ଷରୁ ପାର୍ଟି ଗଠନର ୧ ଶହ ବର୍ଷ ପୂର୍ତ୍ତି ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ଶକ୍ତିନଗରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ ପରେ ବୈଠକ ଆରମ୍ଭ କରାଯାଇଥିଲା। ଏଥିରେ ସମ୍ପାଦକମଣ୍ଡଳୀ ସଭ୍ୟ ଆଇନଜୀବୀ ରାଜକିଶୋର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶ୍ରୀମନ୍ତ ବେହେରା କହିଲେ, ଭାରତର କମ୍ୟୁନିଷ୍ଟ ପାର୍ଟି ଆଜି ଦିନରେ ଗଠନ କରାଯାଇଥିଲା। ୧୯୨୦ ଅକ୍ଟୋବର ୧୭ରେ ପାର୍ଟି ସୋଭିଏଟ ରୁଷିଆର ତାସକେଣ୍ଟଠାରେ ଜନ୍ମ ନେଇଥିଲା। ଦୀର୍ଘ ଶହେ ବର୍ଷ ଧରି ଭାରତରେ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟ କରି ଆସୁଛି। ପାର୍ଟି ଅନେକ ଐତିହାସିକ ନିଷ୍ପତ୍ତି ବଳରେ ଦେଶର ଶ୍ରମଜୀବୀ ଜନତାଙ୍କୁ ନ୍ୟାୟ ଦେଇ ଆସୁଛି। ଏକ ଲଢୁଆ ପାର୍ଟି ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଶ୍ରମିକ, କୃଷକ, ଖଟିଖିଆ ତଥା ମେହନତି ମଣିଷର ସଂଗ୍ରାମରେ ପାର୍ଟି ସାଥି ହୋଇ ଠିଆ ହୋଇଛି। ଆଗାମୀ ଦିନରେ ଦେଶ ବିଭାଜନକାରୀ ଶକ୍ତି ବିରୋଧରେ ସଂଗ୍ରାମ ଜାରି ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ବି.ପି.ମହାପାତ୍ର, ବସନ୍ତ ନାୟକ, ବିନୋଦିନୀ ଦାସ, ବିଶ୍ୱଜିତ ମାଝି, ଦେବାନନ୍ଦ ରାଉତ, ପ୍ରଭାତ ମହାନ୍ତି ଓ ଅନାଦି ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଦଳକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ।

## ଡାହାଣୀ ସନ୍ଦେହରେ ହତ୍ୟା ଧମକ, ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୧୭।୧୦(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନସ୍ଥ ଦେବରାଡ଼ିହି ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ମହିଳାଙ୍କୁ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଣେଶ୍ୱର ପାତ୍ର। ପୋଲିସ ସୂଚନା ଅନୁଯାୟୀ, ଗଣେଶ୍ୱରଙ୍କ ସ୍ତ୍ରୀ ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ପଡ଼ିଥିଲେ। ପଡ଼ୋଶୀ ଭଗବାନ ପାତ୍ରଙ୍କ ସ୍ତ୍ରୀଙ୍କୁ ଡାହାଣୀ ସନ୍ଦେହ କରି ଗଣେଶ୍ୱର ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିନେଇ ଭଗବାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୭୬/୧୯) ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସର୍ବଭୌତିକ ଆଶ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ରାଉରକେଲା ଅଫିସ,୧୭।୧୦

ମିନତୀ ଦେବତାଙ୍କ ନେତୃତ୍ୱରେ ବୁଧବାର ବାସନ୍ତୀ କଲୋନୀସ୍ଥିତ ସର୍ବଭୌତିକ ଆଶ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ଏହି ଅବସରରେ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟପୁଡିଆ ବଣ୍ଟନ କରାଯାଇଥିଲା। ଏଥିସହିତ ରେଲୱେ କଲୋନୀ କାଳୀମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଜେଡି ନେତ୍ରୀ ଦେବତା କହିଥିଲେ, ଦୀର୍ଘ ବର୍ଷ ଧରି ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁବିଧ ପଦକ୍ଷେପ ନେଇଆସୁଛନ୍ତି। ତାଙ୍କ ଦ୍ୱାରା ବହୁ ଜନହିତକର ଯୋଜନା ପ୍ରଚଳନ କରାଯାଇଛି। ଏହା ଦ୍ୱାରା ରାଜ୍ୟର କୋଟି କୋଟି ଲୋକ ଉପକୃତ ହୋଇ ପାରିଛନ୍ତି। ଉପସ୍ଥିତ ମହିଳାମାନଙ୍କୁ ଦେବତା ପରାମର୍ଶ ପ୍ରଦାନ କରି ନିଜ ଅଞ୍ଚଳ ନିଃସହାୟ ଜନତାଙ୍କ ସେବା କରିବାକୁ ଆହ୍ୱାନ କରିଥିଲେ। ଏହି ସଭାରେ ବିଜେଡି ନେତା ଆନନ୍ଦ ମହାନ୍ତି, ଆଫ୍ରୋଜ, ବାସନ୍ତୀ ଦାସ, ପଙ୍କଜିନୀ ଭୋଇ, ଅମ୍ବିକା ବାରିକ, ବନିତା ଦାସ, ବାସନ୍ତୀ ମହାନ୍ତି ଓ ପ୍ରକାଶ ପାଣ୍ଡାନ ପ୍ରମୁଖ ଉପସ୍ଥିତ ଥିଲେ।



ରେଲୱେ କଲୋନୀ କାଳୀମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।

## ସାହିତ୍ୟ ସାଧକ ଜଳନ୍ଧର ଦେବଙ୍କ ଜୟନ୍ତୀ ପାଳିତ

ରାଉରକେଲା ଅଫିସ, ୧୭।୧୦

ଓଡ଼ିଆ ଭାଷା ବିକାଶ ମଞ୍ଚ ଏବଂ ଓଏସ୍‌ଏପି ଉଚ୍ଚ ବିଦ୍ୟାଳୟ ରାଉରକେଲାର ମିଳିତ ଆନୁକୂଲ୍ୟରେ ସାହିତ୍ୟସାଧକ ଜଳନ୍ଧର ଦେବଙ୍କ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତିନିଷ୍ଠ ସାହିତ୍ୟସାଧକ ଜଳନ୍ଧର ଦେବଙ୍କ ଜୀବନୀ ଓ ସୃଷ୍ଟି ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ଅର୍ପିତା ବେହେରା, ପ୍ରଦ୍ୟୁମ୍ନ ଜେନାମଣି, ସୁମନ ମିଞ୍ଜ, ସୁପ୍ରିୟା ପଣ୍ଡା ପ୍ରମୁଖ ଛାତ୍ରୀଛାତ୍ର ଜଳନ୍ଧର ଦେବଙ୍କ ଜୀବନୀ ଉପରେ ପ୍ରବନ୍ଧ ପାଠ କରିଥିଲେ। ବାମଣ୍ଡା ରାଜ୍ୟର ଅନ୍ୟତମ ରାଜବଂଶୀୟ ଜଳନ୍ଧର ଦେବ ଓଡିଆ ସାହିତ୍ୟର ବିକାଶ କ୍ଷେତ୍ରରେ ଯେଉଁ ଉଦ୍ୟମ ଜାରି ରଖିଥିଲେ ତାହା ବାସ୍ତବିକ ଅଭିନନ୍ଦନୀୟ। ଜଳନ୍ଧର ଦେବ ଜଣେ ଦକ୍ଷ ପ୍ରଶାସକ, ସୁଦକ୍ଷ ସମ୍ପାଦକଭାବେ ଯେତିକି ସୁଖ୍ୟାତି ଥିଲା ତା'ଠାରୁ ଅଧିକ ବିଖ୍ୟାତ ଥିଲେ ନିଜର ଅସାଧାରଣ ସାହିତ୍ୟ ସାଧନ ପାଇଁ ବୋଲି ମୁଖ୍ୟଅତିଥି ରାଉତ ମତବ୍ୟକ୍ତ କରିଥିଲେ। ସେହିପରି ଜଳନ୍ଧର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମୁଖ୍ୟବକ୍ତା ମହାପାତ୍ର କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ କୃତୀ ଉତ୍ତରଦାତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଉମାକାନ୍ତ କରଣ, ବିଜୟଲକ୍ଷ୍ମୀ ସ୍ୱାଇଁ, ବିକାଶ ମହାନ୍ତି, ସୁଶାନ୍ତ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବେହେରା, ରବିନାରାୟଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଉମାକାନ୍ତ କରଣ ଧନ୍ୟବାଦ ଅର୍ପଣ କରିଥିଲ ।





ଜଳନ୍ଧରଙ୍କ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

■ ସତର୍କତା ସଚେତନତା ସପ୍ତାହ-୨୦୧୯

## ପ୍ରତିଯୋଗିତାରେ ସାମିଲ ହେଲେ ୨୫୦ ଛାତ୍ରୀଛାତ୍ର

ରାଉରକେଲା ଅଫିସ, ୧୭।୧୦

ଆର୍‌ଏସ୍‌ପି ସତର୍କତା ବିଭାଗ ଦ୍ୱାରା ସତର୍କତା ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଇଂଲିଶ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ ଓ ଦିଲ୍ଲୀ ପବ୍ଲିକ ସ୍କୁଲ ସେକ୍ଟର-୧୪ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ବହୁ ସଂଖ୍ୟାକ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟଠାରେ ୧୬ ତାରିଖରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ବକ୍ତୃତା ପ୍ରତିଯୋଗିତାର ଶୀର୍ଷକ ଥିଲା 'ସଚ୍ଚୋଟତା- ଏକ ଜୀବନ ଶୈଳୀ'। ଏହାସହ ପ୍ରବନ୍ଧ ପ୍ରତିଯୋଗିତାର ଉପରୋକ୍ତ ସନ୍ଦର୍ଭରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦିଲ୍ଲୀ ପବ୍ଲିକ ସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା ଉଭୟ ଜୁନିୟର ଓ ସିନିୟର ବର୍ଗରେ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ ୭୧ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ଏହି ସପ୍ତାହ ପାଳନ ପରିପ୍ରେକ୍ଷୀରେ କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସତର୍କତା ବିଭାଗ ଦ୍ୱାରା ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କୁଛନ୍ତି।

■ ମିଶନ-୩୫୦୦ ବ୍ୟୟ ସଙ୍କୋଚନ କର୍ମଶାଳାର ଶୁଭାରମ୍ଭ

## ବ୍ୟୟ ସଙ୍କୋଚନ ସଂସ୍କୃତିକୁ ସୁଦୃଢ଼ କରିବାକୁ ଆହ୍ୱାନ

ରାଉରକେଲା ଅଫିସ, ୧୭।୧୦

ଆସନ୍ତୁ ବ୍ୟୟ ସଙ୍କୋଚନ ସଂସ୍କୃତିକୁ ସୁଦୃଢ଼ କରିବା ବୋଲି ମିଶନ-୩୫୦୦ ବ୍ୟୟ ସଙ୍କୋଚନ କର୍ମଶାଳା ପ୍ରୟାସର ଶୁଭାରମ୍ଭ କରି ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଆହ୍ୱାନ ଜଣାଇଛନ୍ତି। ଅକ୍ଟୋବର ୧୬ ତାରିଖରେ ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, କାର୍ଯ୍ୟ ବିଭାଗର ଗୌତମ ବାନାର୍ଜୀଙ୍କ ସମେତ ବହୁ ମହାପ୍ରବନ୍ଧକ ଓ ବିଭାଗ ମୁଖ୍ୟ ତଥା କାରଖାନାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିକ୍ରିଯୋଗ୍ୟ ଇସ୍ପାତ ମୂଲ୍ୟ ଟନ୍ ପିଛା ୩୫୦୦ ଟଙ୍କା କମ୍ କରିବା ମିଶନ-୩୫୦୦ର ଲକ୍ଷ୍ୟ ରହିଛି। ସେଲ କର୍ପୋରେଟ ଅଫିସ ଏବଂ ଏମ୍‌ଟିଆଇ ରାଞ୍ଚିର ଏହି ପ୍ରୟାସ ଅନ୍ତର୍ଗତ ପ୍ରୀତମ କାର୍ଯ୍ୟକ୍ରମ ରାଉରକେଲା ଇସ୍ପାତ କାରଖାନାରେ ଅନୁଷ୍ଠିତ ହୋଇଥିଲା। ଏହାସହ ସେଲର ଅନ୍ୟାନ୍ୟ ସମନ୍ୱିତ ଇସ୍ପାତ କାରଖାନାରେ ଏହି ଧାରା ଅନୁରୂପ ଭାବେ ଅନୁଷ୍ଠିତ ହେବ। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କାରଖାନାର ବିଭିନ୍ନ ଉପଲବ୍ଧି ଏବଂ ଅସୁବିଧା ସମ୍ପର୍କରେ ଉଲ୍ଲେଖ କରି ସିଇଓ ଚଟ୍ଟରାଜ ଏକ ଫଳପ୍ରଦ ଏକାଉଣ୍ଟିଂ ସିଷ୍ଟମ ଉପଲବ୍ଧ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ଦ୍ୱାରା କର୍ମଚାରୀମାନେ ପ୍ରତିକାର୍ଯ୍ୟର ବ୍ୟୟ ସମ୍ପର୍କରେ ସଚେତନ ହୋଇପାରିବେ ଏବଂ ତଦନୁଯାୟୀ କାର୍ଯ୍ୟ କରିପାରିବେ। ସିଇଓ ମାନବ ସମ୍ବଳର ଶ୍ରେଷ୍ଠ ଉପଯୋଗ, ମିଲରେ ୟିଲ୍ଡରେ ଅଧିକ ଉନ୍ନତି, ନିଜସ୍ୱ ବିଦ୍ୟୁତ ଉତ୍ପାଦନ ବୃଦ୍ଧି, ସମସ୍ତ ପ୍ରକଳ୍ପର ସମୟୋଚିତ ସମାଧାନ, ପ୍ରକ୍ରିୟା ପରିମାପର ବେଞ୍ଚମାର୍କିଙ୍ଗ ଏବଂ ବହୁ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସମୟର ସଦୁପଯୋଗ ଉପରେ ବିଶେଷ ଜୋର ଦେଇ ସିଇଓ କହିଥିଲେ, ସମୟ ଅତ୍ୟନ୍ତ ମୂଲ୍ୟବାନ ଏବଂ ଶ୍ରେଷ୍ଠ ଫଳାଫଳ ହାସଲ ନିମନ୍ତେ ଏହାର ଯଥୋଚିତ ଉପଯୋଗ କରାଯିବା ଆବଶ୍ୟକ। ପ୍ରାରମ୍ଭରେ ବିତ୍ତ ଓ ଲେଖା ବିଭାଗର ମୁଖ୍ୟ ମହାପ୍ରବନ୍ଧକ, ପ୍ରବୀଣ ନିଗମ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏମ୍‌ଟିଆଇ ରାଞ୍ଚିର ଜିଏମ୍ ଏସ.କେ. ମଲ୍ଲିକ ଏହି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କର୍ପୋରେଟ ଅଫିସ ଅର୍ଥ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଡ. ଅଶୋକ ପଣ୍ଡା କମ୍ପାନୀର ଆର୍ଥିକ ଦୃଶ୍ୟପଟ ଉପରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ହରିଶ ଅଗ୍ରୱାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ପ୍ରୟାସର ଅଂଶସ୍ୱରୂପ ବିଭିନ୍ନ ୟୁନିଟର ଅଧିକାରୀମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇଛି। ଏହି ଦଳମାନେ ବୈଷୟିକ ପରିମାପକଗୁଡ଼ିକୁ ବିଶ୍ଳେଷିତ କରି ବୈଷୟିକ ଆର୍ଥିକ ପରିମାପକରେ ଉନ୍ନତି ଆଣିବା ତଥା ତଦନୁରୂପ ଉତ୍ପାଦନ ଖର୍ଚ୍ଚ କମ କରିବା ଲକ୍ଷ୍ୟ ହାସଲ ନିମନ୍ତେ ରଣନୀତି ସ୍ଥିର କରିବେ।



କର୍ମଶାଳାରେ ସିଇଓ ଦୀପକ ଚଟ୍ଟରାଜ ଉଦ୍‌ବୋଧନ ଦେଉଛନ୍ତି।

**ଫଟୋରେ ଖବର**



ଦେଓଗାଁ କୁଷ୍ଠ ବସ୍ତି ନିକଟରେ ଦୁଇ ବୃଦ୍ଧା ଭିକ୍ଷାବୃତ୍ତି ପାଇଁ ରାସ୍ତା ପାର ହେଉଛନ୍ତି।